# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୪/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, February 14/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 82 | ମୂଲ୍ୟ₹୭/-


DSPL-385



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ମତ୍ସ୍ୟ-ପ୍ରାଣୀ ସମାବେଶ
# ଓଡ଼ିଶା-୨୦୨୫



## ମତ୍ସ୍ୟଚାଷ ଓ ପ୍ରାଣିପାଳନ
## ଜୀବନ ଜୀବିକା ଜୈବ ସନ୍ତୁଳନ

- ଚାଷୀ-ବୈଜ୍ଞାନିକ ଆଲୋଚନା ଚକ୍ର
- ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦର୍ଶନ
- ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ପ୍ରଦର୍ଶନୀ
- ପ୍ୟାନେଲ୍ ଡିସ୍କସନ୍
- ସାଂସ୍କୃତିକ କାର୍ଯ୍ୟକ୍ରମ
- ଏକ୍ସପେରିଏନ୍ସ ଜୋନ୍

**ମତ୍ସ୍ୟ ଓ ପ୍ରାଣିପାଳନ ସମ୍ବନ୍ଧୀୟ ଜ୍ଞାନ ଆହରଣ**
**ପାଇଁ ସମାବେଶରେ ଯୋଗ ଦିଅନ୍ତୁ**

OIPR-06001/13/0003/2425

୧୪ -୧୬ ଫେବୃଆରୀ ୨୦୨୫ || ବିଜୁ ପଟ୍ଟନାୟକ ଖେଳ ପଡ଼ିଆ ବରମୁଣ୍ଡା, ଭୁବନେଶ୍ୱର

## ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

Follow us farddepartment farddepartment farddepartment farddept

## ସଂକ୍ଷେପରେ

### ସମୟ ରୈନାଙ୍କୁ ମହାରାଷ୍ଟ୍ର ସାଇବର ସେଲ୍‌ର ଦ୍ୱିତୀୟ ସମନ



ମୁମ୍ବାଇ, ୧୩।୨

'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ' ଶୋ'ରେ ମା'ବାପାଙ୍କୁ ନେଇ ୟୁଟ୍ୟୁବର୍ ରଣବୀର ଆହ୍ଲାବାଦିଆଙ୍କ ଅଶ୍ଳୀଳ ବୟାନ ପ୍ରସଙ୍ଗରେ ଗୁରୁବାର ମହାରାଷ୍ଟ୍ର ପୋଲିସର ସାଇବର ସେଲ୍ ଦ୍ୱିତୀୟ ଥର ପାଇଁ ଷ୍ଟାଣ୍ଡଅପ୍ କମେଡିଆନ୍ ସମୟ ରୈନାଙ୍କୁ ସମନ୍ ଜାରି କରିଛି। ଆସନ୍ତା ୧୭ରେ ଅଧିକ ପଚରାଉଚରା ପାଇଁ ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସମୟ ଏବେ ଆମେରିକାରେ ଅଛନ୍ତି ଏବଂ ସେ ମାର୍ଚ୍ଚ ୧୭ରେ ଫେରିବେ ବୋଲି ସମୟଙ୍କ ଓକିଲ ମହାରାଷ୍ଟ୍ର ସାଇବର ସେଲ୍‌କୁ ଜଣାଇଛନ୍ତି। ତେଣୁ ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହେବାକୁ ଅଧିକ ସମୟ ଦିଆଯାଉ ବୋଲି ସେ ମହାରାଷ୍ଟ୍ର ସାଇବର ସେଲ୍‌କୁ ଅନୁରୋଧ କରିଛନ୍ତି। ତେବେ ମାମଲାର ଯାଞ୍ଚ ପାଇଁ ଏତେ ଦିନ ଧରି ଅପେକ୍ଷା କରାଯାଇ ପାରିବ ନାହିଁ ବୋଲି ମୁମ୍ବାଇ ପୋଲିସ ପକ୍ଷରୁ ସମୟଙ୍କ ଓକିଲଙ୍କୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ମୁମ୍ବାଇର ଖାର୍ ଥାନା ପୋଲିସ ୭ ଜଣଙ୍କୁ ପଚରାଉଚରା କରି ସେମାନଙ୍କ ବୟାନ ରେକର୍ଡ କରିଛି। ଅନ୍ୟପକ୍ଷରେ, ଏହି ମାମଲାରେ ପଚରାଉଚରା ପାଇଁ ଗୁରୁବାର ଆସାମ ପୋଲିସ ପକ୍ଷରୁ ରଣବୀର ଓ ସମୟଙ୍କ ସମେତ ୟୁଟ୍ୟୁବର ଆଶିଷ ଚଞ୍ଚଲାନି, କଣ୍ଟେଣ୍ଟ କ୍ରିଏଟର ଅପୂର୍ବା ମୁଖିଜା ଏବଂ କମେଡିଆନ୍ ଜସପ୍ରୀତ ସିଂଙ୍କୁ ସମନ କରାଯାଇଛି।

# ୱାକ୍‌ଫ ବିଲ୍‌ର ଜେପିସି ରିପୋର୍ଟକୁ ନେଇ ହଟ୍ଟଗୋଳ

ନୂଆଦିଲ୍ଲୀ,୧୩।୨(ପି.ଟି.)

■ପ୍ରତ୍ୟାହାର ପାଇଁ ବିରୋଧୀଙ୍କ ଦାବି

■ଲୋକ ସଭା ମାର୍ଚ୍ଚ ୧୦ ଯାଏ ମୁଲତବୀ

ୱାକ୍‌ଫ ବିଲ୍ ସମ୍ପର୍କିତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ରିପୋର୍ଟ ଗୁରୁବାର ପାର୍ଲାମେଣ୍ଟର ଉଭୟ ଗୃହରେ ଉପସ୍ଥାପନ କରାଯାଇଥିବାବେଳେ ଏହାକୁ ନେଇ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଥିଲେ। ରିପୋର୍ଟରୁ ଅସହମତ ନୋଟ୍‌ଗୁଡ଼ିକୁ ହଟାଇ ଦିଆଯାଇଥିବା ଅଭିଯୋଗ ଆଣି ବିରୋଧୀ ସଦସ୍ୟମାନେ ପ୍ରତିବାଦ କରିଥିଲେ। ତେବେ ସେଗୁଡ଼ିକୁ ସାମିଲ କରିବାରେ ସରକାରଙ୍କର କୌଣସି ଆପତ୍ତି ନ ଥିଲା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି।

ଜେପିସି ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍ ଲୋକ ସଭାରେ ୱାକ୍‌ଫ (ସଂଶୋଧନ) ବିଲ୍ ଉପରେ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହାକୁ ବିରୋଧ କରି ବିପକ୍ଷ ଦଳର ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିବାବେଳେ ଗୁରୁବାର ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକାଳ ଶେଷ ହୋଇଛି। ଲୋକ ସଭାକୁ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

ରାଜ୍ୟ ସଭାରେ ମଧ୍ୟ ଜେପିସି ରିପୋର୍ଟକୁ ନେଇ ଅନୁରୂପ ସ୍ଥିତି ଉପୁଜିଥିଲା। ଏହାକୁ ପ୍ରତ୍ୟାହାର କରିନେବା ପାଇଁ ବିରୋଧୀ ସଦସ୍ୟମାନେ ଦାବି କରିଥିଲେ। ଏହାକୁ ନେଇ ସରକାରୀ ଓ ବିରୋଧୀ ସଦସ୍ୟ ମୁହାଁମୁହିଁ ହେବାରୁ କିଛି ସମୟ ପାଇଁ ଗୃହକୁ ମୁଲତବୀ ରଖାଯାଇଥିଲା। ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ବିରୋଧୀ ଏମ୍‌ପିମାନେ ରିପୋର୍ଟରୁ ଅସହମତି ନୋଟ୍‌ଗୁଡ଼ିକୁ ବାଦ୍ ଦିଆଯାଇଥିବା ଅଭିଯୋଗ ଆଣିଥିଲେ, ଯାହାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଖଣ୍ଡନ କରିଥିଲେ। ବିରୋଧୀ ସଦସ୍ୟମାନେ ସେମାନଙ୍କ ଆସନରେ ଛିଡ଼ା ହୋଇ ଏବଂ ଗୃହର ମଧ୍ୟଭାଗକୁ ଯାଇ ରିପୋର୍ଟ ପ୍ରତ୍ୟାହାର ପାଇଁ ଦାବି ଜୋର୍‌ଦାର କରିବାରୁ ଗମ୍ଭୀର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଚେତାବନୀ ଦେଇଥିଲେ। ରାଷ୍ଟ୍ରପତିଙ୍କ ବାର୍ତ୍ତା ପାଠ କରାଯାଉଥିବାବେଳେ ବିଶୃଙ୍ଖଳାକୁ ନେଇ ଗୃହର ନେତା ଜେ.ପି. ନଡ୍ଡା ଦୁଃଖ ପ୍ରକାଶ କରିଥିଲେ। ୱାକ୍‌ଫ ଜେପିସି କମିଟି ରିପୋର୍ଟରେ ସଂଖ୍ୟାଗରିଷ୍ଠ ସଦସ୍ୟମାନଙ୍କ ମତାମତକୁ ରଖାଯାଇ ବିରୋଧୀଙ୍କ ମତାମତକୁ ବାଦ୍ ଦିଆଯାଇଛି। ଏହା ନିନ୍ଦନୀୟ ଏବଂ ଗଣତନ୍ତ୍ର ବିରୋଧୀ ବୋଲି ଖାର୍ଗେ କହିଥିଲେ। ଏଭଳି ଜାଲ୍ ରିପୋର୍ଟକୁ ପ୍ରତ୍ୟାହାର କରିନିଆଯାଇ ପୁଣିଥରେ କମିଟିକୁ ପଠାଯାଉ ବୋଲି ସେ ଆହ୍ୱାନ ଦେଇଥିଲେ। ଡିସେଣ୍ଟ ନୋଟ୍‌କୁ ବାଦ୍ ଦିଆଯିବା ଘଟଣାକୁ ଡିଏମ୍‌କେର ତିରୁଚି ଶିବ ଏବଂ ଆପ୍ ଏମ୍‌ପି ସଞ୍ଜୟ ସିଂ ବିରୋଧ କରିଥିଲେ। ଅସହମତ ନୋଟ୍‌ଗୁଡ଼ିକ ଅନୁପଯୁକ୍ତ ଏବଂ ଅଣସଂସଦୀୟ ହୋଇଥିଲେ ତାହାକୁ ହଟାଇବା କ୍ଷମତା ଜେପିସି ଅଧ୍ୟକ୍ଷଙ୍କର ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଥିଲେ। ବିରୋଧୀ ସଦସ୍ୟମାନେ ଭୁଲ୍ ଅଭିଯୋଗ ଆଣି ଗୃହକୁ ବିଭ୍ରାନ୍ତ କରୁଥିବା କେନ୍ଦ୍ରମନ୍ତ୍ରୀ ଯାଦବ ଏବଂ ନିର୍ମଳା ସୀତାରାମନ୍ କହିଥିଲେ।



ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଜେପିସି ରିପୋର୍ଟର ପ୍ରତିବାଦ କରୁଛନ୍ତି।



ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଇନଗତ ଗ୍ୟାରେଣ୍ଟି ଏବଂ ଅନ୍ୟାନ୍ୟ ଦାବି ନେଇ କୃଷକମାନେ ବର୍ଷେ ହେଲା ଆନ୍ଦୋଳନ ଚଳାଇଥିବାବେଳେ ଗୁରୁବାର ପଟିଆଲା ଜିଲାର ଶମ୍ଭୁ ସୀମାରେ ମହାପଞ୍ଚାୟତରେ ସାମିଲ ହୋଇଛନ୍ତି।

## ଦଲାଇଲାମା, ସମ୍ବିତ୍ ପାତ୍ରଙ୍କୁ ଜେଡ୍ ସୁରକ୍ଷା



ଦଲାଇ ଲାମା

ନୂଆଦିଲ୍ଲୀ,୧୩।୨(ପି.ଟି.)

ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜୀବନ ପ୍ରତି ସମ୍ଭାବ୍ୟ ବିପଦ ଥିବାରୁ କେନ୍ଦ୍ର ସରକାର ତାଙ୍କୁ ଜେଡ୍ ବର୍ଗର ସଶସ୍ତ୍ର ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେଇଛନ୍ତି। ସେହିପରି ହିଂସାପ୍ରବଣ ମଣିପୁରରେ ଭାଜପା ଦାୟିତ୍ୱରେ ଥିବା ପୁରୀ ଏମ୍‌ପି ସମ୍ବିତ୍ ପାତ୍ରଙ୍କୁ ମଧ୍ୟ ଜେଡ୍ ସୁରକ୍ଷା ଯୋଗାଇଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ୮୯ ବର୍ଷୀୟ ଧର୍ମୀୟ ନେତା ଦଲାଇ ଲାମାଙ୍କ ସୁରକ୍ଷା ଦାୟିତ୍ୱ ନେବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସେଣ୍ଟ୍ରାଲ ରିଜର୍ଭ ପୋଲିସ୍ ଫୋର୍ସ (ସିଆର୍‌ପିଏଫ୍)ର ଭିଆଇପି ସୁରକ୍ଷା ଶାଖାକୁ ନିର୍ଦ୍ଦେଶ ଦେଇଛି। ଭାରତରେ ଦଲାଇ ଲାମାଙ୍କୁ ସିଆର୍‌ପିଏଫ୍‌ର ୩୦ ଜଣିଆ କମାଣ୍ଡୋ ଟିମ୍ ୨୪ ଘଣ୍ଟା ସୁରକ୍ଷା ଯୋଗାଇଦେବେ। ହିମାଚଳପ୍ରଦେଶରେ ରହୁଥିବା ଏହି ଧର୍ମଗୁରୁଙ୍କୁ ସେଠାର ପୋଲିସ ସୁରକ୍ଷା ଯୋଗାଇ ଆସୁଥିବାବେଳେ ଦିଲ୍ଲୀ କିମ୍ବା ଅନ୍ୟତ୍ର ଗସ୍ତ କଲେ ସ୍ଥାନୀୟ ପୋଲିସ୍ ସୁରକ୍ଷା ଦାୟିତ୍ୱ ବୁଝୁଥିଲେ।

## ଖବରଦାତାଙ୍କ ପାଇଁ ୨୦୨୪ ସବୁଠୁ ଘାତକ ବର୍ଷ

ନ୍ୟୁୟର୍କ,୧୩।୨

**ଆକ୍ରମଣରେ ଯାଇଛି ୧୨୪ ଜଣଙ୍କ ଜୀବନ**

ଖବରଦାତା ଓ ଗଣମାଧ୍ୟମ କର୍ମଚାରୀମାନଙ୍କ ପାଇଁ ୨୦୨୪ ସବୁଠୁ ଘାତକ ବର୍ଷ ଥିଲା। ବିଭିନ୍ନ ଦେଶରେ ଯୁଦ୍ଧ ଓ ଆକ୍ରମଣରେ ୧୨୪ ଜଣ ସାମ୍ବାଦିକଙ୍କ ମୃତ୍ୟୁ ଘଟିଥିଲା। ମୋଟ ମୃତ୍ୟୁର ପ୍ରାୟ ୭୦ ପ୍ରତିଶତ ଇସ୍ରାଏଲ୍ ଆକ୍ରମଣ ଯୋଗୁ ହୋଇଥିଲା ବୋଲି କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟସ୍ (ସିପିଜେ) ପକ୍ଷରୁ କୁହାଯାଇଛି। ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ସିପିଜେ ଖବରଦାତାମାନଙ୍କୁ ହତ୍ୟା ଘଟଣାର ରେକର୍ଡ ରଖିଆସୁଛି। ୨୦୨୩ ତୁଳନାରେ ୨୦୨୪ରେ ଖବରଦାତାଙ୍କ ମୃତ୍ୟୁ ୨୨ ପ୍ରତିଶତ ବଢ଼ିଥିଲା। ଅନ୍ତର୍ଜାତୀୟ ଦ୍ୱନ୍ଦ୍ୱ, ରାଜନୈତିକ ଅସ୍ଥିରତା ଏବଂ ବିଶ୍ୱବ୍ୟାପୀ ଆପରାଧିକତା ବଢୁଥିବା ଏଥିରୁ ପ୍ରତିଫଳିତ ହେଉଛି। ସିପିଜେ ସୂଚନା ଅନୁଯାୟୀ, ୨୦୨୪ରେ ଇସ୍ରାଏଲ୍-ହମାସ୍ ଯୁଦ୍ଧରେ ମୋଟ ୮୫ ଜଣ ଖବରଦାତାଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରୁ ୮୨ ଜଣ ହେଉଛନ୍ତି ପାଲେଷ୍ଟିନୀୟ। ସୁଦାନ ଓ ପାକିସ୍ତାନରେ ୬ ଜଣ ଲେଖାଏ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି, ଯାହାକି ଦ୍ୱିତୀୟ ସର୍ବାଧିକ। ଖବରଦାତାଙ୍କ ପାଇଁ ସବୁଠୁ ବିପଦପୂର୍ଣ୍ଣ ଦେଶ ମଧ୍ୟରୁ ଅନ୍ୟତମ ମେକ୍ସିକୋରେ ଗତବର୍ଷ ୫ ଜଣଙ୍କୁ ହତ୍ୟା କରାଯାଇଥିଲା। ହାଇତିରେ ୨ ଜଣ ସାମ୍ବାଦିକ ହତ୍ୟାକାଣ୍ଡର ଶିକାର ହୋଇଥିଲେ। ଏହା ବ୍ୟତୀତ ମ୍ୟାନ୍‌ମାର, ମୋଜାମ୍ବିକ୍, ଭାରତ ଓ ଇରାକରେ ମଧ୍ୟ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି। ସିପିଜେ ଇତିହାସରେ ଖବରଦାତାଙ୍କ ପାଇଁ ଏହା ସବୁଠୁ ବିପଜ୍ଜନକ ସମୟ ବୋଲି ଗ୍ରୁପ୍ ସିଇଓ ଜୋଡି ଗିନ୍ସବର୍ଗ କହିଛନ୍ତି।

## ଆଜମ ଖାନ୍‌ଙ୍କୁ ଜାମିନ

ନୂଆଦିଲ୍ଲୀ, ୧୩।୨

ଏକ ମେଶିନ ଚୋରି ମାମଲାରେ ୟୁପିର ବରିଷ୍ଠ ସମାଜବାଦୀ ପାର୍ଟି ନେତା ଆଜମ ଖାନ୍ ଓ ତାଙ୍କ ପୁଅ ତଥା ପୂର୍ବତନ ବିଧାୟକ ମହମ୍ମଦ ଅବଦୁଲ୍ଲା ଆଜମ ଖାନ୍‌ଙ୍କୁ ଗୁରୁବାର ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଆଜମଙ୍କ ଜାମିନ ଆବେଦନକୁ ଗତ ମାସରେ ଆହ୍ଲାହାବାଦ ହାଇକୋର୍ଟ ଖାରଜ କରିଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଆଜମ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ଗହଳିକୁ କାର୍ ମଡ଼ାଇଦେବାରୁ ୨୮ ଆହତ



ମ୍ୟୁନିକ୍‌ରେ ବିକ୍ଷୋଭ ଚାଲିଥିବାବେଳେ ଲୋକଙ୍କ ଉପରେ କାର୍ ମାଡ଼ିଯାଇଛି।

ବର୍ଲିନ,୧୩।୨

ଜର୍ମାନୀର ମ୍ୟୁନିକ୍ ସହରର କେନ୍ଦ୍ରଭାଗରେ ଜନଗହଳି ମଧ୍ୟକୁ ଜଣେ ଡ୍ରାଇଭର କାର୍ ମଡ଼ାଇଦେବାରୁ ଛୋଟ ପିଲାଙ୍କ ସମେତ ୨୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁବାର ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ଡାଉନ୍‌ଟାଉନ୍ ମ୍ୟୁନିକ୍ ନିକଟ ଛକରେ ଏକ ସଂଘ ତରଫରୁ ବିକ୍ଷୋଭ କରାଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଡ୍ରାଇଭର ଜାଣିଶୁଣି ଲୋକଙ୍କୁ ଧକ୍କା ଦେଇଛନ୍ତି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ତେବେ ଏହା ଦୁର୍ଘଟଣା ନୁହେଁ ଏକ ଆକ୍ରମଣ ବୋଲି ସନ୍ଦେହ କରାଯାଉଥିବା ବାଭାରିଆ ଗଭର୍ନର ମାର୍କୁସ୍ ସୋଡେର କହିଛନ୍ତି। ଡ୍ରାଇଭର ଜଣେ ୨୪ ବର୍ଷୀୟ ଆଫଗାନ ଶରଣାର୍ଥୀ। ଆହତଙ୍କ ମଧ୍ୟରେ ଛୋଟ ପିଲା ରହିଥିବା ଘଟଣାରେ ଅତ୍ୟନ୍ତ ମର୍ମାହତ ବୋଲି ମ୍ୟୁନିକ୍ ମେୟର ଡେଇଟର ରେଇଟର କହିଛନ୍ତି।

## ଜାମିଆରେ ବିକ୍ଷୋଭ: ୧୦ ଛାତ୍ର ଅଟକ

ନୂଆଦିଲ୍ଲୀ, ୧୩।୨

ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରେ ଗତ ବର୍ଷ ଆୟୋଜିତ ଏକ ବିକ୍ଷୋଭ ପ୍ରଦର୍ଶନ ଘଟଣାରେ ବିଶ୍ୱବିଦ୍ୟାଳୟ ପ୍ରଶାସନ ପକ୍ଷରୁ ୨ ଜଣ ପିଏଚ୍‌ଡି ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବୁଧବାରଠାରୁ ବିଶ୍ୱବିଦ୍ୟାଳୟ ପରିସରରେ କେତେଜଣ ଛାତ୍ର ବିକ୍ଷୋଭ ଆରମ୍ଭ କରିଥିଲେ, ଯାହା ପରେ ହିଂସାତ୍ମକ ରୂପ ଧାରଣ କରିଥିଲା। ବିକ୍ଷୋଭରତ ଛାତ୍ରମାନେ ବିଶ୍ୱବିଦ୍ୟାଳୟର ସେଣ୍ଟ୍ରାଲ କ୍ୟାଣ୍ଟିନ୍ ସମେତ ସୁରକ୍ଷା ପରାମର୍ଶଦାତାଙ୍କ କାର୍ଯ୍ୟାଳୟର କବାଟ ଭାଙ୍ଗି ଦେଇଥିଲେ। ଫଳରେ ବିଶ୍ୱବିଦ୍ୟାଳୟ ପ୍ରଶାସନ ପକ୍ଷରୁ ପୋଲିସକୁ ଡକାଯାଇଥିଲା। ପୋଲିସ ଗୁରୁବାର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱ ବିଦ୍ୟାଳୟରେ ପହଞ୍ଚି ବିକ୍ଷୋଭରତ ଛାତ୍ରମାନଙ୍କୁ ଧାରଣାସ୍ଥଳରୁ ଉଠାଇବା ସହ ୧୦ ଛାତ୍ରଙ୍କୁ ଥାନାରେ ଅଟକ ରଖିଛି।

## ଯୌତୁକ ଆଇନ ଭଳି ପିଏମ୍‌ଏଲ୍‌ଏର ଦୁରୁପଯୋଗ ହେଉଛି

ନୂଆଦିଲ୍ଲୀ,୧୩।୨

**ଇଡିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା**



ଯୌତୁକ ଆଇନ ଭଳି ମନିଲଣ୍ଡରିଂ ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ)ର ଦୁରୁପଯୋଗ ହେଉଥିବା ବୁଧବାର ସୁପ୍ରିମକୋର୍ଟ କହିଛନ୍ତି। ଲୋକଙ୍କୁ କ୍ରମାଗତ ଭାବେ ଜେଲରେ ରଖିବା ପାଇଁ ଏହି ଆଇନକୁ ଅସ୍ତ୍ର କରାଯାଉଛି। ଏଥିପାଇଁ ସର୍ବୋଚ୍ଚ ଅଦାଲତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଭର୍ତ୍ସନା କରିଛନ୍ତି। କାହାକୁ ସବୁଦିନ ପାଇଁ ଜେଲରେ ରଖିବା ନିମନ୍ତେ ପିଏମ୍‌ଏଲ୍‌ଏର ବ୍ୟବସ୍ଥାକୁ ବ୍ୟବହାର କରାଯାଇପାରିବ ନାହିଁ ବୋଲି ଛତିଶଗଡ଼ର ପୂର୍ବତନ ଅବକାରୀ ଅଫିସର ଅରୁଣ ପତି ତ୍ରିପାଠୀଙ୍କୁ ଜାମିନ ପ୍ରଦାନ କରିବା ଅବସରରେ ଖଣ୍ଡପୀଠ କହିଛନ୍ତି। ଛତିଶଗଡ଼ ମଦ ଦୁର୍ନୀତି ମାମଲାରେ ତ୍ରିପାଠୀଙ୍କ ନାଁରେ ମନିଲଣ୍ଡରିଂ ଅଭିଯୋଗ ଅଣାଯାଇ ୨୦୨୩ରେ ତାଙ୍କୁ ଗିରଫ କରାଯାଇଥିଲା। ତେବେ ଜାମିନ ପାଇବା ସତ୍ତ୍ୱେ ସେ ଜେଲରୁ ମୁକୁଳିପାରି ନ ଥିଲେ। କାରଣ ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତାଙ୍କ ବିରୋଧରେ ଆଉ ଏକ ମାମଲା ରୁଜୁ କରିଥିଲା। ରାଜନେତାଙ୍କ ସମେତ ଅଭିଯୁକ୍ତମାନଙ୍କୁ ଜେଲରେ ରଖିବା ପାଇଁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ବିନା ପ୍ରମାଣରେ ମନିଲଣ୍ଡରିଂ ମାମଲା ରୁଜୁ କରି ଆଇନର ଦୁରୁପଯୋଗ କରୁଛନ୍ତି। ଜେଲ ନୁହେଁ ବେଲ୍ ହେଉଛି ନିୟମ ବୋଲି ପୂର୍ବତନ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ବାରମ୍ବାର କହୁଥିଲେ। ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଆପ୍ ନେତା ସଞ୍ଜୟ ସିଂଙ୍କୁ ଜାମିନ ଦେଲାବେଳେ ସର୍ବୋଚ୍ଚ ଅଦାଲତ କହିଥିଲେ, କିଛି ବାହାରିଲା ନାହିଁ। ଦକ୍ଷିଣୀ ଗୋଷ୍ଠୀଙ୍କୁ ମଦ ଲାଇସେନ୍ସ ଦେଇ ଆପ୍ ନେତା ଗ୍ରହଣ କରିଥିବା ଲାଞ୍ଚ ଟଙ୍କା ଠାବ ହେଲାନାହିଁ ବୋଲି କୋର୍ଟ କହିଥିଲେ।

## ଫୁରସତ୍

# ୬ ଫୁଟ ୮ ଇଞ୍ଚର ସବୁଠୁ ଡେଙ୍ଗା ମଇଁଷି

ବ୍ୟାଙ୍କକ୍

**ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନିତ**




ସମ୍ପ୍ରତି ସୋସିଆଲ ମିଡିଆରେ ୩ ବର୍ଷର ମଇଁଷି 'କିଙ୍ଗ୍‌କଙ୍ଗ୍'କୁ ନେଇ ଚର୍ଚ୍ଚା ଲାଗିରହିଛି। ୬ ଫୁଟ ୮ ଇଞ୍ଚ ଉଚ୍ଚତାର କିଙ୍ଗ୍‌କଙ୍ଗ୍ ବିଶ୍ୱର ସବୁଠାରୁ ଡେଙ୍ଗା ମଇଁଷି ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍) ରେ ସ୍ଥାନ ପାଇଛି। ଥାଇଲାଣ୍ଡର ନାଖୋନ ରଚ୍ଚାସୀମା ସହରର ନିନ୍‌ଲାନି ଫାର୍ମରେ ରହୁଥିବା ଏହି ମଇଁଷି ଏକ ସାମାନ୍ୟ ବୟସ୍କ ମଇଁଷିଠାରୁ ୨୦ ଇଞ୍ଚ୍ ଅଧିକ ଡେଙ୍ଗା। ନିଜର ଆକାର କାରଣରୁ ଏହି ମଇଁଶି ଲୋକଙ୍କର ଦୃଷ୍ଟି ଆକର୍ଷଣକୁ ଆସି ପାରିଛି। ନିନ୍‌ଲାନି ଫାର୍ମର ମାଲିକ ସୁଚାର୍ଟ ବୁଞ୍ଚୋରୋଏନ ଜିଡବ୍ଲ୍ୟୁଆର୍‌କୁ କହିଛନ୍ତି, ୨୦୨୧ ଏପ୍ରିଲ ୧ରେ କିଙ୍ଗ୍‌କଙ୍ଗ୍‌ର ଜନ୍ମ ହୋଇଥିଲା। ଏହା ଅନ୍ୟ ମଇଁଷିଠାରୁ ଆକାରରେ ଖୁବ୍ ବଡ଼ ହେବ ବୋଲି ସେତେବେଳଠାରୁ ହିଁ ଜଣାପଡ଼ିଯାଇଥିଲା। ସେହିପରି ନିନ୍‌ଲାନି ଫାର୍ମର କର୍ମଚାରୀ ଚେର୍‌ପଟ ବୁଚି ଜିଡବ୍ଲ୍ୟୁଆର୍‌କୁ କହିଛନ୍ତି, ଜନ୍ମ ହେବା ସମୟରୁ ହିଁ କିଙ୍ଗ୍‌କଙ୍ଗ୍ ସାମାନ୍ୟ ମଇଁଷିଙ୍କ ତୁଳନାରେ ଅଧିକ ଡେଙ୍ଗା ଥିଲା। ପରେ ଏହା ଅସାଧାରଣ ଭାବେ ଡେଙ୍ଗା ହୋଇ ଚାଲିଥିଲା ଏବଂ ମାତ୍ର ୩ ବର୍ଷ ବୟସରେ ଏହା ବିଶ୍ୱର ସବୁଠାରୁ ଡେଙ୍ଗା ମଇଁଷି ହୋଇପାରିଛି। ତେବେ ଆକାରରେ ବହୁତ ବଡ଼ ହୋଇଥିଲେ ମଧ୍ୟ ଏହାର ପ୍ରକୃତି ଏକ ପୋଷା କୁକୁର ପରି ହୋଇଥିବା ଚେର୍‌ପଟ କହିଛନ୍ତି। କିଙ୍ଗ୍‌କଙ୍ଗ୍ ଖୁବ ମଜାଳିଆ ଏବଂ ଆଜ୍ଞାକାରୀ ମଧ୍ୟ। ମଣିଷଙ୍କ ସହ ଖେଳିବା, ବୁଲିବା, ଏଣେତେଣେ ଦୌଡ଼ିବା, ଲୋକଙ୍କଠାରୁ ନିଜର ଯତ୍ନ କରାଇବା ଆଦି କିଙ୍ଗ୍‌କଙ୍ଗକୁ ଭାରି ପସନ୍ଦ। ଏହାସହ ରହିବା ଏକ ବଡ଼ ନିରୀହ ପୋଷା କୁକୁର ସହ ରହିବା ପରି ମନେହୁଏ ବୋଲି ଚେର୍‌ପଟ କହିଛନ୍ତି। କିଙ୍ଗ୍‌କଙ୍ଗ୍‌କୁ କଦଳୀ ଖାଇବା ସହ ପୋଖରୀରେ ଗାଧୋଇବା ମଧ୍ୟ ଖୁବ୍ ପସନ୍ଦ ବୋଲି ସେ କହିଛନ୍ତି। କିଙ୍ଗ୍‌କଙ୍ଗ୍ ନିଜ ମାଁ ସହ ନିନ୍‌ଲାନି ଫାର୍ମରେ ରହି ଆସୁଛି। ଏହି ଫାର୍ମରେ ବହୁ ଅନ୍ୟ ମଇଁଷି ଏବଂ ଘୋଡ଼ା ମଧ୍ୟ ରହୁଛନ୍ତି।

## ମୃତ୍ୟୁ ତାରିଖର ଭବିଷ୍ୟବାଣୀ କରୁଛି ଏଆଇ ଡେଥ୍ କ୍ଲକ୍

ନୂଆଦିଲ୍ଲୀ




ସମ୍ପ୍ରତି ଜୀବନର ପ୍ରତ୍ୟେକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ ବଢ଼ିବାରେ ଲାଗିଛି। ନିକଟରେ ଏକ ଏଆଇ ଚାଳିତ 'ଡେଥ୍ କ୍ଲକ୍' ଯେକୌଣସି ବ୍ୟକ୍ତିଙ୍କ ମୃତ୍ୟୁର ତାରିଖକୁ ନେଇ ଭବିଷ୍ୟବାଣୀ କରୁଥିବାର ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ 'ଡେଥ୍ କ୍ଲକ୍' ଏକ ୱେବ୍‌ସାଇଟ। ଏହା କୌଣସି ବ୍ୟକ୍ତିଙ୍କ ବୟସ, ବିଏମ୍‌ଆଇ (ବଡି ମାସ୍ ଇଣ୍ଡେକ୍ସ), ଖାଦ୍ୟପେୟ, ବ୍ୟାୟାମ, ଧୂମପାନ ପରି ଅଭ୍ୟାସ ଆଦିକୁ ଆଧାର କରି ତାଙ୍କ ମୃତ୍ୟୁ ତାରିଖକୁ ଆକଳନ କରୁଛି।

ୱେବସାଇଟ୍ ପକ୍ଷରୁ କୁହାଯାଇଛି, ଏହା 'ଆଡ୍‌ଭାନ୍ସଡ ଲାଇଫ୍ ଏକ୍ସପେକ୍ଟାନ୍ସି କାଲ୍‌କୁଲେଟର ଏଆଇ' ସାହାଯ୍ୟରେ କୌଣସି ବ୍ୟକ୍ତିଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟକୁ ବିଶ୍ଲେଷଣ କରି ତାଙ୍କ ମୃତ୍ୟୁର ଆନୁମାନିକ ତାରିଖ ପୂର୍ବାନୁମାନ କରିପାରିଥାଏ। ଏପରି ପୂର୍ବାନୁମାନ କରିବା ସମୟରେ କୌଣସି ବ୍ୟକ୍ତିଙ୍କ ଅବସ୍ଥାନ, ଜୀବନଶୈଳୀ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ବିବରଣୀ ଆଦିକୁ ବିଚାରକୁ ନିଆଯାଇଥାଏ। ସମସ୍ତ ଇନ୍‌ପୁଟ୍ ପାଇବା ପରେ ଏଆଇ କାଲ୍‌କୁଲେଟର ବ୍ୟକ୍ତିଙ୍କ ଜୀବନରେ ବାକିଥିବା ସମୟକୁ ପ୍ରଥମେ ଏକ କାଉଣ୍ଟଡାଉନ୍ ଟାଇମର୍ ଦେଖାଇଥାଏ। ଶେଷରେ ଏକ କବର ସଦୃଶ ଗ୍ରାଫିକ୍ସ ସହ ଏହା ମୃତ୍ୟୁର ଆନୁମାନିକ ତାରିଖ ପ୍ରକାଶ କରେ। ୨୦୦୬ରୁ ଏହି ପ୍ଲାଟ୍‌ଫର୍ମରେ ଲୋକଙ୍କ ମୃତ୍ୟୁର ଭବିଷ୍ୟବାଣୀ କରାଯାଇ ଆସୁଛି। ବର୍ତ୍ତମାନ ସୁଦ୍ଧା ଏହି ୱେବ୍‌ସାଇଟ ୬ କୋଟିରୁ ଅଧିକ ଲୋକଙ୍କ ମୃତ୍ୟୁ ତାରିଖ ପୂର୍ବାନୁମାନ କରିସାରିଛି। ଡେଥ୍ କ୍ଲକ୍ ୱେବ୍‌ସାଇଟ୍‌ରେ ଏକ ଡିସ୍‌କ୍ଲେମର ମରାଯାଇଛି। ଏଥିରେ କୁହାଯାଇଛି, ଏହା ଏକ ଗଣନା ଆଧାରିତ ଆକଳନ। ଏହାକୁ ଶତ ପ୍ରତିଶତ ଠିକ୍ ବୋଲି ବିବେଚନା କରିବା ଉଚିତ୍ ନୁହେଁ। କୌଣସି ବ୍ୟକ୍ତି ଏହି ପ୍ଲାଟ୍‌ଫର୍ମରୁ ପାଇଥିବା ମୃତ୍ୟୁ ତାରିଖକୁ ଗୁରୁତ୍ୱର ଭାବେ ଗ୍ରହଣ କରିବା ଠିକ୍ ହେବ ନାହିଁ।

ତେବେ ଡେଥ୍ କ୍ଲକ୍ ୱେବ୍‌ସାଇଟ୍ କେବଳ ମୃତ୍ୟୁର ତାରିଖକୁ ଆକଳନ କରି ନ ଥାଏ ବରଂ ଏହା ସୁସ୍ଥ ଏବଂ ଦୀର୍ଘ ଜୀବନ ବଞ୍ଚିବା ଦିଗରେ ଲୋକଙ୍କୁ ବିଭିନ୍ନ ଉପଦେଶ ଏବଂ ପରାମର୍ଶ ଦେଇଥାଏ। ସୁସ୍ଥ ଓଜନ ବଜାୟ ରଖିବା, ବ୍ୟାୟାମ କରିବା, ଧୂମପାନ ଏବଂ ମଦ୍ୟପାନରୁ ଦୂରେଇ ରହିବା, ସନ୍ତୁଳିତ ଖାଦ୍ୟ ଖାଇବା, ଯୋଗ ଏବଂ ଧ୍ୟାନ କରିବା, ସର୍ବନିମ୍ନ ଦୈନିକ ୭ ଘଣ୍ଟା ଭଲ ନିଦରେ ଶୋଇବା, ସାମାଜିକ ସମ୍ପର୍କ ବଜାୟ ରଖିବା ଆଦି ସୁସ୍ଥ ଏବଂ ଦୀର୍ଘାୟୁ ଜୀବନ ପାଇଁ ନିତାନ୍ତ ଆବଶ୍ୟକ ବୋଲି ୱେବ୍‌ସାଇଟ୍ କହିଥାଏ।

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୪/୨୦୨୫ | Bhubaneswar, Friday, February 14/2025 | ପୃଷ୍ଠା-୧




**ବଲିଉଡ୍‌ରେ ଷ୍ଟାର୍ କିଡ୍‌ଙ୍କୁ ବେଶି ସୁଯୋଗ ମିଳେ: ହର୍ଷବର୍ଦ୍ଧନ**

ବଲିଉଡ୍ ଇଣ୍ଡଷ୍ଟ୍ରିରେ ଷ୍ଟାର୍ କିଡ୍‌ମାନଙ୍କୁ ବେଶି ସୁଯୋଗ ମିଳିଥାଏ ବୋଲି ଗୁରୁବାର ଅଭିନେତା ହର୍ଷବର୍ଦ୍ଧନ ରାଣେ ଏକ ସାକ୍ଷାତ୍‌କାରରେ କହିଛନ୍ତି।

୧୨

୧୪

**ପାଟିଦାର ଆରସିବି ଅଧିନାୟକ**

ଆଇପିଏଲ୍ ସିଜନ ୨୦୨୫ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଅଧିନାୟକ ମନୋନୀତ ହୋଇଛନ୍ତି ରଜତ ପାଟିଦାର।



# ୫ ବର୍ଷରେ ୧.୫ ଲକ୍ଷ ସରକାରୀ ଚାକିରି : ରାଜ୍ୟପାଳ

ଭୁବନେଶ୍ୱର,୧୩।୨(ବନ୍ଦନା ସେଠୀ)

ସପ୍ତଦଶ ବିଧାନସଭାର ବଜେଟ ଅଧିବେଶନ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମେ ବିଧାନସଭା ପରିସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ବାଚସ୍ପତି ସୁରମା ପାଢ଼ୀଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହାପରେ ରାଜ୍ୟପାଳ ବିଧାନସଭା ଗୃହରେ 'ଜୟ ଜଗନ୍ନାଥ' କହି ଅଭିଭାଷଣ ରଖିଥିଲେ। ଓଡ଼ିଶା ଖଣିଜ ସମ୍ପଦରେ ଭରପୂର ଥିବାବେଳେ ରାଜ୍ୟ ନିଜର ଐତିହ୍ୟ ଓ କୀର୍ତ୍ତିରାଜି ପାଇଁ ପରିଚିତ ବୋଲି ସେ ଉଲ୍ଲେଖ କରିବା ସହ ସରକାରଙ୍କ ବିକାଶମୂଳକ ଯୋଜନାକୁ ପ୍ରଶଂସା କରିଥିଲେ। ମହିଳା କେନ୍ଦ୍ରିକ ଫ୍ଲାଗଶିପ ସ୍କିମ 'ସୁଭଦ୍ରା'ରେ ଏପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ୧ କୋଟି ମହିଳା ହିତାଧିକାରୀ ଲାଭାନ୍ୱିତ ହୋଇସାରିଛନ୍ତି। ସେହିପରି



ବିଧାନସଭାରେ ରାଜ୍ୟପାଳ ହରି ବାବୁ କମ୍ଭମପାଟି ଅଭିଭାଷଣ ଦେଉଛନ୍ତି।

**ସପ୍ତଦଶ ବିଧାନସଭା ଅଧିବେଶନ ଆରମ୍ଭ**

- ବିଶ୍ୱବିଦ୍ୟାଳୟରେ ଖୋଲିବ ଉତ୍କର୍ଷ କେନ୍ଦ୍ର, ସ୍ନାତକୋତ୍ତର ସିଟ୍ ବଢ଼ିବ
- ଆହୁରି ସଶକ୍ତ ହେବେ ମହିଳା, ଓଡ଼ିଆ ଅସ୍ମିତା ପୁନର୍ଜୀବିତ ପାଇଁ ପ୍ରୟାସ
- ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଅର୍ଥନୀତିର ରାଜ୍ୟ ହେବ ଓଡ଼ିଶା

୨୦୨୪-୨୫ରେ ୨୪ ହଜାରରୁ ଅଧିକ ସରକାରୀ ପଦବୀ ପୂରଣ ହୋଇଥିବାବେଳେ ଆସନ୍ତା ୫ ବର୍ଷ ମଧ୍ୟରେ ୧.୫ ଲକ୍ଷ ସରକାରୀ ଚାକିରି ସୃଷ୍ଟି ☞ପୃଷ୍ଠା-୨

# ଲୋକ ସଭାରେ ଆଗତ ହେଲା ଆୟକର ବିଲ୍

ନୂଆଦିଲ୍ଲୀ,୧୩।୨(ପି.ଟି.)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୁରୁବାର ଲୋକ ସଭାରେ ଆୟକର ବିଲ୍, ୨୦୨୫ ଉପସ୍ଥାପନ କରିଛନ୍ତି। ବିଲ୍‌କୁ ଗୃହର ସିଲେକ୍ଟ କମିଟିକୁ ପଠାଇବା ପାଇଁ ବାଚସ୍ପତି ଓମ୍ ବିର୍ଲାଙ୍କୁ ନିବେଦନ କରିବା ସହ ପରବର୍ତ୍ତୀ ଅଧିବେଶନର ପ୍ରଥମ ଦିନ ସୁଦ୍ଧା କମିଟି ରିପୋର୍ଟ ଦାଖଲ କରିବ ବୋଲି କହିଛନ୍ତି। ବିଲ୍ ଆଗତ ବେଳେ ବିପକ୍ଷ ଦଳର ସଦସ୍ୟମାନେ ଜୋର୍‌ଦାର ବିରୋଧ କରିଥିଲେ। ତେବେ ଏହାକୁ ଆଗତ କରିବା ପ୍ରସ୍ତାବ ବାଚନିକ ଭୋଟ୍‌ରେ ଗୃହୀତ ହୋଇଥିଲା।

ଏହି ବହୁ ପ୍ରତୀକ୍ଷିତ ବିଲ୍ ବର୍ତ୍ତମାନର ଆୟକର ଆଇନରେ ରହିଥିବା 'ଆକଳନ ବର୍ଷ' ଏବଂ 'ପୂର୍ବ ବର୍ଷ' ଭଳି ପରିଭାଷିକ ଶବ୍ଦାବଳି ହଟାଇବ। ଆୟକର ଆଇନରୁ ସର୍ତ୍ତାବଳୀ ଓ ସ୍ପଷ୍ଟୀକରଣଗୁଡ଼ିକୁ ହଟାଯିବା ସହ ସରଳ ଶବ୍ଦ ବ୍ୟବହାର ଯୋଗୁ 'ଟିକସ ବର୍ଷ'କୁ ବୁଝିବା ସହଜ ହେବ। ବିରୋଧୀ ସଦସ୍ୟମାନଙ୍କ ପ୍ରତିବାଦର ଜବାବ ଦେବାକୁ ଯାଇ ଅର୍ଥମନ୍ତ୍ରୀ କହିଛନ୍ତି, ☞ପୃଷ୍ଠା-୨

## କ'ଣ ହୋଇଛି ପରିବର୍ତ୍ତନ

କେନ୍ଦ୍ର ସରକାର ଆଣିଥିବା ବିଲ୍ ବଳରେ ଆୟକର ଆଇନରେ ସରଳୀକରଣ କରିବାକୁ ଯାଉଛନ୍ତି। ୧୯୬୧ର ଆୟକର ଆଇନ ତୁଳନାରେ ପ୍ରସ୍ତାବିତ ନୂଆ ଆଇନର ଆକୃତି ଅଧା ହେବ। ବିବାଦର ପରିସର ଏବଂ ସାନି ବ୍ୟାଖ୍ୟାକୁ ହ୍ରାସ କରି ଟିକସରେ ନିଶ୍ଚିତତା ଆଣିବା ବିଲ୍‌ର ଲକ୍ଷ୍ୟ ବୋଲି ଆୟକର ବିଭାଗ ପକ୍ଷରୁ କୁହାଯାଇଛି। ପ୍ରଚଳିତ ଆୟକର ଆଇନରେ ୫.୧୨ ଲକ୍ଷ ଶବ୍ଦ ବ୍ୟବହାର ହୋଇଥିବାବେଳେ ନୂଆ ବିଲ୍‌ରେ ଏହାର ଅଧା ଅର୍ଥାତ୍ ୨.୬ ଲକ୍ଷ ଶବ୍ଦ ପ୍ରୟୋଗ କରାଯାଇଛି। ବର୍ତ୍ତମାନର ଆଇନରେ ୮୧୯ଟି ଧାରା ଥିବାବେଳେ ପ୍ରସ୍ତାବିତ ଆଇନରେ ଏହା ୫୩୬ରେ ☞ପୃଷ୍ଠା-୨

# ମଣିପୁରରେ ରାଷ୍ଟ୍ରପତି ଶାସନ

**ମଣିପୁରରେ ୨ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ସୃଷ୍ଟି ହେବାର ୨୧ ମାସ ବିତିଯାଇଥିଲେ ମଧ୍ୟ ସେଠାକାର ଭାଜପା ସରକାର ତାହାକୁ ରୋକିବାରେ ସକ୍ଷମ ହୋଇପାରିନାହାନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଏଥିଯୋଗୁ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୬୦,୦୦୦ରୁ ଅଧିକ ଲୋକ ଘରଦ୍ୱାର ହରାଇ ଅନ୍ୟତ୍ର ପଳାଇ ଯାଇଛନ୍ତି । ସ୍ଥିତିରେ କୌଣସି ଉନ୍ନତି ଆସିପାରୁ ନ ଥିବାରୁ ମଣିପୁରରେ ଗୁରୁବାର ରାଷ୍ଟ୍ରପତି ଶାସନ ଜାରି ହୋଇଛି। ୪ ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ନିଜ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ନୂଆ ନେତା ବାଛିବାରେ ଭାଜପା ବିଫଳ ହୋଇଥିବା ହେତୁ ରାଷ୍ଟ୍ରପତି ଶାସନ ଜାରି କରାଯାଇଛି। ଏଥିସହିତ ରାଜ୍ୟ ବିଧାନସଭାକୁ ସସ୍‌ପେଣ୍ଡେଡ୍ ଆନିମେଶନ କରାଯାଇଛି।**



ନୂଆଦିଲ୍ଲୀ,୧୩।୨(ପି.ଟି.)

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ରାଜ୍ୟରେ ସରକାର ଚାଲି ନ ପାରିବା ଭଳି ସ୍ଥିତି ସୃଷ୍ଟି ହୋଇଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତ ଦେଇଥିଲେ। ତେଣୁ ସମ୍ବିଧାନର ଅନୁଚ୍ଛେଦ ୩୫୬ର କ୍ଷମତା ତଥା ଅନ୍ୟାନ୍ୟ କ୍ଷମତା ବଳରେ ମୁଁ ଭାରତର ରାଷ୍ଟ୍ରପତି ଭାବେ ମଣିପୁର ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟ ଏବଂ ରାଜ୍ୟପାଳଙ୍କ ପାଖରେ ଥିବା ବା ପ୍ରୟୋଗ କରୁଥିବା ସମସ୍ତ କ୍ଷମତା ଗ୍ରହଣ କରୁଛି ବୋଲି ବିଜ୍ଞପ୍ତିରେ ଘୋଷଣା କରାଯାଇଛି।

ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂ ଗତ ରବିବାର ସନ୍ଧ୍ୟାରେ ଇମ୍ଫାଲସ୍ଥିତ ରାଜଭବନରେ ରାଜ୍ୟପାଳ ଅଜୟ କୁମାର ଭାଲ୍ଲାଙ୍କୁ ନିଜର ଇସ୍ତଫାପତ୍ର ପ୍ରଦାନ କରିଥିଲେ। ତାଙ୍କ ସରକାର ବିରୋଧରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବା ସମ୍ଭାବନା ଥିବାବେଳେ ଦଳ ଭିତରେ ତାଙ୍କ ନେତୃତ୍ୱ ପ୍ରତି ବିରୋଧ ବୃଦ୍ଧି ପାଇଥିଲା। ଏହାକୁ ପ୍ରଶମିତ କରିବା ପାଇଁ ଭାଜପା କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶକ୍ରମେ ବୀରେନ୍ ଇସ୍ତଫା ଦେଇଥିଲେ।



ମଣିପୁରରେ କୁକି ଏବଂ ମୈତେଇ ସମ୍ପ୍ରଦାୟ ମଧ୍ୟରେ ୨୦୨୩ ମେ'ରୁ ଜାତିଆଣ ହିଂସା ଉଗ୍ରରୂପ ନେଇଥିଲା। ଅନେକ ଲୋକ ମୃତାହତ ହୋଇଥିବାବେଳେ ବହୁ ହଜାର ଲୋକ ଘରଦ୍ୱାର ହରାଇଛନ୍ତି। ମନ୍ଦିର ଓ ଚର୍ଚ୍ଚ ସମେତ ୩୮୬ଟି ଧର୍ମୀୟ ସ୍ଥଳ ଭଙ୍ଗାରୁଜା କରାଯାଇଛି ଏବଂ ୪,୭୮୬ଟି ଘର ଜାଳିଦିଆଯାଇଛି। ହିଂସାକାଣ୍ଡ ରୋକିବାରେ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ବିଫଳ ହୋଇଥିବା ନେଇ ସମାଲୋଚିତ ହୋଇଆସୁଥିଲେ। ମଣିପୁର ଜଳୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥରକ ପାଇଁ ମଧ୍ୟ ସେହି ରାଜ୍ୟକୁ ଯାଇ ନ ଥିଲେ। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଆସୁଥିଲେ।

କିଛିଦିନ ପୂର୍ବରୁ କନ୍‌ରାଡ ସାଙ୍ଗମାଙ୍କ ନ୍ୟାଶନାଲ ପିପୁଲ୍ସ ପାର୍ଟି ବୀରେନ୍‌ଙ୍କ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିବାବେଳେ ନେତୃତ୍ୱରେ ପରିବର୍ତ୍ତନ ପାଇଁ ୧୨ ଜଣ ଭାଜପା ବିଧାୟକ ଦାବି କରିଥିଲେ। ସମ୍ଭାବ୍ୟ ସ୍ଥିତିକୁ ଏଡ଼ାଇବା ପାଇଁ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶକ୍ରମେ ବୀରେନ୍ ଇସ୍ତଫା ଦେଇଥିବା ☞ପୃଷ୍ଠା-୨






# ପ୍ରେମ ଜୀବନରେ ସନ୍ତୁଷ୍ଟ ନୁହନ୍ତି ୩୭% ଭାରତୀୟ

ପ୍ୟାରିସ୍, ୧୩।୨

ପ୍ରେମ ଜୀବନକୁ ନେଇ ୩୭% ଭାରତୀୟ ସନ୍ତୁଷ୍ଟ ନୁହନ୍ତି। ଚଳିତ ବର୍ଷର ଭାଲେଣ୍ଟାଇନ୍ସ ଡେ'କୁ ଦୃଷ୍ଟିରେ ରଖି ମଲ୍ଟି ନ୍ୟାଶନାଲ ମାର୍କେଟ ରିସର୍ଚ୍ଚ ଏବଂ କନସଲ୍ଟିଂ କମ୍ପାନୀ ଇପ୍‌ସୋସ୍ ପକ୍ଷରୁ ଭାରତ ସମେତ ୩୦ଟି ଦେଶରେ କରାଯାଇଥିବା ଏକ ବୈଶ୍ୱିକ ସର୍ଭେରୁ ଏହା ଜଣାପଡ଼ିଛି। ଗୁରୁବାର 'ଲଭ୍ ଲାଇଫ୍ ସାଟିସ୍‌ଫେକ୍ସନ



୨୦୨୫' ନାମରେ ଇପ୍‌ସୋସ୍ ନିଜ ସର୍ଭେର ଫଳାଫଳକୁ ଜାରି କରିଛି। ଏହି ସର୍ଭେ ଅନୁଯାୟୀ, ପ୍ରେମ ଜୀବନରେ ସର୍ବାଧିକ ଲୋକ ଖୁସି ଥିବା ଦେଶ ହେଉଛି କଲମ୍ବିଆ। କଲମ୍ବିଆରେ ୮୨% ଲୋକ ପ୍ରେମ ଜୀବନରେ ସନ୍ତୁଷ୍ଟ ଥିବା ଇପ୍‌ସୋସ୍ ସର୍ଭେରେ ପ୍ରକାଶ ପାଇଛି। ସେହିପରି ଥାଇଲାଣ୍ଡ, ମେକ୍ସିକୋ ଏବଂ ଇଣ୍ଡୋନେସିଆରେ ଯଥାକ୍ରମେ ୮୧% ଲୋକ ପ୍ରେମ ଜୀବନରେ ସନ୍ତୁଷ୍ଟ ରହିଛନ୍ତି। ମାଲେସିଆର ୮୨% ଲୋକ ସେମାନଙ୍କର ପ୍ରେମ ଜୀବନରେ ଖୁସିଥିବା କହିଛନ୍ତି। ଅନ୍ୟପକ୍ଷରେ, ଇପ୍‌ସୋସ୍ ପକ୍ଷରୁ ଜାରି ହୋଇଥିବା ତାଲିକାର ☞ପୃଷ୍ଠା-୨






# ଖୁବ୍‌ଶୀଘ୍ର ନୂଆ ଅବକାରୀ ନୀତି

**ବିଷାକ୍ତ ମଦ କାରବାର ରୋକିବାକୁ ଗୁରୁତ୍ୱ**

ଭୁବନେଶ୍ୱର,୧୩।୨
(ଅନୁରାଧା ମହାରଣା)

ରାଜ୍ୟରେ ନୂଆ ଅବକାରୀ ନୀତି ୨୦୨୫-୨୬ ଖୁବ୍‌ଶୀଘ୍ର ପ୍ରସ୍ତୁତ ହେବ। ଏନେଇ ଫର୍ଚ୍ୟୁନ୍ ଟାୱାରସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ କିମ୍ବା ଅସୁସ୍ଥତାକୁ ସରକାର କୌଣସି ପରିସ୍ଥିତିରେ ଗ୍ରହଣ କରି ପାରିବେ ନାହିଁ। ଏହିଭଳି ବେଆଇନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିସମୂହଙ୍କୁ କଡ଼ା ଦଣ୍ଡବିଧାନ ଲାଗି ରାଜ୍ୟ ସରକାର ପ୍ରାଥମିକତା ଦେଉଥିବା ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ଅନ୍ତର୍ଜାତୀୟ ସ୍ପିରିଟ୍ ଆଣ୍ଡ ୱାଇନ୍ ଆସୋସିଏଶନ୍ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଗଣତନ୍ତ୍ର ଓ ଅସମାନତା**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମାତୃପିତୃ ପୂଜନ ଦିବସ, ସ୍ଥାନ: ବିବେକାନନ୍ଦ ଶିକ୍ଷାନୁଷ୍ଠାନ, ଚନ୍ଦ୍ରଶେଖରପୁର, ସମୟ: ସକାଳ ୮ଟା।
- ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ପରିଷଦ ବୈଠକ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ୧୧ତମ ଅନ୍ତର୍ଜାତୀୟ ରେଡିଓ ମେଳା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମର ବାର୍ଷିକୋତ୍ସବ, ସ୍ଥାନ: ବୃଦ୍ଧାଶ୍ରମ ପରିସର, ପାଣ୍ଡରା ଛକ, ସମୟ: ଗୋପବନ୍ଧୁ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ମାତୃ ପିତୃ ପୂଜନ ଦିବସ, ସ୍ଥାନ: ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ନହରକଣ୍ଟା, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ୬୬୨ ଅନୁଦାନପ୍ରାପ୍ତ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ରାଲି, ସ୍ଥାନ: ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶୋଭନୀୟ ପ୍ଲେ ସ୍କୁଲ, ପୋଖରୀପୁଟର ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଲେଖକ ରଞ୍ଜନ କୁମାର ଦାସଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ରୁଦ୍ରାକ୍ଷ ଫାଉଣ୍ଡେଶନ ପକ୍ଷରୁ '୭ମ ବର୍ଣ୍ଣାଳୀ', ସ୍ଥାନ: ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟକ 'ମା' ଭଗବତୀ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ୨୦୨୫ ଶୁଭାରମ୍ଭ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୋମପଡା, ତିଗିରିଆ, ସମୟ:ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରତିଶ୍ରୁତି ପରିବାର ପକ୍ଷରୁ ମାତୃପିତୃ ପୂଜନ ଉତ୍ସବ, ସ୍ଥାନ: ଟାଉନ ହଲ୍, ସମୟ: ଅପରାହ୍ନ ୩ଟା।

## ପୁରୀ

- ସତ୍ୟବାଦୀ ମହୋତ୍ସବ ଜ୍ୟୋତି ଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ବସ୍ ଷ୍ଟାଣ୍ଡ ନିକଟ ପଞ୍ଚସଖା ପୀଠ, ସମୟ: ଅପରାହ୍ନ ୩ଟା।
- ସତ୍ୟବାଦୀ ମହୋତ୍ସବ ମଞ୍ଚ ପ୍ରତିଷ୍ଠା ଓ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ସ୍ଥାନ: ମୁକ୍ତାକାଶ ରଙ୍ଗ ମଞ୍ଚ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ : ସକାଳ ୬ଟା।
- ପିତୃମାତୃ ପୂଜନ ଉତ୍ସବ, ସ୍ଥାନ : ବରଗାଁ ସ୍ଥିତ ସ୍ୱାମୀ ଚେତନାନନ୍ଦ ସରସ୍ୱତୀ ବିଦ୍ୟାମନ୍ଦିର, ସମୟ : ସକାଳ ୯ଟା ୩୦।
- ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଅଟଳ ଗ୍ରାମ କାର୍ଯ୍ୟକ୍ରମ, ସ୍ଥାନ : କବରାପାଲି, ସମୟ : ପୂର୍ବାହ୍ନ ୧୦।
- ହେଲପିଙ୍ଗ ହେଣ୍ଡ ପକ୍ଷରୁ ପିତୃମାତୃ ପୂଜନ କାର୍ଯ୍ୟକ୍ରମ, ସ୍ଥାନ : ଦଲଦଲିପଡା, ସମୟ ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସ କଟକ ବନାମ କୁଚିଣ୍ଡା ମ୍ୟାଚ୍, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ୍, ବଲାଙ୍ଗୀର,ସମୟ: ଅପରାହ୍ନ ୩ଟା ୩୦।

## ରାଉରକେଲା

- ଭେଙ୍କଟେଶ୍ୱର ସ୍ୱାମୀ ବାଲାଜୀ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ପ୍ରଧାନପାଲି, ସମୟ: ସକାଳ ୬ଟା।
- ସ୍ୱର୍ଗତ ଧନଞ୍ଜୟ ମହାନ୍ତିଙ୍କ ପୁଣ୍ୟତିଥି, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସକାଳ ୯ଟା।
- ବାର୍ଷିକ ବସନ୍ତ ଉତ୍ସବ-୨୦୨୫, ସ୍ଥାନ: ପାନପୋଷ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ (ଭାରତ) ପକ୍ଷରୁ ୩୯ତମ ସର୍ବଭାରତୀୟ ସମାବେଶ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ସିଏନ୍‌ଆଇ ଚର୍ଚ୍ଚରେ ଭାଲେଣ୍ଟାଇନ୍ ଡେ, ସ୍ଥାନ: ଝିରପାଣି, ସମୟ: ପୂର୍ବାହ୍ନ ୧୦ଟା।
- ଉଦାହରଣ ଟ୍ରଷ୍ଟ ପକ୍ଷରୁ ଶହୀଦ ସମ୍ମାନ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ ବିଜ୍ଞାନ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ଊର୍ଜା ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଦୁର୍ଗା ମନ୍ଦିର ପରିସର, ତୋରା, ବରଗଡ଼,ସମୟ:ସକାଳ ୮ଟା।
- ବଳିଦାନ ଦିବସ ଓ ସଂକଳ୍ପ ପରିବାରର ପ୍ରତିଷ୍ଠା ଦିବସ,ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ସକାଳ ୮ଟା ୩୦।
- ବରଗଡ଼ ଟାଉନ ପ୍ରିମିୟର ଲିଗ୍, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ:ସକାଳ ୯ଟା।

## କଳାହାଣ୍ଡି

- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: କଲମପୁର ବ୍ଲକ ବଡ଼କୁଟ୍ରୁ ସେକ୍ସନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଲଘୁ ସମ୍ପ୍ରଦାୟ ପକ୍ଷରୁ ସବେ ବାରାତ ଶୋଭଯାତ୍ରା, ସ୍ଥାନ: ଜୁନାଗଡ଼ ମସ୍‌ଜିଦ, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିର ବୈକୁଣ୍ଠପୁରୀର ପ୍ରଥମ ବାର୍ଷିକ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୧୦ଟା ୩୦।
- ଜୁନାଗଡ଼ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ନୂତନ ପିସିସି ସଭାପତିଙ୍କ ଖବରଦାତା ସମ୍ମିଳନୀ, ଭବାନୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ପୁରୁଣାକଟକ ଦୁର୍ଗାପୂଜା ମଣ୍ଡପ, ପୁରୁଣାକଟକ, ହରଭଙ୍ଗା, ସମୟ ସକାଳ ୮ଟା।

## ଦେବଗଡ଼

- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ପ୍ରଧାନପାଟ ଓ ସର୍ଗଦ୍ୱାର, ସମୟ: ସକାଳ ୯ଟା।
- ବଜରଙ୍ଗ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ନାଳ ପଡ଼ିଆ, ଦେବଗଡ଼, ସମୟ: ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ମାଟ୍ରିକ୍ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ର ଅଧିକ୍ଷକ ଓ ସୁପରଭାଇଜରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର ମହାରାଜା ହାଇସ୍କୁଲ, ସମୟ: ଅପରାହ୍ନ ୨ଟା ୩୦।

## ନୂଆପଡ଼ା

- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ଶ୍ରୀରାମ ଜନ୍ମକଥା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଭାଇସାତାଲ ଗାଁ, ସମୟ: ଅପରାହ୍ନ ୧ଟା।
- ୧୯ତମ ଜୟ ବାଜରଙ୍ଗବଳି କପ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: କୋମନା ବ୍ଲକ ବଞ୍ଜିବାହାଲ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- ୯ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ, ସଂସ୍କାର ଓ ପ୍ରଜ୍ଞା ପୁରାଣ କଥା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ଅଷ୍ଟପ୍ରହର ନାମ ସଂକୀର୍ତ୍ତନ୍ୟ, ସ୍ଥାନ: ଟିଁକିଲାପାଲି ନାମ ମଣ୍ଡପ, ସମୟ: ସକାଳ ୭ଟା।
- ମାତୃପିତୃ ପୂଜନ ଦିବସ ପାଳନ, ସ୍ଥାନ: ଝଣ୍ଡା ଛକ, ସମୟ: ସକାଳ ୮ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବଇମୁଣ୍ଡା ଖେଳ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।

## ଢେଙ୍କାନାଳ

- ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ରାମେଶ୍ୱରପୁର, ସମୟ: ସକାଳ ୬ଟା।
- ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନର ଖବରଦାତା ସମ୍ମିଳନୀ, ସ୍ଥାନ: ବାଣିଜ୍ୟ ଭବନ, ଢେଙ୍କାନାଳ, ସମୟ: ମଧ୍ୟାହ୍ନ ୧୨ଟା୩୦।
- ମୁଖ୍ୟମନ୍ତ୍ରୀଙ୍କ ଯୋରନ୍ଦା ମେଳା ପରିଦର୍ଶନ, ସ୍ଥାନ: ମାଘମେଳା ପରିସର, ମହିମାଗାଦୀ, ଯୋରନ୍ଦା, ସମୟ: ଅପରାହ୍ନ ୪ଟା।
- ସିନ୍‌ଫେଷ୍ଟ ଉଦ୍‌ଯାପନ ସମାରୋହ, ସ୍ଥାନ: ସିନର୍ଜି ଇଞ୍ଜିନିୟରିଂ କଲେଜ ପରିସର, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ୪୬ ତମ ବୃହତ୍‌ବନ୍ଦର ଫୁଟବଲ ଟୁର୍ନାମେଣ୍ଟ ଅନୁଯାୟୀ ୪ଟି ଲିଗ୍ ପର୍ଯ୍ୟାୟ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ମହିଳାପୁରୁଷ, ଭଲିବଲ୍ ଟୁର୍ନାମେଣ୍ଟ, ସ୍ଥାନ: ବୀଣାପାଣି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ଆଶ୍ରମପାଟଣା, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ ଟା।

## କେନ୍ଦ୍ରାପଡ଼ା

- ଅନ୍ଧବର ଲୋକମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଙ୍ଗାରୀ, ଗରଦପୁର, ସମୟ: ସକାଳ ୬ଟା।

## ଯାଜପୁର

- ବ୍ୟାସ ସରୋବର ମହୋତ୍ସବର ୭ମ ଦିବସ,ସ୍ଥାନ : ବ୍ୟାସ ସରୋବର ମେଳା ପଡ଼ିଆ, ସମୟ : ଅପରାହ୍ନ ୫ଟା।

## ନୟାଗଡ଼

- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା।
- ମହିଳା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳାର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଠାଣୀ ସାମନ୍ତ ଫୁଟବଲ ଟୁର୍ନାମେଣ୍ଟର ୨ୟ ସେମି ଫାଇନାଲରେ ନୟାଗଡ଼ ପ୍ରକାଶ ୧୧ ବନାମ ଇଟାମାଟି, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା୩୦।
- ମାଘମେଳା ମହୋତ୍ସବର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ମାଘମେଳା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ବିକଶିତ ଗାଁ ବିକଶିତ ଓଡ଼ିଶା ନିମନ୍ତେ ଗ୍ରାମସଭା, ସ୍ଥାନ: ହାଟ ମୁନିଗୁଡା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ ପଞ୍ଚାୟତସ୍ତରୀୟ ଗ୍ରାମସଭା, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ପାରା ସମ୍ପ୍ରସାରଣ କର୍ମଚାରୀଙ୍କ ତାଲିମ ଶିବିର, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ଝରିଗାଁ ବ୍ଲକ କୁସୁମି ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ରାଜସ୍ୱ ବୈଠକ, ସ୍ଥାନ: ନନ୍ଦାହାଣ୍ଡି ତହସିଲ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ନେଇ ଗ୍ରାମସଭା, ସ୍ଥାନ: ଡାବୁଗାଁ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମାତୃପିତୃ ପୂଜନ ଦିବସ, ସ୍ଥାନ: ଉମରକୋଟ ଟିକଲପଦରସ୍ଥିତ ଦଣ୍ଡକାରଣ୍ୟ ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମାଘ ମଣ୍ଡେଇ ଯାତ୍ରା, ସ୍ଥାନ: କୋଷାଗୁମୁଡ଼ା, ସମୟ: ଅପରାହ୍ନ ୩ ଟା।

## କୋରାପୁଟ

- ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ପ୍ରକଳ୍ପ ଚୟନ, ସ୍ଥାନ: ମାଥାଲପୁଟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଦାମନଯୋଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟରେ ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମୁର୍କାର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ଶ୍ରମିକ କଲ୍ୟାଣ ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କାଳିମେଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

# ପ୍ରଥମ ପୃଷ୍ଠାରୁ...

## ମଣିପୁରରେ ରାଷ୍ଟ୍ରପତି...

ଜଣାପଡ଼ିଥିଲା। ସୂଚନା ଅନୁଯାୟୀ, ରବିବାର ସକାଳେ ବୀରେନ୍ ଦିଲ୍ଲୀ ଯାଇ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଥିଲେ। ନେତୃତ୍ୱ ପରିବର୍ତ୍ତନ ପାଇଁ ୧୨ ଭାଜପା ବିଧାୟକ ଜୋର୍‌ଦାର ଦାବି କରିଆସୁଥିଲାବେଳେ ପ୍ରାୟ ୬ ଜଣ ଦୋଦୁଲ୍ୟମାନ ସ୍ଥିତିରେ ଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଥିଲା। ଏଥିସହିତ ବାଚସ୍ପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ମତପାର୍ଥକ୍ୟ ରହିଥିବା ଆଲୋଚନା ହେଉଥିଲା। କେତେଜଣ ବିଦ୍ରୋହୀ ବିଧାୟକ ଅମିତ୍ ଶାହାଙ୍କୁ ଭେଟି ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି କରିଥିଲେ। ଶନିବାରଠାରୁ ରାଜ୍ୟ ବିଧାନସଭା ଅଧିବେଶନ ଆରମ୍ଭ ହୋଇଥିବାବେଳେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ କଂଗ୍ରେସ ଧମକ ଦେଇଥିଲା। ପ୍ରସ୍ତାବ ଉପରେ ଭୋଟଗ୍ରହଣ ହୋଇଥିଲେ ଅସନ୍ତୁଷ୍ଟ ବିଧାୟକମାନେ ଗୃହରେ ଅନୁପସ୍ଥିତ ରହିବା ସମ୍ଭାବନା ଥିଲା। ଅନ୍ୟପକ୍ଷରେ ହରିୟାଣା, ମହାରାଷ୍ଟ୍ର ଏବଂ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା କ୍ରମାଗତ ସଫଳତା ହାସଲ କରିଥିବାବେଳେ ମଣିପୁର ସଙ୍କଟ ଯୋଗୁ ଦଳ କ୍ଷତିଗ୍ରସ୍ତ ହେବା କେନ୍ଦ୍ରୀୟ ନେତୃତ୍ୱ ଚାହୁଁ ନ ଥିଲେ। ସୂଚନା ଅନୁଯାୟୀ, ବୀରେନ୍ ସିଂ ରାଜ୍ୟରେ ହିଂସାକୁ ଉସୁକାଉଥିବା ଅଭିଯୋଗ ନେଇ କୁକି ସମ୍ପ୍ରଦାୟର ଜଣେ ବ୍ୟକ୍ତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ନେତୃତ୍ୱ ପରିବର୍ତ୍ତନ ଦାବି ଜୋର୍ ଧରିଥିଲା। ଲିକ୍ ହୋଇଥିବା ଏକ ଅଡିଓ ଟେପ୍‌କୁ ଆଧାର କରି ବୀରେନ୍‌ଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଉକ୍ତ ଅଡିଓର ସ୍ୱର ସହ ବୀରେନ୍‌ଙ୍କ ସ୍ୱର ୯୩ ପ୍ରତିଶତ ମେଳ ଖାଉଥିବା ଟ୍ରୁଥ୍ ଲାବ୍ସ ନାମକ ଫୋରେନ୍‌ସିକ୍ ଲାବରେଟୋରି ସ୍ପଷ୍ଟ କରିଥିଲାବେଳେ ସର୍ବୋଚ୍ଚ ଅଦାଲତ କେନ୍ଦ୍ରୀୟ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରିକୁ ରିପୋର୍ଟ ମାଗିଥିଲେ।

## ୫ ବର୍ଷରେ ୧.୫ ଲକ୍ଷ...

କରାଯିବ ଏବଂ ପ୍ରଥମ ଦୁଇ ବର୍ଷରେ ୬୫ହଜାର ପଦବୀ ପୂରଣ ହେବ। ୨ବର୍ଷରେ ବୟନ ଶିଳ୍ପ କ୍ଷେତ୍ରରେ ୫୦ହଜାର ନିଯୁକ୍ତି ଏବଂ ଆସନ୍ତା ୫ବର୍ଷ ମଧ୍ୟରେ ଆଇଟି/ଆଇଟିଇଏସ୍‌ରେ ୫୦ହଜାର ନିଯୁକ୍ତି ସୃଷ୍ଟି ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସରକାର କାମଧେନୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲି ରତ୍ନ ଅଳଙ୍କାର ଗଣତିମଣତି କରାଯାଇଛି। ୨୦୨୭ ସୁଦ୍ଧା ୨୫ଲକ୍ଷ ମହିଳାଙ୍କୁ 'ଲକ୍ଷପତି ଦିଦି' ଭାବେ ରାଜ୍ୟ ସରକାର ସଶକ୍ତ କରିବେ। ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରାୟ ୧୦ଲକ୍ଷ ମହିଳାଙ୍କୁ ଏହି ସ୍ତରର ଆୟ ହାସଲ ପାଇଁ ତାଲିମ ଦିଆଯାଉଛି। ଏହାବାଦ୍ ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନା ଅଧୀନରେ ରାଜ୍ୟର ବିଭିନ୍ନ ସହରରେ ୪୦୦ଟି ଇ-ବସ୍ ଚାଲିବ। ଗତ ପ୍ରାୟ ୮ମାସ ମଧ୍ୟରେ ସରକାର ଗ୍ରହଣ କରିଥିବା ବିଭିନ୍ନ ନିଷ୍ପତ୍ତି ଓ କାର୍ଯ୍ୟକାରୀ କରିଥିବା ବିଭିନ୍ନ ଯୋଜନାକୁ ପ୍ରଶଂସା କରି ଏହା ରାଜ୍ୟର ବିକାଶକୁ ଗତି ଦେବ ବୋଲି ରାଜ୍ୟପାଳ ଆଶାବ୍ୟକ୍ତ କରିଥିଲେ।

ରାଜ୍ୟ ସରକାର ଓଡ଼ିଆ ଅସ୍ମିତାକୁ ପୁନର୍ଜୀବିତ କରିବାକୁ ବିଭିନ୍ନ କାମ କରୁଛନ୍ତି। ଚାଷୀଙ୍କ ପାଇଁ 'ଏମ୍‌ଏସ୍‌ପି' ୮ଶହ ଟଙ୍କାକୁ ବଢ଼ାଇବା ସହ ବୋନସ ଦେଉଛନ୍ତି, ଯାହା ରାଜ୍ୟର ଚାଷୀଙ୍କୁ ଆର୍ଥିକ ଭାବେ ସଶକ୍ତ କରୁଛି। ସେହିପରି ୧.୩୬ ଲକ୍ଷ ପଞ୍ଜୀକୃତ କୃଷକଙ୍କ ପାଇଁ କୃଷିବୀମା କରାଯାଇଛି। ସ୍ୱାଭିମାନ ଅଞ୍ଚଳରେ 'ବଳଭଦ୍ର ଜୈବିକ ଚାଷ ମିଶନ' ଆରମ୍ଭ କରାଯାଇଛି। ଭିନ୍ନକ୍ଷମ ସଶକ୍ତୀକରଣ ଦିଗରେ ମଧ୍ୟ ସରକାର ପ୍ରଭାବୀ ଭାବେ କାମ କରୁଛନ୍ତି। ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ବିଲିୟନ ଡଲାର ଅର୍ଥନୀତି ସହିତ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରଖାଯାଇଛି। ଭିଜନ ୨୦୩୬ ପାଇଁ ସରକାରଙ୍କୁ ୩ ଲକ୍ଷରୁ ଅଧିକ ପ୍ରସ୍ତାବ ମିଳିଛି। ବିକଶିତ ଭାରତ ୨୦୪୭ ପାଇଁ ଭାରତର ଅର୍ଥନୀତିକୁ ଓଡ଼ିଶାର ୧.୫ ଟ୍ରିଲିୟନ ଡଲାର ଯୋଗଦାନର ଆଭିମୁଖ୍ୟ ରଖାଯାଇଛି। ରାଜ୍ୟରେ ନୂଆ ଶିକ୍ଷାନୀତି ଲାଗୁ କରାଯାଇଛି। ସେହିପରି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମାଧ୍ୟମରେ ସରକାର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ କରି ୬୭୯୪ଟି ପ୍ରାଥମିକ ବିଦ୍ୟାଳୟକୁ ବହୁବିଧ ବିଷୟିକ ଶିକ୍ଷା, ଭିତ୍ତିଭୂମି ଉନ୍ନତି, ସାମାଜିକ-ଭାବନାତ୍ମକ ଶିକ୍ଷା, ଜୀବନ କୌଶଳ ଶିକ୍ଷା ଏବଂ ସମାନ ଶିକ୍ଷା ପରିବେଶ ସହିତ ଏକ ସାମଗ୍ରିକ ଶିକ୍ଷା କେନ୍ଦ୍ରରେ ବିକଶିତ କରିବାକୁ ଯାଉଛନ୍ତି। 'ପଞ୍ଚସଖା ଶିକ୍ଷା ସେତୁ' ମାଧ୍ୟମରେ ସରକାର ଶିକ୍ଷାଦାନ ଓ ଶିକ୍ଷାଦାନ ପଦ୍ଧତିର ରୂପାନ୍ତରଣକୁ ସମର୍ଥନ କରିବା ସହିତ ସମସ୍ତ ଅଂଶୀଦାରଙ୍କୁ ସାମିଲ କରି ବିଦ୍ୟାଳୟ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଉନ୍ନତ ପରିବେଶ ସୃଷ୍ଟି କରୁଛନ୍ତି। ୨୦୨୬ ସୁଦ୍ଧା କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ (ଏଫ୍‌ଏଚ୍‌ଟିସି) ମାଧ୍ୟମରେ ସମସ୍ତ ଗ୍ରାମୀଣ ପରିବାରକୁ ସୁରକ୍ଷିତ ଏବଂ ସ୍ଥାୟୀ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଆବଶ୍ୟକ ପ୍ରୟାସ କରାଯାଉଛି। ରାଜ୍ୟର ସମସ୍ତ ୧୧୫ଟି ସହରରେ ଘରୋଇ ପାଇପ୍ ସଂଯୋଗ ସମ୍ପୂର୍ଣ୍ଣ କରିବା ସହିତ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରହିଛି। ସରକାର ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ପାଇଁ ୧୨.୮୯ ଲକ୍ଷ କୋଟି ଟଙ୍କାର ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହାସହିତ ୩.୮୪ ଲକ୍ଷ କୋଟି ନିବେଶ ଏବଂ ୩.୯୨ଲକ୍ଷ ନିଯୁକ୍ତି ସମ୍ଭାବନା ସହିତ ୪୪୮ ନିବେଶ ଉଦ୍ଦେଶ୍ୟ ଫର୍ମ ଗ୍ରହଣ କରାଯାଇଥିବା ରାଜ୍ୟପାଳ କହିଛନ୍ତି। ଉଚ୍ଚଶିକ୍ଷାରେ ଉତ୍କର୍ଷତା ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉନ୍ନତ ଶିକ୍ଷା, ଗବେଷଣା ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅନ୍ୟୂନ ୫ଟି ନୂତନ ଉତ୍କର୍ଷ କେନ୍ଦ୍ର ଖୋଲାଯିବ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଦିବ୍ୟାଙ୍ଗ ଅନୁକୂଳ ବାତାବରଣ ସୃଷ୍ଟି କରାଯିବ। ଏନ୍‌ଇପି-୨୦୨୦ ଅନୁଯାୟୀ ୪ଟି ବିଶ୍ୱବିଦ୍ୟାଳୟକୁ 'ମେରୁ' (ମଲ୍ଟିଡିସିପ୍ଲିନାରୀ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ ୟୁନିଭର୍ସିଟି)କୁ ଉନ୍ନୀତ କରାଯିବ। ସ୍ନାତକୋତ୍ତର ସିଟ୍ ସଂଖ୍ୟା ୨୦ ପ୍ରତିଶତ ବୃଦ୍ଧି କରାଯିବ ବୋଲି ରାଜ୍ୟପାଳ ବିଧାନସଭାରେ ବିବୃତି ରଖିଛନ୍ତି।

ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂ, ପୂର୍ବତନ ବିଧାୟକ ବିଜୟ କୁମାର ମହାନ୍ତି ଓ ସଦନ ନାଏକଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଶୋକପ୍ରସ୍ତାବ ପରେ ବାଚସ୍ପତି ସୁରମା ପାଢ଼ୀ ଶୁକ୍ରବାର ପୂର୍ବାହ୍ନ ୧୦. ୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଅଧିବେଶନ ଆରମ୍ଭ ହେବା ପୂର୍ବରୁ ରାଜ୍ୟପାଳ ଓ ବାଚସ୍ପତିଙ୍କୁ 'ଗାର୍ଡ ଅଫ ଅନର' ପ୍ରଦାନ ସମୟରେ ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ପୋଲିସ କମିଶନର ଦେବଦତ୍ତ ସିଂ ଉପସ୍ଥିତ ଥିଲେ।

### ୧୭ରେ ବଜେଟ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

ଆସନ୍ତା ୧୭ ତାରିଖରେ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଚଳିତ ଅଧିବେଶନରେ ୨୮ଟି କାର୍ଯ୍ୟଦିବସ ରହିଛି। ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୩ରୁ ୨୧ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୧୭ରୁ ଆରମ୍ଭ ହୋଇ ଏପ୍ରିଲ ୫ ତାରିଖରେ ଶେଷ ହେବ। ତେବେ ରାଜ୍ୟ ବଜେଟରେ ନୂଆ ସରକାର କେଉଁସବୁ କ୍ଷେତ୍ରକୁ ଗୁରୁତ୍ୱ ଦେବେ ତାହାକୁ ନେଇ ଏବେ ଉତ୍କଣ୍ଠା ବଢ଼ି ଚାଲିଛି।

## ଲୋକ ସଭାରେ ଆଗତ...

ବର୍ତ୍ତମାନର ଆୟକର ଆଇନ ତୁଳନାରେ ନୂଆ ବିଲ୍‌ରେ ଅଧିକ ଧାରା ରହିଥିବା ଅଭିଯୋଗ ଭୁଲ୍। ୧୯୬୧ରେ ଅଣାଯାଇଥିବା ବର୍ତ୍ତମାନର ଆଇନରେ କମ୍ ଧାରା ରହିଥିଲେ ମଧ୍ୟ ଏଥିରେ ଅନେକ ଥର ପରିବର୍ତ୍ତନ କରାଯାଇ ଧାରା ସଂଖ୍ୟା ୮୧୯ରେ ପହଞ୍ଚିଛି। କିନ୍ତୁ ପ୍ରସ୍ତାବିତ ଆଇନରେ କେବଳ ୫୩୬ଟି ଧାରା ରହିଛି। ବିଲ୍‌ରେ ଯାନ୍ତ୍ରିକ ନୁହେଁ ବରଂ ପର୍ଯ୍ୟାପ୍ତ ପରିବର୍ତ୍ତନ କରାଯାଇଥିବା ସୀତାରାମନ୍ କହିଛନ୍ତି।

## କ'ଣ ହୋଇଛି...

ସୀମିତ ରଖାଯାଇଛି। ଏବର ଆୟକର ଆଇନରେ ୪୭ଟି ଅଧ୍ୟାୟ ରହିଥିବାବେଳେ ନୂଆ ବିଲ୍‌ରେ ଏହାକୁ ୨୩କୁ ହ୍ରାସ କରାଯାଇଛି। ପ୍ରଚଳିତ ଆୟକର ଆଇନରେ ୧୮ଟି ଟେବୁଲ୍ ଥିବାବେଳେ ନୂଆ ବିଲ୍‌ରେ ଟେବୁଲ୍ ସଂଖ୍ୟା ୫୭। ପ୍ରଚଳିତ ଆଇନରୁ ୧,୨୦୦ଟି ବ୍ୟବସ୍ଥା ଏବଂ ୯୦୦ଟି ସ୍ପଷ୍ଟୀକରଣକୁ ହଟାଇ ଦିଆଯାଇଛି। ବିଲ୍‌ରେ ଆୟକର ଛାଡ଼ ସମ୍ପର୍କିତ ବ୍ୟବସ୍ଥା ଏବଂ ଟିଡିଏସ୍/ଟିସିଏସ୍‌କୁ ଟେବୁଲାର ଫର୍ମାଟରେ ରଖାଯାଇ ଏହାକୁ ଅଧିକ ସ୍ପଷ୍ଟ କରାଯାଇଛି। ସରଳ ଭାଷା ବ୍ୟବହାର କରାଯାଇ ଲାଭ ପାଇଁ ଉଦ୍ଦିଷ୍ଟ ନ ଥିବା ସଂଗଠନଗୁଡ଼ିକ ଲାଗି ଉଦ୍ଦିଷ୍ଟ ଅଧ୍ୟାୟକୁ ବିସ୍ତୃତ କରାଯାଇଛି। ଆଇନରେ ସରଳୀକରଣ ପାଇଁ ବିବାଦର ପରିସର ଏବଂ ସାନି ବ୍ୟାଖ୍ୟା କମାଇବା ପାଇଁ ଅଭିଜ୍ଞ ଉଦ୍ୟମ ହୋଇଛି। ଅଦାଲତଗୁଡ଼ିକ ଯେଉଁ ପ୍ରମୁଖ ଶବ୍ଦ ବା ଶବ୍ଦାବଳିକୁ ନେଇ ରୁଲିଂ ଦେଇଥାନ୍ତି, ସେଗୁଡ଼ିକୁ ସର୍ବନିମ୍ନ ସଂଶୋଧନ ସହ ରଖାଯାଇଛି। ଆୟକର ବିଲ୍‌ରେ ବଡ଼ ଧରଣର ନୀତିଗତ ପରିବର୍ତ୍ତନ ବା ଟିକସ ହାରରେ ପରିବର୍ତ୍ତନ କରାଯାଇ ନାହିଁ। ପ୍ରଚଳିତ ଆଇନରେ ଭୌତିକ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦିଆଯାଇଛି। ବିଲ୍‌ରେ ବେତନ ସମ୍ପର୍କିତ ବ୍ୟବସ୍ଥାଗୁଡ଼ିକୁ ଗୋଟିଏ ସ୍ଥାନରେ ରଖାଯାଇଥିବାରୁ କରଦାତା ଆୟକର ରିଟର୍ନ ଫାଇଲ୍ କରିବାକୁ ଭିନ୍ନ ଭିନ୍ନ ଅଧ୍ୟାୟକୁ ନ ଯାଇ ସହଜରେ ବୁଝିପାରିବେ। ଗ୍ରାଚୁଇଟି, ନେଇ ନ ଥିବା ଛୁଟି ବଦଳରେ କର୍ମଚାରୀ ଅର୍ଥ ପାଇବା, ପେନ୍‌ସନ ଅର୍ଥ ଏକକାଳୀନ ପାଇବା, ଭିଆର୍‌ଏସ୍‌ରେ କ୍ଷତିପୂରଣ ଏବଂ ବହିଷ୍କୃତ କର୍ମଚାରୀଙ୍କୁ କ୍ଷତିପୂରଣ ଆଦି ଏବେ ବେତନ ଅଧ୍ୟାୟରେ ସାମିଲ ହୋଇଛି। ନୂଆ ବିଲ୍‌ର ଟିଠା ପ୍ରଣାଳୀ ସିଧାସଳଖ ଏବଂ ସ୍ପଷ୍ଟ ହୋଇଥିବାରୁ ବ୍ୟବସ୍ଥାଗୁଡ଼ିକୁ ବୁଝିବା ସହଜ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଲା କରଦାତାମାନଙ୍କୁ ଦ୍ୱନ୍ଦ୍ୱରେ ପକାଉଥିବା 'ପୂର୍ବ ବର୍ଷ' ଏବଂ 'ଆକଳନ ବର୍ଷ' ଧାରଣାକୁ ହଟାଇ ଦିଆଯାଇଛି।

## ପ୍ରେମ ଜୀବନରେ ସନ୍ତୁଷ୍ଟ...

ନିମ୍ନ ୩ ସ୍ଥାନରେ ଭାରତ, ଦକ୍ଷିଣ କୋରିଆ ଏବଂ ଜାପାନ ରହିଛି। ଭାରତରେ ୬୩% ଲୋକ ସେମାନଙ୍କ ପ୍ରେମ ଜୀବନରେ ସନ୍ତୁଷ୍ଟ ବୋଲି କହିଥିବାବେଳେ ଅନ୍ୟ ୩୭% ଲୋକ ଏଥିରେ ସନ୍ତୁଷ୍ଟ ନ ଥିବା କହିଛନ୍ତି। ସେହିପରି ଦକ୍ଷିଣ କୋରିଆ ଏବଂ ଜାପାନରେ ଯଥାକ୍ରମେ ୫୯% ଓ ୫୬% ଲୋକ ସେମାନଙ୍କ ପ୍ରେମ ଜୀବନରେ ସନ୍ତୁଷ୍ଟ ରହିଛନ୍ତି। ଇପ୍‌ସୋସ୍ ଇଣ୍ଡିଆର ଗ୍ରୁପ୍ ସର୍ଭିସ୍ ଲାଇନ ଲିଡର ଅଶ୍ୱିନୀ ଶିର୍ସିକର କହିଛନ୍ତି, ଅଧିକାଂଶ ଭାରତୀୟ ଯୌଥ ପରିବାରରେ ରୁହନ୍ତି। ଯେଉଁମାନେ ଅଣୁପରିବାରରେ ରୁହନ୍ତି ସେମାନଙ୍କ ଉପରେ ପାରିବାରିକ ବୋଝ ଅଧିକ ରହିଥାଏ। ତେଣୁ ବୃତ୍ତିଗତ ଚାପ, କ୍ୟାରିୟର, ସାମାଜିକ ଚାପ ଆଦି କାରଣରୁ ସେମାନେ ରୋମାନ୍ସ, ପ୍ରେମ, ଶାରୀରିକ ଅନ୍ତରଙ୍ଗତା ଆଦି ପାଇଁ କମ୍ ସମୟ ପାଇଥାନ୍ତି।

ଏହି ସର୍ଭେ ଅନୁଯାୟୀ, ୬୪% ଭାରତୀୟ କହିଛନ୍ତି ସେମାନେ ତାଙ୍କ ଜୀବନରେ ପ୍ରେମକୁ ଅନୁଭବ କରନ୍ତି। ସେହିପରି ୫୭% ଭାରତୀୟ ସେମାନଙ୍କ ପାର୍ଟନରଙ୍କ ସହ ରୋମାନ୍ସ ଏବଂ ସେକ୍ସ ଲାଇଫ୍‌ରେ ସନ୍ତୁଷ୍ଟ ଥିବା କହିଛନ୍ତି। ତେବେ ଏହି ସର୍ଭେରେ ୬୭% ଭାରତୀୟ ସେମାନଙ୍କ ଜୀବନସାଥୀଙ୍କ ସହ ରିଲେଶନସିପ୍‌ରେ ସନ୍ତୁଷ୍ଟ ଥିବା କୁହାଯାଇଛି। ଯୌନ ଜୀବନ ଏବଂ ପାର୍ଟନରଙ୍କ ସହ ଖୁସି ପରସ୍ପର ସହ ଜଡ଼ିତ ହୋଇଥିବା ଇପ୍‌ସୋସ୍ ପକ୍ଷରୁ ଜାରି ସର୍ଭେରେ କୁହାଯାଇଛି। ଯେଉଁ ଦେଶର ଲୋକମାନେ ସେମାନଙ୍କ ପାର୍ଟନରଙ୍କ ସହ ସମ୍ପର୍କକୁ ନେଇ ବେଶି ସନ୍ତୁଷ୍ଟ ସେମାନେ ତାଙ୍କ ଜୀବନରେ ରୋମାନ୍ସ ଏବଂ ସେକ୍ସ ଲାଇଫ୍‌କୁ ନେଇ ମଧ୍ୟ ଅନୁରୂପ ମାତ୍ରାରେ ସନ୍ତୁଷ୍ଟ ବୋଲି ଇପ୍‌ସୋସ୍ କହିଛି। ତେବେ ବ୍ରାଜିଲ, ଦକ୍ଷିଣ କୋରିଆ ଏବଂ ଭାରତ ପରି ଦେଶରେ ଏହାର ବିପରୀତ ଟ୍ରେଣ୍ଡ ଦେଖିବାକୁ ମିଳିଛି। ଏହିସବୁ ଦେଶରେ ଲୋକମାନଙ୍କର ରୋମାନ୍ସ ଏବଂ ଯୌନଜୀବନ ସହ ରହିଥିବା ସନ୍ତୁଷ୍ଟତାର ସ୍ତରଠାରୁ ସେମାନେ ନିଜ ସାଥୀଙ୍କ ସହ କମ୍ ସନ୍ତୁଷ୍ଟ ରହିଛନ୍ତି। ତେବେ ବିଶ୍ୱବ୍ୟାପୀ ଅଧିକ ରୋଜଗାର କରୁଥିବା ବ୍ୟକ୍ତିମାନେ ସେମାନଙ୍କ ପ୍ରେମ ଜୀବନରେ ବେଶି ସନ୍ତୁଷ୍ଟ ବୋଲି ଉକ୍ତ ସର୍ଭେ କହିଛି। ଅଧିକ ରୋଜଗାର ଥିବା ୮୩% ଲୋକ ସେମାନଙ୍କ ପ୍ରେମ ଜୀବନରେ ସନ୍ତୁଷ୍ଟ ଥିଲା ବେଳେ ମଧ୍ୟମ ଧରଣର ରୋଜଗାର ଥିବା ୭୬% ଲୋକ ଏବଂ କମ୍ ରୋଜଗାର କରୁଥିବା ୬୯% ଲୋକ ସେମାନଙ୍କ ପ୍ରେମ ଜୀବନରେ ସନ୍ତୁଷ୍ଟ ଅଛନ୍ତି। ପ୍ରକାଶ ଯେ, ୩୦ ଦେଶର ୨୩,୭୬୫ ଜଣ ଲୋକଙ୍କୁ ନେଇ ଇପ୍‌ସୋସ୍ ପକ୍ଷରୁ ଏହି ସର୍ଭେ କରାଯାଇଛି। ସର୍ଭେରେ ଭାରତରୁ ୨,୨୦୦ ଲୋକଙ୍କ ରାୟ ନିଆଯାଇଥିଲା। ସେଥିମଧ୍ୟରୁ ୧,୮୦୦ ଜଣ ଭାରତୀୟଙ୍କର ସିଧାସଳଖ ସାକ୍ଷାତ୍‌କାର କରାଯାଇଥିବା ବେଳେ ୪୦୦ ଲୋକଙ୍କ ସହ ଅନ୍‌ଲାଇନ ମାଧ୍ୟମରେ ସାକ୍ଷାତ୍‌କାର ନିଆଯାଇଥିବା ଇପ୍‌ସୋସ୍ କହିଛି।

## ଖୁବ୍‌ଶୀଘ୍ର ନୂଆ...

ଅଫ୍ ଇଣ୍ଡିଆର ପ୍ରତିନିଧି ମଣ୍ଡଳି, ମଦ ପ୍ରସ୍ତୁତି ସଂଘର ସିଇଓ, ବିଦେଶୀ ମଦ ବିକ୍ରୟ ସଂଘ ପ୍ରତିନିଧି, ହୋଟେଲ ଓ ରେଷ୍ଟୁରାଣ୍ଟ ସଂଘ କର୍ମକର୍ତ୍ତା, ଦେଶୀ ମଦ ଦୋକାନୀସମୂହ, ଇଥାନଲ ଓ ମିଥାନଲ୍ ପ୍ରସ୍ତୁତକାରୀଙ୍କ ସମେତ ପଞ୍ଚାୟତିରାଜ, ଶିଳ୍ପ, ପର୍ଯ୍ୟଟନ, ଉଦ୍ୟାନ କୃଷି ଏ ବଂ ଅର୍ଥ ବିଭାଗର ନୋଡ଼ାଲ ଅଧିକାରୀଙ୍କୁ ନେଇ ବିଭିନ୍ନ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏକ ସଶକ୍ତ ଇକୋସିଷ୍ଟମ୍ ବିକଶିତ କରି ଦାୟିତ୍ୱପୂର୍ଣ୍ଣ ମଦ୍ୟ ପାନକୁ ଗୁରୁତ୍ୱ ଦିଆଯିବାସହ ସମସ୍ତଙ୍କ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ, ରାଜସ୍ୱ ହାନି ହ୍ରାସ ନେଇ ବୈଠକରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏଥିସହିତ ଦେଶୀ ଓ ବିଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି, ମୂଲ୍ୟ ନିର୍ଦ୍ଧାରଣ, ଟିକସ ଢାଞ୍ଚାର ନବୀକରଣ, ବିଭିନ୍ନ ବିଭାଗ ସହ ସମନ୍ୱୟ, ସଡ଼କ ସୁରକ୍ଷା, ହୋଟେଲ ଶିଳ୍ପ, ବେଆଇନ ମଦ କାରବାର ରୋକିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଅବକାରୀ କମିଶନର ନରସିଂହ ଭୋଳ, ଓଏସ୍‌ବିସି ଏମ୍‌ଡି ଅମ୍ବର କର, ସିଜିଏମ୍ ମାନସ ସ୍ୱାଇଁ, ଜିଏମ୍ ସଞ୍ଜୟ ରାଉତଙ୍କ ସମେତ ବିଭିନ୍ନ ବିଭାଗର ନୋଡାଲ ଅଧିକାରୀ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ୩ ଗ୍ରହଙ୍କ ଦୃଷ୍ଟିରେ ଚନ୍ଦ୍ର ବିଭିନ୍ନ ପ୍ରକାର ଚିନ୍ତାରେ ଉଦ୍‌ବିଗ୍ନ ରହିବେ। ଘରର କେତେକ ଅକୁହା କଥାକୁ ଆଲୋଚନାକରି ମନରେ ଆଲୋଡ଼ନ ସୃଷ୍ଟି ହେବ। ଅବଶ୍ୟ ଧନ ସ୍ଥାନସ୍ଥ ବୃହସ୍ପତିଙ୍କ ପ୍ରଭାବରୁ ଅଭାବ ଅନଟନ ରହିବ ନାହିଁ। ଆକସ୍ମିକ ଭାବରେ ବନ୍ଧୁଙ୍କ ଆହ୍ୱାନରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** ରାଶିରେ ଗୁରୁଙ୍କ ପ୍ରଭାବରୁ ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ସର୍ଗୀକୃତକରି ପ୍ରଶଂସିତ ହେବେ। ବନ୍ଧୁ ପରାମର୍ଶରେ ଅଭାବ ପୂରଣ ଦିଗରେ ଚେଷ୍ଟା କଲେ ସଫଳତା ମିଳିବ। କାମ ପୂର୍ଣ୍ଣାଙ୍ଗ କରିବାରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସରକାରୀ ସ୍ତରରୁ ବକେୟା ପାଇବାରେ ବିଳମ୍ବ କାରଣରୁ ଅଶାନ୍ତ ରହିପାରନ୍ତି।

**ମିଥୁନ** ପୁନର୍ବସୁ ନକ୍ଷତ୍ର ଚେଷ୍ଟା କରୁଥିବା କାମରୁ ବନ୍ଧୁଙ୍କ ମାଧ୍ୟମରେ ଅର୍ଥ ପାଇବେ। ବ୍ୟବସାୟରେ ଶାଖା ପ୍ରଶାଖା ଖୋଲିବା ସକାଶେ କିଛି ନୂତନତ୍ୱ ଯୋଡ଼ିପାରନ୍ତି। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝି ପାରିବାରିକ ସମ୍ପର୍କକୁ ତିକ୍ତ କରିପାରନ୍ତି। କଳା, ସାହିତ୍ୟାଦି ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିପାରନ୍ତି।

**କର୍କଟ** ମାନସିକ ଅସ୍ଥିରତା ମଧ୍ୟରେ ଦୂରଯାତ୍ରା ସହ କାମକୁ ପୂର୍ଣ୍ଣାଙ୍ଗ କରିବାରେ ସମର୍ଥ ହେବେ। ଯାହା ଖୋଜୁଥିଲେ ତାହା ନିର୍ଦ୍ଦିଷ୍ଟ ସମୟରେ ନ ପାଇଲେ ମଧ୍ୟ ବିଳମ୍ବରେ ପାଇବେ। ଖାଦ୍ୟର ଅନିୟମିତତା କାରଣରୁ ପେଟ ଗୋଳମାଳରୁ ପୀଡ଼ା ଅନୁଭବ କରିପାରନ୍ତି। ଏକାଦଶସ୍ଥ ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ।

**ସିଂହ** ବ୍ୟୟାଧିପ ରାଶିରେ ରହିଥିବାରୁ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଧାର ସୂତ୍ରରେ ଅର୍ଥସଂଗ୍ରହ କରିବାକୁ ଚେଷ୍ଟିତ ହେବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ନିର୍ମାଣ କାର୍ଯ୍ୟ ଜୋରରେ ଆଗକୁ ବଢ଼ିଚାଲିବାରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ ନିଜ ଲୋକଙ୍କ ସାହାଯ୍ୟରୁ କାମ ହାସଲ କରିବେ। ବନ୍ଧୁଙ୍କ ସହାୟତାରେ ପାରିବାରିକ ବ୍ୟତିକ୍ରମ କେତେକାଂଶରେ ହାଲୁକା ମନେହେବ। ଷଷ୍ଠସ୍ଥ ଶନି ଜନିତ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବା ଅନୁଭବ କରିପାରନ୍ତି।

**ତୁଳା** ପାରିବାରିକ ସ୍ଥିତି ପୂର୍ବାପେକ୍ଷା କେତେକାଂଶରେ ସୁଧୁରିଯିବାରୁ ଆଶ୍ୱସ୍ତି ଲାଭକରିବେ। କର୍ମଜଞ୍ଜାଳ ବୃଦ୍ଧି ପାଇବା ହେତୁ କାର୍ଯ୍ୟବ୍ୟସ୍ତତା ଜନିତ ଖାଦ୍ୟପେୟ ଠିକ୍ ରହିବ ନାହିଁ। ଭାଗ୍ୟ ଭାବସ୍ଥ ମଙ୍ଗଳ ହେତୁ ଅର୍ଥ ସମ୍ପର୍କିତ ଟେନ୍‌ସନ ଦୂରହୋଇଯିବ। ବନ୍ଧୁଙ୍କ ସହ ଆଲୋଚନା, ଗଠନମୂଳକ କାମ, ଲେଖାପଢ଼ାରେ ଉନ୍ନତି କରିବେ।

**ବିଛା** ନୀଚାରୋହୀ ବକ୍ରୀ ମଙ୍ଗଳଜନିତ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହୋଇପାରେ। ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବା ଆଶା ରହିଛି। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା ଜାରି ରଖିପାରନ୍ତି।

**ଧନୁ** ତୃତୀୟସ୍ଥ ଏକାଧିକ ଗ୍ରହ ପ୍ରଭାବରୁ ସକାଳୁ ଶୁଭଖବର ପାଇ ମନ ଖୁସି ହୋଇଯିବ। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରଶଂସା ମିଳିବ। ପାରିବାରିକ କ୍ଷେତ୍ରରେ କମ୍ ବୟସ୍କଙ୍କ ଯୁକ୍ତିଯୁକ୍ତ କଥାକୁ ଗ୍ରହଣକରି ପ୍ରଶଂସିତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ ଗତାନୁଗତିକ ରୀତିରେ ଗଡ଼ି ଚାଲିବ।

**ମକର** ପୂର୍ବ ନିର୍ଦ୍ଧାରିତ ଆଲୋଚନା ପ୍ରକାରେ ଘରେ ବନ୍ଧୁମିଳନ, ଆମୋଦ ପ୍ରମୋଦର ସୁଅ ଛୁଟିବ। ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ଏକ ପ୍ରକାର ବାଧ୍ୟ ହୋଇପାରନ୍ତି। ଯାନବାହନ କ୍ଷେତ୍ରରେ ସତର୍କ ରହିବା ଭଲ ହେବ। ମଙ୍ଗଳଙ୍କ ପ୍ରଭାବରେ ଜମିଜମା କାରବାରରେ ପ୍ରତିବନ୍ଧକ ଦୂରେଇଯିବ।

**କୁମ୍ଭ** ଅତୀତରେ ଯେଉଁ ଲୋକଟି ଦିନେ ଅସୁବିଧା ପଡ଼ିଲେ ମୋତେ ଜଣାଇବ ବୋଲି କହୁଥିଲା ଆଜି ହିଁ ତାଙ୍କ ସହ ଦେଖାକରନ୍ତୁ। ଶନି ପ୍ରଭାବରୁ ସ୍ଥଗିତ କାର୍ଯ୍ୟ ସମୂହକୁ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ଚେଷ୍ଟା କରିବେ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଟେନ୍‌ସନରୁ ମାନସିକ ସ୍ଥିତି ଭଲ ରହି ନ ପାରେ।

**ମୀନ** ପରିବାରରେ କିଛିଟା ସମସ୍ୟା ଲାଗିରହିଥିବାରୁ ମାନସିକ ଅସ୍ଥିରତା ଦେଖାଦେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଦୀର୍ଘଦିନରୁ ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ବୃହସ୍ପତିଙ୍କ ଶୁଭଦୃଷ୍ଟି ଓ ସ୍ଥିତିରୁ ସଫଳତା ନିଶ୍ଚିତ ମିଳିବ।

ଆଜି ଫେବୃଆରୀ ୧୪ ତାରିଖ, ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା ଶୁକ୍ରବାର। ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୧୯ ଗତେ, ଘ.୦୭।୦୫ ମଧ୍ୟେ, ଘ.୦୭।୫୦ ଗତେ, ଘ.୦୯।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୫ ଗତେ, ଘ.୧୨।୦୦ ମଧ୍ୟେ ରାହୁକାଳ।




ରାଜ୍ୟ ସରକାରଙ୍କ ବନ ବିଭାଗ ପକ୍ଷରୁ ଜଙ୍ଗଲରେ ପାଟ୍ରୋଲିଂ ପାଇଁ ଏହି ଭଳି ଦୁଇ ପାର୍ଶ୍ୱରେ ୨ଟି କବାଟ ଥିବା ପ୍ରାୟ ୨୦୦ ଗାଡ଼ି କିଣାଯାଇଛି। ଏହା ମାଧ୍ୟମରେ ସଶସ୍ତ୍ର ବନ କର୍ମଚାରୀମାନେ ଜଙ୍ଗଲରେ ଶିକାରୀ ଏବଂ କାଠଚୋରଙ୍କ ଉପରେ ନଜର ରଖିବା ସହ ଧରପଗଡ଼ କରିବେ ବୋଲି ଲକ୍ଷ୍ୟ ରଖାଯାଇଛି। ତେବେ ଗାଡ଼ିର ୪ କବାଟ ନ ଥିବା ହେତୁ ପଛପଟକୁ ବସିଥିବା କର୍ମଚାରୀମାନେ ଆବଶ୍ୟକସ୍ଥଳେ ତତ୍କ୍ଷଣାତ୍ ବାହାରକୁ ବାହାରିବା କଷ୍ଟକର। ହାଚ୍‌ବ୍ୟାକ୍ କବାଟ ଉଠାଇ ପଦାକୁ ବାହାରିବାକୁ ଅନେକ ବିଳମ୍ବ ଘଟେ। ଏଭଳି ଗାଡ଼ି କିଣିବାର ଉଦ୍ଦେଶ୍ୟ କ'ଣ ହୋଇଥାଇପାରେ ତାହା ବୁଝିବା ଅତ୍ୟନ୍ତ କଷ୍ଟକର।

## ଚଳନ୍ତା ଟ୍ରେନରେ ପ୍ରସବ କଲେ ମହିଳା

**ସୋର, ୧୩।୨ (ଜନ୍ମେଜୟ ମିଶ୍ର)**

ଝାଡଖଣ୍ଡ ରାଜ୍ୟ ଧାନବାଦ ଅଞ୍ଚଳର ଜଣେ ମହିଳା ଚଳନ୍ତା ଟ୍ରେନରେ ପ୍ରସବ କରିଥିବା ଜଣାପଡିଛି। ରମାଦେବୀ ନାମ୍ନୀ ମହିଳା ଗୁରୁବାର ତାଙ୍କ ପରିବାର ସହିତ ଆନ୍ଧ୍ରପ୍ରଦେଶରୁ ଝାଡଖଣ୍ଡକୁ ଇଷ୍ଟକୋଷ୍ଟ ଟ୍ରେନରେ ଫେରୁଥିବା ବେଳେ ସୋର ରେଳଷ୍ଟେଶନ ନିକଟରେ ତାଙ୍କର ପ୍ରସବ ଯନ୍ତ୍ରଣା ହୋଇଥିଲା। ଟ୍ରେନ ଷ୍ଟେଶନରେ ରହିବା ମାତ୍ରେ ମହିଳାଜଣଙ୍କ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ସେଠାରେ ଥିବା ଆରପିଏଫ କର୍ମଚାରୀମାନେ ଏହା ଜାଣିପାରି ମହିଳାଙ୍କୁ ଉଦ୍ଧାର କରି ସୋର ନେଇଥିଲେ। ସେଠାରେ ଉଭୟ ମା' ଏବଂ ଶିଶୁ କନ୍ୟା ସୁସ୍ଥ ଥିବା ଜଣାପଡିଛି।

## ସ୍କୁଲରୁ ଆସି ରଶି ଲଗାଇ ଝୁଲି ପଡ଼ିଲେ ଛାତ୍ରୀ

**ଭୋଗରାଇ, ୧୩।୩ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ମେରାଇନ ଥାନା ଗମ୍ଭାରିଆ ଗ୍ରାମରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ଗୁରୁବାର ମଧ୍ୟାହ୍ନ ସମୟରେ ଖେଳଛୁଟିରେ ଘରକୁ ଆସି ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ବିଦ୍ୟାଳୟରେ ଛାତ୍ରୀଙ୍କୁ ବାରମ୍ବାର ଦୁର୍ବ୍ୟବହାର କରାଯାଉଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସ୍କୁଲର କେତେକ ଶିକ୍ଷକ ଛାତ୍ରୀଙ୍କ ପ୍ରତି ଦୁର୍ବ୍ୟବହାର ଓ ମାନସିକ ଚାପ ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଛାତ୍ରୀଜଣକ ପୂର୍ବରୁ ଘରେ ଜଣାଇଥିବା ପରିବାର ଲୋକେ କହିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରହରି ସେନାପତିଙ୍କୁ ପଚରାଯିବାରୁ ସେ ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

## ହଷ୍ଟେଲରେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ | ବାପା ଆଣିଲେ ହତ୍ୟା ଅଭିଯୋଗ

**କଟକ, ୧୩।୨ (କାର୍ତ୍ତିକ ସାହୁ)**

କଟକ ରେଭେନ୍ସା ବାଳିକା ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଢେଙ୍କାନାଳ ଜିଲା ଆମ୍ବପଡ଼ା ଗ୍ରାମର ଶୁଭସ୍ମିତା ଦାଶ। ହଷ୍ଟେଲ କୋଠରିରୁ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଶୁଭସ୍ମିତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଜିତୁ ଦାଶ ଗୁରୁବାର ଅପରାହ୍ନରେ ଲାଲବାଗ ଥାନାରେ ଏତଲା ଦେଇଛନ୍ତି। ଏଥିପାଇଁ ସେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ସ୍କୁଲ ପରିସର ଓ ବାହାରେ ପୋଲିସ ମୁତୟନ ହୋଇଛନ୍ତି। ଜିତୁଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ପୂର୍ବାହ୍ନ ୧୧ଟାରେ ଝିଅ ଆତ୍ମହତ୍ୟା କରିଥିବା ନେଇ କେହି ଜଣେ ଫୋନ କରି ଘର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ଏସ୍‌ସିବି ମେଡିକାଲରେ ପହଞ୍ଚିଥିଲେ। ହେଲେ ଝିଅର ମୃତଦେହ ଦେଖି ସେମାନେ ହତବାକ୍ ହୋଇଯାଇଥିଲେ। ୨ ବର୍ଷ ହେବ ଶୁଭସ୍ମିତା ହଷ୍ଟେଲରେ ରହି ପାଠ ପଢୁଥିଲେ। ଏଥର ସେ ମାଟ୍ରିକ ପରୀକ୍ଷା ଦେଇଥାନ୍ତେ। ସେ ମାନସିକ ସ୍ତରରେ ବେଶ ଦୃଢ଼। ବୁଧବାର ରାତିରେ ସେ ତାଙ୍କ ମା'ଙ୍କ ସହ କଥା ହୋଇଥିଲେ। କଥାବାର୍ତ୍ତା ସମୟରେ ହଷ୍ଟେଲ ୱାର୍ଡେନଙ୍କ ସହ ତାଙ୍କର ମତାନ୍ତର ରହୁଥିଲା ବୋଲି ସେ କହିଥିଲେ। ୱାର୍ଡେନ ତାଙ୍କ ଉପରେ ପ୍ରାୟତଃ ବିରକ୍ତ ହୁଅନ୍ତି। ତେଣୁ ତାଙ୍କୁ ଯୋଜନାବଦ୍ଧ ହତ୍ୟା କରାଯାଇଛି ବୋଲି ଜିତୁ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତେବେ ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଲାଲବାଗ ଥାନା ଆଇଆଇସି ସୁଧାଂଶୁ ଜେନା କହିଛନ୍ତି, ଅଭିଯୋଗ ଆଧାରରେ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ହଷ୍ଟେଲର ଅନ୍ତେବାସୀ ଛାତ୍ରୀମାନଙ୍କୁ ପଚରାଉଚରା କରିଛି। ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ସେଠାରେ ପୋଲିସ ଫୋର୍ସ ରାତି ପର୍ଯ୍ୟନ୍ତ ମୁତୟନ ଥିବା ଦେଖିବାକୁ ମିଳିଛି।

## ଛାତ୍ରୀ ନିବାସରେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

**ହେମଗିର, ୧୩।୨ (ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ମାଣିକେଶ୍ୱରୀ ହାଇସ୍କୁଲ ଡୁମୁଲିଆର ଛାତ୍ରୀ ନିବାସରେ ଗୁରୁବାର ଜଣେ ଛାତ୍ରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି। ମୃତା ହେଲେ ୯ମ ଶ୍ରେଣୀର ଛାତ୍ରୀ। ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୩୦ରେ ଛାତ୍ରୀ ନିବାସ କୋଠରିରେ ଛାତ୍ରୀ ଜଣଙ୍କ ବେକରେ ରଶି ଲଗାଇ ଝୁଲୁଥିବା ଅନ୍ୟ ଛାତ୍ରୀମାନେ ଦେଖି ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କର୍ତ୍ତୃପକ୍ଷ ଛାତ୍ରୀଙ୍କୁ ଉଦ୍ଧାର କରି ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କହିଥିଲେ। ହେମଗିର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ତେବେ ଆତ୍ମହତ୍ୟାର କାରଣ ଜଣାପଡି ନାହିଁ।










## ବିହାରରେ ବସ୍ ଦୁର୍ଘଟଣା: ୩୫ ଓଡ଼ିଆ ଆହତ

### ଅଧା ରହିଗଲା ମହାକୁମ୍ଭରେ ସ୍ନାନ

**ଭୋଗରାଇ, ୧୩।୨ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱରରୁ ୮୦ ଜଣ ଯାତ୍ରୀ ପ୍ରୟାଗରାଜ ମହାକୁମ୍ଭକୁ ଏକ ଘରୋଇ ବସ୍ ଯୋଗେ ଯାଉଥିବା ବେଳେ ବିହାର- ଉତ୍ତରପ୍ରଦେଶ ସୀମାନ୍ତ ମଠାନୀଠାରେ ବୁଧବାର ରାତି ପ୍ରାୟ ୧୨ଟା ୫୦ମିନିଟ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ସେଠାରେ ଅଟକିଥିବା ଏକ ବାଲି ବୋଝେଇ ଡମ୍ଫରକୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ୩ଜଣ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିବା ବେଳେ ୩୫ଜଣ ଆହତ ହୋଇଛନ୍ତି। ବସ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେଠାରେ ୧୦ଜଣ ନିଜ ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ଖବର ମିଳିଛି । ଗୁରୁତର ଯୁବକମାନେ ହେଲେ ଭୋଗରାଇ ବ୍ଲକ ଜଗନ୍ନାଥପୁର ଗ୍ରାମର ସୁବାସ ବେହେରା(୪୨), ଫୁଲବଣୀ ଗ୍ରାମର ବାପି ସାସମଲ(୩୫) ଓ ନଗୁଆଁ ଗ୍ରାମର ରାଜକିଶୋର ସାହୁ(୫୦)। ଏହି ଘଟଣାରେ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ତୀର୍ଥଯାତ୍ରୀଙ୍କ ଉଦ୍ଧାର ଓ ଉଚ୍ଚମାନର ଡାକ୍ତରୀ ଚିକିତ୍ସା ଓ ସେଠାରୁ ସମସ୍ତଙ୍କୁ ଘରକୁ ଫେରାଇ ଆଣିବାକୁ ଭୋଗରାଇବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ଓ ବାଲେଶ୍ୱର ଜିଲାପାଳଙ୍କୁ ନିବେଦନ କରାଯାଇଛି । ଅପରପକ୍ଷରେ ଗୁରୁତର ଓ ଆହତ ହୋଇଥିବା ଯାତ୍ରୀଙ୍କ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ବାଲେଶ୍ୱର ପ୍ରଶାସନ ଓ ପରିବହନ ବିଭାଗର ମିଳିତ ସହଯୋଗରେ ସେଠାକାର ପରିବହନ ବିଭାଗ ସହିତ ଯୋଗାଯୋଗ କରି ଆହତମାନଙ୍କୁ ଏକ ଘରୋଇ ବସ୍‌ରେ ବାଲେଶ୍ୱର ଅଣାଯିବାକୁ ଉଦ୍ୟମ ଜାରି ରହିଥିବା ବେଳେ ୩ ଗୁରୁତରଙ୍କୁ ବିହାର ସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।


ଦୁର୍ଘଟଣାଗ୍ରସ୍ତ ବସ୍



କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ

-ସବେ-ବରାତ (ପୂର୍ବ ରାତ୍ରି)



# ଗଣତନ୍ତ୍ର ଓ ଅସମାନତା



କୌଶିକ ବସୁ

ବିଶ୍ୱରେ ଗଣତନ୍ତ୍ର ଏବେ ବିପଦରେ। ଏହା କେବଳ ନିର୍ବାଚିତ ସରକାରକୁ ହଟାଇ କ୍ଷମତା ଦଖଲ କରୁଥିବା ଏକଚ୍ଛତ୍ରବାଦୀଙ୍କ ଯୋଗୁ ଘଟୁନାହିଁ। ଏକଚ୍ଛତ୍ରବାଦୀମାନେ କ୍ଷମତା ଦଖଲ କରୁଥିବା ବିଷୟ ମୁଖ୍ୟ ଖବର ହେଉଥିବାବେଳେ ବାସ୍ତବରେ ସେମାନେ ଆଉ ସ୍ୱାଧୀନ ସମାଜ ପ୍ରତି ବିପଦ ହୋଇ ରହିନାହାନ୍ତି। ପ୍ରକୃତ ବିପଦ ଅତ୍ୟନ୍ତ ଘାତକ , ଯାହା ଆମ ଗଣତାନ୍ତ୍ରିକ ବ୍ୟବସ୍ଥାଗୁଡ଼ିକର କ୍ରମାଗତ ତଥା ଗଭୀର ପରିବର୍ତ୍ତନରେ ରହିଛି। ବାହାରକୁ ଜଣାପଡୁଛି ଯେ, ଏହିସବୁ ବ୍ୟବସ୍ଥା ଯେପରି କାର୍ଯ୍ୟ କରିବା ଉଚିତ ତାହା ସେଭଳି କରୁଛି। ନିର୍ବାଚନ ହେଉଛି। ଭୋଟରମାନଙ୍କ ସ୍ୱାର୍ଥ ପାଇଁ ପ୍ରତିନିଧିତ୍ୱ କରିବ ବୋଲି ଯେଉଁ ଦଳ ଓ ନେତା ପ୍ରତି ବିଶ୍ୱାସ ହୁଏ ସେମାନଙ୍କୁ ସେମାନେ ଭୋଟ ଦେଉଛନ୍ତି। କିନ୍ତୁ ବହୁ ସମୟରେ ଦେଖାଯାଏ ଯେଉଁ ରାଜନେତା ନିର୍ବାଚନମଣ୍ଡଳୀର କାମ ନ କରି ସେମାନଙ୍କ ନିଜ ସ୍ୱାର୍ଥ ପାଇଁ କାମ କରନ୍ତି ଭୋଟରମାନେ ସେହି ନିର୍ବାଚିତ ରାଜନେତାଙ୍କୁ ପୁନର୍ବାର ଭୋଟ ଦେଇଥାନ୍ତି। ଏଭଳି ମୂର୍ଖତା ନୂଆ ନୁହେଁ, ଏହା ଏବେ ଏତେ ବ୍ୟାପକ ହୋଇଛି ଯେ, ଏବେ ଗଣତାନ୍ତ୍ରିକ ସରକାରର ମୂଳଭିତ୍ତି ପ୍ରତି ବିପଦ ସୃଷ୍ଟି କରିଛି।

ଆମେ ଏଭଳି ସ୍ଥିତିରେ କିପରି ପହଞ୍ଚିଛୁ ତାହା ବୁଝିବା ପାଇଁ 'ଏଲିବଲ ନିୟମ' ସମ୍ପର୍କରେ ବିଚାର କରିବା ଦରକାର। ଯେତେବେଳେ ମୁଁ କଲିକତା (ବର୍ତ୍ତମାନ କୋଲକାତା)ରେ ପିଲାବେଳେ ରହୁଥିଲି ସେତେବେଳେ ରାସ୍ତା ଓ ପାର୍କରେ ଖେଳୁଥିବା ସ୍ମାର୍ଟ ପିଲାମାନେ ଏହି ନିୟମକୁ ଭଲ ଭାବେ ଜାଣିଥିଲେ। ସେମାନେ ଯେତେବେଳେ ଘର ପାଖାପାଖି ଜାଗାରେ ଖେଳିଲେ ସେତେବେଳେ ଜଣେ ଟିକେ ବଡ଼ ପିଲା ତାଙ୍କ ସହ ଯୋଗଦେଲେ। ସେହି ପିଲାଟି ସହ ରହୁଥିବା ତାଙ୍କ ପାଳିତ ମାତା ପିଲାଟିକୁ ସେମାନଙ୍କ ସହ ଖେଳାଇବାକୁ ବାଧ୍ୟ କରନ୍ତି। ଫଳରେ ଖେଳୁଥିବା ପିଲାମାନେ ସିଧାସଳଖ ମନା କରିବା ପରିବର୍ତ୍ତେ ସେମାନେ ପରସ୍ପର ମଧ୍ୟରେ ଏକ ସାଙ୍କେତିକ ଶବ୍ଦ 'ଏଲିବଲ'କୁ ନେଇ ଫୁସୁରୁଫାସର ହୁଅନ୍ତି, ଯାହା ସୂଚିତ କରେ ଯେ, ନୂଆ ପିଲାଟି ସେମାନଙ୍କ ସହ ଖେଳିପାରୁଥିଲାବେଳେ ସେ ଖେଳରେ ପ୍ରକୃତରେ ଅଂଶୀଦାର ନ ଥିଲା। ଯଦି ସେ ଗୋଲ କରୁଥିଲା ଓ ଆମେ ସେଥିରେ ଖୁସି ଓ ଅନନ୍ଦିତ ହେବା କଥା, କିନ୍ତୁ ତାହାର କୌଣସି ମୂଲ୍ୟ ରହେ ନାହିଁ। କାରଣ ସତ୍ୟ ହେଉଛି, ସେ ଖେଳୁଥିଲେ ବି ତାଙ୍କ ଗୋଲକୁ ଗଣାଯାଉ ନ ଥିଲା ବୋଲି ଆମେ ସମସ୍ତେ ଜାଣୁ।

ଏବେ ଏଲିବଲ ଶବ୍ଦ ଗଣତାନ୍ତ୍ରିକ ରାଜନୀତିର ମୂଳ ବିଷୟ ପାଲଟିଗଲାଣି। କାରଣ ସାଧାରଣ ଲୋକ ଉତ୍ସାହର ସହ ନିର୍ବାଚନରେ ସେହି ନେତାଙ୍କୁ ସମର୍ଥନ କରୁଛନ୍ତି,



ଯେଉଁମାନେ ଲୋକଙ୍କ ଭାବାବେଗକୁ ପ୍ରଭାବିତ କରି ତଥା ଉସୁକାଇ ଭୋଟ ନେଉଛନ୍ତି। ଭୋଟରମାନେ ନିର୍ବାଚନ ଖେଳରେ ଭାଗୀଦାର ବୋଲି ସେହି ନେତା ଭାବନ୍ତି ନାହିଁ। ସାର୍ବଜନୀନ ସେବା ପ୍ରତି ଥିବା ଏକ ପ୍ରତିବଦ୍ଧତା ଏହି ନେତାଙ୍କ ପାଇଁ ମୂଲ୍ୟହୀନ। ଏଭଳି ପ୍ରତିବଦ୍ଧତା ବାସ୍ତବରେ ନିଜ ପାଇଁ ଏବଂ ସେମାନଙ୍କର ସମ୍ପର୍କୀୟଙ୍କ ପାଇଁ ଧନ ଏବଂ କ୍ଷମତା ଠୁଳ କରିବାର ପ୍ରୟାସ ପ୍ରତି ବିପଦ। ଭୋଟରମାନେ ବିଶ୍ୱାସ କରନ୍ତି ଯେ ସେମାନେ ଖେଳର ଏକ ଅଂଶ ଓ ତାଙ୍କ ଭୋଟର ଗୁରୁତ୍ୱ ରହୁଛି। ବାସ୍ତବରେ ତାହା ନୁହେଁ, ବରଂ ସେମାନେ କେବଳ ନାମକୁ ମାତ୍ର ଖେଳୁଛନ୍ତି, ଯେମିତିକି ସେହି ପିଲାଟି ଖେଳୁଥିଲା। ପରିଣାମ ସ୍ୱରୂପ, ଗଣତାନ୍ତ୍ରିକ ଅଧୋଗତି ଘଟୁଛି। ମୁଖ୍ୟଧାରାର ଅର୍ଥନୀତିଜ୍ଞ ଓ ରାଜନୈତିକ ବିଶେଷଜ୍ଞମାନେ ଦୀର୍ଘଦିନ ହେଲା 'ମେଡିଆନ ଭୋଟର ଥିଓରମ'କୁ ଭରସା କରି ଆସିଛନ୍ତି, ଯାହା ଦର୍ଶାଏ ଯେ, ଏକ ବହୁମତ ନିର୍ବାଚନ ବ୍ୟବସ୍ଥାରେ ରାଜନେତାମାନେ ବାସ୍ତବରେ ଏକ ମଧ୍ୟମ ରାଜନୈତିକ ଦୃଷ୍ଟିକୋଣ ଥିବା ଭୋଟରଙ୍କ ପସନ୍ଦ ପ୍ରତି ଆକର୍ଷିତ ହେବେ। ନିର୍ବାଚନ ଜିତିବା ପାଇଁ କଠୋର ଭୋଟରଙ୍କ ବଦଳରେ ମଧ୍ୟମ ସ୍ତରର ଭୋଟରଙ୍କୁ ଆକର୍ଷିତ କରିବା ଦରକାର ଥିବାରୁ ସେମାନେ ଏହା କରିଥାନ୍ତି। କିନ୍ତୁ ଏବେ ରାଜନେତାମାନେ ରାଜନୈତିକ ଧ୍ରୁବୀକରଣ ଉପରେ ନିର୍ଭର କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଉଗ୍ର ସ୍ଥିତିକୁ ଗ୍ରହଣ କରିବା ପ୍ରବୃତ୍ତି ବଢ଼ିବାରୁ ଜଣାପଡୁଛି ଯେ, ଏହି ଧାରଣା (ମଧ୍ୟମ ସ୍ତରର ଭୋଟରଙ୍କୁ ଆକର୍ଷିତ କରିବା)ସ୍ଥିତି ଆଉ ବେଶି ଦିନ ରହିବ ନାହିଁ। ଏହି ପରିବର୍ତ୍ତନ ପଛରେ ଥିବା କାରଣ ଯଦିଓ ସ୍ପଷ୍ଟ ନୁହେଁ, ତଥାପି ସୋସିଆଲ ମିଡିଆ ବୃଦ୍ଧି ସହ ଏହାର ଦୃଢ଼ ସମ୍ପର୍କ ରହିଛି। ନିର୍ବାଚନରେ ସୂଚନାଭିତ୍ତିକ ବିତର୍କକୁ ପ୍ରୋତ୍ସାହିତ କରିବା ପରିବର୍ତ୍ତେ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକ ଏବେ ଭୁଲ୍ ତଥ୍ୟ ପ୍ରସାର କରିବାର ଶକ୍ତିଶାଳୀ ସାଧନ ପାଲଟିଯାଇଛି। ଏହାଦ୍ୱାରା ସୁବିଧାବାଦୀ ନେତାମାନେ ହେରଫେର କରିବା ସହ ଲୋକଙ୍କୁ ସହଜରେ ବିଭ୍ରାନ୍ତ କରିପାରୁଛନ୍ତି।

ଗଣତନ୍ତ୍ର ପୁରାତନ ଏଥେନ୍ସରେ ଆରମ୍ଭ ହୋଇଥିଲା। ସେବେଠାରୁ ଏଥିରେ ଅନେକ ପରିବର୍ତ୍ତନ ଘଟିଛି। ପ୍ରଯୁକ୍ତି ବିକାଶ ଯୋଗୁ ପୁରାତନ ଗଣତାନ୍ତ୍ରିକ ବ୍ୟବସ୍ଥାର କେତେକ ନିର୍ଦ୍ଦିଷ୍ଟ ବିଷୟ ଅଲୋଡ଼ା ହୋଇଯାଇଛି। ତେବେ କ୍ରମଶଃ ବିକାଶ ହେଉଥିବା ନୈତିକ ମାନକଗୁଡ଼ିକ ମୌଳିକ ସୁଧାରକୁ ବାଟ ଦେଖାଇପାରେ। ଉଦାହରଣ ସ୍ୱରୂପ, ରୋମାନ ସାଧାରଣତନ୍ତ୍ର ଉଚ୍ଚ ପଦାଧିକାରୀ ଓ ଧନିକଙ୍କ ଭୋଟର ଗୁରୁତ୍ୱ ସାଧାରଣ ନାଗରିକଙ୍କ ଭୋଟ ତୁଳନାରେ ଅଧିକ। ଏହାର ଗ୍ରହଣୀୟତା ଆମେ ଆଉ ଦେଖିବାକୁ ପାଉ ନାହୁଁ। ସେହିଭଳି ଗଣତନ୍ତ୍ର ବିକଶିତ ହେଉଥିବାରୁ ସ୍ଥାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ହୋଇଗଲା, ଯାହାଦ୍ୱାରା ସମ୍ବିଧାନ ଆରମ୍ଭ କରାଗଲା। ଏହି ସମ୍ବିଧାନକୁ ସଂଶୋଧନ କରାଯାଇପାରିଛି। ଏହା କରିବାବେଳେ ବହୁମତରୁ ଅଧିକ ଆବଶ୍ୟକ ଏବଂ ଏହା ନିଶ୍ଚିତ କରେ ଯେ, ବିନା ବିଚାରରେ ମୁଖ୍ୟ ବ୍ୟବସ୍ଥାର ପରିବର୍ତ୍ତନ କରିବା ଉଚିତ ନୁହେଁ।

ଚାପଗ୍ରସ୍ତ ଗଣତାନ୍ତ୍ରିକ ଶାସନକୁ ନେଇ ବିଶ୍ୱ ପୁଣିଥରେ ଏକ ଜଟିଳ ସ୍ଥିତିରେ ଥିବା ଦେଖିବାକୁ ମିଳିଛି। ଏବେ ପ୍ରତୀୟମାନ ଅତ୍ୟଧିକ ଅସମାନତା ଅପ୍ରତ୍ୟାଶିତ ଭାବେ ଗଣତନ୍ତ୍ରର ଅଧୋଗତି ଘଟାଉଛି। ଡିଜିଟାଲ ପ୍ଲାଟଫର୍ମ ଓ ସୋସିଆଲ ମିଡିଆର ଉତ୍ଥାନ ଅତି ଧନୀଙ୍କୁ ଜନମତକୁ ଗଢ଼ିବା ପାଇଁ ଏକ ନୂଆ ସାଧନ ଯୋଗାଇଛି। ଭୋଟରମାନେ ବିଶ୍ୱାସ କରନ୍ତି ଯେ, ସେମାନେ ସକ୍ରିୟ ଭାଗୀଦାରି, କିନ୍ତୁ ଇଲେବଲ ଭଳି ବାସ୍ତବ କ୍ଷମତା ଅଳ୍ପ କେତେକଙ୍କ ହାତରେ ରହିଛି।

ଅସମାନତା ହ୍ରାସ କରିବା କେବଳ ଏକ ନୈତିକ ଆବଶ୍ୟକତା ନୁହେଁ, ବରଂ ଏହା ଏକଚ୍ଛତ୍ରବାଦର ବିପଦ ବିରୋଧରେ ଗଣତନ୍ତ୍ରକୁ ରକ୍ଷା କରିବାର ଏକ ଉତ୍ତମ ଉପାୟ। ଏଥିପାଇଁ ଆମର ଏକ ଟିକସ ବ୍ୟବସ୍ଥା ଦରକାର, ଯାହା ନୂତନତ୍ୱ ଓ ଔଦ୍ୟୋଗିକତାରେ ବାଧା ନ ଦେଇ ଆୟ ଏବଂ ଧନର ପୁନଃ ବଣ୍ଟନ କରିପାରିବ। ନିଶ୍ଚିତ ଭାବେ ଏଥିପାଇଁ ସୁଯୋଗ ରହିଛି। ମୋ ମତରେ'ଆକୋର୍ଡିଅନ ଟ୍ୟାକ୍ସ', ଯାହା ଅଧିକ ଆୟକାରୀଙ୍କ ଉପରେ ଅଧିକ ଟିକସ ଲଗାଇ ସଂଗୃହୀତ ଅର୍ଥକୁ ନିମ୍ନ ଆୟବର୍ଗଙ୍କ ମଧ୍ୟରେ ଏଭଳି ଏକ ଉପାୟରେ ପୁନଃ ବଣ୍ଟନ କରାଯିବ, ଯେଉଁଥିରେ ଧନିକଙ୍କ ମଧ୍ୟରେ ର୍ୟାକିଙ୍ଗକୁ ତୁଳନାତ୍ମକ ଭାବେ ସୁରକ୍ଷିତ ରଖିହେବ। ଏଭଳି ଏକ ବ୍ୟବସ୍ଥାରେ ଆମେ ଅସମାନତା ହ୍ରାସ କରିବାରେ ସକ୍ଷମ ହେବା ସହ ଆମ ଲକ୍ଷ୍ୟ ଓ ନୂତନତ୍ୱକୁ ଆଗକୁ ବଢ଼ାଇବା ଲାଗି ପ୍ରୋତ୍ସାହନକୁ ଜାରି ରଖିପାରିବା। କିନ୍ତୁ କୌଣସି ଗୋଟିଏ ଦେଶ ଏକାକୀ ଅସମାନତା ନିୟନ୍ତ୍ରଣ କରିପାରିବ ନାହିଁ। ଏକ ଜଗତୀକରଣ ବିଶ୍ୱରେ ସୀମିତ ଥିବା ଏକପକ୍ଷୀୟ( ଗୋଟିଏ ଦେଶ ଦ୍ୱାରା ନିଆଯାଉଥିବା ) ପଦକ୍ଷେପକୁ ଦେଖିଲେ ସାମ୍ପ୍ରତିକ ସ୍ଥିତିରେ ଏଥିପାଇଁ ଅନ୍ତର୍ଜାତୀୟ ସହଯୋଗ ଦରକାର। ଇତିହାସ ଦର୍ଶାଇଛି ଯେ, ବିଶ୍ୱ ବୃହତ୍ ଆହ୍ୱାନର ସମ୍ମୁଖୀନ ହୋଇଥିବାବେଳେ ଦୃଢ଼ ସିଦ୍ଧାନ୍ତକୁ କାର୍ଯ୍ୟରେ ପରିବର୍ତ୍ତନ କରିବା ଲାଗି ସବୁ ଦେଶ ଏକାଠି ହୋଇପାରିଛନ୍ତି। ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଆମକୁ ପୁନର୍ବାର ସେଭଳି କରିବାକୁ ପଡ଼ିବ।

**ବିଶ୍ୱବ୍ୟାଙ୍କର ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ**

# ବାଟବଣା ଧର୍ମ



ମୀରା ବେଉରା

ଜଣେ ଯୁବକ ଏକ ଧନିକଙ୍କ ଘରେ ଉଦ୍ୟାନରକ୍ଷକ ଭାବେ କାର୍ଯ୍ୟକରୁଥନ୍ତି। ଦିନେ ଧନିକଙ୍କ ଘରକୁ ଅତିଥି ଆସିବାରୁ ସେ ସେହି ଯୁବକଙ୍କୁ ବଗିଚାରୁ କିଛି ଆମ୍ବ ତୋଳି ଆଣିବାକୁ ଆଦେଶ ଦେଲେ। ଏହାପରେ ଅତିଥି ଆମ୍ବ ଖାଇବାରୁ ଜଣାପଡ଼ିଲା ସେହି ଆମ୍ବଗୁଡ଼ିକ ଖଟା ଥିଲା। ଏହାପରେ ସାହୁକାର ଭୀଷଣ ବିରକ୍ତ ହୋଇ ଯୁବକଙ୍କୁ କହିଲେ, ତୁମେ କ'ଣ ଏ ପର୍ଯ୍ୟନ୍ତ ଜାଣିପାରିଲ ନାହିଁ କେଉଁଟା ଖଟା ଆଉ କେଉଁଟା ମିଠା ଆମ୍ବ। ଧନିକ ଜଣକ ଏହାର କାରଣ ଜାଣିବାକୁ ଚାହିଁଲେ। ସରଳମନା ଯୁବକ ଜଣକ କହିଲେ, ଦେଖନ୍ତୁ ମହାଶୟ, ମୁଁ ଆଜି ପର୍ଯ୍ୟନ୍ତ ବଗିଚାର ଗୋଟିଏ ବି ଫଳ ଚାଖିନାହିଁ। ଧନିକ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଯୁବକ କହିଲେ, ଆପଣ ତ କେବେହେଲେ ମୋତେ ଆମ୍ବ ଚାଖିବାକୁ କହିନାହାନ୍ତି। ଧନିକ ଜଣକ ଅନୁତାପକରି କହିଲେ, ତୁମେ ଦିନ ସାରା ବଗିଚାରେ ରହୁଛ, ଯେତେପାର ସେତେ ଆମ୍ବ ଖାଇପାରିଥାନ୍ତ, ଏଥିରେ କହିବା କ'ଣ ଦରକାର ଥିଲା। ଯୁବକ ଜଣକ କହିଲେ, ମୁଁ ଏହାର ରକ୍ଷକଦାତା, ମୁଁ କାହାରିକୁ ଆମ୍ବ ଚୋରିକରିବାକୁ ଦେଉନାହିଁ। ପୁଣି ନିଜେ କିପରି ଚୋରିକରି ଖାଇଥାନ୍ତି। ଏହା ଶୁଣି ଧନିକ ବୁଝି ପାରିଲେ ଯେ ଯୁବକ ଜଣକ କିପରି ନିଜର ଧର୍ମ ପାଳନ କରୁଥିଲେ। ପରେ ସେହି ଉଦ୍ୟାନ ରକ୍ଷକ ମହାତ୍ମା ଇବ୍ରାହିମ ନାମରେ ଖ୍ୟାତ ହେଲେ। କଥା ଓ କର୍ମ ମଧ୍ୟରେ କୌଣସି ପ୍ରଭେଦ ନ ଥିଲା ଯୁବକଙ୍କର। ଯୁବକ ଜଣକ ତାଙ୍କ ଧର୍ମ ସୁଚାରୁରୂପେ ପାଳନ କରୁଥିଲେ। ସଚ୍ଚୋଟତା ଓ ସରଳତା ଥିଲ ଯୁବକଙ୍କ ଧର୍ମ।

ଏହି ପ୍ରସଙ୍ଗ ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା ଆମେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଧର୍ମ ପାଳନ ନ କରି କେବଳ ତୁଚ୍ଛା ଧର୍ମ ନାମରେ ରାଜନୀତି କରିଚାଲିଛୁ। ପ୍ରକୃତ ଧର୍ମ ହେଉଛି ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ପାଳନ କରିବା। ଆମେ ତାହା କରୁଛୁକି ? ଛାତ୍ରର ଧର୍ମ ହେଲା ନିଷ୍ଠାର ସହ ଅଧ୍ୟୟନ କରିବା, ଗୁରୁଙ୍କ ଧର୍ମ ହେଲା ପାଠ ପଢ଼ାଇବା, ଶାସକଙ୍କ ଧର୍ମ ହେଲା ପ୍ରଜାମାନଙ୍କୁ ପୁତ୍ରତୁଲ୍ୟ ପାଳିବା ଓ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା। ସେହିପରି ନାରୀର ଧର୍ମ ହେଲା ପରିବାରକୁ ଓ ସମାଜକୁ ସୁସ୍ଥ ଓ ଶୃଙ୍ଖଳିତ ରୂପେ ଗଢ଼ି ତୋଳିବା। ସୈନ୍ୟବାହିନୀର ଧର୍ମ ହେଲା ରାଷ୍ଟ୍ରକୁ ସୁରକ୍ଷା ଦେବା, କୃଷକ ଭାଇର ଧର୍ମ ହେଲା ଶସ୍ୟ ଅମଳକରି କ୍ଷୁଧା ନିବାରଣ କରିବା, ବିଚାରପତିଙ୍କ ଧର୍ମ ହେଲା ସତ୍ୟକୁ ଚିହ୍ନି ଉଚିତ ନ୍ୟାୟ ବ୍ୟବସ୍ଥା କରିବା, ଇଞ୍ଜିନିୟର ର ଧର୍ମ ହେଲା ସୁନ୍ଦର ଓ ନିରାପତ୍ତାମୂଳକ ପ୍ରାସାଦ ଓ ପୋଲ ନିର୍ମାଣ କରିବା। କିନ୍ତୁ ଆମେ ସମସ୍ତେ ଯଦି ନିଜକୁ ଥରେ ପ୍ରଶ୍ନ କରିବା ଆମେ ଠିକ୍ ଭାବେ ନିଜର ଧର୍ମ ପାଳନ କରୁଛେ କି? ଏହାର ଉତ୍ତର ଆମେ ସମସ୍ତେ ଜାଣୁ। କେବଳ ଧର୍ମ ନାମରେ ଆମେ ଡିଣ୍ଡିମ ପିଟିବାରେ ଲାଗିଛୁ। କେବଳ ବିଭିନ୍ନ ତୀର୍ଥକ୍ଷେତ୍ର ଯାଇ ବୁଡ଼ପକାଇଲେ, ଭିଡ଼ ଭିତରେ ମନ୍ଦିର ଯାଇ ମହଣ ମହଣ ଘିଅରେ ଦୀପ ଜାଳିଲେ ଧର୍ମ ହୁଏ ନାହିଁ। ଏଇଠି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହିମ ଲିଙ୍କନ୍‌ଙ୍କ କଥା ମନେପଡ଼େ। ସେ କହୁଥିଲେ, ଏ ଦୁନିଆକୁ ବହୁଦିନ ଧରି କେହି ମୂର୍ଖ କରି ରଖିପାରିବେ ନାହିଁ। କିନ୍ତୁ ଧର୍ମ ଏକ ଏଭଳି କ୍ଷେତ୍ର ଯେଉଁଠି ପିଢ଼ି ପରେ ପିଢ଼ି ଲୋକଙ୍କୁ କେବଳ ଧର୍ମ ନାମରେ ମୂର୍ଖ ବନେଇହେବ।

ଗୋଟିଏ ପଟେ ଦୁର୍ନୀତି, ଶୋଷଣ, ପୀଡ଼ନ, ଅନ୍ୟାୟ ଅତ୍ୟାଚାର, ଅନୀତି ବୃଦ୍ଧି ପାଉଥିବା ବେଳେ ଆଉ ଗୋଟିଏ ପଟେ ଭକ୍ତିଭାବ ମଣିଷକୁ କବଳିତକରି ରଖିଛି। ସାଧାରଣ ମଣିଷଟିଏ ଧୀରେ ଧୀରେ ଅସହାୟ ଓ ଭୟାତୁର ହୋଇ ସଙ୍କଟରେ ଗତିକରୁଛି ଆଉ ଏଥିରୁ ମୁକ୍ତିପାଇବା ପାଇଁ ଠାକୁରଙ୍କୁ ପ୍ରାର୍ଥନା କରୁଛି। ବେଳେ ବେଳେ ଦେଖାଯାଏ ଭକ୍ତଟି ଗୋଟିଏ ହାତରେ ନିଜ ଛୁଆକୁ ଧରି ଆର ହାତରେ ଠାକୁରଙ୍କୁ ପ୍ରାର୍ଥନା କରୁଥାଏ। ଗୋଟିଏ କଥା ଏଇଠି ମନେପଡୁଛି, ଯଦି ଆମେ ଆମର କର୍ତ୍ତବ୍ୟକୁ ଅନ୍ତରିକତାର ସହ କରନ୍ତେ ତେବେ ଆଜି କେଉଁଠି ରୋଗୀଟିଏ ଚିକିତ୍ସା ନ ପାଇ ମୃତ୍ୟୁମୁଖରେ ପଡୁ ନ ଥାନ୍ତା କି ନବନିର୍ମିତ ପୋଲଟିଏ ଭୁଶୁଡ଼ି ପଡୁ ନ ଥାନ୍ତା କିମ୍ବା କୋଉଠି ଅଫିସରଟିଏ ଲାଞ୍ଚ ନେଇ ଜନସାଧାରଣଙ୍କୁ ଲୁଟି ବାରମ୍ବାର ଅଫିସକୁ ଦୌଡ଼ାଉ ନ ଥାଆନ୍ତା। ମଣିଷକୁ ମଧ୍ୟ ଏଭଳି ଅସହାୟ ହୋଇ ଈଶ୍ୱରଙ୍କୁ ଆରାଧନା କରିବାକୁ ବି ପଡୁ ନ ଥାନ୍ତା। ହଁ , ଆମେ ଯଦି ଆନ୍ତରିକତାର ସହ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରିବା ତେବେ ତାହା ହିଁ ହେବ ଆମର ପ୍ରକୃତ ଧର୍ମ।

**ଦେଉଳସାହି, ତୁଳସୀପୁର, କଟକ**
**ମୋ: ୭୮୪୬୯୨୧୪୦୦**

## ଏଇ ଭାରତରେ

କେବଳ ମଣିଷ ନୁହେଁ, ଗଛର ସୁରକ୍ଷା କରୁଛନ୍ତି ଆନ୍ଧ୍ରପ୍ରଦେଶର ଡାକ୍ତର କେନେର୍ପଲା ପ୍ରବୀଣ। ସେ ଚିତ୍ତୋର ଜିଲାର ଗ୍ରାମୀଣ ଅଞ୍ଚଳରେ ପୁଷ୍ଟିହୀନତା ଦୂର କରିବା ପାଇଁ ଚିକିତ୍ସା ଶିବିର ଆୟୋଜନ କରୁଛନ୍ତି। ଡ. ପ୍ରବୀଣ ମଧ୍ୟ ପରିବେଶ ସୁରକ୍ଷା ଅଭିଯାନର ନେତୃତ୍ୱ ନେଉଛନ୍ତି। ସେ ୫୦,୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇ ସାରିଲେଣି। ପ୍ରବୀଣଙ୍କ ପିତା ଡା. ଆନନ୍ଦ ରାଓଙ୍କ ପ୍ରେରଣାରେ ସେ ଏହି କାର୍ଯ୍ୟ କରୁଛନ୍ତି। ୧୯୯୪ରେ ଆନନ୍ଦ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ ରୁରାଲ ହେଲ୍‌ଥ ଏଜୁକେଶନାଲ ସୋସାଇଟି ଗ୍ରାମାଞ୍ଚଳରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଉଥିଲା। ପ୍ରବୀଣ ଏମ୍‌ବିବିଏସ୍ ପଢ଼ିବା ସମୟରେ ତାଙ୍କ ପିତାଙ୍କ ସଂସ୍ଥା ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ସେବା କରିବା ଆରମ୍ଭ କରିଥିଲେ। ଏବେ ଚିତ୍ତୋର ଜିଲାର ଗ୍ରାମୀଣ ଅଞ୍ଚଳରେ ରକ୍ତହୀନତା ରୋଗ ନିରାକରଣ ପାଇଁ ଅଭିଯାନ ଚଳାଇଛନ୍ତି। ଏହାସହ ସେ ପରିବେଶ ସୁରକ୍ଷା ଅଭିଯାନ ୨୦୦୮ରେ ଆରମ୍ଭ କରିଥିଲେ। ଏହା ତାଙ୍କ ମାତା ସୌଭାଗ୍ୟବତୀ ଗାରୁଙ୍କ ପ୍ରେରଣାରେ ଆରମ୍ଭ କରିଥିଲେ। ଏଥିପାଇଁ ସେ ଭାଗ୍ୟନନ୍ଦ ବଟାନିକାଲ ସୋସାଇଟି ଗଠନ ଗଠନ କରି ଗଛ ଲଗାଇବା ଜାରି ରଖିଛନ୍ତି। ସେ ମଧ୍ୟ ପରିବେଶ ସୁରକ୍ଷା ପାଇଁ ବିଦ୍ୟୁତ ଚାଳିତ ଗାଡ଼ି ଉପରେ ସଚେତନତା ସୃଷ୍ଟି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୪ ଫେବୃଆରୀ ୧୯୭୬**

- ରାଜ୍ୟର ବିଶିଷ୍ଟ କଳାକାର, ସାହିତ୍ୟିକ ଓ ଜୟପୁର (କୋରାପୁଟ) ଆକାଶବାଣୀ କେନ୍ଦ୍ରର ଷ୍ଟେସନ ଡିରେକ୍ଟର ସୁରେନ୍ ମହାନ୍ତିଙ୍କ ୫୫ ବର୍ଷ ବୟସରେ ପରଲୋକ।
- ଜଳସେଚନ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ଜରିଆରେ କେନ୍ଦ୍ର ସରକାର ଗୁଜରାଟକୁ ଅତିରିକ୍ତ ୭ କୋଟି ୩୦ ଲକ୍ଷ ଟଙ୍କା ସାହାଯ୍ୟ ମଞ୍ଜୁର କରିଛନ୍ତି।
- ଥାନେଠାରୁ ବମ୍ବେ ଅଭିମୁଖେ ଆସୁଥିବା ରେଳଗାଡ଼ିର ଏକ ବଗିରେ ନିଆଁ ଲାଗିଯିବା ଫଳରେ ୧୭ ଜଣ ବ୍ୟକ୍ତି ନିହତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 8 | | | | 1 | | | |
| | | | | | | | | |
| 4 | | | | 7 | | 9 | 1 | |
| | 4 | | | | 8 | | | 9 |
| 9 | | 2 | | | 3 | 7 | | |
| | 6 | | | | | 1 | 5 | |
| | 1 | | 8 | | | 2 | | |
| | | | | | | | | |
| 6 | 2 | 4 | | 5 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 9 | 1 | 6 | 2 | 4 | 8 | 7 |
| 1 | 2 | 6 | 8 | 7 | 4 | 9 | 3 | 5 |
| 8 | 4 | 7 | 5 | 3 | 9 | 6 | 2 | 1 |
| 4 | 6 | 3 | 2 | 1 | 5 | 8 | 7 | 9 |
| 7 | 9 | 2 | 6 | 4 | 8 | 1 | 5 | 3 |
| 5 | 1 | 8 | 7 | 9 | 3 | 2 | 4 | 6 |
| 9 | 8 | 5 | 3 | 2 | 1 | 7 | 6 | 4 |
| 2 | 7 | 4 | 9 | 5 | 6 | 3 | 1 | 8 |
| 6 | 3 | 1 | 4 | 8 | 7 | 5 | 9 | 2 |

ଗତକାଲିର ଉତ୍ତର

# ଦେଶ ଗଢ଼ାଯାଏ ଶ୍ରେଣୀଗୃହରେ



ରବିନାରାୟଣ ସାମଲ

ଜଣେ ଅଭିଭାବକ ଯେତେବେଳେ ନିଜ ପିଲାକୁ ବିଦ୍ୟାଳୟରେ ନାମ ଲେଖାଇଥାନ୍ତି ସେତେବେଳେ ସେ ଦେଶ ପ୍ରତି ପିଲାର କି ଅବଦାନ ରହିବ ସେକଥା କିଛି ଭାବି ନ ଥାନ୍ତି। କେବଳ ଭାବିଥାନ୍ତି ନିଜ ପିଲାଟି କେମିତି ଭଲ ପାଠ ପଢ଼ିବ। ପିଲାଟି ପାଠ ପଢ଼େ। ଶିକ୍ଷିତ ହୁଏ। ଉଚ୍ଚ ଶିକ୍ଷିତ ହୁଏ। ତା'ର ଶିକ୍ଷା ଅନୁଯାୟୀ ନିର୍ଦ୍ଧାରିତ ପେସାରେ ସେ କାର୍ଯ୍ୟ କରିଚାଲେ। ସମାଜ ଓ ଦେଶ ତା' ଦ୍ୱାରା ଯତ୍‌କିଞ୍ଚିତ୍ ଉପକୃତ ହୁଏ। ସେ ନିଜେ ବି।

ପିଲାମାନେ ପଢୁଥିବା ପାଠ ବା ପାଠ୍ୟ ଖସଡ଼ା କେହି ଅଭିଭାବକ କେବେ ନିର୍ଣ୍ଣୟକରି ନ ଥାନ୍ତି। କରିଥାନ୍ତି ସରକାର ଏବଂ ତାଙ୍କ ଦ୍ୱାରା ପରିଚାଳିତ ଶିକ୍ଷା ବିଭାଗ। ଆମ ଦେଶରେ କୋଠାରୀ କମିଶନଙ୍କ ରିପୋର୍ଟକୁ ଆଧାରକରି ୧୯୬୮ ମସିହାରେ ପ୍ରଥମେ 'ଜାତୀୟ ଶିକ୍ଷାନୀତି' ପ୍ରବର୍ତ୍ତନ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୪ ଟି 'ଜାତୀୟ ଶିକ୍ଷାନୀତି ' ପ୍ରଣୟନ ହୋଇସାରିଲାଣି। କୁହାଯାଏ ଯୁଗର ଆବଶ୍ୟକତାକୁ ଦେଖି ଶିକ୍ଷାନୀତିରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଏଇଟା ଅବଶ୍ୟ ଆଂଶିକ ସତ୍ୟ। କିନ୍ତୁ ମୂଳ କଥାଟି ହେଉଛି ରାଜନୈତିକ ଆବଶ୍ୟକତା। ଏଠାରେ ନେଲ୍‌ସନ ମଣ୍ଡେଲାଙ୍କ ଉକ୍ତି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ତାଙ୍କ ମତରେ- 'ବିଶ୍ୱ ପରିବର୍ତ୍ତନ ଲାଗି ଶିକ୍ଷା ହେଉଛି ଏକ ଅମୋଘ ଅସ୍ତ୍ର'। ସୁତରାଂ ଆମେ ଦେଶରେ ପ୍ରବର୍ତ୍ତିତ ଶିକ୍ଷା ଓ ପ୍ରଣୀତ ଶିକ୍ଷାନୀତି ଏଥିରୁ ମୁକ୍ତ କି, ତାହା ବିଚାର୍ଯ୍ୟ।

ବର୍ତ୍ତମାନ ଦୁଇଟି କଥା ବେଶ୍ ଚର୍ଚ୍ଚାକୁ ଆସିଛି। ଗୋଟିଏ ହେଉଛି 'ଗୁଣାତ୍ମକ ଶିକ୍ଷା' ଓ ଅନ୍ୟଟି 'ନୈତିକ ଶିକ୍ଷା'। ସ୍ୱାଧୀନତାର ଦୀର୍ଘ ବର୍ଷ ଓ ଶିକ୍ଷାନୀତି ପ୍ରଣୟନର ୫୬ ବର୍ଷ ପରେ ଆଜି ଏହି ଭାଳେଣି କାହିଁକି ? କମିଶନ ପରେ କମିଶନ ବସୁଛି, ସଂସ୍କାର ପରେ ସଂସ୍କାର ହେଉଛି, ବର୍ଷକ ବାର ମାସ ଶିକ୍ଷୟିତ୍ରୀଶିକ୍ଷକଙ୍କ ତାଲିମ ଚାଲିଛି, ପାଠ୍ୟକ୍ରମ ଓ ପରୀକ୍ଷା ପଦ୍ଧତିରେ ଘନ ଘନ ପରିବର୍ତ୍ତନ ହେଉଛି। କିନ୍ତୁ ଦେଖିଲା ବେଳକୁ 'ମୋତେ ଯେତେ ମାଠିବୁ ମାଠ୍.... '। ବିଦ୍ୟାଳୟଗୁଡ଼ିକରେ ସତ ମିଛ ଯୋଡ଼ି ୟୁ-ଡାଇସ୍ ତିଆରି ହେଉଛି। କିନ୍ତୁ ବାସ୍ତବରେ ୫ମ ଶ୍ରେଣୀରେ ପଢୁଥିବା ପିଲା ୧ମ ଶ୍ରେଣୀ ବହି ପଢ଼ିପାରୁ ନାହିଁ, ୮ମ ଶ୍ରେଣୀ ପିଲା ମିଶାଣ ଫେଡ଼ାଣ କରିପାରୁ ନାହିଁ, ୧୦ମ ଶ୍ରେଣୀ ପିଲା ନିଜ ନାମ ବି ଠିକ୍ ଲେଖିପାରୁ ନାହିଁ। ଏହା ମନଗଢ଼ା କଥା ନୁହେଁ। ଏହା ହେଉଛି ସ୍ୱେଚ୍ଛାସେବୀ ସଙ୍ଗଠନ 'ପ୍ରଥମା'ର ସର୍ଭେ ରିପୋର୍ଟ। ଉଦ୍‌ବେଗଜନକ!

ଗତ ଜାନୁଆରୀ ମଧ୍ୟଭାଗରେ ପ୍ରାୟ ଖବରକାଗଜରେ ଗୋଟିଏ ଖବର ପ୍ରକାଶ ପାଇଥିଲା- ବାଲେଶ୍ୱର ଜିଲାର ଏକ ହାଇସ୍କୁଲରେ ୧୬୨ ଜଣ ପିଲା ଏବଂ ଶିକ୍ଷା ଦେଉଥିଲେ ଜଣେ ମାତ୍ର (ହିନ୍ଦୀ) ଶିକ୍ଷକ। ଜଣେ ମାତ୍ର ଶିକ୍ଷକରେ ହାଇସ୍କୁଲଟିଏ ଚାଲିଛି! ବିଶ୍ୱରେ ବିରଳ! କିନ୍ତୁ ଆମ ରାଜ୍ୟରେ ଶହ ଶହ! ଗୋଟିଏ ବଖରାରେ ଏକାଧିକ ଶ୍ରେଣୀ, ଗୋଟିଏ ଟେବୁଲରେ ଦୁଇ ଦୁଇ ଜଣ ଶିକ୍ଷକ। ସରକାରଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ କହେ- ରାଜ୍ୟରେ ଆବଶ୍ୟକ ଶ୍ରେଣୀଗୃହ ନ ଥିବା ବିଦ୍ୟାଳୟ ସଂଖ୍ୟା ୬,୭୮୧ ଏବଂ ଆବଶ୍ୟକ ଶିକ୍ଷକ ନ ଥିବା ବିଦ୍ୟାଳୟ ସଂଖ୍ୟା ୬,୭୮୧। 'ଖଟ କାଟ୍- ଗୋଡ଼ କାଟ୍' ନ୍ୟାୟରେ ଛାତ୍ରୀଛାତ୍ର ଅଭାବ ଦର୍ଶାଇ ସରକାର ୧୮ ହଜାର ସ୍କୁଲକୁ ସବୁଦିନ ପାଇଁ ବନ୍ଦ କରିଦେଲେ।



ଏବେ ସେହି ହତଭାଗ୍ୟ ଶିଶୁମାନେ କେଉଁଠି ? ଏହି ତଥ୍ୟ ସରକାରଙ୍କ ପାଖରେ ଅଛି ତ ?

ସାଧାରଣତଃ ସ୍ୱଚ୍ଛଳବର୍ଗର ଅଭିଭାବକମାନେ ଘରୋଇ ବିଦ୍ୟାଳୟ ମୁହାଁ। କେଉଁ ମନ୍ତ୍ରୀ କି ଅଫିସରଙ୍କ ପିଲା ସରକାରୀ ବିଦ୍ୟାଳୟରେ ପଢ଼ନ୍ତି ନାହିଁ। କାହିଁକି ? ଶାସକ ବା ପ୍ରଶାସକ କେହି କେବେ ତର୍ଜମା କରିଛନ୍ତି କି ? ରାଜ୍ୟରେ ଯେତେ ସରକାରୀ ବିଦ୍ୟାଳୟ ଅଛି ସେଠାରେ ପଢ଼ନ୍ତି କେବଳ ଆମରି ପିଲା। ଅଙ୍ଗନୱାଡିରେ ଛତୁଆ ଖାଆନ୍ତି କେବଳ ଆମରି ପିଲା। ଦୁର୍ଭାଗ୍ୟ- ଘରୋଇ ବିଦ୍ୟାଳୟକୁ ପ୍ରୋତ୍ସାହନ ଦିଅନ୍ତି ଆମ ସରକାର। ସରକାରଙ୍କ ଛତ୍ରଛାୟା ତଳେ ରହି ଘରୋଇ ବିଦ୍ୟାଳୟ ସବୁ କୋଠା ଉପରେ କୋଠା ବାଢ଼ାଉଛନ୍ତି , କିନ୍ତୁ ସରକାରଙ୍କ ସରକାରୀ ବିଦ୍ୟାଳୟରେ ଚୁଲି ନାହିଁ କି ଚାଳ ନାହିଁ। କିଛିଦିନ ତଳେ ଏବର ସରକାର ଘରୋଇ ବିଦ୍ୟାଳୟ ଖୋଲିବାକୁ ଦରଖାସ୍ତ ଆହ୍ୱାନ କରିଛନ୍ତି। ନୂତନ ଶିକ୍ଷାନୀତି-୨୦୨୦ ରେ ଏ ବ୍ୟବସ୍ଥା ବି ରହିଛି। ୨୦୦୧ରେ ସର୍ବଶିକ୍ଷା ଅଭିଯାନ ଆରମ୍ଭ ହେଲା। ଘରୋଇ ଅନୁଷ୍ଠାନକୁ ପ୍ରୋତ୍ସାହନ ଦେବାକୁ ସରକାରଙ୍କର ଏହା ଥିଲା ଏକ ଅପକୌଶଳ! ସେହି ସର୍ବଶିକ୍ଷା ଅଭିଯାନର ଫଳ କ'ଣ ହେଲା ? ୨ ଦଶନ୍ଧି ପରେ 'ସର୍ବଶିକ୍ଷା ଅଭିଯାନ ' ରୂପାନ୍ତରିତ ହେଲା 'ସମଗ୍ର ଶିକ୍ଷା'ରେ। ସଦ୍ୟ ପ୍ରକାଶିତ ଏଏସ୍‌ଇଆର୍ ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସରକାରୀ ବିଦ୍ୟାଳୟରେ ନାମଲେଖା ଶତକଡ଼ା ୬୬.୮କୁ ଖସି ଆସିଛି। ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ବଢ଼ିଯାଇଛି। ଅପରପକ୍ଷରେ ସ୍ମାର୍ଟ ଫୋନ୍ ବ୍ୟବହାର କରୁଥିବା ପିଲାଙ୍କ ସଂଖ୍ୟା ଶତକଡ଼ା ୮୨.୨ କୁ ବୃଦ୍ଧି ପାଇଛି ଏବଂ ଏହି ୮୨ ଜଣରୁ ମାତ୍ର ଶତକଡ଼ା ୫୭ ଜଣ ସ୍ମାର୍ଟ ଫୋନ୍‌କୁ ପାଠ ପାଇଁ ବ୍ୟବହାର କରୁଥିବା ବେଳେ ଅବଶିଷ୍ଟ ଅପାଠ ପାଇଁ ବ୍ୟବହାର କରୁଛନ୍ତି। ପରିଣତି ଯାହା ତ ହେଉଛି ଆମେ ସ୍ୱଚକ୍ଷୁରେ ଦେଖୁଛନ୍ତି। ବିଶ୍ୱବ୍ୟାପୀ ଆଦୃତ ସାମାଜିକ ଗଣମାଧ୍ୟମ ପୁଳାଏ ଅସାମାଜିକ ତତ୍ତ୍ୱଙ୍କୁ ସୃଷ୍ଟି କରୁଛି- ଏହା ନିର୍ବିବାଦରେ କହିହେବ।

ଜଣେ ଛାତ୍ରର ଶିକ୍ଷା ସମାପ୍ତ ପରେ ସେ ନିଯୁକ୍ତିଟିଏ ପାଇବ ତାହାର କିଛି ଗ୍ୟାରେଣ୍ଟି ନାହିଁ। ନିଯୁକ୍ତି ନ ହେଲା ନାହିଁ, ସେ ଗ୍ରହଣ କରିଥିବା ଶିକ୍ଷାକୁ ନେଇ ଆତ୍ମନିର୍ଭରଶୀଳ ହୋଇପାରିବ ସେଥିରେ ମଧ୍ୟ ଗ୍ୟାରେଣ୍ଟି ନାହିଁ। ଯେଉଁମାନଙ୍କ କାନ୍ଧରେ ଦେଶର ଭାର ଲଦାଯିବ ସେମାନେ ଯଦି ସାର୍ଟିଫିକେଟ୍ ଧରି ବାରଦୁଆର ଶୁଣ୍ଟିପିଣ୍ଡା ହେବେ ଦେଶର ବିକାଶ ହେବ କେଉଁମାନଙ୍କୁ ନେଇ ? ଏବେ ଦେଶରେ ବେରୋଜଗାରୀ ଏକ ମୁଖ୍ୟ ସମସ୍ୟା। ଶିକ୍ଷିତ ଯୁବତୀଯୁବକ ବଞ୍ଚିବାର କୌଣସି ରାହା ନ ପାଇ ବିପଥଗାମୀ ହେଉଛନ୍ତି ବା ଅପରାଧ ଘଟାଇବାକୁ ପଛଘୁଞ୍ଚା ଦେଉନାହାନ୍ତି।

ପ୍ରତ୍ୟେକ ରାଷ୍ଟ୍ରର ସ୍ୱତନ୍ତ୍ର ଶିକ୍ଷାନୀତି ଥାଏ। ଏଇଟା ଅନସ୍ୱୀକାର୍ଯ୍ୟ। ସୁତରାଂ ଆମ ଦେଶର ଅବସ୍ଥାକୁ ଗୁରୁତ୍ୱର ସହ ବିଚାରକୁ ନେଇ ଦେଶର ଶିକ୍ଷା ଓ ଶିକ୍ଷାନୀତି ପ୍ରଣୟନ ହେବା ଦରକାର। ବହୁ ପ୍ରଚାରିତ ନୂତନ ଶିକ୍ଷାନୀତି-୨୦୨୦ ଏହି ସମସ୍ୟାର ସମାଧାନ କରିପାରିବ ନାହିଁ, ବରଂ ସମସ୍ୟା ବୃଦ୍ଧିକରିବ। ତେଣୁ ସରକାର ଶିକ୍ଷାନୀତିକୁ ପୁନଃ ସମୀକ୍ଷା କରିବା ଉଚିତ ହେବ। ଶ୍ରେଣୀ ଶିକ୍ଷାକୁ ଗୁରୁତ୍ୱ ନ ଦେଲେ ଦେଶରେ ଅରାଜକତା ଦେଖାଦେବ। ବିକାଶର ସ୍ୱପ୍ନ ଧୂଳିସାତ୍ ହୋଇଯିବ। ବିଳମ୍ବ ହୋଇ ନାହିଁ। ହାତରେ ସମୟ ଅଛି। ତେଣୁ ସରକାର ଏବେଠୁଁ ସଜାଗ ଓ ସତର୍କ ରହନ୍ତୁ।

**ମୋ: ୭୯୭୫୦୪୬୪୮୬**

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷା ଅନୁସାରେ ଚାକିରି ମିଳୁନି

ମହାଶୟ,

ଛାତ୍ରୀଛାତ୍ର ସର୍ବୋଚ୍ଚ ଶିକ୍ଷାଲାଭ କରିବା ସୌଭାଗ୍ୟର ବିଷୟ। ମାତ୍ର ଯେତେବେଳେ ସେ ତା'ର ଶିକ୍ଷା ଅନୁରୂପ ଚାକିରି ପାଏ ନାହିଁ ସେ କ'ଣ ୪ର୍ଥ/୩ୟ ଶ୍ରେଣୀ ଚାକିରି କିମ୍ବା ଶ୍ରମିକ ହୋଇପାରିବକି ? ଏଣୁ ଆତ୍ମଗ୍ଲାନିରେ ସେମାନେ ଆତ୍ମହତ୍ୟା ପଥ ଆପଣାଇ ନେଇଥାନ୍ତି। ବର୍ତ୍ତମାନ ଉତ୍କର୍ଷ ଓଡ଼ିଶାରେ ବିଦେଶୀ ନିବେଶୀ ସଂସ୍ଥାରେ ଯେଉଁ ଚାକିରି ସୃଷ୍ଟିହେବ ସେଥିରେ ଶିକ୍ଷାନୁରୂପ ନିଯୁକ୍ତି ପ୍ରତି ସରକାର ଧ୍ୟାନଦେବା ଉଚିତ। ଦ୍ୱିତୀୟତଃ ପୂର୍ବରୁ ଆମ ଓଡ଼ିଶାରେ ଅନେକ ଅଣ ମାଟ୍ରିକ୍ ଛାତ୍ରୀଛାତ୍ର ଅଛନ୍ତି। ସେମାନେ ମଧ୍ୟ ନିଜକୁ ବେକାର କହିଥାନ୍ତି। ଏଣୁ ସେମାନଙ୍କୁ ପଞ୍ଜୀକରଣକରି ସରକାରୀ ଶ୍ରମିକଭାବେ ନିୟୋଜିତ କରାଯାଇପାରେ। ବେକାର ଯୋଗୁ ଶିକ୍ଷିତ ଯୁବତୀଯୁବକ ରୋଜଗାର ପାଇଁ ଭିନ୍ନ ପନ୍ଥା ଆପଣାଉଛନ୍ତି। କୃଷିକ୍ଷେତ୍ରରେ ଶିକ୍ଷିତମାନଙ୍କୁ ବିନିଯୋଗ କରାଯାଇପାରେ। ବେକାରି ଭତ୍ତା ଦେଲେ କର୍ମଶକ୍ତି କମିଯିବ।

**– ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳି**
**ଗୋରଡ଼ା, ଗବକୁଣ୍ଡ, ପୁରୀ**

## ଚିରନ୍ତନୀ

ବଂଶୀ କାନ୍ଦିଗଲା ଦୂର ବିଲବନପଥେ
ସ୍ୱର ରହିଗଲା ଏ ମୋର ମରମଗତେ,
ଦୂର ଅତୀତର ଶୁଭୁଥିଲା ଭାଷା
କି ଗହନ ବ୍ୟଥା ଦୂରନ୍ତ ଦୂରାଶା
ସନ୍ଧ୍ୟା ସୁନ୍ଦରୀ ସ୍ୱର୍ଣ୍ଣ ମେଘର ରଥେ
କସଜଳ ନୟନେ ଚାହିଁଥିଲା ବନପଥେ।
–(ଲୋହିତ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଛାତ୍ରମାନେ ଦେଶର ଭାଗ୍ୟ ନିର୍ମାତା



ଅତିଥିମାନେ 'ରସବର୍ଣ୍ଣା' ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

## ଆଟଗାଁ ହାଇସ୍କୁଲର ବାର୍ଷିକ ଉତ୍ସବ

**ବଲାଙ୍ଗୀର,୧୩।୨ (ବୀରେନ୍ଦ୍ର କୁମାର ଝାଙ୍କର)**

ପୁଇଁତଲା ବ୍ଲକ ଅନ୍ତର୍ଗତ ଆଟଗାଁ ସରକାରୀ ହାଇସ୍କୁଲର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ କେଶବ ଚରଣ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ଛାତ୍ର ଜୀବନ ଅନୁଭୂତି ଓ ଅଭିଜ୍ଞତା ଅର୍ଜନର ସମୟ। ବିଦ୍ୟାଳୟରୁ ଗ୍ରହଣ କରିଥିବା ଶିକ୍ଷା, ଶୃଙ୍ଖଳା ଓ ଅନୁସାଶନ ଜୀବନ ସାରା ପ୍ରତିଫଳିତ ହୁଏ। ମୁଖ୍ୟବକ୍ତା ଭାବେ ଡ. ପ୍ରେମଚାନ୍ଦ ମହାନ୍ତି ଯୋଗଦେଇ ଛାତ୍ରମାନେ ବାସ୍ତବରେ ଦେଶର ଭାଗ୍ୟ ନିର୍ମାତା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ ଓ ଛତାମଖନା ହାଇସ୍କୁଲ ପ୍ରଧାନ ଶିକ୍ଷକ ନୀଳମଣି ପଟେଲ ଛାତ୍ର ଜୀବନରେ ସମୟାନୁବର୍ତ୍ତିତାର ଗୁରୁତ୍ୱ ଏବଂ ଗୁରୁ-ଶିଷ୍ୟ ସମ୍ପର୍କର ମହତ୍ତ୍ୱ ବିଷୟରେ କହିଥିଲେ। ସଭାରେ ପ୍ରଧାନ ଶିକ୍ଷକ ଯୋଶୀ ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷୟିତ୍ରୀ ସନ୍ତୋଷିନୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ତର୍ଯ୍ୟାମୀ ବିଶ୍ୱାଳ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଶିକ୍ଷକ ସନାତନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ପତ୍ରିକା ରସବର୍ଣ୍ଣାକୁ ଉନ୍ମୋଚିତ କରିଥିଲେ। ଗତବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ପାଇଥିବା ଛାତ୍ରୀ ସୋନାଲି ସାହୁଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ପ୍ରଜ୍ଞାନ ସୁନାଙ୍କ ନିର୍ଦ୍ଦେଶିତ ନାଟକ 'ଭୁଲ ସ୍ୱୀକାର' ଛାତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ରୋହିତାଶ୍ୱ ଯୋଶୀ, ଜ୍ୟୋତ୍ସ୍ନା ଭୋଇ, ସନାତନ ବାଗ, ପଦ୍ମିନୀ ସାହୁ, ପ୍ରଦ୍ୟୁମ୍ନ ରାଉତ, ନିତାଇ ନାଏକ, ଶ୍ୟାମାରାଣୀ ମହାପାତ୍ର, ପୃଥ୍ୱୀରାଜ ସାହୁ ଓ ଶିକ୍ଷା କର୍ମଚାରୀ ଚିନ୍ତାମଣି ବାଗ, ରମାକାନ୍ତ ବେହେରା ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସ୍ତ୍ରୀ-ସ୍ୱାମୀ କଳି ଛଡ଼ାଇ ଆସିଥିବା ମହିଳା ହତ୍ୟାର ଶିକାର ଘଟଣା

# ଫେରାର ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା,୧୩।୨(ଆଶିଷ ରଞ୍ଜନ ଦାଶ)** ଝାରସୁଗୁଡ଼ା ସଦର ବ୍ଲକସ୍ଥିତ ଜମେରା ଗାଁରେ ଅତ୍ୟଧିକ କ୍ରୋଧରେ ସ୍ତ୍ରୀଙ୍କୁ ମାରିବାକୁ ଯାଉଥିବା ବେଳେ କଳି ଛଡାଇ ଆସିଥିବା ମହିଳାଙ୍କୁ ଲୁହା ରଡ଼ରେ ପିଟି ହତ୍ୟା କରିବା ଘଟଣାରେ ଫେରାର ଯଶୋବନ୍ତ ବୁଡ଼ାଙ୍କୁ ସଦର ଥାନା ପୋଲିସ ଗୁରୁବାର ଗିରଫ କରିଛି। ସୂଚନା ଅନୁସାରେ ସଦର ଥାନା ଅନ୍ତର୍ଗତ ଜମେରାଠାରେ ବୁଧବାର ଯଶୋବନ୍ତ କାମରୁ ଫେରି ସ୍ତ୍ରୀଙ୍କୁ ଖାଇବାକୁ ମାଗିଥିଲା। ସ୍ତ୍ରୀ ସାମାନ୍ୟ ବିଳମ୍ବ କରିବାରୁ ଯଶୋବନ୍ତ ଅତ୍ୟଧିକ ରାଗିଯାଇ ଏକ ଲୁହାରଡ଼୍‌ରେ ମାରିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ଯମୁନା ରୋହିଦାସ (୪୪)ଛଡ଼ାଇବାକୁ ଆସିଥିଲେ। ରାଗରେ ଯଶୋବନ୍ତ ଯମୁନାଙ୍କ ମୁଣ୍ଡରେ ଜୋରରେ ଆଘାତ ଦେଇଥିଲା। ଯମୁନାଙ୍କ ମୁଣ୍ଡରୁ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା। ସେଠାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଯଶୋବନ୍ତ ଫେରାର ହୋଇଥିଲେ। ସଦର ଥାନା ଆଇଆଇସି ସନ୍ଧ୍ୟାରାଣୀ ଗୋଛାୟତ ହତ୍ୟାକାରୀଙ୍କୁ ଧରିବା ପାଇଁ ଜମେରା ଆଖପାଖ ଅଞ୍ଚଳରେ ଚଢ଼ାଉ କରିଥିଲା। ଗୁରୁବାର ସକାଳ ପ୍ରାୟ ୫ଟାରେ ଜମେରା ଗାଁ ପାଖ ଜଙ୍ଗଲରୁ ଯଶୋବନ୍ତଙ୍କୁ ସଦର ଥାନା ପୋଲିସ ଗିରଫ କରିଥିଲା। ଭାରତୀୟ ନ୍ୟାୟ ସହିଁତା ୧୦୩(୧) ଧାରା ସହିତ ମାମଲା (ନଂ. ୪୯/୨୦୨୫) ରୁଜୁ କରି ଯଶୋବନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-235

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ସିଗ୍ନାଲ ଗୁମଟିଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ନିମନ୍ତେ ପାୱାର କେବୁଲର ସମ୍ବୃଦ୍ଧୀକରଣ, ପୁନଃସ୍ଥାପନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,43,13,335.55, EMD : ₹ 2,21,600/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.10.03.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-972/P/24-25



**ଋଣ ଅସୁଲି ନ୍ୟାୟାଧୀକରଣ, କଟକ , ଓଡ଼ିଶାଙ୍କ ଇଜିଲାସରେ**
ସି-୭୧, ସେକ୍ଟର- ୭, ସିଡିଏ, କଟକ, ଓଡ଼ିଶା

**ଓ.ଏ. ନଂ.୩୪୫/୨୦୨୩**
**ୟେସ୍ ବ୍ୟାଙ୍କ ଲିମିଟେଡ୍**
ବନାମ
**ଏମ୍‌ଡି. ଖଲିଲ ଏବଂ ଅନ୍ୟ ଜଣେ**

ପ୍ରାପ୍ତେଷୁ,
**ପ୍ରତିବାଦୀ ୧: ଏମ୍‌ଡି. ଖଲିଲ, ପିତା: ଏମ୍‌ଡି. ଇସ୍‌ମାଇଲ,**
ସ୍ଥାନ: ଦୁନାଉଡ଼ି, ପୋଷ୍ଟ: ଅମ୍ବାବୋରା, ବରଗଡ଼, ଓଡ଼ିଶା-୭୬୮୦୫୨
**ପ୍ରତିବାଦୀ ୨: ସମିରୁନ୍ ନିଶା**
ସ୍ଥାନ: ଡୁଙ୍ଗୁରୀ, ପୋଷ୍ଟ: ଅମ୍ବାଭୋନା, ବରଗଡ଼, ଓଡ଼ିଶା-୭୬୮୦୫୨

**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଯୋଗେ ସମନ**

ନୋଟିସ ଦିଆଯାଉଛି ଯେ, ଆବେଦନକାରୀ ଋଣ ଅସୁଲି ନ୍ୟାୟାଧୀକରଣ, କଟକଙ୍କ ନିକଟରେ **ଟ.୩୫୮୪୯୬୧/-** ମାତ୍ର ସମେତ ଚଳିତ ତଥା ପରବର୍ତ୍ତୀ ସୁଧ, ବ୍ୟୟ ଏବଂ ଅନ୍ୟାନ୍ୟ ଆଶ୍ୱସ୍ତି ନିମନ୍ତେ **ଓ.ଏ. ନଂ. ୩୪୫/୨୦୨୩** ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେଣୁ, ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ପାଇଁ ଉପରନାମିତ ପ୍ରତିବାଦୀମାନଙ୍କୁ ପ୍ରକାଶନ ତାରିଖରୁ ୩୦ ଦିନ ମଧ୍ୟରେ କିମ୍ବା ତା୨୭।୦୩।୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧ ଭାବେ ଅଧିକୃତ ଏଜେଣ୍ଟଙ୍କ ଜରିଆରେ ଏହି ନ୍ୟାୟାଧୀକରଣଙ୍କ ସମ୍ମୁଖରେ ହାଜରହୋଇ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି।

ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ସେମାନଙ୍କ ଅନୁପସ୍ଥିତିରେ ଆବେଦନର ଶୁଣାଣି ଓ ଫଇସଲା କରାଯିବ।

ମୋ ଦସ୍ତଖତ ଓ ଏହି ନ୍ୟାୟାଧୀକରଣଙ୍କ ମୋହର ଅଧୀନରେ ଅଦ୍ୟ **୨୪ ଜାନୁଆରୀ, ୨୦୨୫**ରେ ପ୍ରଦତ୍ତ।

ମୋହର
ନିବନ୍ଧକ
(ନିଖିଳ ରଞ୍ଜନ ପତି)







# ଭିସୁଟରେ ଇନ୍‌ସ୍ପାୟର୍ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୩।୨(ଭବାନୀ ଶଙ୍କର ଭୋଇ):** ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ ଇ-ଲର୍ନିଂ ସେଣ୍ଟରରେଇନ୍‌ସ୍ପାୟର୍ କାର୍ଯ୍ୟକ୍ରମ ଆୟୋଜନ ନେଇ ଗୁରୁବାର ଭିସୁଟ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଯାନ୍ତ୍ରିକ ସୋସାଇଟିର ଉପାଧ୍ୟକ୍ଷ ଡକ୍ଟର ସୁଧାଂସୁ ରଞ୍ଜନ ଦାସ ଏବଂ ଅଧ୍ୟାପକ ପରାମର୍ଶଦାତା ଅନିଲ କୁମାର ମୁର୍ମୁ ଏବଂ ଡକ୍ଟର ଅରୋ କୁମାର ସାହୁ ସମେତ ବହୁ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲବର ସଫଳତା ଏବଂ କାର୍ଯ୍ୟକଳାପର ସମୀକ୍ଷା କରାଯାଇଥିଲା। ଏହି ଅବସରରେ କୁଇଜ୍ ଏବଂ ଷ୍ଟାର୍ଟଅପ୍ କ୍ୱେଷ୍ଟର ବିଜେତାମାନଙ୍କୁ ଷ୍ଟାର୍ଟଅପ୍ ଚିତ୍ରସ୍ୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଅନ୍ତିମ ବର୍ଷର ଛାତ୍ର ମଧ୍ୟ ନବାଗତ ମାନଙ୍କୁ ଅତିଥି ଭାବେ ମାର୍ଗଦର୍ଶନ କରିଥିଲେ। ଅତିଥି ଏବଂ ଛାତ୍ରୀଛାତ୍ରମାନେ ଇ-ସେଲ୍ ସହିତ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ।


**HIGH COURT OF ORISSA, CUTTACK**
No. III - 04/2024/3616 // Date : 13.02.2025

**NOTICE INVITING TENDER FOR SELECTION OF RECRUITING AGENCY**

High Court of Orissa invites Techno-Financial Bids from the interested qualified Bidders to participate in the tender process for "Selection of Recruiting Agency".

Interested Bidders are advised to visit Court's website i.e. www.orissahighcourt.nic.in for details and downloading of the Tender document published vide Court's Notice No. 3610 dated 13.02.2025. After going through the details terms and conditions, eligible Bidders should submit their Techno-Financial Bid complete in all respect so as to reach the undersigned through Speed Post/Registered Post on or before the closing date and time i.e. 12/03/2025 (05.00 P.M.).

Interested Bidders are further advised to visit the Court's website regularly for the updates relating to the above tender process.

By Order
Sd./- Registrar (Judicial)
High Court of Orissa, Cuttack



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. S&T/OT/OUT-SOURCING-07-453, ତା.06.02.2025ରିଖ

**କାର୍ଯ୍ୟର ନାମ :** ସହାୟକ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ/କେନ୍ଦୁଝରଗଡ଼ଙ୍କ ଅଧିନରେ ଆଉଟ୍‌ସୋର୍ସିଙ୍ଗ୍ ଏଜେନ୍ସି ଦ୍ୱାରା ସଙ୍କେତ ଏବଂ ଦୂରସଂଚାର ସମ୍ପତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ମରାମତି (SSES/କେନ୍ଦୁଝରଗଡ଼, SSES/ବାଘୁଆପାଳ ଏବଂ SSET/କେନ୍ଦୁଝରଗଡ଼ଙ୍କ ତଦାରଖ ଅଧିନରେ)।

**ଟେଣ୍ଡର ମୂଲ୍ୟ :** ₹ 1,38,35,127.90, EMD : ₹ 2,19,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-

ବିଡ଼୍ ଆରମ୍ଭ ହେବା ତାରିଖ : 14.02.2025.

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.02.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-975/P/24-25



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो।**

शुद्धि – पत्र

ई–अल्पकालीन निविदा आमंत्रण सूचना संख्या– RDD/SD/BOKARO/19/2024-25 जिसकी पी० आर० संख्या– 330872 Rural Development (24-25)#D है, को अपरिहार्य कारणवश रद्द किया जाता है।

कार्यपालक अभियंता
ग्रामीण विकास विशेष प्रमंडल
बोकारो।
PR 346396 (Rural Development) 24-25 (D)


# ସରଗାଡ଼ ବ୍ଲକ ଗଠନ ଦାବିରେ ଜିଲାପାଳଙ୍କୁ ଦାବିପତ୍ର



ସରଗାଡ଼ ବ୍ଲକ ଗଠନ ଦାବି ନେଇ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

**ବଲାଙ୍ଗୀର,୧୩।୨ (ବୀରେନ୍ଦ୍ର କୁମାର ଝାଙ୍କର)**

ଲୋଇସିଂହା ବ୍ଲକ ଅନ୍ତର୍ଗତ ସରଗାଡ଼ ଅଞ୍ଚଳକୁ ନେଇ ଏକ ନୂଆ ବ୍ଲକ ଗଠନ କରିବା ଦାବିନେଇ ଜିଲାପାଳଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ସରଗାଡ଼ ସରପଞ୍ଚ ସରୋଜ ବେହେରା, ସମିତି ସଭ୍ୟ ବୀରେନ୍ଦ୍ର ସାହୁ, ଜିଲା ପରିଷଦ ସଦସ୍ୟା ସଞ୍ଜୁକ୍ତା ବରିହା, ଗ୍ରାମପଞ୍ଚାୟତବାସୀ ସୁରେନ୍ଦ୍ର କୁମାର ପଟେଲ, ଲକ୍ଷ୍ମୀଧର ପଟେଲ, ନରେନ୍ଦ୍ର କୁମାର ପଟେଲ, ଗୌର ବେହେରା, ଲିଙ୍ଗରାଜ ସାହୁ, ଆନନ୍ଦ ପଟେଲ, ରବୀନ୍ଦ୍ର ମହାରଣା ପ୍ରମୁଖ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଡ ବିଜୟାନନ୍ଦ ସେଠୀଙ୍କୁ ପ୍ରଦାନ କରିଥିଲେ। ସମିତି ସଭ୍ୟ ବୀରେନ୍ଦ୍ର ସାହୁ କହିଥିଲେ ଯେ, ରାଜ୍ୟ ସରକାର ନୂଆ ବ୍ଲକ୍ ପୁନର୍ଗଠନ କରିବା ନେଇ ଯେଉଁ ଚର୍ଚ୍ଚା ଆରମ୍ଭ ହୋଇଛି ଏହା ସ୍ୱାଗତଯୋଗ୍ୟ। ନୂଆ ବ୍ଲକ ଗଠନ ହେଲେ ଲୋକଙ୍କ ପାଖକୁ ସୁବିଧାରେ ପ୍ରଶାସନ ପହଞ୍ଚିବ। ସରଗାଡ଼ ଗ୍ରାମପଞ୍ଚାୟତ ଲୋଇସିଂହା ବ୍ଲକ କାର୍ଯ୍ୟାଳୟଠାରୁ ଦୂରରେ ରହିଯାଉଛି। ଲୋଇସିଂହା ବ୍ଲକର ରେଙ୍ଗାଲି ଗ୍ରାମପଞ୍ଚାୟତର ଉପାନ୍ତ ଗାଁକୁ ବ୍ଲକ କାର୍ଯ୍ୟାଳୟଠାରୁ ପ୍ରାୟ ୪୫ କିଲୋମିଟର ଦୂରରେ ରହିଯାଉଛି। ଜିଲା ପରିଷଦ ଜୋନ୍ ୩୪ ଅନ୍ତର୍ଗତ ୧୧ଟି ଗ୍ରାମପଞ୍ଚାୟତରେ ଷ୍ଟେଟ୍ ବ୍ୟାଙ୍କ, କଲେଜ କିଛି ନାହିଁ। ଏଣୁ ଏହି ପଛୁଆ ଅଞ୍ଚଳର ଦ୍ରୁତ ବିକାଶ ସରଗାଡ ଅଞ୍ଚଳାର ଗ୍ରାମପଞ୍ଚାୟତକୁ ନେଇ ନୂଆ ବ୍ଲକ ଗଠନ କରିବାକୁ ଦାବି କରିଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**
**ଟେଣ୍ଡର ବାତିଲକରଣ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଡବ୍ଲ୍ୟୁ-ରେଟ୍ରୋ-ପିୟୁ-ଫୋମ୍-୨୪-୨୫-୧, ଯାହା ପୂର୍ବରୁ କାର୍ଯ୍ୟ ପ୍ରବନ୍ଧକ/ଆର୍‌ଏସ୍‌ପି (କ୍ୟାରିଏଜ୍ କାର୍ଯ୍ୟ), ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା ଏବଂ ତା୨୮।୦୨।୨୦୨୫ରିଖ ୧୫.୦୦ ଘଟିକାରେ ବନ୍ଦ ହେବାର ଥିଲା, ତାହାକୁ ପ୍ରଶାସନିକ କାରଣବଶତଃ **ବାତିଲ** ଭାବେ ବିବେଚନା କରାଯିବ। (PR-1132/C)



**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No.N-17/2, Nayapalli, Bhubaneswar-751 012
Phone No.: (0674) 2390195 (Off), Fax No.: (0674) 2395844,
E-Mail ID: olicltd123@bsnl.in, olicltd@ymail.com,
http://odishalift.com

**NATIONAL COMPETITIVE BIDDING THROUGH e-Procurement**
No.IT-14/2025-1233/ OLIC, Dated 12.02.2025

No.CAD-2545:- The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of Deep Borewells in Nayagarh, Boudh, Balasore and Balangir districts of Odisha state. Interested bidders may visit website: www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

| | | | |
|---|---|---|---|
| A | Brief description of work | : | Installation, electrification, engergisation & commissioning of Deep Borewells in Nayagarh, Boudh, Balasore & Balangir Districts (05 Packages) |
| B | Estimated cost of works | : | Varies from Rs.162.95 Lakhs to Rs.1566.51 Lakhs |
| C | Date and time of availability of bid document in the portal | : | From Dt.19.02.2025 to Dt.17.03.2025 (Upto 17.00 hours) |
| D | Last date / time for receipt of bid in the portal | : | Dt.17.03.2025 upto 17.00 hours |
| E | Last date of seeking clarification | : | Dt.03.03.2025 upto 17.00 hours |
| F | Technical bid will be opened on | : | Dt.18.03.2025 at 11.00 hours |

Any addendum / corrigendum / cancellation of tender will be available in the said website.

Authority reserves the right to accept / reject any or all the tenders, increase or decrease the quantities of work put to bidding without assigning any reasons thereof.

Sd./- MANAGING DIRECTOR
OLIC LTD., BHUBANESWAR
OIPR-32135/11/0019/2425



**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No.N-17/2, Nayapalli, Bhubaneswar-751 012
Phone No.: (0674) 2390195 (Off), Fax No.: (0674) 2395844,
E-Mail ID: olicltd123@bsnl.in, olicltd@ymail.com,
http://odishalift.com

**NATIONAL COMPETITIVE BIDDING THROUGH e-Procurement**
No.IT-13/2025-1174/ OLIC, Dated 11.02.2025

No.CAD-2544:- The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of Deep Borewells in Ganjam and Nayagarh districts of Odisha state. Interested bidders may visit website: www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

| | | | |
|---|---|---|---|
| A | Brief description of work | : | Installation, electrification, engergisation & commissioning of Deep Borewells in Ganjam & Nayagarh Districts (05 Packages) |
| B | Estimated cost of works | : | Varies from Rs.798.01 Lakhs to Rs.1110.28 Lakhs |
| C | Date and time of availability of bid document in the portal | : | From Dt.19.02.2025 to Dt.17.03.2025 (Upto 17.00 hours) |
| D | Last date / time for receipt of bid in the portal | : | Dt.17.03.2025 upto 17.00 hours |
| E | Last date of seeking clarification | : | Dt.03.03.2025 upto 17.00 hours |
| F | Technical bid will be opened on | : | Dt.18.03.2025 at 11.00 hours |

Any addendum / corrigendum / cancellation of tender will be available in the said website.

Authority reserves the right to accept / reject any or all the tenders, increase or decrease the quantities of work put to bidding without assigning any reasons thereof.

Sd./- MANAGING DIRECTOR
OLIC LTD., BHUBANESWAR
OIPR-32135/11/0021/2425



College Code (RU)-037 | Ph. - (06652) 284034 (Office)
College Code (SAMS)-05039301 | Mob - 7894057303 (Principal)

**OFFICE OF THE PRINCIPAL / SECRETARY**
**PANCHAYAT SAMITI DEGREE MAHAVIDYALAYA**
GYANA VIHAR, DEOGAON
At/Po. - Deogaon, Dist. - Balangir, Pin - 767029 (Odisha)
degreecollegedeogaon@gmail.com, psdmdeogaonbgr@gmail.com
*Affiliated to Rajendra University, Balangir*

Letter No. : 3943 | Date : 13.02.2025

**TENDER / QUOTATION CALL NOTICE**

Tender / quotations are invited from intending registered manufacturers / firms / suppliers / authorized dealers having PAN / GST registration number with IT clearance for the supply of 36 Desktop Computer (HP-18, DELL-18), Monitor 22 Inches, Windows 11, CPU Model i5, Storage 512GB, RAM 8GB, CPU Speed 4.4GHz, Wireless Communication - Bluetooth & Wifi, Display - LED through college mail - **degreecollegedeogaon@gmail.com** on or before 21 February 2025 by 5 P.M. The items shall be purchased from IDP funds under Odisha Higher Education Programme for Excellence and Equity (OHEPEE) 2024-25.

The details of the requirements with specifications, terms and conditions are available in the college website - https://psdegreecollegedeogaon.org/. The undersigned reserves the right to cancel part or whole of tender/quotations without specifying any reason thereof.

Sd./- Principal
P.S.Degree Mahavidyalaya
Deogaon, Dist. - Balangir



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

ई–निविदा आमंत्रण सूचना
ई– पुनर्निविदा सूचना संख्या – RDD/SD/BOKARO/41/2024-25/GR_03/RE

1. कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला के नावाडीह प्रखण्ड अंतर्गत पंचायत पेंक एवं पंचायत मुंगोरंगामाटी के कोठी के बीच चमगड़वा नाला पर पुल निर्माण। (लम्बाई 34.26 मी०) | 25347500.00 | 507000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 24.02.2025
3. ई–निविदा प्राप्ति की तिथि एवं समय – दिनांक 24.02.2025 से दिनांक 17.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 19.03.2025 अपराह्न 05:30 बजे
6. ई–निविदा आमंत्रित करने वाले पदाधिकारी का नाम एवं पताः–कार्यपालक अभियंता, ग्रामीण विकास विशेष प्रमंडल,बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो।
PR.NO.346394 Rural Development(24-25):D



**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, जामताड़ा।**
Email Id:rdsdjmt@gmail.com

अल्पकालीन ई0–आमंत्रण संख्या–**RDD/SD/JMT/RE/14/2024-25**

1.कार्य की विस्तृत विवरणी :–

| क्र0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | जामताड़ा जिला के नारायणपुर प्रखण्ड परिसर में पलाश मार्ट का निर्माण। | 5,08,18,000.00 | 10,17,000.00 | 10,000.00 | 12 माह |

2. वेबसाईट में निविदा प्रकाशन की तिथि :– दिनांक–14.02.2025
3. ई0–निविदा प्राप्ति की तिथि एवं समय :– दिनांक–14.02.2025 से दिनांक–27.02.2025 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी।
6. निविदा खोलने का स्थान :– e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा।
7. निविदा खुलने की तिथि एवं समय :– दिनांक–01.03.2025 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, जामताड़ा।
9. ई0–निविदा प्रकोष्ठ का दुरभाष संख्या :– 9973957543
10. अधोहस्ताक्षरी/सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा।
11. B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।

ह0/–
कार्यपालक अभियंता
ग्रामीण विकास विशेष प्रमण्डल, जामताड़ा।
PR 346339 Rural Development(24-25)D



**आदिवासी कल्याण आयुक्त का कार्यालय**
कल्याण काम्प्लेक्स, बलिहार रोड , मोरबादी, राँची, झारखंड

**सूचना**

झारखंड अनुसूचित जनजाति/अनुसूचित जाति/पिछड़ी जाति/अल्पसंख्यक छात्रावास पोषण योजना 2024 के तहत कल्याण विभाग के अधीन छात्रावासों के संचालन एवं रख रखाव के लिए गैर सरकारी संस्था (सोसाईटी पंजीकरण अधिनियम 1860)/कम्पनीज एक्ट 2013/इण्डियन ट्रस्ट एक्ट के तहत पंजीकृत संस्था/राष्ट्रीय ग्रामीण आजीविका मिशन (NRLM) के तहत सृजित स्वयं सहायता समूह को सूचीबद्ध करने हेतु इच्छा की अभिव्यक्ति। इच्छा की अभिव्यक्ति की विस्तृत सूचना jharkhandtenders.gov.in पोर्टल से प्राप्त की जा सकती है।

इच्छा की अभिव्यक्ति(EOI) का प्रस्ताव संख्या : दिनांकः

| SL. No | Information | Details |
|---|---|---|
| 1 | इच्छा की अभिव्यक्ति (EOI) प्रकाशित करने की तिथि | 15-02-2025 |
| | e-procurement portal jharkhandtenders.gov.in से EOI Download करने की तिथि | 15-02-2025 |
| 2 | EoI Fees | Rs.1,000/- (NRLM के तहत सृजित स्वयं सहायता समूह के लिए छुट (Exempt) रहेगी।) |
| 2 | कार्य | झारखंड अनुसूचित जनजाति/अनुसूचित जाति/पिछड़ी जाति/अल्पसंख्यक छात्रावास पोषण योजना 2024 के तहत छात्रावासों के संचालन एवं रख रखाव |
| 3 | कार्य अवधि | 3 वर्ष एवं अधिकतम 3 वर्ष के लिए विस्तारणीय (विभागीय संकल्प संख्या–671, दिनांक–11.03.2024 एवं संख्या–2568, दिनांक–21.09.2024 के अनुरूप) |
| 4 | Performance Bank Gurantee Deposit (PBG) (Refundable ) | 1. Rs. 1,00,000/- (एक लाख) का बैंक गारंटी प्रति आवंटित छात्रावास 2. चयनित गैर सरकारी संस्था को प्रत्येक आवंटित छात्रावास के लिए अलग–अलग बैंक गारंटी समर्पित करना होगा। (NRLM के तहत सृजित स्वयं सहायता समूह के लिए छुट (Exempt) रहेगी।) |
| 5 | Pre – Bid Meeting | 20.02.2025 को अपराहन 03:00 बजे। आदिवासी कल्याण आयुक्त का कार्यालय, द्वितीय तल, कल्याण कॉम्प्लेक्स, बलिहार रोड, मोरबादी, राँची। |
| 6 | इच्छा की अभिव्यक्ति (EOI)प्रस्ताव Upload करने की अंतिम तिथि | 08.03.2025 शाम 6:00 बजे तक |
| 7 | इच्छा की अभिव्यक्ति (EOI) प्रस्ताव खोलने का स्थान | आदिवासी कल्याण आयुक्त का कार्यालय, द्वितीय तल, कल्याण कॉम्प्लेक्स,बलिहार रोड, मोरबादी, राँची। |
| 8 | प्रस्ताव खुलने का दिन एवं समय | 10.03.2025. को अपराहन 12:30 बजे। |

PR 346449 Schedule Tribe, Schedule Caste, Minority and Backward Class Welfare Department(24-25)#D
आदिवासी कल्याण आयुक्त

## ସଂକ୍ଷେପରେ

### ସୋହେଲା ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

ସୋହେଲା, ୧୩।୨ (ଅଶ୍ୱିନୀ କୁମାର ପାତ୍ର)

ସୋହେଲା ବ୍ଲକ ସରକଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ସୋହେଲା ବିଇଓ ଅମୃତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋହେଲା ତହସିଲଦାର ଶୁଭରଞ୍ଜନ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ବରଗଡ଼ ସାଂସଦଙ୍କ ସୋହେଲା ବ୍ଲକ ପ୍ରତିନିଧି ଗୋବିନ୍ଦା ପଧାନ, ଭଟଲୀ ବିଧାୟକଙ୍କ ପ୍ରତିନିଧି ଭାବରେ ପାଣିମୋରା ମଣ୍ଡଳ ସଭାପତି ଭବାନୀ ଶଙ୍କର ପଧାନ, ସୋହେଲା ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ର, ଶିକ୍ଷକ ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଏବିଇଓ ଗୋଲାପଚାନ୍ଦ ମିଶ୍ର, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ ସୁବାସ ମେହେର ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ସ୍ଥାନୀୟ କ୍ଲଷ୍ଟରର ୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ୧୭୦ ଛାତ୍ରୀଛାତ୍ର, ୯୦ ଜଣ ଅଭିଭାବକ ଅଭିଭାବିକା ଉପସ୍ଥିତ ଥିଲେ।

### ଅତାବିରାରେ ବିଶ୍ୱ ରେଡିଓ ଦିବସ

ସରଣ୍ଡା, ୧୩।୨ (ଯୁଧିଷ୍ଠିର ମହାପାତ୍ର)

ଅତାବିରା ଏନ୍‌ଏସି ଅନ୍ତର୍ଗତ ଲାଦରପାଲି ରାମଚଣ୍ଡୀ ମନ୍ଦିର ପରିସରରେ ଆଞ୍ଚଳିକ ସାହିତ୍ୟ ପରିଷଦ ପକ୍ଷରୁ ବିଶ ରେଡ଼ିଓ ଦିବସ ପାଳିତ ହୋଇଯାଇଛି । ସୁବାଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜନକଲ୍ୟାଣ କୁଲତା ସମାଜର ବ୍ଲକ ସଭାପତି ଦିବାକର ପ୍ରଧାନ ମୁଖ୍ୟଅତିଥି,ସରୋଜ ରଥ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସଭାରେ ରେଡିଓର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ଦୁର୍ଲଭ ଗଡତିଆ, ରାଜେଶ ପ୍ରଧାନ, ମନୋଜ କୁମାର ଭୋଇ, ଗୁରୁଦେବ ଭୋଇ, କୈଳାଶ ପ୍ରଧାନ, ଯୁଧିଷ୍ଠିର ମହାପାତ୍ର, ସୁଜିତ ଦାଶ, ନିରଞ୍ଜନ ପ୍ରଧାନ, ସୁରେନ୍ଦ୍ର କଠାର ପ୍ରମୁଖ ଉପସ୍ଥିତ ଥିଲେ।



ବରଗଡ଼ ଜିଲା ବାଲିଯୁରୀ ଗ୍ରାମରେ ବିଲରୁ ଟମାଟୋ ସଂଗ୍ରହ କରୁଛନ୍ତି।

# ମିଳୁନି ମୂଲ, ଟମାଟୋ ଚାଷକରି ଚାଷୀ ହତାଶ

- ବିଲରେ କିଲୋ ୨ଟଙ୍କା, ବଜାରରେ ୧୦ଟଙ୍କା
- କାର୍ଯ୍ୟକ୍ଷମ ହୋଇନାହିଁ ସରକାରୀ ଶୀତଳ ଭଣ୍ଡାର

ବରଗଡ଼, ୧୩।୨ (ପ୍ରେମାନନ୍ଦ ଖମାରୀ)

କୃଷିକ୍ଷେତ୍ରରେ ବରଗଡ଼ ଜିଲାର ଏକ ଭିନ୍ନ ପରିଚୟ ରହିଛି। ଚାଷୀବହୁଳ ଏହି ଜିଲାରେ ଅଧିକ ଧାନ ଉତ୍ପାଦନ ଯୋଗୁ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ସେହିପରି ଏଠାରେ ପନିପରିବା ଚାଷ ମଧ୍ୟ ପଛରେ ପଡ଼ିନାହିଁ। ଜିଲାର ଉଭୟ ହୀରାକୁଦ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳରେ ଚାଷୀମାନେ ପରିବା ଚାଷକୁ ମଧ୍ୟ ନିଜର ଏକ ଜୀବିକାଭାବେ ଆଦରି ନେଇଛନ୍ତି। ତେବେ ଜଳସେଚିତ ଅଞ୍ଚଳ ତୁଳନାରେ ଅଣଜଳସେଚିତ ଅଞ୍ଚଳରେ ପରିବା ଚାଷ ଅଧିକ ହୋଇଥାଏ। ଅନ୍ୟପଟେ ଅଣଧାନ ଚାଷ କରିବାକୁ ମଧ୍ୟ ବିଭିନ୍ନ ସମୟରେ କୃଷି ବିଭାଗ ଜିଲାର ଚାଷୀଙ୍କୁ ପ୍ରୋତ୍ସାହନ ଦେଇ ଆସୁଛି। କିନ୍ତୁ ଧାନ ଭଳି ଅଣଧାନ ଚାଷକଲେ ମଧ୍ୟ ଚାଷୀଙ୍କୁ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡୁଛି। ବର୍ତ୍ତମାନ ଜିଲାରେ ଟମାଟୋ ଚାଷକୁ ନେଇ ଅନୁରୂପ ସ୍ଥିତି ଉପୁଜିଛି। ବିଲରେ ବେପାରୀମାନେ ଚାଷୀଙ୍କଠାରୁ କିଲୋ ପ୍ରତି ୨ଟଙ୍କାରେ ଟମାଟୋ କିଣୁଥିବାବେଳେ ବଜାରରେ ତାକୁ ୧୦ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଜିଲାରେ ସରକାରୀ ଶୀତଳ ଭଣ୍ଡାର ନ ଥିବା ଯୋଗୁ ଚାଷୀ ଟମାଟୋକୁ ସଂରକ୍ଷିତ ରଖିପାରୁ ନାହାନ୍ତି ଏବଂ ତାକୁ ଶସ୍ତାରେ ବିକି ଚାଷୀଙ୍କୁ ଏଭଳି କ୍ଷତିଗ୍ରସ୍ତ ହେବାକୁ ପଡୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

କୃଷିବିଭାଗ ତଥ୍ୟ ଅନୁଯାୟୀ, ଜିଲାରେ ଏଥର ୮୦୦ ହେକ୍ଟରରୁ ଅଧିକ ଜମିରେ ଟମାଟୋ ଚାଷ ହୋଇଛି। ସାଧାରଣତଃ ଡିପ ଜମି(ଯେଉଁଠାକୁ କମ୍ ପାଣି ମାଡ଼ିଥାଏ), ସେଭଳି ଜମିରେ ଏହି ଚାଷ ହୋଇଥାଏ। ବରଗଡ଼ ବ୍ଲକର ନିଲେଶ୍ୱର, ବାଲିଯୁରୀ, ବାଗଡ଼ିଆ, ବିରମାଲ, ବାଞ୍ଜିପାଲି, ଧଉଁରାଖନ୍ଦା ସମେତ ଅମ୍ବାଭୋନା, ଭଟଲି ଏବଂ ପଦ୍ମପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଚାଷୀମାନେ ଟମାଟୋ ଚାଷ କରିଛନ୍ତି। ଏଥର ଟମାଟୋ ଭଲ ଅମଳ ହୋଇଥିଲା। କିନ୍ତୁ ଅମଳ ସମୟରେ ଅଭାବୀ ବିକ୍ରି ଯୋଗୁ ସେମାନଙ୍କୁ କ୍ଷତିଗ୍ରସ୍ତ ହେବାକୁ ପଡ଼ିଛି ବୋଲି ଚାଷୀମାନେ କହିଛନ୍ତି।

ବାଲିଯୁରୀ ଗ୍ରାମର ଜଣେ ଚାଷୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ କହିଛନ୍ତି, ସେ ଏଥର ଅଧ ଏକର ଜମିରେ ଟମାଟୋ ଚାଷ କରିଥିଲେ। ଟମାଟୋ ମଧ୍ୟ ଭଲ ହୋଇଥିଲା। ଏହି ଚାଷରେ ସେ ୧୫ରୁ ୨୦ହଜାର ଟଙ୍କା ଖର୍ଚ୍ଚ କରିଥିଲେ। କିନ୍ତୁ ଲାଭ ତ ଦୂରର କଥା, ଖର୍ଚ୍ଚ ଟଙ୍କା ମଧ୍ୟ ମିଳିଲାନି ବୋଲି ସେ କହିଛନ୍ତି। ସେହିପରି ଚାଷୀ ସଂଗଠନ ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆଁ କହିଛନ୍ତି, କେବଳ ଟମାଟୋ ନୁହେଁ, ବାଇଗଣରେ ମଧ୍ୟ ଅନୁରୂପ ଅଭାବୀ ବିକ୍ରି ସ୍ଥିତି ଉପୁଜିଛି। ପରିବା ପାଇଁ ସରକାରୀଭାବେ ସର୍ବନିମ୍ନ ସହାୟକ ମୂଲ୍ୟ ନ ଥିବାବେଳେ ଜିଲାରେ ଏପର୍ଯ୍ୟନ୍ତ ଗୋଟିଏ ମଧ୍ୟ ସରକାରୀ ଶୀତଳ ଭଣ୍ଡାର ନାହିଁ। ଫଳରେ ଜିଲାର ଚାଷୀମାନେ ପରିବା ଚାଷ କଲେ ମଧ୍ୟ ବାରମ୍ବାର କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଥିଲେ।

ଜିଲାରେ ପରିବା ସଂରକ୍ଷିତ ରଖିବାକୁ ସରକାରୀ ଶୀତଳ ଭଣ୍ଡାର ଥିଲେ ଚାଷୀଙ୍କୁ ଏଭଳି ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡ଼ି ନ ଥାନ୍ତା ବୋଲି ସଚେତନ ନାଗରିକ ମହଲରେ ମତପ୍ରକାଶ ପାଇଛି। ଜିଲାରେ ସରକାରୀ ସ୍ତରରେ ଯେଉଁ ଶୀତଳ ଭଣ୍ଡାର ରହିଛି, ତାହା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଅନ୍ୟପଟେ ବରଗଡ଼ ବ୍ଲକ କୁରୁଆଁ ଗ୍ରାମରେ ୨୫୦୦ ମେଟ୍ରିକ ଟନ୍ କ୍ଷମତାସମ୍ପନ୍ନ ଏକ ଘରୋଇ ଶୀତଳ ଭଣ୍ଡାର ରହିଛି। ଏହା ସହିତ ଗୋବିନ୍ଦପୁରରେ ଆଉ ଏକ ଘରୋଇ ଶୀତଳ ଭଣ୍ଡାର ନିର୍ମାଣାଧୀନ ରହିଛି। ସେହିପରି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ୨ଟି ସୋଲାର ଶୀତଳ ଭଣ୍ଡାର ରହିଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହୋଇପାରି ନାହିଁ।

ଏସମ୍ପର୍କରେ ବରଗଡ଼ର ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଗୋବିନ୍ଦ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ବରଗଡ଼ ବ୍ଲକର ଏକାମ୍ର ଛକ ଏବଂ ସୋହେଲା ବ୍ଲକର ଛୁରିଆପାଲିରେ ୧ଏକର ପରିମିତ ଜମିରେ ଗୋଟିଏ ଲେଖାଏ ଶୀତଳ ଭଣ୍ଡାର ନିର୍ମାଣ କରିବାର ପ୍ରସ୍ତାବ ରହିଛି ଏବଂ ଏ ନେଇ ସରକାରଙ୍କୁ ମଧ୍ୟ ଅବଗତ କରାଯାଇଛି। ଏହି ୨ଶୀତଳ ଭଣ୍ଡାର ନିର୍ମାଣ ହେବା ପରେ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ ଯୋଜନା ରହିଛି। ଏହା ସହିତ ଭେଡ଼େନ ଓ ଗାଇସିଲେଟ୍ ବ୍ଲକରେ ଓରେଡ଼ା ୧୦ମେଟ୍ରିକ ଟନ୍ କ୍ଷମତାସମ୍ପନ୍ନ ଶୀତଳ ଭଣ୍ଡାର ନିର୍ମାଣ କରିବ ବୋଲି ସେ କହିଥିଲେ। ଏ ଯାଏ ଟମାଟୋ ଅଭାବୀ ବିକ୍ରି ନେଇ ତାଙ୍କ ପାଖକୁ କିଛି ଅଭିଯୋଗ ପହଞ୍ଚି ନ ଥିବା ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପଣ୍ଡା କହିଛନ୍ତି।

### ଇଣ୍ଟରନେଟ୍ ବ୍ୟବହାରରେ ସଚେତନତାକୁ ଗୁରୁତ୍ୱ

ବରଗଡ଼, ୧୩।୨ (ପ୍ରେମାନନ୍ଦ ଖମାରୀ)

ଅନଲାଇନ ସୁରକ୍ଷା, ଗୋପନୀୟତା ଏବଂ ସାଇବର ବିପଦ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ ଆଚରଣକୁ ଉତ୍ସାହିତ କରିବା ପାଇଁ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ପାର୍ବତୀ ଗିରି ମହିଳା କଲେଜରେ ଏକ ସଚେତନତା କାର୍ଯ୍ୟକ୍ରମ ତଥା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ଆର୍ଟିଫିସିଆଲ ଇଣ୍ଟିଲିଜେନ୍ସ ଯୁଗରେ ମାତ୍ରାଧିକ ଯନ୍ତ୍ରପାତି ବ୍ୟବହାର ନ କରି ଆବଶ୍ୟକତା ଅନୁଯାୟୀ ଇଣ୍ଟରନେଟ୍, ମୋବାଇଲ, କମ୍ପ୍ୟୁଟର ଆଦିକୁ ବ୍ୟବହାର କରିବାକୁ ପିଲାଙ୍କୁ ଉତ୍ସାହିତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ଛାତ୍ରୀଙ୍କୁ ମୋବାଇଲ, ସୋସିଆଲ ମିଡ଼ିଆ, ଅନଲାଇନ ସର୍ଫିଂ, ଡିଜିଟାଲ ଠକାମୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବୁଝାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ରଞ୍ଜିତା ନାୟକ ଉପସ୍ଥିତ ରହି ପିଲାମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଜିଲା ସୂଚନା ବିଜ୍ଞାନ ଅଧିକାରୀ ତଥା କାର୍ଯ୍ୟକ୍ରମ ଆୟୋଜକ ହିମାଂଶୁ ରଞ୍ଜନ ସୁରକ୍ଷିତ ଇଣ୍ଟରନେଟ୍ ବ୍ୟବହାର, ବିଭିନ୍ନ ଅନଲାଇନ ଠକାମୀ, ସାଇବର ଠକାମୀର ହେଲ୍ପଲାଇନ୍ ଆଦି ବିଷୟରେ ବିଭିନ୍ନ ସୂଚନା ଦେଇଥିଲେ। ଜିଲା ଇ-ପ୍ରଶାସନିକ ଅଧିକାରୀ ମସ୍ତରାମ ଛନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗନ୍ଧମାର୍ଦ୍ଦନକୁ ସ୍ଥାୟୀ ସୁରକ୍ଷା ଆଇନ ପ୍ରଣୟନ ଦାବି

ପାଇକମାଳ, ୧୩।୨ (ବଡ଼ ଶତପଥି)

ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ପାଇକମାଳ ବ୍ଲକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗଣ ଧାରଣାରେ ଦ୍ୱିତୀୟ ଦିନ ଗୁରୁବାର କୁଡାରୀଫସା ଗ୍ରାମବାସୀ ବସିଥିଲେ। କୁମାରୀ ହିମାଞ୍ଜଳୀ ଦାଶ ସଭାପତିତ୍ୱ କରିଥିଲେ। ଏଥିରେ କୁଡାରୀଫସାର ଗ୍ରାମର ମହିଳା ଓ ପୁରୁଷ ଯୋଗଦାନ କରିଥିଲେ। ଧବଳେଶ୍ୱର ସାହୁ, ବୃନ୍ଦାବନ ବାରିକ, ଗୁପତରାମ ବାରିକ, ଗୌତମ ବିଶ୍ୱାଳ, ଗିରିଷ ଦଣ୍ଡସେନା, ମୋହନ ଜଗତ, ସୁଧାଂସୁ ବାରିକ, ରବିନାରାୟଣ ସାହୁ, ନରସିଂହ ବନଛୋର ପ୍ରମୁଖ ଯୋଗ ଦେଇ ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଗନ୍ଧମାର୍ଦ୍ଦନ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଯୋଗ ଦେଇଥିବା ଭଦ୍ରବ୍ୟକ୍ତିମାନେ ଗାଁ ଗାଁ ଯାଇ ପ୍ରଚାର କରି ଆନ୍ଦୋଳନକୁ ଆହୁରି ତିବ୍ରତର କରିବା ପାଇଁ ପ୍ରସ୍ତାବ ଦେଇଥିଲେ।

### ବାଜପେୟୀଙ୍କ ନାଁରେ ହେଉ ବିକାଶ ଛକ



କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀଙ୍କୁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଭେଟୁଛନ୍ତି।

**କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କଠାରେ ଦାବି ରଖିଲେ ବରଗଡ଼ ଏମ୍‌ପି**

ବରଗଡ଼, ୧୩।୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ବିକାଶ ହସ୍ପିଟାଲ ସମ୍ମୁଖରେ ରହିଥିବା ଛକକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ କରିବା ସହିତ ସେଠାରେ ବାଜପେୟୀଙ୍କ ଏକ ପୂର୍ଣ୍ଣ ଆବୟବ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି ଜୋର୍ ଧରିଛି। ଏହି ଦାବି ନେଇ ଗୁରୁବାର ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ପାର୍ଲାମେଣ୍ଟ ଭବନରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନି ଗଡ଼କରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିକୁ ଶୀଘ୍ର ପୂରଣ ପାଇଁ କେନ୍ଦ୍ରମନ୍ତ୍ରୀ ଗଡ଼କରୀ ନିର୍ଭର ପ୍ରତିଶ୍ରୁତି ଦେଇଥିବା ଏମ୍‌ପି କହିଛନ୍ତି। ଏମ୍‌ପି ପୁରୋହିତ କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କଠାରେ ଏହି ଦାବି ଉପସ୍ଥାପନ କରିଥିବାରୁ ମଞ୍ଚର ସଦସ୍ୟ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ, ଡା. ସଞ୍ଜିତ କୁମାର ମିଶ୍ର, ଆଶୁତୋଷ ଦାଶ, ପ୍ରତାପ ପଟ୍ଟନାୟକ, ବିରେନ୍ଦ୍ର ପ୍ରଧାନ, ରାକେଶ ଶତପଥୀ, ଆଦିକାନ୍ଦ ମହାପାତ୍ର, ତାପସ ପ୍ରଧାନ, ନିରଞ୍ଜନ ପଣ୍ଡା, ମାନସ ଚାନ୍ଦ, ମୃତ୍ୟୁଞ୍ଜୟ ମହାରଣା, ଜଗଦିଶ ସେନ, ଶୋଭାରାମ ଦାଶ, ଗୁଚ୍ଛୁ ପାଢ଼ୀ, ଶିବ ସାହୁ, ସୁଦାମ ସାହୁ, ସଞ୍ଜୟ ନାୟକ, ରମେଶ ବେହେରା, ସରୋଜ ନାୟକ ପ୍ରମୁଖ ଏମ୍‌ପି ପୁରୋହିତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

### ବିସିଏ ତୃତୀୟ, ପଞ୍ଚମ ସେମିଷ୍ଟର ପରୀକ୍ଷାଫଳ

**ବିକାଶ ଶିକ୍ଷାନୁଷ୍ଠାନର ସଫଳତା**

ବରଗଡ଼, ୧୩।୨ (ପ୍ରେମାନନ୍ଦ ଖମାରୀ)



ଆରାଧନା ପ୍ରଧାନ



ଆକାଂକ୍ଷା ଗିରି



ସ୍ୱସ୍ତି ଦାଶ



ବିକାଶ ବହିଦାର

ଚଳିତବର୍ଷର ବିସିଏ-୨୦୨୪ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ବରଗଡ଼ସ୍ଥିତ ବିକାଶ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟ କଲେଜର ବିସିଏ ବିଭାଗର ୨୯ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟର ଟପ୍-୧୦ ତାଲିକାରେ ସ୍ଥାନ ପାଇଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ବିସିଏ ବିଭାଗ ତୃତୀୟ ସେମିଷ୍ଟର ପରୀକ୍ଷା ଫଳରେ ଉକ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀ ଆରାଧନା ପ୍ରଧାନ ୧୦ଏସ୍‌ଜିପିଏ ସହିତ ପ୍ରଥମ ର୍ୟାଙ୍କ ରଖିଛନ୍ତି। ସେହିପରି ବିସିଏ ବିଭାଗ ପଞ୍ଚମ ସେମିଷ୍ଟର ପରୀକ୍ଷା ଫଳରେ ଉକ୍ତ ଶିକ୍ଷାନୁଷ୍ଠାନର ଆକାଂକ୍ଷା ଗିରି, ସ୍ୱସ୍ତି ଦାଶ ଏବଂ ବିକାଶ ବହିଦାର ୯.୫୦ ଏସ୍‌ଜିପିଏ ସହିତ ଦ୍ୱିତୀୟ ର୍ୟାଙ୍କ ରଖି ବିକାଶ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତାରେ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଟ୍ୟୁଶନ୍ସର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. କ୍ଷୀରୋଦ କୁମାର ପ୍ରଧାନ, ଉପାଧ୍ୟକ୍ଷ ଦୀପକ କୁମାର ନାୟକ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ସହରରେ ଜବରଦଖଲ ଉଚ୍ଛେଦ ଆରମ୍ଭ

ବରଗଡ଼, ୧୩।୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପ୍ରଶାସନ ପକ୍ଷରୁ ଗୁରୁବାର ସ୍ଥାନୀୟ ଭିଏସ୍‌ଏସ୍ ନଗରରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ରାସ୍ତାପାର୍ଶ୍ୱ ସରକାରୀ ଜମିରେ ରହିଥିବା ଦୋକାନ, ଠେଲାକୁ ହଟାଇ ଦିଆଯାଇଛି। ଏଥିସହ ସରକାରୀ ଜମିରେ ଥିବା କୋଠାଘରର ପାହାଚକୁ ମଧ୍ୟ ଭାଙ୍ଗି ଦିଆଯାଇଛି। ସ୍ଥାନୀୟ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁଙ୍କ ସମେତ ରାଜସ୍ୱ ନିରୀକ୍ଷକ ଏବଂ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସମ୍ପୃକ୍ତ ସ୍ଥାନର ଜବରଦଖଲ ଅଂଶ ଖାଲି କରିବା ପାଇଁ ୨ଦିନ ପୂର୍ବରୁ ପୌର ପରିଷଦ ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଥିଲା। ବହୁଚର୍ଚ୍ଚିତ ବରଗଡ଼ ଲେଙ୍ଗୁ ମିଶ୍ର ଛକଠାରୁ ଜୀରାବ୍ରିଜ ଯାଏ ରାସ୍ତା ଜବରଦଖଲ କେବେ ଉଚ୍ଛେଦ କରାଯିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ତାର ଶୁଣାଣି ପ୍ରକ୍ରିୟା ଚାଲିଛି ଏବଂ ଶୁଣାଣି ପରେ ବିହିତ ପଦକ୍ଷେପ ନିଆଯିବ ବୋଲି ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସାହୁ କହିଛନ୍ତି।

### ରାଷ୍ଟ୍ରୀୟ ବୈଦିକ ଶୋଧ ସଂଗୋଷ୍ଠୀ, ବାର୍ଷିକ ଉତ୍ସବ

**ଗୁରୁକୁଳ ନବପ୍ରଭାତ ବୈଦିକ ବିଦ୍ୟାପୀଠ**

ପଦ୍ମପୁର, ୧୩।୨ (ପ୍ରଦୀପ୍ତ ଦାଶ)

ଆର୍ଯ୍ୟ ଜଗତର ପ୍ରଖ୍ୟାତ ସନ୍ୟାସୀ, ଶ୍ରୋତ୍ରୀୟ ବ୍ରାହ୍ମନିଷ୍ଠ ପୂଜ୍ୟ ସ୍ୱାମୀ ବିବେକାନନ୍ଦ ସରସ୍ୱତୀ, କୁଳପତି ଗୁରୁକୁଳ ପ୍ରଭାତ ଆଶ୍ରମ ମେରଠଙ୍କ ଆଶୀର୍ବାଦରେ, ପ୍ରଥମ ରାଷ୍ଟ୍ରୀୟ ବୈଦିକ ଶୋଧ ସଂଗୋଷ୍ଠୀ ୧୦ ତାରିଖରେ ଗୁରୁକୁଳ ନବପ୍ରଭାତ ବୈଦିକ ବିଦ୍ୟାପୀଠରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଭାରତର ବିଭିନ୍ନ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ପ୍ରଫେସର, ଶିକ୍ଷକ ଏବଂ ପ୍ରଖ୍ୟାତ ବିଦ୍ୱାନମାନେ ଗବେଷଣା ପ୍ରବନ୍ଧ ପାଠ କରିଥିଲେ। ଅତିଥି ପ୍ରଫେସର ଭାଗୀରଥି ନନ୍ଦ, ଡ. ବିଶ୍ୱନାଥ ସ୍ୱାଇଁ, ଡ. ବାଚସ୍ପତି ମିଶ୍ର ଏବଂ ଅନ୍ୟାନ୍ୟ ବହୁ ବିଶିଷ୍ଟ ବିଦ୍ୱାନ ବୈଦିକ ସଂସ୍କୃତିର ଉତ୍କୃଷ୍ଟ ସ୍ୱରୂପ ଉପସ୍ଥାପନ କରିଥିଲେ।

ସେହିପରି ଗୁରୁକୁଳର ୨୪ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଗୁରୁବାର ପୂଜ୍ୟ ସ୍ୱାମୀ ବିବେକାନନ୍ଦ ସରସ୍ୱତୀଙ୍କ ବ୍ରହ୍ମତ୍ୱରେ ଏବଂ ଦୟାନନ୍ଦ ଶର୍ମାଙ୍କ ସୌଜନ୍ୟରେ, ୧୦୧ କୁଣ୍ଡୀୟ ସାମବେଦ ପାରାୟଣ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା।ଏଥିରେ ଅନେକ ଭକ୍ତ ବିଶ୍ୱର କଲ୍ୟାଣ ପାଇଁ ଆହୁତି ଦେଇଥିଲେ । ୧୦୧ କୁଣ୍ଡୀୟ ମହାଯଜ୍ଞରେ, ଓମ ଧ୍ୱନିର ପ୍ରଭାବ ଏବଂ ଜୀବନରେ ବୈଦିକ ମନ୍ତ୍ର ଧ୍ୱନିର ପ୍ରଭାବ ଉପରେ ଆଲୋକପାତ କରାଯାଇଥିଲା। ଏହି ପବିତ୍ର ଅବସରରେ, ଅର୍ଜୁନ ପୁରସ୍କାର ଏବଂ ବିଶ୍ୱ ଚାମ୍ପିୟନଶିପ ବିଜେତା ବିଶିଷ୍ଟ କ୍ରୀଡାବିତ୍ ସୁଶ୍ରୀ ଅନନ୍ନୂ ରାଣୀଙ୍କୁ ସମ୍ମାନିତ କରାଯାଇଥିଲା ଏବଂ କନ୍ୟା ଗୁରୁକୁଳର ଛାତ୍ରୀମାନଙ୍କ ପାଇଁ ଏକ ବିଶାଳ ଭବନର ଶୁଭ ଉଦ୍‌ଘାଟନ କରାଯାଇଥିଲା।

ତୃତୀୟ ଦିନର ସମାପନୀ ଉତ୍ସବରେ, ଆଚାର୍ଯ୍ୟ ବୃହସ୍ପତି ଜୀ, ଆଚାର୍ଯ୍ୟ ଭଗବାନ ଦେବ ଏବଂ ପ୍ରୋ. ସୋମଦେବ କାର୍ଯ୍ୟକ୍ରମର ସଫଳତା ପାଇଁ ଜନସାଧାରଣ ଏବଂ ଗୁରୁକୁଳର ତିନୋଟି ପ୍ରକଳ୍ପର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ସ୍ନାତକ-ସ୍ନାତିକା ଏବଂ କାର୍ଯ୍ୟକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ



ଶ୍ରଦ୍ଧାଳୁମାନେ ଦଧିହାଣ୍ଡି ଧରି ନଗର ପରିକ୍ରମା କରୁଛନ୍ତି।

ଖୁଣ୍ଟିଗୋରା, ୧୩।୨ (ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ଜୋନସ୍ତରୀୟ ଶୌଣ୍ଡିକ ସମାଜ ପକ୍ଷରୁ ଇଷ୍ଟଦେବୀ ସୁବର୍ଣ୍ଣଗ୍ରାହୀଙ୍କ ପୂଜା ଉପଲକ୍ଷେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ନାମଯଜ୍ଞରେ ୮ଟି ସଙ୍କୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ମଧ୍ୟାହ୍ନରେ ଦଧିହାଣ୍ଡିକୁ ନଗର ପରିକ୍ରମା କରାଇବା ପରେ ଯଜ୍ଞ ମଣ୍ଡପରେ ଭଙ୍ଗାଯାଇ ନିକଟସ୍ଥ ପୋଖରୀରେ ଭସାଯାଇଥିଲା। ଅଷ୍ଟପ୍ରହର ନାମଯଜ୍ଞରେ ଦେଢେଲମାଲ ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ କରିଥିଲେ। ଦିଗମ୍ବର ସାହୁ ଏବଂ ତାଙ୍କ ସ୍ତ୍ରୀ ଭୂଲେଶ୍ୱରୀ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଜୟରାମ ପାଣି ସୁବର୍ଣ୍ଣଗ୍ରାହୀଙ୍କ ପୂଜାର୍ଚ୍ଚନା କରିଥିଲେ। ନାମଯଜ୍ଞରେ ପଣ୍ଡିତ ରାଧାକାନ୍ତ ନନ୍ଦ ପୂଜାର୍ଚ୍ଚନା କରିଥିଲେ। ନାଗର ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ନରେନ୍ଦ୍ର ସାହୁ, ଅଖିଳ ସାହୁ, କିଶୋର ସାହୁ, ସାଗର ଚରଣ ସାହୁ, ବିଭିଷଣ ସାହୁ, ଦୟାନିଧି, ସାହୁ, କାର୍ତ୍ତିକେଶ୍ୱର ବେହେରା, ବସୁଦେବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଶିବିରରେ ମହିଳାଙ୍କ ସୁରକ୍ଷାକୁ ଗୁରୁତ୍ୱ

ବରଗଡ଼, ୧୩।୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବିଜେପୁର ମହାବିଦ୍ୟାଳୟରେ ମଙ୍ଗଳବାର ମହିଳାମାନଙ୍କ ପାଇଁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ବିଧାୟକ ସନତ କୁମାର ଗଡ଼ତିଆ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମାଙ୍ଗଳିକା ଦାଶ ଘରୋଇ ହିଂସା, ପ୍ରତିକାର ଏବଂ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। ଆଡ୍‌ଭୋକେଟ୍ ସୀତାରାମ ମେହେର, ଜୟଶ୍ରୀ ମହାପାତ୍ର ମହିଳାଙ୍କ ପାଇଁ ବିଭିନ୍ନ ଆଇନ ଉପରେ ଆଲୋଚନା କରିଥିଲେ। ବିଜେପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର ଉପସ୍ଥିତଥିଲେ। ଡିଏସ୍‌ପି ରୀନା ବେହେରା ଯୋଗ ଦେଇଥିଲେ। ପଦ୍ମପୁର ଉପଖଣ୍ଡ ପରିଯୋଜନା ଅଧିକାରୀ ନିମିଶ୍ୟା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କେତେଦିନ ପ୍ରେକ୍ଷାଳୟ ଖୋଜିବୁଲିବେ ନାଟ୍ୟକାର

**ସରକାରଙ୍କୁ ଦାବି ଜଣାଇଲେ ବି ଫଳ ଶୂନ**

ପଦ୍ମପୁର, ୧୩।୨ (ପ୍ରଦୀପ୍ତ ଦାଶ)

କେବଳ ପଦ୍ମପୁର ବରଗଡ଼ କି ପଶ୍ଚିମ ଓଡ଼ିଶା ନୁହେଁ, ସମଗ୍ର ଓଡ଼ିଶା ତଥା ଓଡିଶା ବାହାରେ ମଧ୍ୟ ପଦ୍ମପୁର କଳାକାରଙ୍କ ପ୍ରତିଭା ଭିନ୍ନ ଏକ ପରିଚୟ ରହିଛି। ରାଜ୍ୟ ତଥା ରାଜ୍ୟ ବାହାରେ ନାଟକ ଓ ନୃତ୍ୟ କ୍ଷେତ୍ରରେ ପଦ୍ମପୁରର ନାଟ୍ୟ ଅନୁଷ୍ଠାନଗୁଡ଼ିକ ସମ୍ମାନ ଓ ପୁରସ୍କୃତ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ହେଲେ ପଦ୍ମପୁର ସହରରେ ଏହି କଳାକାରମାନଙ୍କ ପାଇଁ ମଞ୍ଚପଯୋଗୀ ପ୍ରେକ୍ଷାଳୟ ଟିଏ ମଧ୍ୟ ନାହିଁ। ଆଗରୁ ପଦ୍ମପୁର ସହରରେ ରିକ୍ରେସନ ସେଣ୍ଟର ନାମରେ ଏକ ମଞ୍ଚ ଥିଲା ସମୟ କ୍ରମେ ତାହା ଭଗ୍ନସ୍ତୁପରେ ପରିଣତ ହୋଇଯାଇଛି। ଏଠାରେ ଏକ ସ୍ଥାୟୀ ପ୍ରେକ୍ଷାଳୟ ନିର୍ମାଣ ପାଇଁ ବିଭିନ୍ନ ସମୟରେ ସରକାର ଓ ପ୍ରଶାସନକୁ ବାରମ୍ବାର ଦାବି ଜଣାଇ ଆସୁଥିଲେ ମଧ୍ୟ ଆଜି ଯାଏ ତାହା ସମ୍ଭବ ହୋଇପାରିନାହିଁ। କେବଳ ନିର୍ବାଚନ ପୂର୍ବରୁ ଏହି ରିକ୍ରେସନ ସେଣ୍ଟର ପରିସରରେ ଏନ୍‌ଏସି ପକ୍ଷରୁ ଏକ ଫଳକ ଲଗାଯାଇଛି ମାତ୍ର ତାହା କେବଳ ଫଳକରେ ହିଁ ସିମୀତ ରହିଛି। ଅନ୍ୟ ସହର ଗୁଡ଼ିକରେ କଳାକାରମାନଙ୍କ ପାଇଁ ଅନେକ ପ୍ରେକ୍ଷାଳୟ ଥିବା ବେଳେ ବୋଡାସମ୍ବରର ସାଂସ୍କୃତିକ ପ୍ରାଣକେନ୍ଦ୍ର ପଦ୍ମପୁର ପ୍ରେକ୍ଷାଳୟ କାହିଁକି ନିର୍ମାଣ ହୋଇପାରୁନାହିଁ ସେ ନେଇ ସହରର କଳାକାର, ବୁଦ୍ଧିଜୀବୀ, ସାମାଜିକ କର୍ମୀ କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ପ୍ରଶାସନ ଏହି ପ୍ରସ୍ତାବିତ ସ୍ଥାନରେ ଶୀଘ୍ର ପ୍ରେକ୍ଷାଳୟ ନିର୍ମାଣ କାର୍ଯ ଆରମ୍ଭ କଲେ କଳାକାରଙ୍କୁ କଳାପ୍ରଦର୍ଶନ ପାଇଁ ଏଣେତେଣେ ଯିବା କୁ ପଡିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ସେମାନେ କୁହନ୍ତି...**



"ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ପଦ୍ମପୁରରେ ଥିବା ସାଂସ୍କୃତିକ ଉତ୍ସ ରିକ୍ରେସନ ସେଣ୍ଟର ଆଜି ଭଗ୍ନ ସ୍ତୁପ। କଳାପ୍ରଦର୍ଶନ ପାଇଁ ଆଜି ସ୍ଥାନ ଟିଏ ପାଉନାହାନ୍ତି। ଯାହାକି ଅଞ୍ଚଳର ସଂସ୍କୃତିକ ଅବକ୍ଷୟକୁ ଏଡ଼ାଇଦିଆଯାଇ ନପାରେ।

- ନିରୋଜ କୁମାର ଦୋରା, ସାମାଜିକ କର୍ମୀ, ପଦ୍ମପୁର



"କେବଳ ମଞ୍ଚରେ କୁହାଯାଉଛି। ମଞ୍ଚରୁ ଓହ୍ଲାଇ ଆସିବା ପରେ ସବୁ ପ୍ରତିଶ୍ରୁତି ମଞ୍ଚରେ ହିଁ ରହି ଯାଉଛି। ଗାଁଗୁଡ଼ିକୁ ସୁନ୍ଦର ମଞ୍ଚ ଓ ପ୍ରେକ୍ଷାଳୟ ରହିଛି କିନ୍ତୁ ପଦ୍ମପୁରରେ ନାହିଁ। ଯାହା ଥିଲା ତାହ ବି ଭାଙ୍ଗି ଦିଆଗଲା। ନୂଆଁ ହେବ ବୋଲି। କିନ୍ତୁ ଏ ଯାଏ ହେଲା ନି।

- ଅଶୋକ କୁମାର ବହିଦାର, ନାଟ୍ୟାକାର, ପଦ୍ମପୁର



"ପଦ୍ମପୁରରୁ ଅନେକ ଜାତୀୟ /ଅନ୍ତର୍ଜାତୀୟ କଳାକାର ବାହାରି ନିଜର କଳା ପ୍ରଦର୍ଶନ କରି ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ଏହି ସାଂସ୍କୃତିକ ସହରରେ ସ୍ଥାୟୀ ପ୍ରେକ୍ଷାଳୟ ନଥିବା ଅତି କ୍ଷୋଭର ବିଷୟ।

- ବିଶ୍ୱନାଥ ସେଠ, ଅଭିନେତା, ଫିଲ୍ମ ନିର୍ଦ୍ଦେଶକ, ପାଇକମାଲ

## ସଂକ୍ଷେପରେ

### ୨ ଶିଶୁ ଜୀବନ୍ତ ଦଗ୍ଧ ଘଟଣା: ପରିବାରକୁ ସାମାଜିକ କର୍ମୀଙ୍କ ସହାୟତା

ଲାଞ୍ଜିଗଡ଼, ୧୩।୨ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ଲାଖବାହାଲି ପଞ୍ଚାୟତ ତାଳବୋରା ଗାଁରେ ଗତ ମଙ୍ଗଳବାର ପାଳ କୁଡ଼ିଆ ଜଳି ୨ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏ ନେଇ ବିଭିନ୍ନ ଗଣାମାଧ୍ୟମରେ ଖବର ପ୍ରସାରଣ ପରେ ମୃତ ଶିଶୁଙ୍କ ମା'ବାପାଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଥିଲା। ଏହାପରେ ଗାଁରେ ପ୍ରଶାସନ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଲାଞ୍ଜିଗଡ଼ର ବିଶିଷ୍ଟ ସାମାଜିକ କର୍ମୀ ତଥା ବରିଷ୍ଠ ବିଜେଡି ନେତା ଶ୍ରୀଧର ପେସନିଆ ଓ ବାଲି ନାଏକ ଗାଁରେ ପହଞ୍ଚି ମୃତକଙ୍କ ମା'ବାପାଙ୍କୁ ସାକ୍ଷାତକରି ସମବେଦନା ଜଣାଇବା ସହ ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

### ସମର୍ପଣ ଦିବସ ପାଳିତ

ଖଡ଼ିଆଳ, ୧୩।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଚିଦାଗୁଡାସ୍ଥିତ ଭାଜପା ଇନ୍ଦ୍ରାଦି ମଣ୍ଡଳର କଳା ସଂସ୍କୃତି ଭବନଠାରେ ମହାନ୍ ଚିନ୍ତାନାୟକ ତଥା ଏକାତ୍ମମାନବ ଦର୍ଶନର ପ୍ରଣେତା ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ବା ସମର୍ପଣ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଯୁଧିଷ୍ଠିର ହଂସ ସଭାପତିତ୍ୱ କରିଥିବା ବେଳେ ଓବିସି ମୋର୍ଚ୍ଚା ଜିଲା ସଭାପତି ଅଜିତ କିଶୋର ଚଲାନ ପଣ୍ଡିତ ଦୀନ୍‌ଦୟାଲଙ୍କ ଜୀବନୀ ଉପରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ମଣ୍ଡଳର ନୂତନ ଭାବରେ ନିର୍ବାଚିତ ୪୦ ଗୋଟି ବୁଥ୍ ସଭାପତି ଓ ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲାର ବରିଷ୍ଠ ନେତା ରାତ୍ରାନନ୍ଦ ମଂହିରା, ନନ୍ଦଲାଲ ପାଣ୍ଡେ, ରାଧେ ରଣା, ଗୋପବନ୍ଧୁ ବନ୍ଦିଛୋର, ଲିଲୁ ବେହେରା, ଖିତି ବେହେରା, ଲବ ରଣା, ମହେଶ ମାଝୀ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚଙ୍କ ସ୍ମୃତିଚାରଣ ସଭା

ଖଡ଼ିଆଳ, ୧୩।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଏଟି ଉଚ୍ଚ ବିଦ୍ୟାଳୟ ପରିସରରେ ଡମଝରର ପୂର୍ବତନ ସରପଞ୍ଚ ସ୍ୱର୍ଗତ କୃଷ୍ଣଚନ୍ଦ୍ର ବେହେରାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମାତ୍ର ୫୮ ବର୍ଷ ବୟସରେ କୃଷ୍ଣଚନ୍ଦ୍ରଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ଏଟି ଉଚ୍ଚ ବିଦ୍ୟାଳୟର ୧୯୮୩ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମାନଙ୍କ ଦ୍ୱାରା ଆୟୋଜିତ ସଭାରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଡ. ପଦ୍ମଲୋଚନ ବର୍ମା ତାଙ୍କ ସ୍ମୃତିଚାରଣ କରି ସେ ଜଣେ ମେଳାପି ଓ ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ ବୋଲି କହିଥିଲେ। ପ୍ରାଧ୍ୟାପକ ସାମୁଏଲ ଦାନି ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରି ସେ କିପରି ଗରିବ ପିଲାଙ୍କୁ ପାଠ ପଢିବାରେ ସାହାଯ୍ୟ କରୁଥିଲେ ଓ ପଞ୍ଚାୟତ ପାଇଁ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି ତାହା ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିତ ଚନ୍ଦ୍ର ପ୍ରଧାନ, ପ୍ରଦୀପ କୁମାର ଦଣ୍ଡସେନା, ଡ. ଆଦିତ୍ୟ କୁମାର ଜୋଷୀ, ସୁଶୀଲ ଖେମ୍‌କା, ଅଶୋକ କୁମାର ବାରିକ, ରତନ କୁମାର ବାରିକ, ନରେନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ।

# ପାହାଡ଼ ଉପରେ ଚାଲିଛି ଇ-କେୱାଇସି ଅପ୍‌ଡେଟ୍

ଭବାନୀପାଟଣା, ୧୩।୨ (ଉତ୍ତମ କୁମାର ଦାଶ)



ଦୁର୍ଗମ ଅଞ୍ଚଳରେ ପାହାଡ଼ ଉପରେ ଇ-କେୱାଇସି ଅପ୍‌ଡେଟ୍ କରାଯାଉଛି।

**କଳାହାଣ୍ଡି ଜିଲାର ଦୁର୍ଗମ ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା**

- ୧୨ଲକ୍ଷ ୨୫ହଜାର ଜଣଙ୍କ ଅପଡେଟ୍ ହେଲାଣି
- ୨୦୯୦ ସରକାରୀ ଚାକିରିଆ ଚିହ୍ନଟ

ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ଇ-କେୱାଇସି ଅପ୍‌ଡେଟ୍ ଶେଷ ତାରିଖ ଆସନ୍ତା ୧୫ ତାରିଖ ଶନିବାର ବୋଲି ଗତ ଜାନୁୟାରୀ ଶେଷରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଥିଲେ। ଏହି କ୍ରମରେ କଳାହାଣ୍ଡି ଜିଲାରେ ୧୪ ଲକ୍ଷ ୪ହଜାର ୨୫୮ ସଦସ୍ୟ ମଧ୍ୟରୁ ବୁଧବାର ସୁଦ୍ଧା ୧୨ଲକ୍ଷ ୨୫ହଜାର ୪୧୯ ଜଣ ଇ-କେୱାଇସି ଅପ୍‌ଡେଟ୍ କରିଥିବା ଜଣାପଡିଛି। ଅବଶିଷ୍ଟ୧ ଲକ୍ଷ ୭୮ହଜାର ୮୩୯ଜଣ ଅପ୍‌ଡେଟ୍ କରି ନାହାନ୍ତି। ବର୍ତ୍ତମାନ ଜିଲାର ପ୍ରତି ଗ୍ରାମରେ ସ୍ଥାନୀୟ ଯୋଗାଣ ସହାୟକମାନେ ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରିବାରେ ଲାଗି ପଡିଛନ୍ତି। ଫଳରେ ଆସନ୍ତା ୩ଦିନରେ ଆହୁରି ଅନେକ ଲୋକ ଅପ୍‌ଡେଟ୍‌ରେ ଯୋଡିହେବେ। ଜିଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୦ ଶତକଡା ଇ-କେୱାଇସି ଅପ୍‌ଡେଟ୍ ହୋଇଥିବା ଜଣାପଡିଛି। ତେବେ ନେଟ୍‌ୱର୍କ ସମସ୍ୟା ଯୋଗୁ ଜିଲାର ଦୁର୍ଗମ ଅଞ୍ଚଳରେ ଲୋକେ ପାହାଡ, ବଡ ପଥର କିମ୍ବା ଗଛ ଉପରକୁ ଚଢି ଇ-କେୱାଇସି ଅପ୍‌ଡେଟ୍ କରୁଥିବା ଦେଖିବାକୁ ମିଳିଛି।

ଜିଲାରେ ଥୁଆମୂଳ ରାମପୁର, ଏମ୍ ରାମପୁର, ଭବାନୀପାଟଣା ଓ ଲାଞ୍ଜିଗଡ ବ୍ଲକର ଦୁର୍ଗମ ୩୨ଟି ପଞ୍ଚାୟତ (ସେକ୍ଟର) ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ରହିଛି। ସେଠାରେ ନେଟ୍‌ୱର୍କ ପାଇଁ ପାହାଡ ଉପରକୁ ଚଢି ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରାଯାଉଛି। ଏହି ସମୟରେ ହିତାଧିକାରୀଙ୍କ ରାଶନ କାର୍ଡରେ ଥିବା ନାଁ ଓ ଆଧାରକାର୍ଡ ଯାଞ୍ଚ ପରେ ଫିଙ୍ଗର ପ୍ରିଣ୍ଟ କିମ୍ବା ଆଇସ୍କାନ୍ କରାଯାଉଛି। ପରିବାରର ଯେଉଁ ସଦସ୍ୟଙ୍କ ନାମରେ ରାଶନ ସାମଗ୍ରୀ ମିଳୁଛି ସେମାନଙ୍କର ଯାଞ୍ଚ କରାଯାଉଛି। ପରେ ଇ-କେୱାଇସି ମାଧ୍ୟମରେ ଡିଲର ଅପଡେଟ୍ କରୁଛନ୍ତି। ଜିଲାର ଦୁର୍ଗମ ଥୁଆମୂଳ ରାମପୁର ବ୍ଲକର ୨୨ଟି ପଞ୍ଚାୟତରେ ଏହିସବୁ ସମସ୍ୟା ଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସେଠାରେ ୭୦ ଶତକଡା ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରାଯାଇଥିବା ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ ପ୍ରକାଶ କରିଛନ୍ତି। ସେହିପରି ୬୦ ବର୍ଷରୁ ଊର୍ଦ୍ଧ୍ୱ କେତେଜଣ ବୃଦ୍ଧାବୃଦ୍ଧଙ୍କ ବାୟୋମେଟ୍ରିକ ମଧ୍ୟ ଆସୁ ନ ଥିବାରୁ ଇ-କେୱାଇସି ଅପ୍‌ଡେଟ୍ କରିବାରେ ସମସ୍ୟା ରହୁଛି। ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନ କରାଯାଉଛି ଓ ଶୀଘ୍ର ଏହା ଶେଷହେବ ବୋଲି ସେ କହିଥିଲେ। କଳାହାଣ୍ଡି ଜିଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରେ ୪ଲକ୍ଷ ୧ହଜାର ୯୮୩ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ (ଏସ୍‌ଏଫ୍‌ଏସ୍‌ଏ)ରେ ୧୩ହଜାର ୭୮୨ ରାଶନ କାର୍ଡ ପାଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି। ସେହିପରି ଇ-କେୱାଇସି ଅପ୍‌ଡେଟ୍ କରାଯିବାବେଳେ ଜିଲାର ୨୦୯୦ ସରକାରୀ ଚାକିରିଆ ଚିହ୍ନଟ ହୋଇଛନ୍ତି। ଏଥିରେ ଅଙ୍ଗନୱାଡି କର୍ମୀ, ଗୃହରକ୍ଷୀ, ଶିକ୍ଷକ ଆଦି ରହିଛନ୍ତି। ଏହାସହ ଇନ୍‌କମ୍ ଟାକ୍ସ ଦେଉଥିବା ୨୦୭୩ ଜଣ ଚିହ୍ନଟ ହୋଇଥିବା ସୂଚନା ମିଳିଛି।

# ଅର୍ଥନୀତି ବିଭାଗରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଭବାନୀପାଟଣା, ୧୩।୨ (ଉତ୍ତମ କୁମାର ଦାଶ)

**ଅର୍ଥ ଆୟୋଗର ଭୂମିକା, କାର୍ଯ୍ୟକାରିତା ଉପରେ ଆଲୋଚନା**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗରେ ଗୁରୁବାର 'ଦି ଫଙ୍କସନିଂ ଅଫ ଦି ଫାଇନାନ୍ସ କମିଶନ' ଶୀର୍ଷକରେ ଏକ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଅଧ୍ୟକ୍ଷତା କରି ଅର୍ଥ ଆୟୋଗର କାର୍ଯ୍ୟକାରିତା ସମ୍ପର୍କରେ ନିଜର ମତ ପ୍ରକାଶ କରିଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ଡ. ଚିତ୍ରସେନ ଭୁଏ, ପ୍ରାଧ୍ୟାପକ ସିମାଞ୍ଚଳ ମିଶ୍ର, ୧୬ତମ ଅର୍ଥ ଆୟୋଗର ସଦସ୍ୟ ତଥା ନୂଆଦିଲ୍ଲୀ ଆଇଇଜିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ମନୋଜ ପଣ୍ଡା ଯୋଗଦେ ଅର୍ଥ ଆୟୋଗର ଭୂମିକା, କାର୍ଯ୍ୟକାରିତା, ଭାରତୀୟ ଆର୍ଥିକ ସଂଘୀୟତାର ବିଭିନ୍ନ ଦିଗ ସମ୍ପର୍କରେ ତାତ୍ତ୍ୱିକ ଆଲୋଚନା କରିଥିଲେ। ପ୍ରଶ୍ନୋତ୍ତର ମାଧ୍ୟମରେ ବକ୍ତାମାନେ ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକଙ୍କ ଜିଜ୍ଞାସା ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ରୋଶନ ପଧାନ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ଡ. ଶେଷଦେବ ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ଅର୍ଥନୀତି ବିଭାଗର ସମସ୍ତ ଗବେଷକ, ଗବେଷିକା ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# 'ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି' ପକ୍ଷରୁ ସଭା

ଭବାନୀପାଟଣା, ୧୩।୨ (ଉତ୍ତମ କୁମାର ଦାଶ)

ଭାଜପା ସରକାର ନିର୍ବାଚନ ସମୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସରକାର ଗଠନର ପ୍ରଥମ ବଜେଟରେ ୮୦ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଓ ୮୦% ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ୩୫୦୦ଟଙ୍କା ଭତ୍ତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ଏହାକୁ ନେଇ 'ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି' ସଂଗଠନ ପକ୍ଷରୁ ଭବାନୀପାଟଣା ମ୍ୟୁନିସିପାଲିଟିର ୱାର୍ଡ ନଂ.୫ ଜୋରପଡ଼ାର ୪୦ରୁ ଊର୍ଦ୍ଧ୍ୱ ଭତ୍ତା ହିତାଧିକାରୀଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଗଠକ ଲକ୍ଷ୍ମୀନାରାୟଣ ପଣ୍ଡା ଯୋଗଦାନ କରି ଆସନ୍ତା ୧୭ତାରିଖରେ ହେବାକୁ ଥିବା ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ ସମୟରେ ମୋହନ ସରକାର ନିଜର ପ୍ରତିଶ୍ରୁତି ପାଳନ କରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ୩୦୦୦ଟଙ୍କା ଉଲ୍ଲେଖ କରନ୍ତୁ। ନଚେତ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ବରିଷ୍ଠ ସଦସ୍ୟ ନିରୋଦ କୁମାର ରାଉତ, ନାରୀନେତ୍ରୀ କବିତା ରାଉତ, ଚାଷୀ ନେତା ଲିଙ୍ଗରାଜ ପ୍ରଧାନ, ମଧୁଲାଲ ନାଏକ ଉଦ୍‌ବୋଧନ ଦେବା ସହ ସମସ୍ତ ଭତ୍ତାଧିକାରୀ ନିଜର ହକ୍ ନ ପାଇବା ଯାଏ ଭବାନୀପାଟଣାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଜୋରଦାର ଲଢେଇ ହେବ ବୋଲି କହିଥିଲେ। ବୈଠକକୁ ସଫଳ କରିବା ପାଇଁ ସଦସ୍ୟ ଶ୍ରୀୟା ଚନ୍ଦନ ଓ ସୌମ୍ୟରଞ୍ଜନ କର ପ୍ରମୁଖ ସହଯୋଗ କରିଥିଲେ।

# ଧବଳେଶ୍ୱର ଦୁଗ୍ଧଚାଷୀଙ୍କ ବାର୍ଷିକ ସାଧାରଣ ସଭା

ତୁଣ୍ଡଲା, ୧୩।୨ (ଫିରୋଜ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ବେଲଖଣ୍ଡି ଧବଳେଶ୍ୱର ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଲିଃ ଆନୁକୂଲ୍ୟରେ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦୁଗ୍ଧଚାଷୀ ଓ କର୍ମକର୍ତ୍ତାଙ୍କୁ ନେଇ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକେଏନ୍ ଆଞ୍ଚଳିକ ଦୁଗ୍ଧ ସଂଘର ଜିଏମ୍ ରଜନୀକାନ୍ତ ପଣ୍ଡା ମୁଖ୍ୟବକ୍ତା, ଓମ୍‌ଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ବିକେଏନ୍ ସଂଘ ସଭାପତି ସୀମା ପଟେଲ, କେସିଙ୍ଗା ବିଡିଓ ଆଭାମଞ୍ଜରୀ ନାଏକ, ତୁଣ୍ଡଲା ଭିଏଏସ୍ ଦେବାଶିଷ ପୁଟେଲ, ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ସ୍ଥାନୀୟ ସରପଞ୍ଚ ସୁଶାନ୍ତ ବାଗ, ସ୍ଥାନୀୟ ସମିତି ସଭ୍ୟ ପ୍ରଦୀପ ନାଏକ, ଧବଳେଶ୍ୱର ଦୁଗ୍ଧ ସମବାୟ ସମିତି ସଭାପତି ଜ୍ୟୋତିଷ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଦୁଗ୍ଧଚାଷୀଙ୍କ ଲାଭକ୍ଷତି ବିଷୟରେ ଆଲୋଚନା କରାଯାଇଥିଲା। ଚୟନ ହୋଇଥିବା ଦୁଗ୍ଧଚାଷୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିବା ସହ ସମସ୍ତଙ୍କୁ ଗାଈଙ୍କ ପାଇଁ ଦାନାକୁଣ୍ଡ ବଣ୍ଟନ କରାଯାଇଥିଲା।

# ଶ୍ରମବାହିନୀ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଭବାନୀପାଟଣା, ୧୩।୨ (ଉତ୍ତମ କୁମାର ଦାଶ)

ଶ୍ରମବାହିନୀ (ଓଡ଼ିଶା ମୁକ୍ତି ପ୍ରାପ୍ତ ଗୋତି ଶ୍ରମିକ ସଙ୍ଗଠନ) ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ଭବାନୀପାଟଣା ସହରରେ ଶୋଭାଯାତ୍ରା କରାଯିବା ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଏହି ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଦାବିଗୁଡିକ ମଧ୍ୟରେ ବନ୍ଧକ ଶ୍ରମିକ ପୁନର୍ବାସ ରାଶି ବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ବନ୍ଧକ ଶ୍ରମିକରୁ ବର୍ତ୍ତିଥିବା ଲୋକଙ୍କୁ ଆବାସ ସୁବିଧା ପ୍ରଦାନ, ବନ୍ଧକ ଶ୍ରମିକ ବ୍ୟବସ୍ଥା ଉଚ୍ଛେଦ ଆଦି ଅନ୍ୟତମ। ରାଜ୍ୟ ସଭାପତି ଝସକେତନ ବାଗଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ସମ୍ପାଦିକା ରଞ୍ଜିତା ରଣାଙ୍କ ସମେତ ସଙ୍ଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଶ୍ରମବାହିନୀ କର୍ମକର୍ତ୍ତା।

### ଶ୍ରୀରାମ କଥା ପ୍ରବଚନ ଉଦ୍‌ଯାପିତ

ଖଡ଼ିଆଳ, ୧୩।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଭୁଲିଆ ସିକୁଆଁ ନିକଟରେ ନିର୍ମାଣାଧୀନ ଜଗନ୍ନାଥ ମନ୍ଦିରଠାରେ ଚାଲିଥିବା ପ୍ରବଚନ ଉଦ୍‌ଯାପିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ବାବା ଅନନ୍ତ ଚରଣ ଆଚାର୍ଯ୍ୟ ୭ଦିନ ଧରି ଶ୍ରୀରାମ କଥା ପ୍ରବଚନ ଦେଇଥିଲେ। ମନ୍ଦିର ପରିଚାଳନା କମିଟିର ରମେଶ ଚନ୍ଦ୍ର ମେହେର, ନବୀନ ଚନ୍ଦ୍ର ମେହେର, ହରିହର ମେହେର, କୁଳମଣି ମେହେର, ଚନ୍ଦ୍ରଧ୍ୱଜ ମେହେର, ଚନ୍ଦୁଲାଲ ମେହେର, ମୋହନ ଭୋଇ, ରାମନାଥ ମେହେର, ଲିଙ୍ଗରାଜ ମେହେର ପ୍ରମୁଖ ସହଯୋଗ କରିଥିଲେ।

### କେନ୍ଦୁପତ୍ର କର୍ମଚାରୀ ସଂଘର କାର୍ଯ୍ୟାଳୟ ଘେରାଉ ନିଷ୍ପତ୍ତି ସ୍ଥଗିତ

ଖଡ଼ିଆଳ, ୧୩।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଡିଏଫ୍‌ଓ କାର୍ଯ୍ୟାଳୟରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଉପସଭାପତି ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀ, ସଞ୍ଜିତ ମହାନ୍ତି, ମହମ୍ମଦ ମୂର୍ତ୍ତଜା, ଶିବାନନ୍ଦ ପରିଚ୍ଛା, ପଦମପୁର ସଂଘର ନେତା କୋକିଳ ସାହୁ, ଦୀପକ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। ବର୍ଷେ ଭିତରେ ଡ଼ିଭିଜନରେ ବ୍ୟାପକ ଦୁର୍ନୀତି ବିରୋଧରେ ସୃଷ୍ଟି ହୋଇଥିବା ଶ୍ରମିକ ଅଶାନ୍ତି ନେଇ ୧୪ ଫେବୃଆରୀ ଶୁକ୍ରବାର ହେବାକୁ ଥିବା ଖଡ଼ିଆଳ ଡ଼ିଭିଜନ କାର୍ଯ୍ୟାଳୟ ଘେରାଉ ନିଷ୍ପତ୍ତି ଉପରେ ଆଲୋଚନା କରାଯାଇ ଏହାକୁ ସ୍ଥଗିତ ରଖାଯାଇଛି ବୋଲି କର୍ମକର୍ତ୍ତାଙ୍କ ପକ୍ଷରୁ ସୂଚନା ମିଳିଛି।

# କୁରେଶ୍ୱର ଶିଶୁମନ୍ଦିରର ବାର୍ଷିକ ଉତ୍ସବ

କୋମନା, ୧୩।୨ (ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ୍ କୁରେଶ୍ୱର ଉଦ୍ୟାନବନ୍ଧସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁରେଶ୍ୱର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଠାକୁର ମୁଖ୍ୟ ଅତିଥି ଓ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. କପିଳେନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଡିଆଇ ଚିତ୍ତରଞ୍ଜନ ସୁନାନୀ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ନାୟକ, ଶିଶୁ ମନ୍ଦିର ସମ୍ପାଦକ ସୁରେଶ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିଶୁ ମନ୍ଦିର ବରିଷ୍ଠ ଆଚାର୍ଯ୍ୟ ଧନରାମ ଅହୀର ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଅର୍ଜୁନ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଶିଶୁ ଭଉଣୀଭାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିଶୁମନ୍ଦିର ପରିଚାଳନା କମିଟି ସଦସ୍ୟ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ଗଡ଼ିଲା କୃଷିଭିତ୍ତିକ ପ୍ରସାର ରଥ

ଧର୍ମଗଡ଼, ୧୩।୨ (ଆକାଶ କୁମାର ଜଗତ)




କୃଷି ଭିତ୍ତିକ ପ୍ରସାର ରଥ ଶୁଭାରମ୍ଭ କରାଯାଉଛି।

କଳାହାଣ୍ଡିଜିଲା ଧର୍ମଗଡ କୃଷି ଜିଲା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ଗୁରୁବାର କୃଷି ଭିତ୍ତିକ ପ୍ରସାର କାର୍ଯ୍ୟକ୍ରମ ରଥ ଗଡିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି କୃଷି ଭିତ୍ତିକ ପ୍ରସାର ରଥ ଧର୍ମଗଡ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତ ପରିକ୍ରମା କରିବ। ଏଥିରେ ଏକ ନୃତ୍ୟ ଦଳ ଅଭିନୟ ମାଧ୍ୟମରେ ସରକାରଙ୍କ ପିଏମ୍ କିଷାନ, ସିଏମ୍ କିଷାନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ଭଳି ସରକାରଙ୍କ ସମସ୍ତ କୃଷି ଭିତ୍ତିକ କାର୍ଯ୍ୟକ୍ରମ ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିବା ନେଇ ସୂଚନା ରହିଛି। ଧର୍ମଗଡ଼ କୃଷି ଜିଲା ଅଧିକାରୀ ସଞ୍ଜୟ କୁମାର ପାତ୍ର ଓ ସହକାରୀ ବ୍ଲକ କୃଷି ଅଧିକାରୀ ହେମାନନ୍ଦ ମାଝୀ ସବୁଜ ପତାକା ଦେଖାଇ ପ୍ରସାର ରଥର ଶୁଭାରମ୍ଭ କରିଥିଲେ।

# ହରେକୃଷ୍ଣପୁର କ୍ଲଷ୍ଟରରେ ନିପୁଣ ଓଡ଼ିଶା ମେଳା

ଲାଞ୍ଜିଗଡ, ୧୩।୨ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ହରେକୃଷ୍ଣପୁର କ୍ଲଷ୍ଟର ଭାଟଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ନିପୁଣ ଓଡ଼ିଶା ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୨୦୨୬-୨୭ ଶିକ୍ଷାବର୍ଷଠାରୁ କିଭଳି ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ପରବର୍ତ୍ତୀ ଶ୍ରେଣୀରୁ ନିଜେ ଭାଷା ଓ ସଂଖ୍ୟାଜ୍ଞାନ ଜାଣିପାରିବେ ସେଥିପାଇଁ ବର୍ତ୍ତମାନଠାରୁ ପିଲାଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ୧୬ ସ୍କୁଲର ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ହରେକୃଷ୍ଣପୁର କ୍ଲଷ୍ଟର ସଂଯୋଜିକା କାଞ୍ଚନ ବାଳା ମହାରଣାଙ୍କ ତତ୍ତ୍ୱାବଧାନ ଓ ଭାଟଗୁଡ଼ା ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀପ୍ରିୟା ମୁଦୁଲି ଓ ସମ୍ମାନିତ ଅତିଥି ଭାବେ ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ପୂର୍ବତନ ସିଆର୍‌ସିସି ଗୁରୁଗୋବିନ୍ଦ ମହାନ୍ତି, ଚମ୍ପାଦେଇପୁର ସିଆର୍‌ସିସି ସୌଭାଗ୍ୟ ରଞ୍ଜନ ସାହୁ, ବିଶ୍ୱନାଥପୁର ପୂର୍ବତନ ସିଆର୍‌ସିସି ବିଜୟ କୁମାର ରାୟ, ଛତ୍ରପୁର ପୂର୍ବତନ ସମିତିସଭ୍ୟ ସେନାପତି ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ୧୬ ସ୍କୁଲର ଜଣେ ଲେଖାଏ ଶିକ୍ଷକ ଯୋଗଦେଇଥିବା ବେଳେ ଶିକ୍ଷକ ରାଘବ ଗହୀର ଓ କୃଷ୍ଣ ଦୁର୍ଗା ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ମା' ଛାଞ୍ଚେଣ ରୂପେନଙ୍କ ଝାମୁଯାତ୍ରା ସମ୍ପନ୍ନ

ଲାଞ୍ଜିଗଡ଼, ୧୩।୨ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମସ୍କାପଦର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଛାଞ୍ଚେଣ ରୂପେନଙ୍କ ଝାମୁଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ପୂଜକମାନେ ମାଘ ସପ୍ତମୀରେ ୭ଟି ନୂଆ ଟାଙ୍ଗୁଡ଼ିରେ ନଦୀରୁ ବାଲି ଆଣି ବିଭିନ୍ନ ପ୍ରକାର ଶସ୍ୟ ଧାନ, ମକା, ବିରି, କୋଳଥ ଇତ୍ୟାଦି ବିହନ ପକାଇଥିଲେ। ଏହାସହ ଝାମେରା କଣ୍ଟାରେ ଦୋଳି ତିଆରି କରିଥିଲେ। ଗଜା ହୋଇଥିବା ବିହନ ଓ କଣ୍ଟାଦୋଳିକୁ ନବମୀ ପର୍ଯ୍ୟନ୍ତ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଦିନ ମା' ଛାଞ୍ଚେନ ରୂପେଣ କଞ୍ଚା ମାଠିଆରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ପ୍ରତିପଦା ଗୁରୁବାର ମା'ଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଥିଲା। ସେହିଦିନ ଗ୍ରାମର ଜଣେ ବ୍ୟକ୍ତିଙ୍କ ଦେହରେ ଦେବୀ ଆବିର୍ଭାବ ହୋଇଥିଲେ। ଏହାପରେ ଦେବୀଙ୍କ କାଳିଶି ମୁଖ୍ୟ ପୀଠସ୍ଥଳୀ ଛାଞ୍ଚେଣ ରୂପେନ ପାହାଡ଼କୁ ଯିବା ସହ ସେଠାରୁ ଏକ ଶୋଭାଯାତ୍ରାରେ ଗ୍ରାମରେ ଥିବା ବାଲି ଘରକୁ ଫେରିଥିଲେ। ପ୍ରଥମେ ଗାଁର ଗୌନ୍ତିଆ ମାଲି ମାଝୀଙ୍କ ଘରକୁ ଯାଇ ପାଦ ପୂଜା ପରେ ସେଠାରୁ ଝାମୁଯାତ୍ରା ପଡିଆକୁ ଫେରିଥିଲେ। ଫେରିବା ପରେ କଣ୍ଟା ଦୋଳିରେ ବସି ଭକ୍ତମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ନିଆଁରେ ଦେବୀଙ୍କ କାଳିଶି ଚାଲିବା ସହ ଶକ୍ତିର ପରିଚୟ ଦେଇଥିଲେ। ଏଥିରେ ଛାଞ୍ଚେଣ ରୂପେନଙ୍କ ମୁଖ୍ୟ ପୂଜକ ଖୁଞ୍ଜା ଲୋହରା, ରାଶି ଲୋହରା ଓ ବାହୁକ ହରିଶଙ୍କର ପ୍ରଧାନୀ ସମେତ ମସ୍କାପଦର ଛାଞ୍ଚେନ ରୂପେନ ଯୁବକ ସଂଘ ସଭାପତି ଧାନ ମାଝୀ, ଉପସଭାପତି ଶୁଶାନ୍ତ ନାଏକ, ସମ୍ପାଦକ ରାଜେନ୍ଦ୍ର ନାଏକ, ସହ ସମ୍ପାଦକ ଜଗନ୍ନାଥ ପ୍ରଧାନୀ, ପୂଜା କମିଟି ସଭାପତି ନବୀନ ମାଝୀ, ସତ୍ୟନାରାୟଣ ନାଏକ, ଭୈରବ ବହିଦାର, ସୁନାଧର ବାଗ, ଗୌରାଙ୍ଗ ମାଝୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଏଥିରେ କଳାହାଣ୍ଡି ଜିଲା ତଥା ସୀମାନ୍ତ ରାୟଗଡା, କନ୍ଧମାଳ, ବଲାଙ୍ଗୀର, ନୂଆପଡା ଓ ନବରଙ୍ଗପୁର ଜିଲାର ଭକ୍ତଙ୍କ ସମାଗମ ହୋଇଥିଲା।



ଝାମୁଯାତ୍ରା ଉପଭୋଗ କରିବାକୁ ଆସିଥିବା ଦର୍ଶକ।

## ବାଇକ୍-ଟାଟା ଏସିଇ ମୁହାଁମୁହିଁ ଧକ୍କା, ଜଣେ ମୃତ

ରାଉରକେଲା,୧୩।୨(ସଙ୍ଗୀତା ଜେନା)

ବିଶ୍ରା ଥାନା ଅନ୍ତର୍ଗତ ମହୀପାଣି ଅଞ୍ଚଳରେ ଗୁରୁବାର ସନ୍ଧ୍ୟା ୫ଟାରେ ଏକ ବାଇକ୍ ଓ ଟାଟା ଏସିଇ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଟାଟା ଏସିଇ ଚାଳକ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଆହତଙ୍କୁ ପ୍ରଥମେ ମହୀପାଣି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଛି। ଖବର ଲେଖାହେବା ସୁଦ୍ଧା (ସନ୍ଧ୍ୟା ସାଢ଼େ ୮ଟା) ଏ ନେଇ ଥାନାରେ କୌଣସି ଏତଲା ହୋଇନାହିଁ। ମୃତକ ଝାଡ଼ଖଣ୍ଡ ଅଞ୍ଚଳର ବୋଲି ଜଣାପଡ଼ିଛି।

## ଯୁବତୀଙ୍କୁ ଅପହରଣ କରି ବଳାତ୍କାର, ଜଣେ ଅଟକ

ରାଉରକେଲା,୧୩।୨(ସଙ୍ଗୀତା ଜେନା)

ବିଶ୍ରା ଥାନା ଅଞ୍ଚଳରେ ଜଣେ ଯୁବତୀ(୨୬) ବଜାର କରି ଘରକୁ ଫେରୁଥିବା ବେଳେ ବୁଧବାର ଅପରାହ୍ନରେ ଜଣେ ଯୁବକ ତାଙ୍କୁ ଅପହରଣ କରି ନିକାଞ୍ଚନ ସ୍ଥାନରେ ବଳାତ୍କାର କରିଥିଲେ। ପୀଡ଼ିତା ଯୁବତୀ ଘରକୁ ଫେରି ଅଭିଭାବକଙ୍କୁ କହିବା ପରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଏ ନେଇ ଥାନାରେ ଏତଲା ହୋଇଥିଲା। ପୋଲିସ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇବା ସହ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ଏକ ମାମଲା (ନଂ.୬୬/୨୫) ରୁଜୁ ହୋଇଛି।

# ୩୩ ଡିସ୍‌ପେନସାରିକୁ ୨୦ ଡାକ୍ତର

ରାଉରକେଲା,୧୩।୨(ସଙ୍ଗୀତା ଜେନା)

ବର୍ତ୍ତମାନ ଲୋକେ କୌଣସି ସାଇଡ୍ ଇଫେକ୍ଟ ନ ଥିବା ଆୟୁର୍ବେଦ ଚିକିତ୍ସାକୁ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି। ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାରେ ଲୋକମାନଙ୍କ ମଧ୍ୟରେ ଏହି ଚିକିତ୍ସା ପଦ୍ଧତି ବେଶ୍ ଲୋକପ୍ରିୟତା ହେବାରେ ଲାଗିଛି। ଏହି କ୍ରମରେ ଜିଲାର ରାଜଗାଙ୍ଗପୁର, ବିଶ୍ରା, କୁଆଁରମୁଣ୍ଡା, ଲାଠିକଟା, ଲହୁଣୀପଡା, ବଣେଇ, ଗୁରୁଣ୍ଡିଆ, ସବଡେଗା, ସଦର, ହେମଗିରି, ଟାଙ୍ଗରପାଲୀ, ବାଲିଶଙ୍କରା, ଲେଫ୍ରିପଡ଼ା, କୁତ୍ରା, ନୂଆଗାଁ ଆଦି ବ୍ଲକ ସମେତ ଆଖପାଖ ଅଞ୍ଚରେ ମୋଟ ୩୩ଟି ଡିସ୍‌ପେନସାରି ରହିଛି। ହେଲେ ଏହିସବୁ ଡିସ୍‌ପେନସାରିରେ ପର୍ଯ୍ୟାପ୍ତ ଡାକ୍ତର ନ ଥିବା ଅଭିଯୋଗ ହେଉଛି। ଏପରିକି ଗୋଟିଏ କିମ୍ବା ୨ଟି ଡିସ୍‌ପେନସାରିରେ ଜଣେ ଲେଖାଏଁ ଡାକ୍ତର ଥିବା ଜଣାପଡିଛି। ସେହିପରି ଡିସ୍‌ପେନସାରିରେ ପର୍ଯ୍ୟାପ୍ତ ଔଷଧ ମିଳୁ ନ ଥିବା ମଧ୍ୟ ଅଭିଯୋଗ ହେଉଛି।

ରାଉରକେଲା ସନ୍ନିକଟ ବେଦବ୍ୟାସଠାରେ ଥିବା ଏପରି ଏକ ଆୟୁର୍ବେଦ ଡିସ୍‌ପେନସାରିରେ ସପ୍ତାହରେ ପ୍ରାୟ ଅଧାଦିନ ଖୋଲା ରହୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ବହୁ ପୂର୍ବରୁ ଉକ୍ତ ଅଞ୍ଚଳରେ ଆୟୁର୍ବେଦ ଚିକିତ୍ସା ପଦ୍ଧତି


ବେଦବ୍ୟାସଠାରେ ଥିବା ଡିସ୍‌ପେନ୍‌ସାରୀ।

### ରୋଗୀଙ୍କୁ ଆୟୁର୍ବେଦ ଚିକିତ୍ସା ଅପହଞ୍ଚ

ଆଦୃତ ହୋଇଥିବା ଯୋଗୁ ଲୋକଙ୍କର ଆଜି ମଧ୍ୟ ଏହି ଚିକିତ୍ସା ଉପରେ ଭରସା ରହିଛି। ଉକ୍ତ ଡାକ୍ତରଖାନାକୁ ଅସ୍ଥି ସମସ୍ୟା ନେଇ ଆସିଥିବା ଜଣେ ମହିଳା ରୋଗୀ କହିବା ଅନୁସାରେ ଏଠାରେ ଡାକ୍ତରୀ ପରାମର୍ଶ କ୍ରମେ ଦିଆଯାଉଥିବା ଔଷଧ କାମ କରୁଛି। ହେଲେ ପର୍ଯ୍ୟାପ୍ତ ଡାକ୍ତର ନ ଥିବାରୁ ଉପଯୁକ୍ତ ସେବା ମିଳୁନାହିଁ। ପୂର୍ବରୁ ଜଣେ ସ୍ଥାୟୀ ଡାକ୍ତର ରୋଗୀସେବା କରୁଥିଲେ। ସେ ଅବସର ନେବା ପରେ ତାହା ସମ୍ଭବ ହେଉନାହିଁ। ଅନେକ ସମୟରେ ଡାକ୍ତର ପରାମର୍ଶ ଆବଶ୍ୟକ ଥିବା ସତ୍ତ୍ୱେ ତାହା ହେଉନାହିଁ। ତେଣୁ ଏହି ଡିସ୍‌ପେନ୍‌ସାରିରେ ସ୍ଥାୟୀ ଡାକ୍ତର ରହିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

ଏ ନେଇ ଉକ୍ତ ଡିସ୍‌ପେନସାରି ଦାୟିତ୍ୱରେ ଥିବା ଡା. ଭାସ୍ୱତୀ ମେହେରଙ୍କୁ ପଚାରିବାରୁ ସେ କହିଲେ, ଏଠାରେ କାର୍ଯ୍ୟରତ ଡାକ୍ତର ଗତବର୍ଷ ଜୁଲାଇ ମାସରେ ଅବସର ଗ୍ରହଣ କରିଛନ୍ତି। ଆମେ କଚାରୁ ଅଞ୍ଚଳରେ କାର୍ଯ୍ୟରତ ଥିଲୁ। ଅବସରଗ୍ରହଣ କରିଥିବା ଡାକ୍ତରଙ୍କ ସ୍ଥାନରେ ଆମକୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। କେବଳ ବୁଧବାର ଏଠାରେ ରୋଗୀସେବା କରିବାକୁ ପଡୁଛି। ସପ୍ତାହର ଅନ୍ୟ ଦିନ କଚାରୁରେ ସେବା ଦିଆଯାଉଛି ବୋଲି ଡା. ମେହେର କହିଥିଲେ। ଜିଲା ଆୟୁର୍ବେଦିକ ମେଡିକାଲ ଅଫିସର (ଡିଏଏମ୍‌ଓ) ଡା. ଅନନ୍ତ ଆଚାର୍ଯ୍ୟଙ୍କୁ ପଚରାଯିବାରୁ ସେ କହିଲେ, ଦୁରାରୋଗ୍ୟ ରୋଗୀମାନେ ଆୟୁର୍ବେଦ ଚିକିତ୍ସାକୁ ପସନ୍ଦ କରିଛନ୍ତି। ଏଥିରେ ସେମାନେ ଲାଭବାନ ହେଉଛନ୍ତି। ଜିଲାରେ ୩୩ଟି ଓପିଡ଼ି ଚିକିତ୍ସା କେନ୍ଦ୍ରରେ ପୂର୍ବରୁ ୨୦ରୁ ଉର୍ଦ୍ଧ୍ୱ ଡାକ୍ତର ଥିଲେ। କିଛିଦିନ ତଳେ ନିଯୁକ୍ତି ମେଳାରେ ୬ ଡାକ୍ତରଙ୍କୁ ଏଥିରେ ସାମିଲ କରାଯାଇଛି। ପ୍ରତ୍ୟେକ ଡିସ୍‌ପେନସାରିରେ ଆବଶ୍ୟକ ଔଷଧ ଚିଠା ଆସିଲେ ସେଠାକୁ ଔଷଧ ପଠାଯାଇଥାଏ। ତେବେ ଏହି ରେଫରାଲ୍ ଡିସ୍‌ପେନସାରିରେ ରୋଗୀଙ୍କ ସେବା ପାଇଁ ଆଗାମୀ ଦିନରେ ଅଧିକ ଡାକ୍ତର ନିୟୋଜନ କରାଯିବ ବୋଲି ଡା. ଆଚାର୍ଯ୍ୟ କହିଥିଲେ।


ବାସନ୍ତୀ ରେଳ ଫାଟକରେ ଲୋକେ ଜୀବନକୁ ବାଜି ଲଗାଇ ମାଲବାହୀ ଟ୍ରେନ ତଳେ ଗଳି ଯାତାୟାତ କରୁଛନ୍ତି। (ଫଟୋ: ଦିନେଶ)

## ସ୍ୱତନ୍ତ୍ର ଇଞ୍ଜିନ ସ୍ପିଡ୍ ଟେଷ୍ଟିଂ ହେଲା

ରାଉରକେଲା,୧୩।୨(ସଙ୍ଗୀତା ଜେନା)

ଦକ୍ଷିଣପୂର୍ବ ରେଳବାଇ ଚକ୍ରଧରପୁର ମଣ୍ଡଳ ଅନ୍ତର୍ଗତ ବନ୍ଧମୁଣ୍ଡାରୁ ରାଉରକେଲା ପର୍ଯ୍ୟନ୍ତ ଯୁଗ୍ମ ଲାଇନ୍‌ରେ ଗୁରୁବାର ସକାଳ ୯ଟାରେ ସ୍ୱତନ୍ତ୍ର ଇଞ୍ଜିନ ସ୍ପିଡ୍ ଟେଷ୍ଟିଂ ହୋଇଛି। ଏହି ଅବସରରେ ରେଳବାଇ କର୍ତ୍ତୃପକ୍ଷଙ୍କ ସ୍ୱତନ୍ତ୍ର ଟିମ୍ ତତ୍ତ୍ୱାବଧାନରେ ଉକ୍ତ ଟେଷ୍ଟିଂଗୁଡ଼ିକ ହୋଇଥିଲା। ଉକ୍ତ ଇଞ୍ଜିନ ରାଉରକେଲାରୁ କୋଇଲା ଗେଟ୍‌ରେ ୩ୟ ଲାଇନ୍ ଓ ପୁନର୍ବାର ଅପ୍‌ଲାଇନ୍‌ରେ ଗଡିଥିଲା। ଏହାପରେ ଉକ୍ତ ଟିମ୍ ବିଭିନ୍ନ ନିର୍ମାଣସ୍ଥଳୀ ପରିଦର୍ଶନ କରିଥିଲେ।


ରାଉରକେଲାରେ ଟ୍ରେନ୍ ଇଞ୍ଜିନ ପରୀକ୍ଷଣ କରାଯାଉଛି।

## ମାତାପିତା ହେଉଛନ୍ତି ପ୍ରଥମ ଗୁରୁ


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ।

ରାଉରକେଲା,୧୩।୨(ଦିନେଶ ମିଶ୍ର)

### ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ମାତୃ ପୂଜନ ଦିବସ

ଉଦିତନଗରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାତୃପିତୃ ପୂଜନ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ସାହୁ ଉପସ୍ଥିତ ରହି ମାତାପିତା ହେଉଛନ୍ତି ଆମର ପ୍ରଥମ ଗୁରୁ ଓ ଜନ୍ମଦାତ୍ରୀ। ତେଣୁ ପ୍ରଥମେ ତାଙ୍କ ସେବା ଓ ପୂଜାର୍ଚ୍ଚନା କଲେ ଆମ ଜୀବନ ସାର୍ଥକ ହେବ ବୋଲି ମତପ୍ରକାଶ କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଅଭିଭାବିକା ଅଭିଭାବକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ରହି ନିଜ ମାତାପିତାଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଲାଭ କରିଥିଲେ। ଗୁରୁଜନମାନେ ସେମାନଙ୍କ ପିଲାମାନଙ୍କୁ ଜୀବନରେ ଉତ୍ତମ ନାଗରିକ ହେବାକୁ ପ୍ରେରଣା ଦେଇଥିଲେ। ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଏଥିରେ ସମିତିର ସମୀର ପଟ୍ଟନାୟକ, ରାମେଶ୍ୱର ଦାସ, ସରୋଜକାନ୍ତ ଷଡଙ୍ଗୀ, ବିଶ୍ୱଜିତ ସରକାର, ବିଶ୍ୱମ୍ଭର ମହାନ୍ତି, ପର୍ଶୁରାମ ବଡାଇକ, ଶ୍ରୁତି ପଟ୍ଟନାୟକ, ଶିବାଶିଷ ପରିଡା, ଶ୍ରେୟା ପଟ୍ଟନାୟକ, ପ୍ରୀତି ବିଶ୍ୱକର୍ମା ପ୍ରମୁଖ ସହଯୋଗ କରିଥିଲେ।

## 'ଉନ୍ନତ କାଲି ପାଇଁ ଜଳବାୟୁ କାର୍ଯ୍ୟ, ସ୍ଥାୟିତ୍ୱ ପରିବର୍ତ୍ତନ' ଶୀର୍ଷକ ଆଲୋଚନାଚକ୍ର

ରାଉରକେଲା,୧୩।୨(ସଙ୍ଗୀତା ଜେନା)


ଅତିଥିମାନେ ଅନ୍‌ଲାଇନ୍‌ରେ ମତବ୍ୟକ୍ତ କରୁଛନ୍ତି।

### ରାଉରକେଲା ଏନ୍‌ଆଇଟିରେ ଏଫ୍‌ଡିପି କାର୍ଯ୍ୟକ୍ରମ

ରାଉରକେଲା ଏନ୍‌ଆଇଟିର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଫେବୃଆରୀ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ୬ ଦିବସୀୟ ଅଟଳ ଫ୍ୟାକଲ୍ଟି ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ (ଏଫ୍‌ଡିପି) ଅନୁଷ୍ଠିତ ହେଉଛି। ଏଥିରେ ଅର୍ଥୱାଇଜ୍: ଉନ୍ନତକାଲି ପାଇଁ ଜଳବାୟୁ କାର୍ଯ୍ୟ ଓ ସ୍ଥାୟିତ୍ୱ ପରିବର୍ତ୍ତନ ଶୀର୍ଷକ ୬ ଦିବସୀୟ ଅନ୍‌ଲାଇନ୍ ଅଧିବେଶନ କରାଯାଉଛି। ସମଗ୍ର ଭାରତରେ କର୍ପୋରେଟ୍, ଫ୍ୟାକଲ୍ଟି, ରିସର୍ଚ୍ଚ ସ୍କଲାର ଓ ପିଜି ଛାତ୍ରମାନଙ୍କ ପାଇଁ ଅନ୍‌ଲାଇନ୍/ଅଫ୍ ଲାଇନ୍ ଏଫ୍‌ଡିପି ପରିଚାଳନା ଏକ ପ୍ଲାଟଫର୍ମ। ଏହାର ଉଦ୍‌ଘାଟନୀ ଦିବସରେ ସାରା ଦେଶରୁ ଶହେରୁ ଉର୍ଦ୍ଧ୍ୱ ଅଧ୍ୟାପକ ଓ ବିଶେଷଜ୍ଞ ଯୋଗଦାନ କରିଥିଲେ। ଏନ୍‌ଆଇଟି ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ସହାୟକ ପ୍ରଫେସର ଡ. ମାନବେନ୍ଦ୍ର ପ୍ରତାପ ସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବର୍ତ୍ତମାନ ଜଳବାୟୁ ସହନଶୀଳତାର ଗୁରୁତ୍ୱ ଏବଂ ପରିବେଶ, ସାମାଜିକ, ଶାସନ ନୀତିଗତ(ଇଏସ୍‌ଜି) ମୂଲ୍ୟମାନ ଦୀର୍ଘକାଳୀନ ସ୍ଥାୟିତ୍ୱ ଉପରେ ଗୁରୁତ୍ୱ ଦେଇ ସିଂହ କହିଲେ, ଗ୍ରୀନ୍‌ହାଉସ ଗ୍ୟାସ ନିର୍ଗମରେ ଆକ୍ରମଣାତ୍ମକ ହ୍ରାସ, କାର୍ବନ ନିରପେକ୍ଷତା ହାସଲ କରିବା, ନୀତିଚାଳିତ ନିର୍ଦ୍ଦେଶ ଏବଂ କର୍ପୋରେଟ ଦାୟିତ୍ୱ ମାଧ୍ୟମରେ ଶକ୍ତି ଦକ୍ଷତା ବୃଦ୍ଧି କରିବାର ଆବଶ୍ୟକତା ରହିଛି। ସ୍ଥାୟୀ ଅର୍ଥ ବ୍ୟବସ୍ଥା ଯଥା ଗ୍ରୀନ୍ ବଣ୍ଡ୍ ଏବଂ ପ୍ରଭାବ ନିବେଶ, ଜଳବାୟୁ ସହନଶୀଳତା ପାଇଁ ପ୍ରାୟୋଜିତ ପୁଞ୍ଜି ଏବଂ ନବନିଯୁକ୍ତି ପ୍ରବନ୍ଧନ ଅତ୍ୟନ୍ତ ଜରୁରୀ ଅଟେ। ଯେପରିକି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଚାଳିତ ଜଳବାୟୁ ମଡେଲ, କାର୍ବନ କ୍ୟାପ୍‌ଚର ପ୍ରଯୁକ୍ତିବିଦ୍ୟା ଆଦି ଉଲ୍ଲେଖନୀୟ ଭାବେ ତ୍ୱରାନ୍ୱିତ କରାଯାଇପାରିବ ବୋଲି ସିଂହ ଆଲୋଚନା କରିଥିଲେ। ଏନ୍‌ଆଇଟି ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥାୟୀ ରଣନୀତି ଗ୍ରହଣ କରିବାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ସହ ସଂଯୋଜକ ତଥା ବିଭାଗ ମୁଖ୍ୟ ପ୍ରଫେସର ଚନ୍ଦନ ସାହୁ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଦୂଷଣ ହ୍ରାସ, ସବୁଜ ନବସୃଜନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଘାଟନୀ ଦିବସରେ ଇଏସ୍‌ଜି ଭୂଦୃଶ୍ୟ ଗଠନରେ ଡାଟା ବିପଦ ମୂଲ୍ୟାୟନ ଓ ସୁରକ୍ଷା ନିୟନ୍ତ୍ରଣ ଆଦିର ଅନୁସନ୍ଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖରେ ଉଦ୍‌ଯାପନ ହେବ।

## ନୂତନ ବ୍ଲକ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୧୩।୨(ଦିନେଶ ମିଶ୍ର)

ସୁପ୍ରଭାତ କୁମାର ବେହେରା ଗୁରୁବାର ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକରେ ନୂତନ ଶିକ୍ଷାଧିକାରୀ ଭାବେ ଯୋଗ ଦେଇଛନ୍ତି। ଏହି ଅବସରରେ ଶିକ୍ଷକ ଓ ଶିକ୍ଷାର୍ଥୀ ସାମାଜିକ କଲ୍ୟାଣ ସଙ୍ଗଠନ ଆଭା ଅନ୍ୱେଷ ପକ୍ଷରୁ ଉଦିତନଗରସ୍ଥିତ ବିଇଓ କାର୍ଯ୍ୟାଳୟରେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ସଙ୍ଗଠନ ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିବା ସହ ବ୍ଲକରେ ଶିକ୍ଷା ବ୍ୟବସ୍ଥାକୁ କିଭଳି ସୁଦୃଢ କରିହେବ ସେ ନେଇ ଆଲୋଚନା କରିଥିଲେ। ପୂର୍ବତନ କୁତ୍ରା ବିଇଓ ଶରତ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରମୋଦ ଭଞ୍ଜ, ଗୋବିନ୍ଦ ପଶାୟତ, ଅଭୟ ସାହୁ, ଅନ୍ତନ ଚରଣ ନାୟକ, ଆନନ୍ଦ ଚନ୍ଦ୍ର ମଲ୍ଲିକ, ସିଆର୍‌ସିସି ବିଦ୍ୟୁତଲତା ସୂତାର, ହରିହର ବେହେରା, ରଶ୍ମିତା ମହାନ୍ତଙ୍କ ସମେତ କାର୍ଯ୍ୟାଳୟର ବହୁ କର୍ମଚାରୀ ଉପସ୍ଥିତ ଥିଲେ।


ନୂତନ ବିଇଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଉଛି।

## ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

ରାଉରକେଲା,୧୩।୨(ଦିନେଶ ମିଶ୍ର)

- ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ
- ହୃଦ୍‌ଘାତ ଯୋଗୁ ରୋଗୀଙ୍କ ମୃତ୍ୟୁ: ଡାକ୍ତର

ଜଣେ ମାନସିକ ରୋଗୀଙ୍କ ମୃତ୍ୟୁକୁ ନେଇ ରାଉରକେଲା ସହରରେ ଥିବା ଏକ ନର୍ସିଂହୋମ୍‌ରେ ଉତ୍ତେଜନା ପ୍ରକାଶ ପାଇଛି। ଡାକ୍ତରଙ୍କ ଅବହେଳା ଅଭିଯୋଗ କରି ମୃତକଙ୍କ ପରିବାର ଲୋକେ ଗୁରୁବାର ନର୍ସିଂହୋମ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ନେଇ ମୃତକଙ୍କ ପିତା ରାମନାରାୟଣ ମହାନ୍ତ ରଘୁନାଥପାଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିଛି।

ଅଭିଯୋଗ ଅନୁସାରେ, ଗତ ୭ ତାରିଖ ସକାଳ ସାଢ଼େ ୧୦ଟାରେ ଲାଠିକଟା ଶାନ୍ତିନଗର ସ୍ଥିତ ବ୍ଲକଡ଼ିପା ଗ୍ରାମର ଶିବ ଶଙ୍କର ମହାନ୍ତ(୩୨)ଙ୍କୁ ମାନସିକ ରୋଗ ଚିକିତ୍ସା ପାଇଁ ରାଉରକେଲା ସହରର ପ୍ରଶାନ୍ତି ନର୍ସିଂହୋମ୍‌ରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳ ସାଢେ ୯ଟାରେ ଶିବଶଙ୍କରଙ୍କ ମୃତ୍ୟୁ ହୋଇଥିବା ଡାକ୍ତରଖାନା ପକ୍ଷରୁ ଶିବଙ୍କ ପିତାଙ୍କୁ ଫୋନ ଯୋଗେ ଅବଗତ କରାଯାଇଥିଲା। ଖବର ପାଇ ମୃତକଙ୍କ ପିତା ରାମନାରାୟଣ ମହାନ୍ତ ସପରିବାର ଡାକ୍ତରଖାନାରେ ପହଞ୍ଚି ଶିବଶଙ୍କରଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ ଏବଂ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କ ପୁଅର ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ପରିବାର ଲୋକେ ଡାକ୍ତରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରଘୁନାଥପାଲି ଥାନାର ଦ୍ୱାରସ୍ଥ ହୋଇ ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁ ପୁଅର ମୃତ୍ୟୁ ହୋଇଥିବା ରାମନାରାୟଣ ଅଭିଯୋଗ କରିଥିଲେ।

ଏ ନେଇ ପ୍ରଶାନ୍ତି ନର୍ସିଂହୋମ୍‌ର ମୁଖ୍ୟ ଡାକ୍ତର ପ୍ରେମେସ୍ ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଶିବଶଙ୍କର ଜଣେ ମାନସିକ ରୋଗୀ। ସେ ୨୦୧୮ରେ ଏଠାରେ ଚିକିତ୍ସିତ ହୋଇ ଠିକ୍ ହୋଇ ଯାଇଥିଲେ। ପୁଣି ଥରେ ଗତ ୭ ତାରିଖରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଏଠାରେ ଭର୍ତ୍ତି କରିଥିଲେ। ଡାକ୍ତରଖାନା ପକ୍ଷରୁ ତାଙ୍କ ଚିକିତ୍ସାରେ କୌଣସି ଅବହେଳା କରାଯାଇ ନ ଥିଲା। ସେ ୪୦ ପ୍ରତିଶତ ଠିକ୍ ହୋଇଆସିଥିଲେ। ହଠାତ୍ ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଡାକ୍ତର ମିଶ୍ର କହିଥିଲେ।


ନର୍ସିଂହୋମ୍ ସମ୍ମୁଖରେ ମୃତ ପରିବାର ଓ ସମ୍ପର୍କୀୟ।

## ବିନା ଅକୁପାନ୍ସି ସାର୍ଟିଫିକେଟରେ ମିଳିବନି ବିଦ୍ୟୁତ୍, ପାନୀୟ ଜଳ

ରାଉରକେଲା,୧୩।୨(ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଅବୈଧ ବିଲ୍‌ଡିଂ ନିର୍ମାଣକୁ ରୋକିବା ତଥା ଆଗାମୀ ଦିନରେ ରାଉରକେଲା ସହରକୁ ଏକ ପ୍ଲାନିଂ ସିଟି ଭାବେ ଗଢ଼ି ତୋଳିବା ପାଇଁ ଆର୍‌ଏମ୍‌ସି ତରଫରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁସାରେ ନୂତନ ଭାବେ ନିର୍ମାଣ କରାଯାଉଥିବା କୌଣସି ଆବାସିକ କୋଠା କିମ୍ବା ବ୍ୟବସାୟିକ କୋଠାବାଡ଼ି ପାଇଁ ଅକୁପେନ୍ସି ସାର୍ଟିଫିକେଟ ହାସଲ କରିବା ଦରକାର। ପୁରୁଣା ବିଲ୍‌ଡିଂଗୁଡ଼ିକ ପାଇଁ ମଧ୍ୟ ଏହି ନିୟମ ଲାଗୁ କରାଯାଇଛି। ଗୁରୁବାର ମଧ୍ୟାହ୍ନ ୧୨ଟାରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି ଏହି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଯୁଗ୍ମ କମିଶନର ଅନିତା ନାୟକ, ସାରଙ୍ଗ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

କୁଲକର୍ଣ୍ଣୀ କହିଥିଲେ, ଚଳିତ ଫେବୃଆରୀ ପହିଲାରୁ ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ପୌରାଞ୍ଚଳରେ ଏହି ନିୟମ ଲାଗୁ କରାଯାଇଛି। ନିୟମ ଅନୁସାରେ ନୂତନ ଭାବେ ନିର୍ମାଣ କରାଯାଉଥିବା ସମସ୍ତ ଆବାସିକ ଓ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକ ପ୍ରଥମେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ଥିବା ପ୍ଲାନିଂ


ଖବରଦାତା ସମ୍ମିଳନୀରେ ଆର୍‌ଏମ୍‌ସି କମିଶନର ସୂଚନା ଦେଉଛନ୍ତି।

### ଅବୈଧ ବିଲ୍ଡିଂ ନିର୍ମାଣ ରୋକିବାକୁ ଆର୍‌ଏମ୍‌ସିର ବଡ଼ ପଦକ୍ଷେପ

ବିଭାଗରୁ ବିଲ୍ଡିଂ ପ୍ଲାନ ଅନୁମୋଦନ କରିବେ। ଅନୁମୋଦିତ ପ୍ଲାନ୍ ଅନୁସାରେ ବିଲ୍ଡିଂ ନିର୍ମାଣ ଶେଷ ହେବା ପରେ ସେହି ପ୍ଲାନିଂ ବିଭାଗରୁ ହିଁ ଅକୁପେନ୍ସି ସାର୍ଟିଫିକେଟ ହାସଲ କରିପାରିବେ। ହାସଲ କରିଥିବା ଅକୁପେନ୍ସି ସାର୍ଟିଫିକେଟ ଦେଖାଇବା ପରେ ହିଁ ସମ୍ପୃକ୍ତ ବିଲ୍ଡିଂକୁ ଟିପିଡବ୍ଲ୍ୟୁଓଡିଏଲ ତରଫରୁ ବିଦ୍ୟୁତ୍ ସେବା ଓ ୱାଟ୍‌କୋ ତରଫରୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିସହ ଅକୁପେନ୍ସି ସାର୍ଟିଫିକେଟ ବିନା କୌଣସି ବ୍ୟବସାୟିକ ପ୍ରତିଷ୍ଠାନ ରାଉରକେଲା ମହାନଗର ନିଗମ ତରଫରୁ ପ୍ରଦାନ କରାଯାଉଥିବା ବାଣିଜ୍ୟ ଲାଇସେନ୍ସ ଓ ଖାଦ୍ୟ ନିରାପତ୍ତା ଲାଇସେନ୍ସ ମଧ୍ୟ ପାଇପାରିବେ ନାହିଁ । ଏଥିସହ ପୁରୁଣା ବିଲ୍‌ଡିଂଗୁଡ଼ିକ ପାଇଁ ମଧ୍ୟ ଏହି ନିୟମ ଲାଗୁ କରାଯିବା ସହ ବିଲ୍‌ଡିଂ ପ୍ଲାନ୍ ଅନୁମୋଦନ କରି ଅକୁପେନ୍ସି ସାର୍ଟିଫିକେଟ ହାସଲ କରିବା ପାଇଁ ଆରଏମସି କମିଶନର କୁଲକର୍ଣ୍ଣୀ ସୂଚନା ଦେଇଥିଲେ। ସେହିପରି ଯେଉଁମାନେ ନୂତନ ବିଲ୍‌ଡିଂ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁଛନ୍ତି ସେମାନେ ଆର୍‌ଏମ୍‌ସି କାର୍ଯ୍ୟାଳୟକୁ ଆସି ବିଲ୍‌ଡିଂ ପ୍ଲାନ୍ ଅନୁମୋଦନ କରିନେବାକୁ ସେ କହିଛନ୍ତି। ଅନୁମୋଦିତ ପ୍ଲାନକୁ ଉଲ୍ଲଂଘନ କରି ବିଲ୍‌ଡିଂ ନିର୍ମାଣ କଲେ ସମ୍ପୃକ୍ତ ବିଲ୍‌ଡିଂକୁ ପାନୀୟ ଜଳ ଓ ବିଦ୍ୟୁତ ସେବାରୁ ବଞ୍ଚିତ କରାଯିବା ସହ କୌଣସି ସର୍ବକ୍ଷମା ଦିଆଯିବ ନାହିଁ ବୋଲି କୁଲକର୍ଣ୍ଣୀ କହିଥିଲେ।

ସୂଚନାଯୋଗ୍ୟ, କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଯୋଗୁ ସହରାଞ୍ଚଳ ଗୁଡ଼ିକରେ ବୃଦ୍ଧି ପାଉଥିବା ଅବୈଧ ନିର୍ମାଣକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ୨୦୨୦ରେ ଏକ ନୂତନ ପ୍ଲାନିଂ ନିୟମ କାର୍ଯ୍ୟକାରୀ କରାଯାଇଥିଲା। ଏହି ନିୟମାନୁସାରେ ପୌରାଞ୍ଚଳରେ ଯେଉଁ ବିଲ୍‌ଡିଂ ପ୍ଲାନିଂ ଅନୁମୋଦନ କରି ଅକୁପେନ୍ସି ସାର୍ଟିଫିକେଟ ହାସଲ କରି ନ ଥିବେ ସେଗୁଡ଼ିକୁ ପାନୀୟ ଜଳ ସହ ବିଦ୍ୟୁତ୍ ସେବାରୁ ବଞ୍ଚିତ କରାଯିବ। ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି କରି ବେଆଇନ୍ ଭାବେ ନିର୍ମାଣ କରାଯାଉଥିବା ସମସ୍ତ ଆବାସିକ କୋଠାବାଡ଼ିଠାରୁ ଆରମ୍ଭ କରି ବ୍ୟବସାୟିକ କୋଠାବାଡ଼ିଗୁଡ଼ିକୁ ପାନୀୟଜଳ ଯୋଗାଣ ଓ ବିଦ୍ୟୁତ ସେବା ବନ୍ଦ ପାଇଁ ରାୟ ଶୁଣାଇଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବ୍ରଜରାଜନଗର,(ବିଜୟ ବରାଡ଼): ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଧୀନ ରାଜପୁର ପଞ୍ଚାୟତ ଅନ୍ତର୍ଗତ ତୁରୀ ପଡାର ପ୍ରହଲାଦ ତୁରି(୬୯)ଙ୍କ ଗାଁ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ବୁଧବାର ସକାଳେ ଗ୍ରାମବାସୀ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଉପସ୍ଥିତିରେ ମୃତଦେହ ବାହାର କରାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ ଦୁଇଦିନ ଧରି ନିଖୋଜ ଥିଲେ।

**ସଂକ୍ଷେପରେ**

## ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର

ଝାରସୁଗୁଡ଼ା,୧୩।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ଅପରାହ୍ନ ୧ଟାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଂଯୋଜକ ପ୍ରଫୁଲ୍ଲ ସ୍ୱାଇଁଙ୍କ ନେତୃତ୍ୱରେ ଜିଲାର ଶତାଧିକ ଗାଁ ସାଥୀ ବିଟିଏମ୍ ପଡ଼ିଆରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଯୁକ୍ତ ୨ ପଢିଥିବା ଗାଁ ସାଥିମାନଙ୍କୁ ସ୍ଥାୟୀ ନିଯୁକ୍ତି, ମାସିକ ୧୨ହଜାର ଟଙ୍କା ଦରମା ଆଦି ଦାବି ରଖିଥିଲେ । ଦାବିପତ୍ର ପ୍ରଦାନ ସମୟରେ ଜିଲା ସଭାପତି ନନ୍ଦିନୀ ପ୍ରଧାନ, ସମ୍ପାଦକ ପୀତାମ୍ବର ରଣାଙ୍କ ସହ ଜିଲାର ଶତାଧିକ ଗାଁ ସାଥୀ ଉପସ୍ଥିତ ଥିଲେ।

## ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୩।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ଯାନ୍ତ୍ରିକ ବିଦ୍ୟାଳୟଠାରେ ଇଣ୍ଟରନେଟ୍ ସୁରକ୍ଷା ଦିବସ ପାଳନ ଅବସରରେ ଜିଲା ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧୁନିକ ଯୁଗରେ ଇଣ୍ଟରନେଟର ଉପକାରିତା ଓ ଅପକାରିତା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଜିଲା ସୂଚନା ବିଜ୍ଞାନ ଅଧିକାରୀ ତରଣୀ ବେହେରା ଡିଜିଟାଲ ଆରେଷ୍ଟ, ଡିପ୍ ଫେକ୍, ୟୁପିଆଇ ପେମେଣ୍ଟ ଠକେଇ, ସାଇବର ସୁରକ୍ଷା ତଥା ଇଣ୍ଟରନେଟର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ଅବଗତ କରାଇବା ସହିତ ଠକେଇରୁ ରକ୍ଷା ପାଇବା ପାଇଁ କି କି ଉପାୟ ଓ କୌଶଳ ଅବଲମ୍ବନ କରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଯାନ୍ତ୍ରିକ ବିଦ୍ୟାଳୟ ଅଧକ୍ଷା ରିନାତା ଦାସ, ଏବିଇଓ ସୁଶାନ୍ତ ହୋତା ଓ ଡିଇଜିଏମ୍ ସୁନିତା ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ଆଲୋଚନାଚକ୍ରରେ ବିଦ୍ୟାଳୟ ଅଧାପକ, ଅଧାପିକା, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିବା ବେଳେ ନେଟୱର୍କ ଇଞ୍ଜିନିୟର ଅଚ୍ୟୁତ ମିଶ୍ର ଓ ଗୁଲୁ ଦୀପ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସମର୍ପଣ ଦିବସ ପାଳନ କଲା ଜିଲା ଭାଜପା

**ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ତିଥି**



ଝାରସୁଗୁଡ଼ା,୧୩।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ବିଟିଏମ ଛକ ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନ ୪ଟାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ ସମର୍ପଣ ଦିବସ ପାଳନ କରିଛି ଜିଲା ଭାଜପା। ସମର୍ପଣ ଦିବସ ଅବସରରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ କହିଲେ ଯେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ହେଉଛନ୍ତି ଭାଜପାର ଜନ୍ମଦାତା। ସେ ସବୁବେଳେ ତଳସ୍ତରରେ ଥିବା ଲୋକମାନଙ୍କୁ ପାଖକୁ କିପରି ସମସ୍ତ ସରକାରୀ ସହାୟତା ପହଞ୍ଚି ପାରିବ ସେଥିପ୍ରତି ଯତ୍ନବାନ ହେବାକୁ ସମସ୍ତ ରାଜନୈତିକ ଦଳକୁ ଆହ୍ୱାନ ଦେଉଥିଲେ। ସେ ସବୁବେଳେ ସମାଜର ଦୁର୍ବଳ ଲୋକଙ୍କ ସହାୟତା କରିବା ପାଇଁ ଆଗଭର ହେଉଥିଲେ। ଆଜିର ଦିନରେ ଦଳକୁ ମଜଭୁତ କରିବା ପାଇଁ କିଛି ଆର୍ଥିକ ସହାୟତା କରିବାକୁ ସମସ୍ତ ଭାଜପା କର୍ମକର୍ତ୍ତାଙ୍କୁ ଆହ୍ୱାନ କରିବା ସହ ବିଧାୟକ ନିଜ ଦରମାରୁ ୧ ଲକ୍ଷ ଟଙ୍କା ଦଳକୁ ଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ତ୍ରିପାଠୀଙ୍କ ସହ ଜିଲା ସଭାପତି ସୁନୀଲ ପଣ୍ଡା, ବିମଳେନ୍ଦୁ ଭୋଲ ତଥା ଜିଲାର ବହୁ କର୍ମୀ ସାମିଲ ଥିଲେ।

# ମହିଳା ସଶକ୍ତ ହେଲେ ଦେଶ ଉନ୍ନତି ହେବ

ଝାରସୁଗୁଡ଼ା,୧୩।୨(ଆଶିଷ ରଞ୍ଜନ ଦାଶ)




ଆଇନ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଘରୋଇ ହିଂସା, ନାରୀ ଅଧିକାର ସମ୍ପର୍କିତ ଆଇନଗତ ସଚେତନତା କାର୍ଯ୍ୟକ୍ରମ**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପରେ ରାଜ୍ୟ ମହିଳା ଆୟୋଗ ଏବଂ ଜିଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ନାରୀ ନିର୍ଯାତନା, ଘରୋଇ ହିଂସା ଓ ନାରୀମାନଙ୍କ ଅଧିକାର ସୁରକ୍ଷା ପାଇଁ ଆଇନଗତ ସୁବିଧା ସମ୍ପର୍କରେ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଛି। ଝାରସୁଗୁଡ଼ା ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ପୋଲିସ ଅଧୀକ୍ଷକ ମଧୁସିକ୍ତା ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା ଓ ଖଲିଆକାନି ପିଏଚ୍‌ସିର ଡାକ୍ତର ଜୟପ୍ରକାଶ ପ୍ରଧାନ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମହିଳା ସଶକ୍ତିକରଣ, ନାରୀ ଶିକ୍ଷା ଓ ନାରୀ ସୁରକ୍ଷା ଦେଶ, ଜାତି ସମାଜକୁ ଉନ୍ନତି ପଥରେ ଆଗେଇ ନେବ ବୋଲି ଅତିଥିମାନେ କହିଛନ୍ତି। ମହିଳାମାନଙ୍କ ପାଇଁ ପୋଲିସ ସମର୍ପିତ ଭାବେ କାମ କରୁଛି ଏବଂ ଆବଶ୍ୟକ ସମୟରେ ସହଯୋଗ ଯୋଗାଇ ଦେବାକୁ ପୋଲିସ ପ୍ରତିଶ୍ରୁତିବଦ୍ଧ ବୋଲି ଅତିରିକ୍ତ ପୋଲିସ ଅଧୀକ୍ଷକ କହିଥିଲେ। ମହିଳାମାନେ ଆଇନ ବିଷୟରେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବାର ଆବଶ୍ୟକତା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ସହକାରୀ ଆଇନ ପରିଚାଳକ ସୋମଦତ୍ତ ପୁରୋହିତ, ଆଇନଜୀବୀ ବି.ନାଗେଶ୍ୱରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେହେଡାର ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀ ପ୍ରଶିକ୍ଷିକା ଭାବେ ଯୋଗଦେଇ ଲିଙ୍ଗଗତ ବିଭେଦ ଓ ତଦ୍‌ଜନିତ ହିଂସା, ମହିଳାମାନଙ୍କ ପାଇଁ ଥିବା ଆଇନଗତ ଅଧିକାର ଏବଂ ସେମାନଙ୍କ ପାଇଁ ପ୍ରଣୟନ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଇଥିଲେ। ଆଇନଗତ ସଚେତନତା କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ପ୍ରଶିକ୍ଷିକାମାନେ ଆଲୋଚନା କରିଥିଲେ। ଶେଷରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ୟବତୀ ହେଲେନ ଖେସଙ୍କ ତତ୍ତ୍ୱାବଧାନରେ ଖେସ୍ ସ୍ୱାଗତ ଭାଷଣ ଦେଇଥିଲେ। ଆଷ୍ୱନଏଡର ଜିଲା ସଂଯୋଜକ ବିଦ୍ୟାସାଗର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରୋଗ୍ରାମ ଅଫିସର ମୀନାକ୍ଷୀ ରାଜ ଧନ୍ୟବାଦ ଅର୍ପଣ କରିଥିଲେ। ପିଓ ଯାଜ୍ଞସେନୀ ମହାନନ୍ଦ, ଜିଲା ପୋଷଣ ସଂଯୋଜକ ରମାକାନ୍ତ ନାୟକ, ମିଶନ ଶକ୍ତି ର ଜୁବଲି ପଟେଲ, ଝସକେତନ ସା, ସଞ୍ଜୟ ଭୋଇ, ଉମାଦତ୍ତ ଦାଶ ଓ ଶିଭମ ପଟେଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜିଲାପାଳଙ୍କୁ ଅଭିଯୋଗ କଲେ ସରପଞ୍ଚ

ବ୍ରଜରାଜନଗର,୧୩।୨(ବିଜୟ ବରାଡ଼)



ରେଭିନ୍ୟୁ କଲେକ୍ଟରଙ୍କୁ ସରପଞ୍ଚ ଦାବିପତ୍ର ପ୍ରଦାନ କରୁଛନ୍ତି।



**ସରକାରୀ ଜମିରୁ ମାଟି ଉଠାଇ ଠିକାଦାର ମାଲାମାଲ**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବ୍ଲକ ରାଜପୁର ପଞ୍ଚାୟତ ଅନ୍ତର୍ଗତ ରାଜସ୍ୱ ଗ୍ରାମ ଆମଦରହ ଜଙ୍ଗଲ ଜମିରୁ ବେଆଇନ୍ ମାଟି ଉଠାଉଛନ୍ତି ସ୍ଥାନୀୟ ଠିକାଦାର। ମାଟି ଉଠାଣକୁ ପ୍ରଥମେ ଗ୍ରାମବାସୀ ବିରୋଧ କରିଥିଲେ। ତାଙ୍କ କଥା ଠିକାଦାର ନ ଶୁଣିବାରୁ ସରପଞ୍ଚଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ସରପଞ୍ଚଙ୍କ ବାରଣ ସତ୍ତ୍ୱେ ଠିକାଦାର ନ ମାନିବାରୁ ବାଧ୍ୟ ହୋଇ ସରପଞ୍ଚ ଜିଲାପାଳଙ୍କ ନିକଟରେ ଗୁରୁବାର ପୂର୍ବାହ୍ନରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହିତ ରାଜସ୍ୱ ମନ୍ତ୍ରୀ, ଝାରସୁଗୁଡ଼ା ତହସିଲଦର ଓ ଜିଲା ଖଣି ବିଭାଗଙ୍କୁ ମଧ୍ୟ ଲିଖିତ ଆକାରରେ ଜଣାଇଛନ୍ତି। ଜିଲା ରେଭିନ୍ୟୁ କଲେକ୍ଟର କିଶୋର ଚନ୍ଦ୍ର ସ୍ୱାଇଁ ଦାବିପତ୍ର ଗ୍ରହଣ କରି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜପୁର ସରପଞ୍ଚ ସରସ୍ୱତୀ ନାୟକଙ୍କ ଅଭିଯୋଗ ଅନୁଯାଇ ୱାର୍ଡ଼ ନମ୍ବର୍ ୨୩ରେ ଥିବା ଗାନ୍ଧୀଛକ ଏରିଆ ଖାତା ନମ୍ବର ୧୨୪ ଓ ପ୍ଲଟ ନମ୍ବର ୨୨୪୦/୨୨୫୧ ମାଟି ପୋତିମ୍ବା ପାଇଁ ଆମଦରହ ଜଙ୍ଗଲ ଜମି ଖାତା ନମ୍ବର ୫୯ ଓ ପ୍ଲଟ ନମ୍ବର ୩୫୩/୩୫୪.ରୁ ଜେସିପି ମେଶିନରେ ମାଟି କରାଯାଉଛି। ସେହି ମାଟିକୁ ଆଣି ପୋତା ଯାଉଛି। ଫଳରେ ଗାଈଗୋରୁଙ୍କ ଚଳ ପ୍ରଚଳରେ ଅସୁବିଧା ସୃଷ୍ଟି ସହ ସରକାରଙ୍କ ରାଜସ୍ୱ ହାନୀ ମଧ୍ୟ ହେଉଛି।

# ମାସିକ ଆନ୍ତଃ ବିଭାଗୀୟ କନଭରଜେନ୍ସ ବୈଠକ




ବୈଠକରେ ଆଲୋଚନା କରାଯାଉଛି।

ଝାରସୁଗୁଡ଼ା,୧୩।୨(ଆଶିଷ ରଞ୍ଜନ ଦାଶ)

**କନ୍ୟା ଭ୍ରୂଣ ହତ୍ୟା ନିଷେଧ ଉପଦେଷ୍ଟା ମଣ୍ଡଳୀ**

ଝାରସୁଗୁଡ଼ା ଜିଲାରେ କନ୍ୟା ଭ୍ରୂଣ ହତ୍ୟା ନିଷେଧ କରାଯିବା ସହ ଲିଙ୍ଗ ନିରୂପଣ ଆଇନକୁ କଡାକଡି ଭାବେ ପାଳନ ପାଇଁ ଉପଦେଷ୍ଟା ମଣ୍ଡଳୀ ବୈଠକ ଗୁରୁବାର ଡିଏମ୍‌ଏଫ୍ କନଫେରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଡାକ୍ତର ରାଧାରମଣ ବର୍ଡ୍ଡିଆ, ଡିପିଏମ୍ ବୁଲୁନାଥ ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ୟବତୀ ହେଲେନ ଖେସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହରାଣା, ସହକାରୀ ଆଇନ ପରିଚାଳକ ସୋମଦତ୍ତ ପୁରୋହିତ, ସିଏଚ୍‌ସି ଓ ପିଏଚ୍‌ସି ମେଡ଼ିକାଲ ଅଫିସର, ସିଡିପିଓ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ। ଜିଲାର କୌଣସି ଅଲ୍ଟ୍ରାସାଉଣ୍ଡ କ୍ଲିନିକରେ ଲିଙ୍ଗ ନିରୂପଣ କରାଯାଉଥିଲେ ସମ୍ପୃକ୍ତ କ୍ଲିନିକ ପରିଚାଳନା କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଓ ଲିଙ୍ଗ ନିରୂପଣ କରାଯାଉଥିବା କ୍ଲିନିକ ସମ୍ପର୍କରେ ସୂଚନା ପ୍ରଦାନକାରୀଙ୍କ ନାମ ଗୁପ୍ତ ରଖାଯିବା ସହ ୨୫ ହଜାର ଟଙ୍କା ଦିଆଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ଜିଲାସ୍ତରୀୟ ମାସିକ ଆନ୍ତଃ ବିଭାଗୀୟ କନଭରଜେନ୍ସ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କାୟାକଳ୍ପ, ନେସନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ଼, ଲକ୍ଷ୍ୟ, ମୁସ୍କାନ, ୱେଲନେସ ଆକ୍ଟିଭିଟି, ଆୟୁଷ୍ମାନ ଆରୋଗ୍ୟ ଶିବିର, ପ୍ରଜନନ, ମାତୃ, ନବଜାତ ଶିଶୁ, କିଶୋର ସ୍ୱାସ୍ଥ୍ୟ ଓ ପୁଷ୍ଟିକର, ଟିବି ଓ ମେଲେରିଆ ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଭିନ୍ନ କାର୍ଯ୍ୟ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି।

## ଶିଶୁ ସୁରକ୍ଷା ସମ୍ପର୍କିତ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୩।୨(ଆଶିଷ ରଞ୍ଜନ ଦାଶ)

ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲା କାର୍ଯ୍ୟାଳୟଠାରେ ଚାଇଲଡ ହେଲ୍ପ ଲାଇନ, ଶିଶୁ ଯତ୍ନ ଅନୁଷ୍ଠାନ ତଥା ପୋଷ୍ୟ ସନ୍ତାନ ଗ୍ରହଣ ଅନୁଷ୍ଠାନ ବିଭିନ୍ନ ପଦ ପଦବୀରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସକାଶେ ଶିଶୁ ସୁରକ୍ଷା ସମ୍ପର୍କିତ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ୪୦ରୁ ଉର୍ଦ୍ଧ୍ୱ କର୍ମଚାରୀ ତାଲିମ ଗ୍ରହଣ କରିଥିଲେ। ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ପ୍ରତି କର୍ମଚାରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିବା ସହିତ ଶିଶୁକଲ୍ୟାଣକାରୀ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମୂହର ଠିକ କାର୍ଯ୍ୟକାରିତା ପାଇଁ ପରାମର୍ଶ ଦେଇଥିଲେ। ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା ପ୍ରାକ୍ ସୂଚନା ପ୍ରଦାନ ସହ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କିଶୋର ନ୍ୟାୟ ଆଇନ, ବାଲ୍ୟ ବିବାହ ନିରାକରଣ ଆଇନ ଓ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କିତ ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରିବା ସହ ପୋଷ୍ୟ ସନ୍ତାନ ଗ୍ରହଣ ଦିଗରେ ଥିବା ବିଭିନ୍ନ ପ୍ରକ୍ରିୟା ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁଙ୍କ ପାଇଁ ଉପଯୁକ୍ତ ପରାମର୍ଶ ବ୍ୟବସ୍ଥା, ସାମାଜିକ ବିବରଣୀର ଉଚିତ ବ୍ୟବହାର ଓ ଶିଶୁ ଯତ୍ନ ଅନୁଷ୍ଠାନରେ ଯତ୍ନ ତଥା ସୁରକ୍ଷା ବ୍ୟବସ୍ଥା କିପରି ଠିକ ଭାବରେ କାର୍ଯ୍ୟକାରୀ କରାଯିବ ସେ ସମ୍ପର୍କରେ ଦଳଗତ ଆଲୋଚନା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏସ୍‌ଡିପିଓ ଉମାଶଙ୍କର ସିଂ, ଶିଶୁ କଲ୍ୟାଣ ସମିତି ସଦସ୍ୟ ଜନ୍ମଜୟ ଦାସ ଓ ଗୋବର୍ଦ୍ଧନ ମହାନନ୍ଦ ପ୍ରମୁଖ ନିଜର ମତାମତ ପ୍ରଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପରାମର୍ଶଦାତା ସମୀର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଦେବଗଡ଼,୧୩।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନଠାରେ ଜିଲାର ୩ଟି ବ୍ଲକର ମୋଟ ୫୪ଜଣ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବୃତ୍ତିଗତ ବିକାଶ ପାଇଁ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ତାଲିମ ଶିବିରକୁ ଦେବଗଡ଼ ଜିଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଏହି ତାଲିମ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ତାଲିମ ଶିବିରରେ ସାଧନକର୍ମୀ ଭାବେ ଟାଇଁସର ସିଆର୍‌ସିସି ଭେନସ କୁମାର ପ୍ରଧାନ, ସହକାରୀ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର, ସହକାରୀ ଶିକ୍ଷକ ଦେବାଶିଷ କର ଓ ମିହିର କୁମାର ଦେହୁରୀ ପରିଚାଳନା କରିଥିଲେ। ଉକ୍ତ ତାଲିମରେ ଜାତୀୟ ଶିକ୍ଷାନୀତି ୨୦୨୦ର ପୁନର୍ବଲନ, ସାମଗ୍ରିକ ବିଦ୍ୟାଳୟ ବିକାଶର ପରିସର, ମାନ ନିର୍ଦ୍ଧାରଣର ସୂଚକ ଓ ସାଧନୀ, ବିଦ୍ୟାଳୟର ସାମୂହିକ ବିକାଶ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ତଥା ନେତୃତ୍ୱର ବିକାଶରେ ସମସ୍ୟା, ଦ୍ୱନ୍ଦ ଓ ଏହାର ବିଶ୍ଳେଷଣ ଇତ୍ୟାଦି ଉପରେ ଆଲୋକପାତ କରାଯାଇଥିଲା।

## ପାରପୋଶି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଦେବଗଡ଼,୧୩।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ପାରପୋଶି ଗ୍ରାମପଞ୍ଚାୟତ ସଦର ମହକୁମା ପାରପୋଶି ଆଶ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠାନର ୨୯ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବନସ୍ତ କୁମାର କାଉଙ୍କ ସବାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ତିଲେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଓ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଡୋମେନ ଏକ୍କା ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ କାଉ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାର୍ଷିକ ଉତ୍ସବ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କ ସମେତ କ୍ରୀଡ଼ାରେ ଚାମ୍ପିୟନ ପ୍ରେମାନନ୍ଦ କିଷାନ (ବାଳକ ବର୍ଗ) ଓ ରଶ୍ମିତା ତୁରୀ (ବାଳିକା ବର୍ଗ)ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ବାର୍ଷର ଶ୍ରେଷ୍ଠ ଛାତ୍ରୀ ଭାବେ ସପ୍ତମ ଶ୍ରେଣୀ ଛାତ୍ରୀ ସୁସ୍ମିତା କିସାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସହକାରୀ ଶିକ୍ଷକ ବିଭୁତି ଭୁଷଣ ବିଶ୍ୱାଳ, ଗୁରୁଚରଣ ସେଠୀ ଓ ଶହକାରୀ ଶିକ୍ଷୟିତ୍ରୀ ସବିତା ବେଟୀ ସକ୍ରୀୟ ସହଯୋଗ କରିଥିଲେ।

# ମାସିକ ଜିଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

ଦେବଗଡ଼,୧୩।୨(ଶଶାଙ୍କ ଶେଖର ଝାଙ୍କର)




ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଜିଲା ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୁଧବାର ଜିଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ଜାନୁଆରୀ ମାସରେ ଧାର୍ଯ୍ୟ ଥିବା ଭୂ-ରାଜସ୍ୱ, ରୟାଲ୍ଟି, ଜଳକର, ସମସ୍ତ ଅନ୍ୟାନ୍ୟ ଆଦାୟ କରିବାକୁ ଥିବା ରାଜସ୍ୱ ଜିଲାର ତହସିଲଦାର, ଅତିରିକ୍ତ ତହସିଲଦାର ଓ ଡେପୁଟି କଲେକ୍ଟର (ରାଜସ୍ୱ) ଓ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ବକେୟା ଥିବା ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟରେ ରାଜସ୍ୱ ଆଦାୟ କରିବା ପାଇଁ ନିର୍ଦ୍ଧାରିତ ସମୟରେ ରାଜସ୍ୱ ଆଦାୟ କରିବାକୁ ଗୁରୁତ୍ୱରୋପ କରିଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପ ଜିଲାପଳ ପରକ୍ଷୀତ ସାହୁ, ଡେପୁଟି କଲେକ୍ଟର (ରାଜସ୍ୱ) ଲକ୍ଷ୍ମଣ ଓମାତ, ସହକାରୀ ଜିଲାପାଳ ତାପସ ମହନ୍ତ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ନାଏକ ଓ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲା ଶିକ୍ଷା, ପ୍ରଶିକ୍ଷଣ ପ୍ରତିଷ୍ଠାନରେ କ୍ଲଷ୍ଟରସ୍ତରୀୟ ବୈଠକ

ଦେବଗଡ଼,୧୩।୨(ଶଶାଙ୍କ ଶେଖର ଝାଙ୍କର)

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ନବମ କ୍ଲଷ୍ଟରସ୍ତରୀୟ ବୈଠକ ଗୁରୁବାର ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅନୁଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସମସ୍ତ କ୍ଲଷ୍ଟରରେ ଆୟୋଜିତ ପୂର୍ବ ୮ଟି କ୍ଲଷ୍ଟରସ୍ତରୀୟ ବୈଠକ ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ପ୍ରଶିକ୍ଷିକା ପାର୍ଥିବି ପ୍ରିୟଦର୍ଶିନୀ ପୂର୍ବ ମାସିକ ବୈଠକ ବିଷୟବସ୍ତୁର ପୁନରାବୃତ୍ତି ସହ ନିପୁଣ ମେଳା ସମ୍ପର୍କରେ ଆଲୋଚନା କରିଥିବା ବେଳେ ବରିଷ୍ଠ ପ୍ରଶିକ୍ଷିକା ଅନିମା ଟିର୍କୀ ମୌଳିକ ସାକ୍ଷରତା ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବରିଷ୍ଠ ପ୍ରଶିକ୍ଷିକା ମନ୍ଦାକିନୀ ଟୁଡୁ ମୌଳିକ ସଂଖ୍ୟାଜ୍ଞାନ ଓ ତ୍ରିମାତ୍ରିକା ଘନବସ୍ତୁ ସମ୍ବନ୍ଧରେ ଆଲୋଚନା ଏବଂ ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା ମାନ ନିର୍ଦ୍ଧାରଣ ଟ୍ରାକର ରେଜିଷ୍ଟର ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ବୈଠକରେ ୩ ବ୍ଲକରୁ ୫୦ଜଣ ସିଆର୍‌ସିସି ଏବଂ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନ ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ।



ବୈଠକରେ ଆଲୋଚନା କରାଯାଉଛି।

# ଛାତ୍ର ସାମ୍ମୁଖ୍ୟ ଅହୋରାତ୍ର ଗଣଧାରଣା ସ୍ଥଗିତ

ଝାରସୁଗୁଡ଼ା,୧୩।୨(ଆଶିଷ ରଞ୍ଜନ ଦାଶ)



ଜିଲା ଛାତ୍ର ସାମ୍ମୁଖ୍ୟର ପ୍ରତିନିଧିମାନେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**୬ ମାସରେ ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ**

ଜିଲା ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ଜିଲାର ସର୍ବପୁରାତନ ମହାବିଦ୍ୟାଳୟ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସରକାରୀକରଣ ଓ ଜିଲାର ଉଚ୍ଚ ଶିକ୍ଷାର ସାମଗ୍ରିକ ବିକାଶ ପାଇଁ ଗତ ୧୧ ତାରିଖରୁ ଚାଲିଥିବା ଅହୋରାତ୍ର ଗଣଧାରଣା ଜିଲା ପ୍ରଶାସନ ସହିତ ଆଲୋଚନା ପରେ ସ୍ଥଗିତ ହୋଇଛି। ଗୁରୁବାର ଅପରାହ୍ନ ୪ଟାରେ ଜିଲା ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ତେବେ ଜିଲାର ଖୁସିର ବିଷୟ ହେଉଛି ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟକୁ ସରକାରୀ କରଣର ପ୍ରକ୍ରିୟା ତରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଏକ କମିଟି ଗଠନ କରିଛନ୍ତି। କମିଟିରେ ସେକ୍ରେଟାରୀ ଉଚ୍ଚ ଶିକ୍ଷା ବିଭାଗ ଯୁଗ୍ମ ସେକ୍ରେଟାରୀ, ଉଚ୍ଚ ଶିକ୍ଷା ବିଭାଗ ରିଜନାଲ ଡାଇରେକ୍ଟ ଶିକ୍ଷା ବିଭାଗ, ଜିଲା ଶିକ୍ଷା ଅଧିକାରୀ ଓ ଲକ୍ଷ୍ମୀ ନାରାୟଣ କଲେଜ ଅଧ୍ୟକ୍ଷ ରହିଛନ୍ତି। ୬ ମାସ ମଧ୍ୟରେ ଦାବି ପୂରଣ ନ ହେଲେ ସାମ୍ମୁଖ୍ୟ ପୁଣି ଆନ୍ଦୋଳନ କରିବ ବୋଲି ଛାତ୍ର ସାମ୍ମୁଖ୍ୟ କହିଛି। ଏହି ପରିସ୍ଥିତିରେ ପ୍ରଶାସନ ସହିତ ଆଲୋଚନା ପରେ ଛାତ୍ର ସାମ୍ମୁଖ୍ୟ ଅହୋରାତ୍ର ଗଣଧାରଣା ସ୍ଥଗିତ ରଖିଥିଲା। ଖବରଦାତା ସମ୍ମିଳନୀରେ ସାମ୍ମୁଖ୍ୟ କେନ୍ଦ୍ରୀୟ ସଂଯୋଜକ ଜିତେନ୍ଦ୍ରିୟ ଧୁରୁଆ, ସହ ସଂଯୋଜକ ଅସୀମ ପଟେଲ, ଜିଲା ସଂଯୋଜକ ରବି ରୋହିଦାସ, ଜିଲା ସହ ସଂଯୋଜକ ନନ୍ଦୁ ରୋହିଦାସ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗେଷ୍ଟ ହାଉସ୍‌ରେ ଚାଲିଥିଲା ସେକ୍ସ ର୍ୟାକେଟ୍, ୩ ଗିରଫ

ବଲାଙ୍ଗୀର, ୧୩।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରାଜେନ୍ଦ୍ର ପାର୍କ ସମ୍ମୁଖରେ ଥିବା ଏକ ଗେଷ୍ଟ ହାଉସ୍‌ରେ ବୁଧବାର ରାତିରେ ସେକ୍ସ ର୍ୟାକେଟ ଚାଲିଥିବା ବେଳେ ଟାଉନ ଥାନା ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକମାନେ କନ୍ଧମାଳ ଜିଲାର ବୋଲି ଜଣାପଡ଼ିଛି। ସେକ୍ସ ର୍ୟାକେଟ୍‌ରେ ସମ୍ପୃକ୍ତା ପୀଡ଼ିତାଙ୍କୁ ସେଠାରୁ ଉଦ୍ଧାର କରାଯାଇଛି। ସଦର ଏସ୍‌ଡିପିଓ ସଞ୍ଜୟ ମଣ୍ଡଳଙ୍କ ସୂଚନା ପ୍ରକାରେ, ବୁଧବାର ରାତିରେ ଉକ୍ତ ଗେଷ୍ଟ ହାଉସ୍‌ରେ କେତେଜଣ ଯୁବକ ଅବୈଧ କର୍ମରେ ଲିପ୍ତ ଥିବା ଖବର ମିଳିଥିଲା। ଏସ୍‌ପି ଋଷିକେଶ ଖିଲାରୀଙ୍କ ନିର୍ଦ୍ଦେଶକ୍ରମେ ଟାଉନ୍ ଥାନା ଆଇଆଇସି ଅବନୀ ସାହୁଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଉକ୍ତ ଗେଷ୍ଟ ହାଉସ୍‌ରେ ଚଢ଼ାଉ କରିଥିଲେ। ଗେଷ୍ଟ ହାଉସ୍‌ରୁ ୩ଜଣ ଙ୍କୁ ପୋଲିସ ଗିରଫ କରିବା ସହ ସେଠାରୁ ଯୁବତୀଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଯୁବତୀ ଜଣକ କଟକ ଅଞ୍ଚଳର ବୋଲି ଜଣାପଡ଼ିଛି।

### ହାଇୱା ଚାଳକ କୋର୍ଟ ଚାଲାଣ

ଲୋଇସିଂହା, ୧୩।୨ (ସୁଶାନ୍ତ ବାରିକ)

ଲୋଇସିଂହା ଥାନା ରୁଗୁଡ଼ିଖାଲ ଛକ ନିକଟରେ ବେଆଇନ ପାର୍କିଂ ଥିବା ଏକ ହାଇୱା ପଛପଟେ ବାଇକ୍ ପିଟି ହେବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ମୃତକ ବେନ୍ଦ୍ରା ଗ୍ରାମର ରାଜିନ୍ଦ୍ର ମହାକୁର। ଏହି ଘଟଣାରେ ପୋଲିସ ଘୁଞ୍ଚୁରାମୁଣ୍ଡାର ଡ୍ରାଇଭର ସୁରେନ୍ଦ୍ର ବାଗ (୪୧)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ବେନ୍ଦ୍ରା ପଞ୍ଚାୟତ ସଦର ଗ୍ରାମର ରାଜିନ୍ଦ୍ର ବାଇକ ଯୋଗେ ରୁଗୁଡ଼ିଖାଲ ଛକକୁ ଆସିଥିଲେ। ହେଲେ ପୂର୍ବରୁ ବଲାଙ୍ଗୀର ବରଗଡ ୨୬ ନଂ. ଜାତୀୟ ରାଜପଥରେ ଅଟକିଥିବା ଏକ ହାଇୱା ପଛପଟେ ରାଜିନ୍ଦ୍ରଙ୍କ ବାଇକ ପିଟି ହୋଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଣା ସ୍ଥଳକୁ ଆଇଆଇସି ଯାଜ୍ଞସିନୀ ନାୟକ ଓ କର୍ମଚାରୀ ସେଠାକୁ ଯାଇ ହାଇୱାକୁ ଜବତ କରି ମୃତ ଦେହକୁ ଡାକ୍ତର ଖାନା ପଠାଇଥିଲେ। ହେଲେ ସେଠାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ବ୍ୟବଚ୍ଛେଦ ପରେ ମୃତ ଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଛି। ମୃତକଙ୍କ ସ୍ତ୍ରୀ ଓ ଏକ ମାତ୍ର ଶିଶୁ ପୁତ୍ର ଅଛନ୍ତି।

# ମହରଗିଙ୍କ ପରିବାରକୁ ମିଳିଲା ପିଡିଏସ୍ ଚାଉଳ

ଲୋଇସିଂହା, ୧୩।୨ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ବେନ୍ଦ୍ରା ସଦର ଗ୍ରାମର ମହରଗି ଭୂଏ(୬୦)। ଦୀର୍ଘବର୍ଷ ହେଲା ତାଙ୍କ ସ୍ୱାମୀ ଆରପାରିକୁ ଚାଲି ଯାଇଥିବା ବେଳେ ଅର୍ଥ ଅଭାବରୁ ଠିକ ସମୟରେ ଚିକିତ୍ସା କରି ନ ପାରି ଦୁଇପୁଅଙ୍କୁ ହରାଇଛନ୍ତି। ପେଟକୁ ଦାନା ଯୋଗାଉଥିବା ସାନ ପୁଅ ଏବେ ରୋଗରେ ଆକ୍ରାନ୍ତ ହୋଇ ଜୀବନ ସହ ସଂଘର୍ଷ ଚଳାଇଛନ୍ତି। ଏହି ସଂକ୍ରାନ୍ତରେ ଖବର ଗୁରୁବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ବିଡିଓ ମହାପାତ୍ର କୁଳଦୀପ ମହାନ୍ତିଙ୍କ ନିର୍ଦ୍ଦେଶରେ ପଞ୍ଚାୟତର ଯୋଗାଣ ସହାୟକ ସୁଦାମ ସାହୁ ମହରଗିଙ୍କ ଘରକୁ ଯାଇ ୧୫ କେ.ଜି. ପିଡିଏସ ପ୍ରଦାନ କରି ଆସିଛନ୍ତି। ଏଣିକି ଉକ୍ତ ପରିବାର ନିୟମିତ ପିଡିଏସ ସାମଗ୍ରୀ ପାଇବେ ବୋଲି ସେ କହିଛନ୍ତି। ଆଧାର କାର୍ଡ ନଥିବାରୁ ମହରଗିଙ୍କ ଭତ୍ତା ମିଳିବାରେ ବିଳମ୍ବ ହେବ ବୋଲି ଜଣାପଡିଛି। ଏହି ପରବାରକୁ ଅନ୍ତ୍ୟୋଦୟ ଯୋଜନାରେ ୩୫ କେ.ଜି. ପିଡିଏସ ଏବଂ ମା'ପୁଅର ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସ୍ୱାମୀ, ବିବାହିତ ବଡପୁଅ ଏବଂ ମଝିଆପୁଅଙ୍କ ପୂର୍ବରୁ ମୃତ୍ୟୁ ଘଟିଛି। ୨ପୁଅ ଓ ସ୍ୱାମୀକୁ ହରାଇ ମହରଗିଙ୍କ ମାନସିକ ସ୍ଥିତି ବଗିଡି ଯାଇଥିଲା। ଏହାପରେ ମହରଗିଙ୍କୁ ମିଳୁଥିବା ୨ ଶହ ଟଙ୍କା ଭତ୍ତା ଓ ଅନ୍ନପୂର୍ଣ୍ଣା ଯୋଜନାରୁ ମିଳୁଥିବା ୧୦ କେଜି ପିଡିଏସ ବନ୍ଦ ହୋଇଯାଇଛି। ଏବେ ସାନପୁଅ ଇଶ୍ୱରଙ୍କ ଶରୀର ଅସ୍ୱାଭାବିକ ଭାବେ ଫୁଲିବା ସହିତ ଗୋଟିଏ ଗୋଡ ଜଳାପୋଡା କରୁଛି। ଆର୍ଥିକ ଅଭାବରୁ ଚିକିତ୍ସିତ ହୋଇ ନ ପାରି ସେ ଘରେ ପଡି ରହିଛନ୍ତି। ପଞ୍ଚାୟତ ଓ ବ୍ଲକକୁ ସହାୟତା ପାଇଁ ନିବେଦନ କରିଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ଚିକିତ୍ସା ଏବଂ ଭତ୍ତା ଓ ରାଶନ କାର୍ଡ କାର୍ଯ୍ୟକାରୀ କରିବାକୁ ମା' ପୁଅ ବ୍ଲକ କାର୍ଯ୍ୟାଳୟକୁ ଯାଇଥିବାବେଳେ କେହି ଜଣେ କର୍ମଚାରୀ ଟଙ୍କା ଦାବି କରିବା ଘଟଣା ବିସ୍ମିତ କରିଛି। ଏ ସମ୍ପର୍କରେ ବିଡିଓ ମହାପାତ୍ର କୁଳଦୀପ ମହାନ୍ତି କହିଛନ୍ତି, ଖବର ପାଇଁ ଉକ୍ତ ପରିବାରକୁ ପିଡିଏସ ପ୍ରଦାନ କରାଯାଇଛି। ଆଧାର ସମସ୍ୟା ସମାଧାନ କରି ଖୁବଶୀଘ୍ର ଭତ୍ତା ଏବଂ ଘର ଯୋଗଇବାର ବ୍ୟବସ୍ଥା କରାଯିବ। ଇଶ୍ୱରଙ୍କ ଚିକିତ୍ସା ସମ୍ପର୍କରେ ଜିଲାପାଳ ଯାହା ପଦକ୍ଷେପ ନେବେ ବୋଲି ସେ କେହିଛନ୍ତି। ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅଙ୍କିତ ପଣ୍ଡା କହିଛନ୍ତି, ଯିଏ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛି ତାଙ୍କୁ ଚିକିତ୍ସା ଯୋଗାଉଛୁ। ଖବର ପ୍ରକାଶ ପରେ ଆଦିବାସୀ ନେତା ସତ୍ୟନାରାୟଣ ଭୋଇ ଜିଲାପ୍ରକଳ୍ପ ନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକ ଦକ୍ଷେପ ନେବାକୁ କହିଥିବା ଜଣାଇଛନ୍ତି।


ଯୋଗାଣ ସହାୟକ ପିଡିଏସ୍ ପ୍ରଦାନ କରିଛନ୍ତି।

**ଖୁବଶୀଘ୍ର ଭତ୍ତା, ଘର ମିଳିବ: ବିଡିଓ**

ଧରିତ୍ରୀ ପ୍ରଭାବ

# ବଜାରରେ ମହିନ୍ଦ୍ରାର ନୂତନ ଏସ୍‌ୟୁଭି ରେଞ୍ଜ



ମିନର୍ଭା ଅଟୋମୋବାଲ୍ସରେ ଅଲ୍ ନ୍ୟୁ ବିଇ୬ ଏବଂ ଏକ୍ସଇଭି ୯ଇର ଅନାବରଣ ହୋଇଯାଇଛି ଏହି ଅବସରରେ ମହିନ୍ଦ୍ରା ଏବଂ ମିନର୍ଭା ଅଟୋମୋବାଲର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ବଲାଙ୍ଗୀର, ୧୩।୨ (ବୀରେନ୍ଦ୍ର କୁମାର ଝାଙ୍କର)

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଅଟୋର ଇଲେକଟ୍ରିକ ଭେଇକଲ (ଇଭି) ମଡେଲ ତଥା ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭି 'ଅଲ୍ ନ୍ୟୁ ବିଇ୬ ଏବଂ ଏକ୍ସଇଭି ୯ଇର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଅଟୋ ଡିଲର ମିନର୍ଭା ଅଟୋମୋବାଲ୍ସ ଶୋରୁମ୍‌ରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବ ବୁଧବାର ଆୟୋଜିତ ହୋଇଯାଇଛି। ଏହି ଅବସରରେ ମିନର୍ଭା ଅଟୋମୋବାଇଲ୍ସର ଏମ୍‌ଡି ବ୍ରିଜେଶ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ଉକ୍ତ ମଡେଲକୁ ବଜାର ପ୍ରବେଶ କରାଇଥିଲେ। ମହିନ୍ଦ୍ରାର ଏରିଆ ମ୍ୟାନେଜର ଅଭିଷେକ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଦୁଇ ମଡେଲର ଅତ୍ୟାଧୁନିକ ଫିଚର ସହ ନୂଆ ଡିଜାଇନ୍ ଉପଲବ୍ଧ ହେଉଛି। ଏହି ଦୁଇ ମଡେଲ ଇଲେକ୍ଟ୍ରିକ୍ ଭେହେକିଲ ହୋଇଥିବାରୁ ଗ୍ରାହକଙ୍କ ଏହା ପସନ୍ଦଯୋଗ୍ୟ ହେଉଥିବା ମ୍ୟାନେଜିଂ ଡାଇରେକ୍ଟର ମେହେର କହିଛନ୍ତି। ବଲାଙ୍ଗୀରରେ ଏହି ଦୁଇ ମୋଡେଲ ଉପଲବ୍ଧ ହେବା ଫଳରେ ଲୋକେ ଏଠାରୁ ସୁବିଧାରେ ପାଇପାରିବେ ବୋଲି ସେ କହିଛନ୍ତି।

# ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନର ଗଣଧାରଣା



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗାଁ ସାଥୀ ମେଟ୍‌ମାନେ ଧାରଣାରେ ବସିଛନ୍ତି।

ବଲାଙ୍ଗୀର, ୧୩।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଗାଁ ସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଗାଁ ସାଥି (ମେଟ୍)ମାନେ ୮ ଦଫା ଦାବିପତ୍ର ଜିଲାପାଳଙ୍କୁ ଦେଇଥିଲେ। ୨୦୦୮ରୁ ରାଜ୍ୟ ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ଗାଁ ସାଥୀ (ମେଟ୍)ମାନଙ୍କୁ ଚିହ୍ନଟ କରାଯାଇ ଆବଶ୍ୟକ ବୟସ କୋହଳ ପୂର୍ବକ ସେମାନଙ୍କ ଯୋଗ୍ୟତା ଅନୁସାରେ ପାଉଣା ଦେବାକୁ ଦାବି କରାଯାଇଥିଲା। ଯୁକ୍ତଦୁଇ ଶ୍ରେଣୀ ପାସ୍ କରିଥିବା ଗାଁ ସାଥୀ ମେଟ୍ ମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀରେ ଅବସ୍ଥାପିତ କରିବା, ଯୁକ୍ତଦୁଇ ଶ୍ରେଣୀରୁ ତଳକୁ ଥିବା ଗାଁ ସାଥୀ ମେଟ୍‌ମାନଙ୍କୁ ମାସିକ ପ୍ରୋତ୍ସାହନ ରାଶି ୧୨ ହଜାର ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏହାସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ପ୍ରକଳ୍ପ କାର୍ଯ୍ୟରେ ଗାଁ ସାଥୀ ମେଟ୍‌ମାନଙ୍କୁ ଉଚିତ ପ୍ରାପ୍ୟ ସହ କାର୍ଯ୍ୟ ପ୍ରଦାନ କରିବା, ଜିଲାର ସମସ୍ତ ବ୍ଲକରେ ୩୦୦ ଦିନର କାର୍ଯ୍ୟ ପ୍ରଦାନ କରିବା, ସମସ୍ତ ଗାଁ ସାଥୀଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ସହ ଅନ୍ୟ ଦାବି ପୂରଣ କରିବାକୁ ଦାବି କରିଥିଲେ।

**ଜିଲାପାଳଙ୍କୁ ୮ ଦଫା ଦାବିପତ୍ର**

### ମହିଳା ଅଧିକାର ସଚେତନତା

ଟିଟିଲାଗଡ଼, ୧୩।୨ (ଶରତ ମିଶ୍ର)

ଓଏସସିଡବ୍ଲ୍ୟୁ ତଥା ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ମହିଳାଙ୍କ ଆଇନଗତ ଅଧିକାର ସଚେତନତା ନେଇ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ କଲ୍ୟାଣ ବିଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ, ବିଶିଷ୍ଟ ବକ୍ତା ଆଇନଜୀବୀ କମ୍ବୁପ୍ରସାଦ ପାଢ଼ୀ, ଡିଏଭି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପ୍ରମୁଖ ଡ. ରମାକାନ୍ତ ବେହେରା ବାଲ୍ୟ ବିବାହ, ମହିଳାଙ୍କୁ ନିର୍ଯ୍ୟାତନା, ଅସମ୍ମାନ ନେଇ ଆଇନରେ କଡା ପ୍ରାବଧାନ ରହିଥିବା ନେଇ ସଚେତନ କରିଥିଲେ। ପୀଡିତ ମହିଳାଙ୍କୁ ମାଗଣା ଆଇନଗତ ସହାୟତା ପାଇଁ ସରକାର ବ୍ୟବସ୍ଥା କରିଥିବା କହିଥିଲେ। ଏସଡବ୍ଲ୍ୟୁଓ କାନ୍ତିଲତା ସାହୁ ସଭା ପରିଚାଳନା କରିଥିଲେ। ସମାଜ କଲ୍ୟାଣ ବିଭାଗର ପିଓ ସୁମନ୍ତ ବେହେରା, ଟିଟିଲାଗଡ଼ ସିଡିପିଓ କାର୍ଯ୍ୟାଳୟର ଜେଏଏସ ତପୋବନ ମାଝୀ, ଜେଆରଏ ନୀଳିମା ମହାନ୍ତି, ପୋଷଣ ବିଶିର ବ୍ଲକ ସଂଯୋଜକ ବିଶ୍ୱରଞ୍ଜନ ଛତ୍ରିଆ ସହାୟତା କରିଥିଲେ।

# ମୁରିବାହାଲ ହାଇସ୍କୁଲରେ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ମୁରିବାହାଲ, ୧୩।୨ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ହାଇସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୁରିବାହାଲ ଏବିଇଓ କୈଳାଶ ଚନ୍ଦ୍ର ଭୋଇ ଓ ସମ୍ମାନିତ ଅତିଥିଭାବେ କାନ୍ତରାମ ଧରୁଆ, ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପାତ୍ର ଓ ମୁଖ୍ୟ ବକ୍ତାଭାବେ ମୁରିବାହାଲ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପୀତବାସ ସାହୁ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରଶ୍ମିତା ପାତ୍ର, ରିଚେଲ ନାଗ, ଦିପ୍ତିମୟୀ ଲେଙ୍କା ଓ ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି, ବିକ୍ରମ ପୁରୋହିତ, ମନୋଜ ସ୍ୱାଇଁ, ସୋମନାଥ ମାଝୀ, ଚନ୍ଦ୍ର ଭୋଇ, ନୀତେଶ ତାଣ୍ଡି, କଳାକାହ୍ନୁ ରଣା, ଶିଶିର ବୈଠରୁ, ନୀଳାମ୍ବର ରାଉତ, ସୁରେଶ ମାହାକୁର ମନୋହର ଥାଟି ପ୍ରମୁଖ ସହଯୋଗ କରିଥିଲେ। ମଞ୍ଚପରିଚାଳନା ଶିକ୍ଷକ ହେମନ୍ତ ନାଗ କରିଥିବା ବେଳେ ପ୍ରଦୀପ କୁମାର ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଝାଙ୍କରପାଲିରେ ଖ୍ରୀଷ୍ଟୀୟ ମଣ୍ଡଳୀ ଉଦ୍ଦୀପନା ସଭା


ଝାଙ୍କରପାଲିଠାରେ ଆୟୋଜିତ ଖ୍ରୀଷ୍ଟୀୟ ଉଦ୍ଦୀପନା ସଭାରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର, ୧୩।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଝାଙ୍କରପାଲିଠାରେ ଖ୍ରୀଷ୍ଟୀୟ ସମାଜ ପକ୍ଷରୁ ସିଏନ୍‌ଆଇ ମଣ୍ଡଳୀ ଆନୁକୂଲ୍ୟରେ ଦ୍ୱିଦିବସୀୟ ଉଦ୍ଦୀପନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ ଉପସ୍ଥିତ ଖ୍ରୀଷ୍ଟୀୟ ସମାଜର ଜନସାଧାରଣଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। ପରସ୍ପର ଭିତରେ ଏକତା ପ୍ରତିଷ୍ଠା ହେଲେ ଲୋକେ ନିଜ ଅଞ୍ଚଳର ବିକାଶ କରିପାରିବେ ବୋଲି କହିଥିଲେ। ଧନୀ ଓ ଗରିବଙ୍କ ମଧ୍ୟରେ ବୃଦ୍ଧି ପାଇଚାଲିଥିବା ସାମାଜିକ ଓ ଅର୍ଥନୈତିକ ବୈଷମ୍ୟକୁ ନେଇ ସେ ଚିନ୍ତା ପ୍ରକଟ କରିବା ସହ ଏହାର ଦୂରୀକରଣ ଦିଗରେ ସମସ୍ତେ କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ। ଉଦ୍ଦୀପନା ସଭାରେ ଆନ୍ଦ୍ରୀୟ ଛତ୍ରିଆ, ମହେନ୍ଦ୍ର ତାଣ୍ଡି, ଜ୍ୟୋତି ବାଗ, ସରପଞ୍ଚ ସଞ୍ଜୟ ଗଡତ୍ୟା, ମୟ ସାହୁ ଏବଂ ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀଧର ବାରିକ ମଞ୍ଚାସୀନ ଥିଲେ।

# ମହିଳା ଆଇନ ସମ୍ବନ୍ଧୀୟ ସଚେତନତା ଶିବିର



ଶିବିରରେ ମଞ୍ଚାସୀନ ଅତିଥି, ଛାତ୍ରୀ, ଅଙ୍ଗନୱାଡି କର୍ମୀ ଏବଂ ଅନ୍ୟମାନେ।

କଣ୍ଟାବାଞ୍ଜି, ୧୩।୨ (ଗୁରୁ ଦୟାଲ ହଂସ)

ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଗୁରୁବାର ତୁରେକେଲା ବ୍ଲକସ୍ତରୀୟ ମହିଳା ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଓଡ଼ିଶା ମହିଳା କମିଶନଙ୍କ ତତ୍ତ୍ୱାବଧାନରେ ଜିଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥିଭାବେ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ରାଜେନ୍ଦ୍ର ପୁରୋହିତ, ସମ୍ମାନୀତ ଅତିଥିଭାବେ କଣ୍ଟାବାଞ୍ଜି ଏନଏସି ଉପାଧ୍ୟକ୍ଷା ମନୋରମା ମହାପାତ୍ର, କଣ୍ଟାବାଞ୍ଜି ସିଏଚସି ମେଡିକାଲ ଅଫିସର ଡା. ରାକେଶ ପଣ୍ଡିତ, ତୁରେକେଲା ସିଡିପିଓ ରତ୍ନାମଣି ବରାଳ, ଜିଲା ମଙ୍ଗଳ ଅଧିକାରୀଙ୍କ ପ୍ରତିନିଧି ସୁଜାତା ତୋରା, ମମତା ଯୋଜନା ଡିପିସି ଶିବାନି ଠାକୁର, ଡିସି ଶିଶୁ ବିବାହ ସନ୍ଧ୍ୟାପତି ଥିବାବେଳେ ରିସୋର୍ସ ପର୍ସନ ଭାବେ ଅଧାପକ ସଞ୍ଜୟ ମିଶ୍ର ଓ ଅଧାପକ ଜିତେନ୍ଦ୍ର ସୁନା ମଞ୍ଚାସୀନ ଥିଲେ। ଏହି ଆଇନ ସଚେତନତା ଶିବିର ମୁଖ୍ୟତଃ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା,ଯୌତୁକ ଜନିତ ଅତ୍ୟାଚାର, ପୋସ୍କୋ ଆଇନ ସହ ମହିଳା ସମ୍ବନ୍ଧୀୟ ଆଇନ ଉପରେ ଛାତ୍ରୀଙ୍କୁ ସୂଚନା ଦିଆଯାଇଥିଲା। ଏହି ଶିବିରରେ ତୁରେକେଲା ବ୍ଲକ ଏବଂ କଣ୍ଟାବାଞ୍ଜି ଏନଏସିର ସମସ୍ତ ମହିଳା ସୁପରଭାଇଜର, ଆଙ୍ଗନବାଡି କର୍ମି, ଆଶା କର୍ମୀ ଏବଂ କାଉନସେଲର ଉପସ୍ଥିତ ଥିଲେ।

# ୧୪ରୁ ମୁରିବାହାଲ ଧନୁଯାତ୍ରା ମହୋତ୍ସବ

ମୁରିବାହାଲ, ୧୩।୨ (ଶ୍ରୀବତ୍ସ ବେହେରା)

ବଲାଙ୍ଗିର ଜିଲା ମୁରିବାହାଲ ବ୍ଲକ ସଦର ସ୍ଥିତ ଧନୁଯାତ୍ରା ପଡିଆଠାରେ ଷଷ୍ଠତମ ଧନୁଯାତ୍ରା ମହୋତ୍ସବ ଆସନ୍ତା ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଧନୁଯାତ୍ରା ମହୋତ୍ସବରେ ମୁରିବାହାଲ ମଥୁରା ନଗର ଏବଂ ବନବାହାଲ ଗୋପପୁର ପାଲଟିବ। ୧୪ ତାରିଖଠାରୁ ପ୍ରତ୍ୟହ ସନ୍ଧ୍ୟା ୭ ଟାରେ କଂସ ଦରବାର ଅନୁଷ୍ଠିତ ହେବ। ପୌରାଣିକ କଥାବସ୍ତୁକୁ ନେଇ ନାଟ୍ୟାଭିନୟ ସହିତ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଦର୍ଶକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆୟୋଜକ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଜଣାପଡିଛି। ଦୁର୍ମିଳା ସୁରଧ, ନାରଦ କଂସଙ୍କ ସମ୍ବାଦ, ଦେବକୀ ବିବାହ, କଂସ ସିଂହାସନ ଆରୋହଣ, ଷଡ଼ପୁତ୍ର ବିନାଶ, ସ୍ୱର୍ଗପୁର ଆକ୍ରମଣ, ନନ୍ଦ ଉତ୍ସବ, କାଳୀୟ ଦଳନ, ଗୋପପୁରରେ କାର୍ଯ୍ୟକ୍ରମ ଆୟୋଜିତ ହେବ। ପୋଲିସ ପ୍ରଶାସନ ପକ୍ଷରୁ ଶୃଙ୍ଖଳା ବ୍ୟବସ୍ଥା ରହିଥିବା ସୂଚନା ଦିଆଯାଇଥିଲା। ଧନୁଯାତ୍ରା ଉତ୍ସବ ସମ୍ପର୍କରେ ଧନୁଯାତ୍ରା ପଡ଼ିଆଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ ଧନୁଯାତ୍ରା କମିଟିର ସଭାପତି ଶ୍ରୀବତ୍ସ ବେହେରା, ଉପ ସଭାପତି ସୁବ୍ରତ ମହାକୁର, ସରପଞ୍ଚ ବିଶ୍ୱ ବିହାରୀ ଯୋଶୀ, ଲକ୍ଷ୍ମୀକାନ୍ତ ଧରୁଆ, ଶ୍ୟାମ ସୁନ୍ଦର ଝାଙ୍କର, ଦିବ୍ୟ ସୁନ୍ଦର ସାହୁ, କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି, ରମେଶ କୁମାର ନାଗ, ସୁଦାମ ସାହୁ, କୋଷାଧ୍ୟକ୍ଷ ଭରତ ଦାସ, ପଦ୍ମଲୋଚନ ସାହୁ, ସଂଯୋଜକ ସୁଧାଂଶୁ ପୋଢ଼ ଯାଦବ, ଉଦିତ କଟା, ପ୍ରଚାର ପ୍ରସାର ସମ୍ପାଦକ ମନୋଜ କୁମାର କର, କେଦାର ବଡ଼ଜେନା,କମିଟି ସଦସ୍ୟ ବାବୁଲି ରାଉତ, କରନ ଜାଲ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଆୟୋଜକ କମିଟି କର୍ମକର୍ତ୍ତା ଓ ଅନ୍ୟମାନେ।

# କାମର ମାସେ ନ ପୂରୁଣୁ ପିଚୁ ଉଠିଲା

**ସରେଇବାହାଲ-ଲଖନା ରାସ୍ତା**

ଲାଠୋର, ୧୩।୨ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅନ୍ତର୍ଗତ ସରେଇବାହାଲ ଗ୍ରାମଠାରୁ ପଡୋଶୀ ନୂଆପଡ଼ା ଜିଲା କୋମନା ବ୍ଲକ ଲଖନା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମାସକ ତଳେ ତିଆରି ହୋଇଥିଲା। ହେଲେ ଏହି ରାସ୍ତାରୁ ଏବେ ପିଚୁ ଉଠି ଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ବଲାଙ୍ଗୀର ଓ ନୂଆପଡା ଜିଲାର ଉପାନ୍ତ ଅଞ୍ଚଳ ସରେଇବାହାଲରୁ ଲଖନାକୁ ସଂଯୋଗ କରୁଥିବା ରାସ୍ତା ଖାଲ ଢିପ ହୋଇ ପଡ଼ି ରହିଥିଲା। ଯାତାୟତରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତା ନିର୍ମାଣ କରିବାକୁ ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଜନ ପକ୍ଷରୁ ୪.୫ କିଲୋମିଟର ରାସ୍ତା ପାଇଁ ୩ କୋଟି ୭୪ ଲକ୍ଷ ୨୮ ହଜାର ୩୭୯ ଟଙ୍କା ଅଟକଳର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେଲା। ଟେଣ୍ଡର ପାଇ ଟି.ଏମଡି ଇଲିଆସ ନାମକ ଜଣେ ଠିକାଦାର କାମ ଆରମ୍ଭ କଲେ। କାର୍ଯ୍ୟ ମାର୍ଚ୍ଚ ୨୦୨୪ରେ ଆରମ୍ଭ ହୋଇ ୧୦ ଡିସେମ୍ବର ୨୦୨୪ ତାରିଖରେ ଶେଷ ହେବା ଉଲ୍ଲେଖ ରହିଥିବା ବେଳେ ଡିସେମ୍ବର ମାସ ଶେଷ ସୁଦ୍ଧା କାଁ ଭାଁ କାମ ଶେଷ କରା ଯାଇଥିଲା। ସମୟ ଅବଧି ମଧ୍ୟରେ କାମ ନ ସରିବାରୁ ଶୀଘ୍ର କାମକୁ ସାରିବା ଯୋଗୁ ରାସ୍ତା କାମ ଅତି ନିମ୍ନ ମାନର ହୋଇଥିଲା। ମାସେ ନ ପୁରୁଣୁ ସ୍ଥାନେ ସ୍ଥାନେ ପିଚୁ ଉଠିବା ସହ ବୁଲାଣିମାନଙ୍କରେ ଦିଆ ଯାଇଥିବା ଗାର୍ଡ ପୋଷ୍ଟର କଂକ୍ରିଟ ହାଲୁକା ହୋଇ ଥିବାରୁ ଗାର୍ଡ ପୋଷ୍ଟ ଗୁଡ଼ିକ ଝୁଲି ରହିଥିବା ଦେଖିବାକୁ ମିଳିଛି। ଯଦି ସେହି ରାସ୍ତା ଦେଇ ଭାରି ଯାନ ଯିବା ଆସିବା କରେ ତାହେଲେ ରାସ୍ତା ସଂପୂର୍ଣ୍ଣ ଭାବେ ଖରାପ ହୋଇ ଯିବ ବୋଲି ଲୋକେ ପ୍ରକାଶ କରିଛନ୍ତି। ରାସ୍ତା କାମ ଚାଲିଥିବା ବେଳେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଜଣକ ଠିକ ଭାବେ ତାଦରଖ କରି ନ ଥିବା ଯୋଗୁ ଠିକାଦାର ନିଜ ମନ ଇଚ୍ଛା କାମ କରିବାରୁ ଏପରି କାମ ହୋଇଛି ବୋଲି ଅଞ୍ଚଳବସୀ ପ୍ରକାଶ କରିଛନ୍ତି। ଏନେଇ କାର୍ଯ୍ୟ ଦାୟିତ୍ୱରେ ଥିବା ଯନ୍ତ୍ରୀ ନବୀନ ବହାଲଙ୍କୁ ପଚାରିବାରୁ, ଯଦି ନିମ୍ନ ମାନର କାମ ହୋଇଛି ତାହା ହେଲେ ଆମେ ପୁଣି ଥରେ କାମ କରେଇବୁ ବୋଲି କହିଥିଲେ। ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପରିଦର୍ଶନରେ ଆସି କାମ ଦେଖିଲା ପରେ ସମସ୍ତ ଘଟଣା ପଦାକୁ ଆସିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।


ହାଲକା କଂକ୍ରିଟ କାମ ଯୋଗୁ ରାସ୍ତାରେ ଗାର୍ଡ ପୋଷ୍ଟ ଝୁଲି ପଡ଼ିଛି।

## ସଂକ୍ଷେପରେ

### ତୁଳସୀ ଚଉଁରା ପ୍ରତିଷ୍ଠା ଉତ୍ସବ

ବିନିକା, ୧୩ । ୨ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରାଞ୍ଚଳ ପାଳିପଡ଼ା ଠାରେ ଗୁରୁବାର ସନ୍ଧ୍ୟାରେ ତୁଳସୀ ଚଉଁରା ଉତ୍ସବର ଶୁଭାରମ୍ଭ ହୋଇଯାଇଛି । ମହିଳାମାନେ ମହାନଦୀ ଶଗଡ଼ିଆ ଘାଟରୁ ପୂର୍ଣ୍ଣ ଜଳ କଳସ ଆଣି ସ୍ଥାପନ କରିବା ପରେ ପୂର୍ବାହ୍ନ ୧୧ ଟାରେ ତୁଳସୀ ଚଉଁରା ପ୍ରତିଷ୍ଠା କରାଯାଇଥିଲା । କର୍ତ୍ତାଭାବେ ଆନନ୍ଦ ନାଗ ଓ ମଞ୍ଜଳି ନାଗ ଦାୟିତ୍ୱ ତୁଲାଇଥିଲେ । ହାଡୁ ମେହେର, ଶିବ ମାହାଣା, ଦୈତାରୀ ମେହେର, ଆଲୋକ ରାଜହଂସ, ବିଦ୍ୟାଧର ମୁଦୁଲି, ଶଙ୍କର ଗରିଆ, ମହେନ୍ଦ୍ର ଦଣ୍ଡସେନା, ପପୁନ ଦୀପ, ଜିତୁନାଗ, ପୁରନ୍ଦର ଗରିଆ, ଅନୁଭବ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ନବାହ୍ନ ପାରାୟଣ ପାଇଁ କଳସ ଶୋଭାଯାତ୍ରା

ଅମରପାଲି, ୧୩ । ୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉଫୁଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦନ୍ତାପାଲି ଗ୍ରାମରେ ନବାହ୍ନ ପାରାୟଣ ପାଇଁ ଗୁରୁବାର ପୂର୍ବାହ୍ନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଗାମୀ ୧୪ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ନଅ ଦିନ ଧରି ଏଠାରେ ରାମାୟଣ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି । କୋଟସମଲାଇର ଶ୍ରୀରାମ ପଣ୍ଡା ଏଥିରେ ବ୍ୟାସ ଗାୟକ, କମଳପୁର ଗ୍ରାମର ବଳରାମ ପଣ୍ଡା ପୂଜକ ତଥା ଦେବେନ୍ଦ୍ର ପଣ୍ଡା ସପତ୍ନୀକ କର୍ତ୍ତା କାର୍ଯ୍ୟ ନିର୍ବାହ କରିବେ । କଳସ ଶୋଭାଯାତ୍ରାରେ ଶ୍ରୀଜଗନ୍ନାଥ ମହିଳା କୀର୍ତ୍ତନ୍ୟ ମଣ୍ଡଳୀର କର୍ମକର୍ତ୍ତା ସହିତ ବ୍ଲକ ସରପଞ୍ଚ ସଂଘର ସଭାନେତ୍ରୀ ଶ୍ରୀୟା କର୍ମୀ ମଧ୍ୟ ସାମିଲ ହୋଇଥିଲେ ।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଅମରପାଲି, ୧୩ । ୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅମରପାଲି ଗ୍ରାମରେ ଦୁଇ ଦିନ ଧରି ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଗୁରୁବାର ସନ୍ଧ୍ୟା ୭ଟାରେ ଉଦ୍‌ଯାପିତ ହୋଇଯାଇଛି । ବୁଧବାର ଏଥିପାଇଁ କଳସ ଶୋଭାଯାତ୍ରା କରି ନାମ ମଣ୍ଡପ ଓ ଯଜ୍ଞ ମଣ୍ଡପରେ ଜଳ ପୂର୍ଣ୍ଣ କଳସ ସ୍ଥାପନ କରାଯାଇଥିଲା । ଗୁରୁବାର ସକାଳୁ ନାମ ଅଧିବାସ ହୋଇଥିଲା । ପରେ ନାମଯଜ୍ଞ ହୋଇଥିଲା । ଏଥିରେ ସମ୍ବଲପୁର, ସୁବର୍ଣ୍ଣପୁର, ବରଗଡ଼ ଆଦି ଜିଲ୍ଲାରୁ ସଙ୍କୀର୍ତ୍ତନ ଦଳ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ । ଶୁକ୍ରବାର ଏହାର ଦଧି ହାଣ୍ଡି ଭଗ୍ନ ସହିତ ପୂର୍ଣ୍ଣାହୁତି ପଡ଼ିଥିଲା । ଏଥିରେ ବିମ୍ବାଧର ସାହୁ ଓ ରାଜଶ୍ରୀ ସାହୁ କର୍ତ୍ତାଭାବେ କାର୍ଯ୍ୟ ତୁଲାଇ ଥିବା ବେଳେ ଘନଶ୍ୟାମ ପଣ୍ଡା ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ନାମଯଜ୍ଞ କମିଟିର କହ୍ନେଇ ଚରଣ ପ୍ରଧାନ, ବସନ୍ତ କୁମାର ସାହୁ, କାର୍ତ୍ତିକ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଶୁକ୍ରବାର ଅପରାହ୍ନ ସନ୍ଧ୍ୟା ପର୍ଯ୍ୟନ୍ତ ମହିଳା ସଙ୍କୀର୍ତ୍ତନ ବୈଠକ ପରିବେଷଣ ହୋଇଥିଲା । ବରଗଡ଼ ଜିଲ୍ଲା ବିଜେପୁର ନିକଟସ୍ଥ ସାଇପାଲିର ଚୁମକି ବେହେରା ଓ ସମ୍ବଲପୁର ଜିଲ୍ଲା କତରକେଲାର ଅଲିଭା ଦେହୁରୀ ଏଥିରେ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ ।

# ସୁବର୍ଣ୍ଣପୁରରେ ୮, ୨୨୬ ମାଟ୍ରିକ୍ ପରୀକ୍ଷାର୍ଥୀ

- ପରୀକ୍ଷାର୍ଥୀଙ୍କ ପାଇଁ ୫୨ ପରୀକ୍ଷା କେନ୍ଦ୍ର
- ୧୨ ପରୀକ୍ଷା କେନ୍ଦ୍ର ସମ୍ବେଦନଶୀଳ
- ୮୮ ଏସ୍‌ଓଏସ୍‌ସି, ୮୦ ମଧ୍ୟମା ପରୀକ୍ଷାର୍ଥୀ

ସୋନପୁର, ୧୩ । ୨ (ମୃତ୍ୟୁଞ୍ଜୟ ଶତପଥୀ)

ଆସନ୍ତା ୨୧ ତାରିଖରୁ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ୍) ପରୀକ୍ଷା ଆରମ୍ଭ ହେବ । ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ଚଳିତ ଥର ସୁବର୍ଣ୍ଣପୁର ଜିଲ୍ଲାର ମୋଟ ୧୨୮ ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେବେ । ଜିଲ୍ଲାର ୫୨ ପରୀକ୍ଷା କେନ୍ଦ୍ରରେ ୮ହଜାର ୨୨୬ଜଣ ପରୀକ୍ଷା ଦେବେ ବୋଲି ଜଣାପଡିଛି । ଏଥିପାଇଁ ବିନିକା ହାଇସ୍କୁଲ, ବୀରମହାରାଜପୁର ହାଇସ୍କୁଲ, ଡୁଙ୍ଗୁରିପାଲି ହାଇସ୍କୁଲ, ରାମପୁର ହାଇସ୍କୁଲ, ସୋନପୁର ମହାରାଜା ହାଇସ୍କୁଲ, ତରଭା ବାଳକ ଉଚ୍ଚ ବିଦ୍ୟାଳୟ ଓ ଉଲୁଣ୍ଡା ପଞ୍ଚାୟତ ସମିତି ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି । ଏହି ୭ଟି ନୋଡାଲ ସେଣ୍ଟର ପାଇଁ ୧୫ଟି ଡେସ୍‌ପାଚ୍ ଟିମ୍ ଅଛନ୍ତି । ଏସ୍‌ଓଏସ୍‌ସି (ଷ୍ଟେଟ୍ ଓପନ ସ୍କୁଲ ସାର୍ଟିଫିକେଟ୍) ପରୀକ୍ଷା ପାଇଁ ସୋନପୁର ବ୍ଲକ ଖରଝୁରା ଜୟଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଛି । ସେହି ପରୀକ୍ଷା କେନ୍ଦ୍ରରେ ଜିଲ୍ଲାର ୮୮ ଏସଓଏସସି ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି । ସେହିପରି ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଇଁ ରହିଥିବା ପରୀକ୍ଷା କେନ୍ଦ୍ରରେ ସେହି ବ୍ଲକର ୮୦ ମଧ୍ୟମା ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଏଭଳି ଭାବେ ୫୨ ପରୀକ୍ଷା କେନ୍ଦ୍ରରେ ସମୁଦାୟ ୮ହଜାର ୨୨୬ଜଣଙ୍କ ପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଜିଲ୍ଲାର ୬ଟି ବ୍ଲକର ୧୨ଟି ପରୀକ୍ଷା କେନ୍ଦ୍ରକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି ।

ଶୁକ୍ରବାର ଅପରାହ୍ନରେ ମହାରାଜା ହାଇସ୍କୁଲରେ ଜିଲ୍ଲାର ସମସ୍ତ ପରୀକ୍ଷା କେନ୍ଦ୍ର ଅଧିକ୍ଷକ ଓ ସୁପରଭାଇଜରଙ୍କ ଓରିଏଣ୍ଟେସନ କାର୍ଯ୍ୟକ୍ରମ ହେବ । ମାଟ୍ରିକ୍ ପରୀକ୍ଷା ସୁପରିଚାଳନା ପାଇଁ କେନ୍ଦ୍ର ଅଧିକ୍ଷକ ଓ ସୁପରଭାଇଜର ମାନଙ୍କୁ ବିଭିନ୍ନ ପରାମର୍ଶ ଦିଆଯିବା କାର୍ଯ୍ୟକ୍ରମ ରହିଛି । ପରୀକ୍ଷା ଫଳରେ ସଫଳତା ହାସଲ ପାଇଁ ପରୀକ୍ଷାର୍ଥୀମାନେ ପ୍ରସ୍ତୁତି ଜୋର୍‌ସୋର୍ ଚଳାଇଛନ୍ତି । ଜିଲ୍ଲା ଶିକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ମଧ୍ୟ ସେଥିରୁ ବାଦ୍ ପଡିନାହିଁ । ବିଗତ ବର୍ଷ ଭଳି ଏଥର ମଧ୍ୟ ମାଟ୍ରିକ୍ ପରୀକ୍ଷାକୁ ଶୃଙ୍ଖଳିତ ତଥା ସୁରୁଖୁରୁରେ ସମାପନ ପାଇଁ ଜିଲ୍ଲା ଶିକ୍ଷା ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି । ଜିଲ୍ଲାରେ ପରୀକ୍ଷାଫଳ ଭଲ ରଖିବାକୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ବର୍ଷ ଆରମ୍ଭରୁ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବାର୍ଷିକ ପରୀକ୍ଷା ଫଳ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ୬ ମାସିକ ପରୀକ୍ଷା ଫଳକୁ ନେଇ ପ୍ରତି ବ୍ଲକରୁ ୧୫ ଜଣ ଲେଖାଏଁ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରାଯାଇଛି । ସମ୍ପୃକ୍ତ ଛାତ୍ରୀଛାତ୍ର, ବିଦ୍ୟାଳୟର ଶିକ୍ଷକ, ପ୍ରଧାନ ଶିକ୍ଷକ ଓ ସେମାନଙ୍କ ଅଭିଭାବକଙ୍କୁ ନେଇ ବ୍ଲକ ଓ ଜିଲ୍ଲାସ୍ତରରେ ପ୍ରଶିକ୍ଷଣ ଭଳି କାର୍ଯ୍ୟକ୍ରମ କରା ଯାଇଥିଲା । ମେଧାବୀ ଛାତ୍ରୀଛାତ୍ରଙ୍କ ପ୍ରିଟେଷ୍ଟ ମଧ୍ୟ କରାଯଇଛି । ତେଣୁ ଅନ୍ୟ ବର୍ଷ ତୁଳନାରେ ଏଥର ପରୀକ୍ଷାଫଳ ଆହୁରି ପରୀକ୍ଷା ଫଳ ଭଲ ହେବ ବୋଲି ଜିଲ୍ଲା ଶିକ୍ଷା ବିଭାଗ ଆଶା ରଖିଛି ।

### ହ୍ରାସ ପାଉଛନ୍ତି ମାଟ୍ରିକ୍ ପରୀକ୍ଷାର୍ଥୀ

ଜିଲ୍ଲାରେ ଲୋକସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସେହି ଅନୁପାତରେ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ସଂଖ୍ୟା ବଢୁନି । ପ୍ରତି ବର୍ଷ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ସଂଖ୍ୟା କମି କମି ଚାଲିଛି । ଗତ ୫ ବର୍ଷର ତଥ୍ୟକୁ ଦେଖିଲେ ପ୍ରତି ବର୍ଷ ୮୦୦ ରୁ ୯୦୦ ପରୀକ୍ଷାର୍ଥୀଙ୍କ ସଂଖ୍ୟା ହ୍ରାସ ପାଉଛି । ଗତବର୍ଷ ଏହି ଜିଲ୍ଲାର ୯ହଜାର ୨୧୫ଜଣ ପରୀକ୍ଷା ଦେଇଥିଲେ । ଚଳିତ ବର୍ଷ ଏହି ସଂଖ୍ୟା ୯୮୯ ହ୍ରାସ ପାଇଛି । ଜିଲ୍ଲାରେ ପରୀକ୍ଷା କେନ୍ଦ୍ର ବୃଦ୍ଧି ପାଉଥିଲା ବେଳେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ହ୍ରାସ ପାଇବା ଶିକ୍ଷାବିତ୍‌ଙ୍କ ମହଲରେ ଚିନ୍ତାର କାରଣ ପାଲଟିଛି । ସରକାରୀ ବିଦ୍ୟାଳୟ ପ୍ରତି ଅଭିଭାବକଙ୍କ ଆଗ୍ରହ କମିବା ଓ ଇଂରାଜୀ ମିଡିୟମ ସ୍କୁଲ ପ୍ରତି ଦିନକୁ ଦିନ ଆଗ୍ରହ ବଢିବା ଏହାର ପ୍ରମୁଖ କାରଣ ବୋଲି ଆଲୋଚନା ହେଉଛି ।

# ଗଢ଼ିଲା ଶ୍ରମିକ ସଚେତନତା ରଥ



ସୁବର୍ଣ୍ଣପୁର ଜିଲ୍ଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ।

ସୋନପୁର, ୧୩ । ୨ (ମୃତ୍ୟୁଞ୍ଜୟ ଶତପଥୀ)

ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଓ ଶ୍ରମ ଆଇନରେ ଥିବା ଅଧିକାର ଏବଂ ସୁବିଧା ସୁଯୋଗ ଉପରେ ସଚେତନତା ସୃଷ୍ଟି ପାଇଁ ଏକ ଶ୍ରମିକ ସଚେତନତା ରଥର ଗୁରୁବାର ଶୁଭାରମ୍ଭ ହୋଇଛି । ଉଭୟ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ତରଫରୁ ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ପାଇଁ ରହିଥିବା ସାମ୍ବିଧାନିକ ଅଧିକାର ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ଜିଲ୍ଲାର ସମସ୍ତ ଶ୍ରମିକ ତଥା ଜନସାଧାରଣଙ୍କୁ ସଚେତନତା କରାଇବ ଏହି ରଥ । ପ୍ରଭାଗୀୟ ଶ୍ରମ ଆୟୁକ୍ତ ତଥା ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି ଅଭିଯାନର ଶୁଭାରମ୍ଭ ହୋଇଥଲା । ଜିଲ୍ଲାପାଳ ଅନ୍ୟା ଦାସ ସବୁଜ ପତାକା ପ୍ରଦର୍ଶନ କରି ରଥର ଶୁଭାରମ୍ଭ କରିଥିଲେ । ଉପଜିଲ୍ଲାପାଳ ଡ. ସୌମ୍ୟାରୁପା ରଥ, ଜିଲ୍ଲାସ୍ତରୀୟ ଅଧିକାରୀ, ଶ୍ରମ ବିଭଗର ଅଧିକାରୀ ଓ କର୍ମଚାରୀଙ୍କ ସହ, ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ରଥ ୬ଟି ବ୍ଲକର ପ୍ରମୁଖ ସ୍ଥାନ ସହ ଜିଲ୍ଲାର ବିଭିନ୍ନ ବ୍ଲକର ଶ୍ରମିକ ଚାଲାଣ ପ୍ରବଣ ଅଞ୍ଚଳ ପରିକ୍ରମା କରିବା ସହ ଜନସାଧାରଣଙ୍କୁ ପ୍ରବାସୀ ଶ୍ରମ ଆଇନ ତଥା ସରକାରଙ୍କ ଶ୍ରମିକ କଲ୍ୟାଣ ଯୋଜନା, ଅଧିକାର ଓ ଶିଶୁ ଶ୍ରମିକଙ୍କୁ ନିୟୋଜନ ନ କରିବା ପାଇଁ ସଚେତନ ସୃଷ୍ଟି କରିବ ।



ପାପକ୍ଷୟ ଲୋକ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମଞ୍ଚରେ ଉପସ୍ଥିତ ଅତିଥି ବୃନ୍ଦ ।

### ପାପକ୍ଷୟ ଲୋକ ମହୋତ୍ସବ

# ଢୋଲ ନିଶାନରେ ଦୁଲୁକିଲା ମଞ୍ଚ

ବିନିକା, ୧୩ । ୨ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରାଞ୍ଚଳ ପାପକ୍ଷୟ ଲୋକ ମହୋତ୍ସବର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା । ସଭାପତି ପ୍ରଶାନ୍ତ କୁମାର ଦଣ୍ଡସନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ଦୀପ୍ତିରେଖା ନନ୍ଦ, ସ୍ୱତନ୍ତ୍ର ଅତିଥି ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ବୈଷୟିକ ମହାବିଦ୍ୟାଳୟ ଆକାଉଣ୍ଟ ଅଫିସର ତୁଳାରାମ କଲେତ, ସମ୍ମାନୀତ ଅତିଥିଭାବେ ଉଲୁଣ୍ଡା ବ୍ଲକ ଆଧକ୍ଷା ଶାନ୍ତିଲତା ମିଶ୍ର, ବିନିକା ନଗରପାଳ ସୁବାଷ ଭୁଏ, ଏନଏସି ଉପାଧାକ୍ଷା ତପସ୍ୱିନୀ ମେହେର, ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଯୁବ ସଙ୍ଗଠକ କୃତ୍ତିବାସ ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନନ୍ଦ, କାଉନସିଲର ବିଜୟ ବରାଇ, ଜିଲ୍ଲା ପରିଷଦ ସଦସ୍ୟ ବଶିଷ୍ଠ ଭରାସାଗର, ବ୍ଲକ ଉପାଧକ୍ଷ ନିର୍ମଳ ସାଣ୍ଡ ଯୋଗଦେଇଥିଲେ । ପାପକ୍ଷୟ ଘାଟ ପୁଣ୍ୟ ତୀର୍ଥର ମହିମା ଉଚ୍ଚାରଣ କରିବା ସହିତ କଳା ଓ ଆମ ସଂସ୍କୃତି ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ । ମହୋତ୍ସବରେ ୧୫ ଗୋଟି ସାଂସ୍କୃତିକ ଦଳ ନିଜ କଳା ପ୍ରଦର୍ଶନ କରିଥିଲେ । ଢୋଲ ନିଶାନରେ ମଞ୍ଚ ଦୁଲୁକି ଉଠିଥିଲା । ପାପକ୍ଷୟ ସମ୍ମାନରେ ଜିତେନ୍ଦ୍ରୀୟ ଥାନାପତି, କିରନ ଶର୍ମା, ଗୌରବ କୁମାର ପାଢ଼ୀ, ଆମୃତାଂଶୁ ଶେଖର କୁମାରଙ୍କୁ ସମ୍ମାନୀତ କରାଯାଥିଲା । ହିମାଂଶୁ ଶେଖର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ସମ୍ପାଦକ ଧର୍ମେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ ।

# ପାହାଡ଼ ଉପରେ ଚାଲିଛି ଇ-କେୱାଇସି ଅପ୍‌ଡେଟ୍

ଭବାନୀପାଟଣା, ୧୩ । ୨ (ଉତ୍ତମ କୁମାର ଦାଶ)

ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ଇ-କେୱାଇସି ଅପ୍‌ଡେଟ୍ ଶେଷ ତାରିଖ ଆସନ୍ତା ୧୫ ତାରିଖ ଶନିବାର ବୋଲି ଗତ ଜାନୁୟାରୀ ଶେଷରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଥିଲେ । ଏହି କ୍ରମରେ କଳାହାଣ୍ଡି ଜିଲ୍ଲାରେ ୧୪ ଲକ୍ଷ ୪ହଜାର ୨୫୮ ସଦସ୍ୟ ମଧ୍ୟରୁ ବୁଧବାର ସୁଦ୍ଧା ୧୨ଲକ୍ଷ ୨୫ହଜାର ୪୧୯ ଜଣ ଇ-କେୱାଇସି ଅପ୍‌ଡେଟ୍ କରିଥିବା ଜଣାପଡିଛି । ଅବଶିଷ୍ଟ୧ ଲକ୍ଷ ୭୮ହଜାର ୮୩୯ଜଣ ଅପ୍‌ଡେଟ୍ କରି ନାହାନ୍ତି । ବର୍ତ୍ତମାନ ଜିଲ୍ଲାର ପ୍ରତି ଗ୍ରାମରେ ସ୍ଥାନୀୟ ଯୋଗାଣ ସହାୟକମାନେ ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରିବାରେ ଲାଗି ପଡିଛନ୍ତି । ଫଳରେ ଆସନ୍ତା ୩ଦିନରେ ଆହୁରି ଅନେକ ଲୋକ ଅପ୍‌ଡେଟ୍‌ରେ ଯୋଡିହେବେ । ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୦ ଶତକଡା ଇ-କେୱାଇସି ଅପ୍‌ଡେଟ୍ ହୋଇଥିବା ଜଣାପଡିଛି । ତେବେ ନେଟ୍‌ୱର୍କ ସମସ୍ୟା ଯୋଗୁ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଲୋକେ ପାହାଡ, ବଡ ପଥର କିମ୍ବା ଗଛ ଉପରକୁ ଚଢି ଇ-କେୱାଇସି ଅପ୍‌ଡେଟ୍ କରୁଥିବା ଦେଖିବାକୁ ମିଳିଛି ।

ଜିଲ୍ଲାରେ ଥୁଆମୂଳ ରାମପୁର, ଏମ୍ ରାମପୁର, ଭବାନୀପାଟଣା ଓ ଲାଞ୍ଜିଗଡ ବ୍ଲକର ଦୁର୍ଗମ ୩୨ଟି ପଞ୍ଚାୟତ (ସେଣ୍ଟର) ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ରହିଛି । ସେଠାରେ ନେଟ୍‌ୱର୍କ ପାଇଁ ପାହାଡ ଉପରକୁ ଚଢି ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରାଯାଉଛି । ଏହି ସମୟରେ ହିତାଧିକାରୀଙ୍କ ରାଶନ କାର୍ଡରେ ଥିବା ନାଁ ଓ ଆଧାରକାର୍ଡ ଯାଞ୍ଚ ପରେ ଫିଙ୍ଗର ପ୍ରିଣ୍ଟ କିମ୍ବା ଆଇସ୍କାନ୍ କରାଯାଉଛି । ପରିବାରର ଯେଉଁ ସଦସ୍ୟଙ୍କ ନାମରେ ରାଶନ ସାମଗ୍ରୀ ମିଳୁଛି ସେମାନଙ୍କର ଯାଞ୍ଚ କରାଯାଉଛି । ପରେ ଇ-କେୱାଇସି ମାଧ୍ୟମରେ ଡିଲର ଅପଡେଟ୍ କରୁଛନ୍ତି । ଜିଲ୍ଲାର ଦୁର୍ଗମ ଥୁଆମୂଳ ରାମପୁର ବ୍ଲକର ୨୨ଟି ପଞ୍ଚାୟତରେ ଏହିସବୁ ସମସ୍ୟା ଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସେଠାରେ ୭୦ ଶତକଡା ଲୋକଙ୍କ ଇ-କେୱାଇସି ଅପ୍‌ଡେଟ୍ କରାଯାଇଥିବା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ ପ୍ରକାଶ କରିଛନ୍ତି । ସେହିପରି ୬୦ ବର୍ଷରୁ ଊର୍ଦ୍ଧ୍ୱ କେତେଜଣ ବୃଦ୍ଧାବୃଦ୍ଧଙ୍କ ବାୟୋମେଟ୍ରିକ ମଧ୍ୟ ଆସୁ ନ ଥିବାରୁ ଇ-କେୱାଇସି ଅପ୍‌ଡେଟ୍ କରିବାରେ ସମସ୍ୟା ରହୁଛି । ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନ କରାଯାଉଛି ଓ ଶୀଘ୍ର ଏହା ଶେଷହେବ ବୋଲି ସେ କହିଥିଲେ । କଳାହାଣ୍ଡି ଜିଲ୍ଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରେ ୪ଲକ୍ଷ ୧ହଜାର ୯୮୩ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ (ଏସ୍‌ଏଫ୍‌ଏସ୍‌ଏ)ରେ ୧୩ହଜାର ୭୮୨ ରାଶନ କାର୍ଡ ପାଇଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି ।



ଦୁର୍ଗମ ଅଞ୍ଚଳରେ ପାହାଡ଼ ଉପରେ ଇ-କେୱାଇସି ଅପ୍‌ଡେଟ୍ କରାଯାଉଛି ।

# ଉତ୍ତମ ଶିକ୍ଷା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ କରେ

### ମୁକୁନ୍ଦପୁର ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ସୋନପୁର, ୧୩ । ୨ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ମୁକୁନ୍ଦପୁର ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଜଳନ୍ଧର ରଣାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ସଂଯୁକ୍ତା ମାଝୀ ଯୋଗଦେଇ ଶିକ୍ଷାର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ । ଉତ୍ତମ ଶିକ୍ଷା ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନରେ ସହାୟକ ହେବା ସହ ସଫଳତା ଆଣି ଦେଇଥାଏ ବୋଲି ମାଝୀ କହିଥିଲେ । ମୁଖ୍ୟବକ୍ତା ଭାବେ ଅସୁରମୁଣ୍ଡା ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ବୃନ୍ଦାବନ ବଢେଇ, ସମ୍ମାନୀତ ଅତିଥି ଭାବେ ୱାର୍ଡସଭ୍ୟ ଶକୁନ୍ତଳା ସାହୁ ଓ ଆଦିବାସୀ ନେତା କଲ୍ପ ବରିହା ମଞ୍ଚାସୀନ ଥିଲେ । ଶିକ୍ଷକ ଅଶୋକ ଝାଙ୍କର ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ଶ୍ରୀମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀଛାତ୍ରମାନଙ୍କ ଦାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ କରାଯାଇଥିଲା । ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଫଗୁନୁ ପଲିଆ, କୁନୁ ତାଣ୍ଡି, କର୍ମଚାରୀ ଓ ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ମାନେ ।

# କୁଡ଼ାରିକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଡୁଙ୍ଗୁରିପାଲି, ୧୩ । ୨ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସହଲା ଗ୍ରାମପଞ୍ଚାୟତ କୁଡ଼ାରିକଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁର୍ଯ୍ୟୋଧନ ଯୁଆଡ଼ିଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା । ସଭାରେ ଏବିଓ ଜଗତ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କରମଚନ୍ଦ୍ର ବାରିକ, ସହଲା କ୍ଲଷ୍ଟର ସିଆର୍‌ସିସି ରଞ୍ଜନ କୁମାର ଦାଶ, ଚେରୁପାଲି ସିଆର୍‌ସିସି ଦିଲୀପ ପଧାନ, ଶୁଖା ସିଆର୍‌ସିସି ସୁରେଶ ନାୟକ, ସର୍ଗୁଲ ସିଆର୍‌ସିସି ନୀଳକଣ୍ଠ ନାୟକ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ଥବିର ଦୋରା ବାର୍ଷିକ ବିବରଣୀ ପାଠ କରିଥିଲେ । ସହକାରୀ ଶିକ୍ଷକ ଉମେଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଯାପନୀ ସମାରୋହ ପ୍ରଧାନ ଶିକ୍ଷକ ଥବିର ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥିଭାବେ ସହ ଶିକ୍ଷା ଗୋଷ୍ଠୀ ଅଧିକାରୀ ଗଞ୍ଜାଲୁ ମିର୍ଦ୍ଧା, ସୋନପୁର ଡାଏଟର ବରିଷ୍ଠ ପ୍ରଶିକ୍ଷକ ଅକ୍ଷୟ କୁମାର ବେରିଆ, ସହଲା ଗ୍ରାମପଞ୍ଚାୟତ ସରପଞ୍ଚ ପାଟୁଆରୀ ପଧାନ ଯୋଗଦେଇଥିଲେ । ପରେ ବାର୍ଷିକ କ୍ରୀଡ଼ା ଓ ଅନ୍ୟାନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ତଥା ଷାଣ୍ମାସିକ ପରୀକ୍ଷାରେ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

# ଜୀବନରେ ପରୀକ୍ଷାର ସମ୍ମୁଖୀନ ହୁଅ

### କଦୋବର ଯୁକ୍ତ ୨ କଲେଜରେ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଅମରପାଲି, ୧୩ । ୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ କାଦୋବର ସ୍ଥିତ ମା' ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ମାନଙ୍କୁ ଗୁରୁବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । କଲେଜର ଅଧକ୍ଷ ବଲ୍ଲଭ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନ ସମ୍ପାଦକ ଚିତ୍ତରଞ୍ଜନ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ ଶୃଙ୍ଖଳିତ ଆଚରଣ ଓ ସଂସ୍କାରିତ ଜୀବନ ଯାପନକୁ ପାଥେୟକରି ଜୀବନକୁ ସରସ ସୁନ୍ଦର କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ । ଯୁକ୍ତ ୨ ପ୍ରଥମବର୍ଷ ଛାତ୍ରୀ ସୀମାରାଣୀ ପର୍ଡିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ଯସ୍ମିନ୍ ପଧାନ, ବର୍ଷାରାଣୀ ବେହେରାମାଳି, ପୂଜା ବଡମାଳି ବିଦାୟକାଳୀନ ସଙ୍ଗୀତ ଗାନ କରିଥିଲେ । ଅଧ୍ୟାପକ ବାଳମକୁନ୍ଦ ବାରିକ ସଭା ସଂଯୋଜନା କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ରଞ୍ଜିତା ମିଶ୍ର, ସାଧନା ମେଲ୍ଲି, ଅଧ୍ୟାପକ ଉଦ୍ଧବ ପଧାନ, ନିତ୍ୟାନନ୍ଦ ମିଶ୍ର, ଅମିତାରାଣୀ ସାହୁ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହା ସହିତ ସେମାନଙ୍କ ଆଗାମୀ ପରୀକ୍ଷା ପାଇଁ ଶୁଭ କାମନା ପ୍ରଦାନ କରିଥିଲେ । ଜୀବନରେ ବିଭିନ୍ନ ସମୟରେ ପରୀକ୍ଷା ଆସିଥାଏ । ତେଣୁ ପ୍ରତିଟି ପରୀକ୍ଷାକୁ ସମ୍ମୁଖୀନ ହୋଇ ଏଥିରେ ସଫଳତା ପାଇଁ ପ୍ରୟାସ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରମାନେ ଅନୁଷ୍ଠାନରେ ଦୀର୍ଘ ୨ବର୍ଷ ଅତିବାହିତ କରିଥିବାର ଅନୁଭୂତି ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ନରୋତ୍ତମ କର୍ମୀ, ଶମ୍ଭୁ ଭୋଇ, ସଞ୍ଜୀବ ଦନ୍ତା, ସୁଶାନ୍ତ ମିଶ୍ର, ଯୋଗୀନ୍ଦ୍ର ପଧାନ, ବାଦଲ ଦେହୁରୀ ସହଯୋଗ କରିଥିଲେ । ଅଧ୍ୟାପକ ସୁଶାନ୍ତ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।



ବିଦାୟ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିଙ୍କ ଉପସ୍ଥିତିରେ ଜଣେ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଉଛି ।

## ସଂକ୍ଷେପରେ

### ଟ୍ରେନ ଧକ୍କାରେ ଯୁବକ ମୃତ

ରାଉରକେଲା,୧୩।୨(ଦିନେଶ ମିଶ୍ର)

ରାଉରକେଲା ମାଲଗୋଦାମସ୍ଥିତ ରେଳ ଫାଟକ ନିକଟରେ ଜଣେ ଯୁବକଙ୍କ ମୃତଦେହକୁ ରାଉରକେଲା ଜିଆର୍‌ପି ପୋଲିସ ଗୁରୁବାର ସନ୍ଧ୍ୟାରେ ଜବତ କରିଛି। ଏ ନେଇ ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୫) ରୁଜୁ କରିଛି। ମୃତକଙ୍କ ବୟସ ପାଖାପାଖି ୪୦ ବର୍ଷ ହେବ ବୋଲି ପୋଲିସ ଅନୁମାନ କରିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ (ରାତି ୮ଟା) ମୃତ ଯୁବକଙ୍କ କୌଣସି ପରିଚୟ ମିଳିପାରିନାହିଁ। ଅପରାହ୍ନ ସାଢ଼େ ୪ଟାରେ ଉକ୍ତ ଯୁବକ ଜଣଙ୍କ ରାଉରକେଲା ମାଲଗୋଦାମ ରେଳ ଫାଟକ ଅତିକ୍ରମ କରୁଥିବାବେଳେ ହଠାତ ଏକ ଯାତ୍ରୀବାହୀ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଛି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ବନ୍ଧମୁଣ୍ଡା,୧୩।୨(ସୁବ୍ରତ ଦେ)

ବିଶ୍ରା ଥାନା ଅଧୀନ ମହିପାନି ଛକଠାରେ ଗୁରୁବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଜରାଇକେଲାରୁ ବିଶ୍ରା ପଟେ ଯାଉଥିବା ଏକ ପିକଅପ ଗାଡ଼ି ମହିପାନୀ ଛକଠାରେ ଗୋଟିଏ ବାଇକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ବାଇକ ଚାଳକ ଅମନ ଭେଂଗ୍ରା (୩୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ବାଇକରେ ବସି ଥିବା ଅନ୍ୟ ଏକ ଯୁବକ ଗୁରୁତର ଆହତ ହେଇ ରାଉଲକେଲା ସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବିଶ୍ରା ପୋଲିସ ୨ଟି ଗାଡ଼ିକୁ ଜବତ କରି ଥାନାକୁ ନେଇ ଥିବାବେଳେ ମୃତଦେହକୁ ବିଶ୍ରା ସରକାରୀ ହସ୍ପିଟାଲରେ ରଖାଯାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ହସ୍ତାନ୍ତର କରାଯିବ। ମୃତ ଅମନ ଭେଙ୍ଗରା ଝାଡ଼ଖଣ୍ଡ ପଶ୍ଚିମ ସିଂଭୁମ ଜିଲାର ଚିଡ଼ିୟା ନିବାସୀ ଥିଲେ ବୋଲି ପୋଲିସ କହିଛି।

### ମାଘପୂର୍ଣ୍ଣିମା ଉପଲକ୍ଷେ ରାସଯାତ୍ରା

ଲହୁଣୀପଡା,୧୩।୨(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁର ଗ୍ରାମରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମାଘପୂର୍ଣ୍ଣିମା ଉପଲକ୍ଷେ ରାହାସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମାଘ ମାସ ଶୁକ୍ଳ ପକ୍ଷ ଦଶମୀ ତିଥି ଦିନ ରାତିରୁ ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା କରି ବିଧିବିଧାନ ଅନୁସାରେ ଠାକୁରଙ୍କୁ ବାହାର କରି ଗ୍ରାମ ପରିକ୍ରମା କରିବା ସହିତ ରାସମଣ୍ଡଳୀ ଯାତ୍ରା କରିଥାନ୍ତି। ମଙ୍ଗଳବାର ଦଧିବିକା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଝିଅମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ମାଘପୂର୍ଣ୍ଣିମା ଦିନ ରାସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶରଧାପୁର ସମ୍ପର୍ଦା ଦଳ ସମେତ ରୁଗୁଡା, ଶିହିଡିଆ, କରିଆଡିହି ଗ୍ରାମର ସମ୍ପର୍ଦା ମଣ୍ଡଳୀମାନେ ଯୋଗଦେଇ ସମ୍ପର୍ଦା ପରିବେଶ କରିଥିଲେ। ଗୁରୁବାର ଗ୍ରାମ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ହରିହର ମାହାନ୍ତ, ଶାନ୍ତନୁ ମାହାନ୍ତ, ଅଜୟ ମହାକୁଳ, କବି ଚରଣ ମାହାନ୍ତ, ସୁମନ୍ତ ସାହୁଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଓ ଗ୍ରାମବାସୀଙ୍କ ସହଯୋଗରେ ରାସ ଯାତ୍ରା ଅନୁଷ୍ଠିତ ହୋଇଥିଲା ବେଳେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିବା ଜଣାପଡିଛି।

### ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଉରକେଲା,୧୩।୨ (ଦିନେଶ ମିଶ୍ର)

ଛେଣ୍ଡ ଥାନା ଅନ୍ତର୍ଗତ ଲୁହାକେରା ଅଞ୍ଚଳରୁ ବାଲି ଚୋରାଚାଲାଣ ହେଉଥିବାବେଳେ ପୋଲିସ ୨ ବାଲି ବୋଝେଇ ଟ୍ରାକ୍ଟରକୁ ଗୁରୁବାର ଜବତ କରିଛି। ଲୁହାକେରା ନିକଟ କୋଏଲ ନଦୀରୁ ଉକ୍ତ ଟ୍ରାକ୍ଟରରେ ଚୋରା ବାଲି ଗୁରୁବାର ରାତି ସାଢ଼େ ୮ଟାରେ ଚାଲାଣ ହେଉଥିବା ଛେଣ୍ଡ ଥାନାଧିକାରୀ ବିଜୟ କୁମାର ସିଂ କୌଣସି ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲେ। ପରେ ପୋଲିସ ବାଲି ଟ୍ରାକ୍ଟରକୁ ପ୍ରଧାନପାଲ୍ଲୀ ନିକଟରେ କାବୁ କରିଥିଲା। ଛେଣ୍ଡ ଥାନାଧିକାରୀ ଗାଡିକୁ ଜବତ କରି ମାଇନ୍ସ ବିଭାଗକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ଗାଁରେ ମଦ ବିକ୍ରି ବନ୍ଦ ପାଇଁ ଦାବି



ମହିଳାମାନେ ଅବକାରୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଜଣାଉଛନ୍ତି।

ବଡ଼ଗାଁ,୧୩।୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ପଞ୍ଚାୟତ ଭିଖମପୁର ଗ୍ରାମର ନାରୀ ଚେତନା ସଂଘର ସଦସ୍ୟମାନେ ବୁଧବାର ଅପରାହ୍ନ ୫ଟାରେ ଜିଲା ଅବକାରୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଗାଁରେ ମଦ ବିକ୍ରି ବନ୍ଦ ପାଇଁ ଦାବି କରିଛନ୍ତି। ଭିଖମପୁର ଗ୍ରାମ ସମେତ ପଞ୍ଚାୟତର ଛୋଟ ବଡ଼ ସମସ୍ତ ଗ୍ରାମରେ ଦେଶୀ ବିଦେଶୀ ମଦ ବିକ୍ରି ହେଉଥିବା ଓ ମଦ ବିକ୍ରେତାଙ୍କୁ ବିକ୍ରି ବନ୍ଦ କରିବାକୁ କହିଲେ ଗାଳି, ଧମକ ଦେଉଥିବା ଅଭିଯୋଗ କରିବା ସହ ପ୍ରଶାସନ ମଦ ବିରୋଧି ଅଭିଯାନର ସଦସ୍ୟମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ଦାବି କରିଛନ୍ତି। ଭିଖମପୁର ନାରୀ ଚେତନା ସଂଘ, ଜରଙ୍ଗଲୋଇ ଗ୍ରାମର ଗାନ୍ଧିବାଦୀ ଯୁବକ ସଂଘ ଓ ମିଳିତ ନିଶା ନିବାରଣ ଅଭିଯାନର କର୍ମକର୍ତ୍ତା ଝରଣା ସା, ଜ୍ୟୋତ୍ସ୍ନା ଚାମ୍ପିଆ, ଧନଞ୍ଜୟ ନାଏକ, ସୁନୀତା ଚାମ୍ପିଆ, ଲତିକା କର୍ଶେଲ, ମିନାକ୍ଷୀ ରକ୍ସା, ବସନ୍ତି କିସାନ,ନଳିନୀ କିସାନ ପ୍ରମୁଖ ମହିଳାମାନେ ଅବକାରୀ ଅଧିକ୍ଷକଙ୍କୁ ଗାଁ ଗୁଡିକରେ ପ୍ରଚୁର ମଦ ବିକ୍ରି ଯୋଗୁ ଦେଖାଦେଉଥିବା ସମସ୍ୟା ଉପରେ ଆଲୋଚନା କରି ମଦ ବିକ୍ରି ବନ୍ଦ କରିବାକୁ ଦାବି କରିଥିଲେ। ଏହାସହିତ ଜିଲାପାଳଙ୍କୁ ମଧ୍ୟ ଦାବିପତ୍ର ଦେଇଥିଲେ। ସେଥିରେ ଗାଁରେ କେଉଁମାନେ ମଦ ବିକ୍ରି କରୁଛନ୍ତି ସେମାନଙ୍କ ନାମ ଦର୍ଶାଇ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦର୍ଶାଯାଇଛି।

# ଏନଟିପିସି ଡୁଲଙ୍ଗା ପକ୍ଷରୁ ବସନ୍ତ ମେଳା

ସୁନ୍ଦରଗଡ,୧୩।୨ (ଜୟ ନାରାୟଣ ମେଣ୍ଡୁଲି)

ପ୍ରେରଣା ଲେଡିଜ କ୍ଲବ, ଏନଟିପିସି ଡୁଲଙ୍ଗା କୋଇଲା ଖଣି ପ୍ରକଳ୍ପ ଦ୍ୱାରା ଫେବୃଆରୀ ୧୦ ଓ ୧୧ରେ ବସନ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ଏନଟିପିସି ଦାର୍ଲିପାଲି ସ୍ଥିତ ଟାଉନଶିପ ଶୁଭ୍ରଜ୍ୟୋତି ନଗରରେ ଆୟୋଜିତ ଏହି ବସନ୍ତ ମେଳାରେ ଅତୁଲ୍ୟ ଭାରତ ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ଖାଦ୍ୟ, ସଂସ୍କୃତି ଏବଂ ମନୋରଞ୍ଜନର ଏକ ଆନନ୍ଦଦାୟକ ମିଶ୍ରଣ ମାଧ୍ୟମରେ ଦେଶର ସମୃଦ୍ଧ ବିବିଧତାକୁ ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଶିବମ ଶ୍ରୀବାସ୍ତବ, ନିର୍ଦ୍ଦେଶକ (ଇନ୍ଧନ)ଏନଟିପିସି ଏବଂ ଅଧ୍ୟକ୍ଷ ଏନଏମଏଲ ସୀତା ରଞ୍ଜନଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତଥିଲେ। ସଂଯୁକ୍ତା ମହିଳା ସମିତିର ବରିଷ୍ଠ ସଦସ୍ୟା ମୀନାକ୍ଷୀ ଶ୍ରୀବାସ୍ତବ ରଙ୍ଗାରଙ୍ଗ ଏବଂ ଆକର୍ଷଣୀୟ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କୁ ଏକାଠି କରିବାରେ ପ୍ରେରଣା ଲେଡିଜ କ୍ଲବର ପ୍ରୟାସକୁ ପ୍ରଶଂସା କରିଥିଲେ। ମେଳାର ଏକ ପ୍ରମୁଖ ଆକର୍ଷଣ ଥିଲା ପ୍ରେରଣା ଲେଡିଜ କ୍ଲବର ସଦସ୍ୟାଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକାରର ଖାଦ୍ୟ ଷ୍ଟଲ। ଯେଉଁଥିରେ ଭାରତର ବିଭିନ୍ନ ରାଜ୍ୟର ସୁସ୍ୱାଦୁ ଖାଦ୍ୟ ସ୍ଥାନ ପାଇଥିଲା। ଏହାସହିତ ଅନେକ ସ୍ଥାନୀୟ ବିକ୍ରେତା ପାରମ୍ପରିକ ପୋଷାକ, ଫର୍ଣ୍ଣିଚର, ଯାନବାହାନ ଏବଂ ହସ୍ତଶିଳ୍ପ ସମେତ ବିଭିନ୍ନ ଉତ୍ପାଦ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ ଏକ ସ୍ୱତନ୍ତ୍ର କିଡ୍ସ ଜୋନ ସ୍ଥାପନ କରାଯାଇଥିଲା। ନୃତ୍ୟନିଳୟ, ଅନୁଗୁଳ ଏବଂ ଜୟଶଙ୍କର ସେବାଶ୍ରମ, ବେଲସରାର ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମର ଏକ ଆକର୍ଷଣ ଥିଲା। ସେମାନଙ୍କର ସୁନ୍ଦର ନୃତ୍ୟ ନିର୍ଦ୍ଦେଶନା, ପ୍ରାଣବନ୍ତ ପୋଷାକ ଏବଂ ଜୀବନ୍ତ ପ୍ରଦର୍ଶନ ଦର୍ଶକଙ୍କୁ ମୋହିତ କରିଥିଲା। ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଏକ ଝଲକ ପ୍ରଦାନ କରିଥିଲା ଏବଂ ସମସ୍ତଙ୍କ ଉପରେ ଏକ ସ୍ଥାୟୀ ଛାପ ଛାଡିଥିଲା ଏହି ବସନ୍ତ ମେଳା।



ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ



ଛାତ୍ରୀଛାତ୍ରମାନେ ଅତିଥିଙ୍କୁ ପାଛୋଟି ନେଉଛନ୍ତି ।

ବଡ଼ଗାଁ,୧୩।୨ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ତୁଡାଲଗା ପଞ୍ଚାୟତ ଜାଙ୍ଗଲି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ ଓ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁଦୀପ ବାଡା ମୁଖ୍ୟ ଅତିଥି ଓ ଗୌନ୍ତିଆ ଦାମୋଦର ସା, ପାଲାଗୁରୁ ଘନଶ୍ୟାମ ସା, ମିତ୍ରଭାନୁ ବେହେରା, ଟଙ୍କଧର ବେହେରା, ସନ୍ତୋଷ ବେହେରା, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ବେହେରା, ୱାର୍ଡ ମେମ୍ବର ବିଳାସିନୀ ନାଏକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀମାନେ ଅତିଥିଙ୍କୁ ପାଛୋଟି ନେଲାପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେଠାରେ ମୁଖ୍ୟ ଅତିଥି ସରପଞ୍ଚ ସୁଦୀପ ବାଡା ପିଲାଙ୍କ ଦକ୍ଷତା ବୃଦ୍ଧି କରିବା ଦିଗରେ ଶିକ୍ଷକ ଓ ଅଭିଭାବକଙ୍କ ଦାୟିତ୍ୱ ଉପରେ କହିବା ସହିତ ଛାତ୍ରୀଛାତ୍ରମାନେ ପ୍ରତିଦିନ ସ୍କୁଲ ଆସି ମନଦେଇ ପାଠ ପଢିବାକୁ ବୁଝାଇଥିଲେ। ଗୌନ୍ତିଆ ଦାମୋଦର ସା ତାଙ୍କ ସମୟର ଚାଟଶାଳୀ ପାଠ ଓ ଶିକ୍ଷକଙ୍କୁ ମନେ ପକାଇ ପିଲାଙ୍କୁ ଭଲ ମଣିଷ ହେବାକୁ ବୁଝାଇଥିଲେ। ସଭା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଚାମୁଚ ଦୌଡ଼ରେ ଖୁସି ଦେହୁରୀୟ, ମୁକେଶ ବେହେରା, ସ୍ନେହା ବେହେରା, ଅଖା ଦୌଡ଼ରେ ଜାହ୍ନବୀ ଖଡିଆ, ଆୟୁଷ ଖଡିଆ, ଅଂଶୁମାନ ପୃଷେଟ, ନାଚରେ ପ୍ରୀତି ସା, ଖୁସି ଦେଉରିଆ, କ୍ଷତି ପ୍ରଭା ବଢେଇ, ଡ୍ରଇଂରେ ମୁକେଶ ବେହେରା, କ୍ଷିତି ପ୍ରଭା ବଢାଇ, ସଞ୍ଜୀବ ଖଡିଆ, ଗଣିତ ଦୌଡ଼ରେ ଆଶିଷ ନାଏକ, ଜାହ୍ନବୀ ଖଡ଼ିଆ, ଶ୍ରେୟାଂସ ମଲ୍ଲିକ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମିନତି ପୃଷେଟ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଶିକ୍ଷୟିତ୍ରୀ ଅନିତା ମିଶ୍ର ସହଯୋଗ କରିଥିଲେ।

### ଆଶ୍ରମ ସ୍କୁଲରେ ବାର୍ଷିକ ଉତ୍ସବ

ବଡ଼ଗାଁ,୧୩।୨(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ବ୍ଲକ ଏକମା ଗ୍ରାମ ସ୍ଥିତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲରେ ଗୁରୁବାର ପୂର୍ବାହ୍ନରେ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଉତ୍ସବ ଆରମ୍ଭରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ବଡ଼ଗାଁ ବ୍ଲକ ଅଧକ୍ଷା ଦୁଲାରୀ ସରେଙ୍ଗ ମୁଖ୍ୟ ଅତିଥି ଓ ବଡ଼ଗାଁ ବିଡ଼ିଓ ସୁମତି ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଛାତ୍ରୀଛାତ୍ରଙ୍କୁ ବ୍ୟାୟାମ, ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ବୁଝାଇଥିଲେ। ମୁଖ୍ୟ ବକ୍ତା ବିଡିଓ ସୁମତି ପଣ୍ଡା ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ରହିବା ଓ ପାଠପଢ଼ାରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ମଙ୍ଗଳ ଅଧିକାରୀ ଦିଲିପ ମାଝୀ, ଗ୍ରାମର ବରିଷ୍ଠ ନାଗରିକ ଲକ୍ଷ୍ମଣ ପୁରୋହିତ, ସ୍ଥାନୀୟ ସରପଞ୍ଚ ସାଇବାନି ଲାକ୍ରା, ସମିତି ସଭ୍ୟା ଲତିକା ଲାକ୍ରା ଯୋଗଦେଇଥିଲେ। ସଭାକୁ ଶିକ୍ଷୟିତ୍ରୀ ନନ୍ଦିନୀ ମାଝୀ ପରିଚାଳନା କରିଥିଲେ। ଉତ୍ସବ ପରିଚାଳନାରେ ଶିକ୍ଷୟିତ୍ରୀ ନମିତା ନାୟକ, ସୁମିତ୍ରା ମାଝୀ, ଅନିତା ବାରିକ, ରଶ୍ମିତା ମାଝୀ, ରମେଶ ଚନ୍ଦ୍ର ନାୟକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଶେଷରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିବା ସହ ଉତ୍ସାହିତ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ନିଳମାଧବ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ





ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଗ୍ରାମବାସୀ।

କୁତ୍ରା,୧୩।୨(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘନା ସ୍ଥିତ ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ ପକ୍ଷରୁ ବିରିଙ୍ଗାଟୋଲି ପଞ୍ଚାୟତ ନକଟି ଗ୍ରାମରେ ଗୁରୁବାର ଅପରାହ୍ନ ୧୨ଟାରେ ଏକ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ କାରଖାନା ଅପରେଶନ ମୁଖ୍ୟ ଅନିଲ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ସ୍ଥାନୀୟ ସରପଞ୍ଚ ମୁକ୍ତା ନାଏକ, ଶିବାସିମେଣ୍ଟ କାରଖାନା ପକ୍ଷରୁ ସୁନିଲ ନାଥ, ମାଇନ୍ସ ମ୍ୟାନେଜର ରାଧେଶ୍ୟାମ ରୟ, ସିଏସଆର ହେଡ ସଂଗ୍ରାମ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି କମ୍ୟୁନିଟି ସେଣ୍ଟର ନିର୍ମାଣ ହେବା ଦ୍ୱାରା ଗ୍ରାମବାସୀ ବେସ ଉପକୃତ ହୋଇପାରିବେ ବୋଲି ଅତିଥିମାନେ କହିଛନ୍ତି। ଗ୍ରାମରେ ହେଉଥିବା ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମ,ବିଭିନ୍ନ ପ୍ରକାର ବୈଠକ,ପୂଜାପାଠ ଆଦି କାର୍ଯ୍ୟକ୍ରମ ଗୁଡିକ ଅନୁଷ୍ଠିତ ହୋଇପାରିବ। ତେଣୁ ଗ୍ରାମବାସୀଙ୍କ ସୁବିଧା ପାଇଁ ନିର୍ମାଣ କରିଥିବା କହିଛନ୍ତି କାରଖାନା କର୍ତ୍ତୃପକ୍ଷ।

# ଲକ୍ଷ୍ମୀପୋଷ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୁତ୍ରା,୧୩।୨(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଲକ୍ଷ୍ମୀପୋଷ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିତା କୁଜୁରଙ୍କ ଅଧ୍ୟକ୍ଷତାରେ ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶାଳ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହେବାପାଇଁ ପ୍ରେରଣା ପ୍ରଦାନ କରିଥିଲେ। ଏହା ସହିତ ବିଦ୍ୟାଳୟର ସମସ୍ତ ସୁବିଧା ଅସୁବିଧାରେ ସଦା ସର୍ବଦା ଛିଡା ହେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ମଙ୍ଗଳ ଅଧିକାରୀ ବିନିରାନୀ ସୋରେନ, ଝାନପାଲି ପଞ୍ଚାୟତର ସରପଞ୍ଚ କମଳା କୁଜୁର, ସମିତି ସଭ୍ୟ କର୍ଣ୍ଣ ଲାକଡା, ମୋ ସ୍କୁଲ ଅଭିଯାନ ସଭାପତି ସୁରେନ୍ଦ୍ର କୁଜୁର, ଏସଏମସି ସଭାପତି ମାର୍କୁସ ଏକ୍କା ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀ ଛାତ୍ରମାନଙ୍କୁ ପୁରସ୍କୃତ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହା ସହିତ ପୁସ୍ତକ ମେଳା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ପ୍ରଜେକ୍ଟ ଗୁଡିକୁ ପରିଦର୍ଶନ କରି ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ କୁଜୁର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ମମତା ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବକୁ ସଫଳ କରିବାରେ ଶିକ୍ଷୟିତ୍ରୀ ମଧସ୍ମିତା ଶତପଥୀ, ଅନୁପମା ଟପ୍ପୋ, ଡିଲେଶ୍ୱର ବେହେରା, ସଞ୍ଜୟ ମିଞ୍ଜ, ଦୁର୍ଯ୍ୟୋଧନ ମିଞ୍ଜ, ଫିନି ଏକ୍କା, ଉର୍ବଶୀ କିସ୍ପଟ୍ଟା, ଅନିତା ସା, ମାଝେରୋନ ଏକ୍କା, ସୁପ୍ରିତି ବାଘ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଅଭିନବ ଶିକ୍ଷାଦାନ କୌଶଳ ଭିତ୍ତିକ ଆଲୋଚନାଚକ୍ର

ସୁନ୍ଦରଗଡ,୧୩।୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଶଙ୍କରା ସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପ୍ରାରମ୍ଭିକ ସ୍ତରର ଶିକ୍ଷାର୍ଥୀଙ୍କ ସର୍ବାଙ୍ଗୀନ ବିକାଶରେ ଅଭିନବ ଶିକ୍ଷା ଦାନ କୌଶଳର ଗୁରୁତ୍ୱ ''ଶୀର୍ଷକ ଏକ ଦ୍ୱିଦିବସୀୟ ଜିଲା ସ୍ତରୀୟ ଆଲୋଚନା ଚକ୍ର ଗତ ୧୨ ଓ ୧୧ ତାରିଖରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧକ୍ଷା ଲିପିକା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମୁଖ୍ୟ ଅତିଥିଭାବେ ଅନୁଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ କୁଞ୍ଜବିହାରୀ ଛତ୍ରିଆ, ମୁଖ୍ୟ ବକ୍ତା ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ.ଗରୁଡେଶ୍ୱର ଦାସ ଯୋଗଦାନ କରି ଏକବିଂଶ ଶତାବ୍ଦୀରେ ଶିକ୍ଷାର୍ଥୀଙ୍କ ସର୍ବାଙ୍ଗୀନ ବିକାଶରେ ଆଭିନବ ଶିକ୍ଷାଦାନର କୌଶଳକୁ ସୁନ୍ଦର ଓ ବିସ୍ତୃତଭାବେ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଡ. ଧରଣୀଧର ପଟେଲ, ମୁଖ୍ୟ ବକ୍ତା ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଶିକ୍ଷା ବିଭାଗର ସହକାରୀ ପ୍ରଫେସର ଶ୍ରବଣ କୁମାର ବାଗ, ସମ୍ମାନିତ ଅତିଥି ସୁନ୍ଦରଗଡ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଝାରସୁଗୁଡା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ମମତା ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଉପରୋକ୍ତ ଶୀର୍ଷକରେ ସେମାନଙ୍କ ବହୁମୂଲ୍ୟ ମତ ରଖିବାସହ ଅଂଶଗ୍ରହଣକାରୀଙ୍କ ଉପସ୍ଥାପନାକୁ ଭୂୟଂସୀ ପ୍ରଂଶସା କରିଥିଲେ। ଶିକ୍ଷକମାନେ ଏହିଭଳି ଅଭିନବ କୌଶଳରେ ଶିକ୍ଷା ଦାନ କଲେ ଶିକ୍ଷାର୍ଥୀମାନେ ଗୁଣାତ୍ମକ ଶିକ୍ଷା ଲାଭ କରିପାରିବା ସହ ସେମାନଙ୍କ ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦିପ୍ତୀମୟୀ ପରିଡା, ପ୍ରମୋଦିନୀ ପଣ୍ଡା, ତୃପ୍ତି ଦାସ, କୌଶଲ୍ୟା ରଣା, ଶରତ କୁମାର ପାତ୍ର, ସଂଯୁକ୍ତା ରଥ, ଭାରତୀ ନାରବିନା, ମମତା ପଟ୍ଟଓ୍ୱାରୀ, ସଞ୍ଜୀବ ପଟେଲ, ବବିତା ମିଶ୍ର, ସତ୍ୟଭାମା ପଟେଲ, କମଳିନୀ ସିଂହ, ବଲ୍ଲଭୀ ନାଏକ ପ୍ରମୁଖ ୧୫ଜଣ ଅଂଶଗ୍ରହଣକାରୀ ସେମାନଙ୍କ କାର୍ଯ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସର ପ୍ରଥମାର୍ଦ୍ଧରେ ଜିଲାର ୧୭ଟି ବ୍ଲକରୁ ଆସିଥିବା ଦକ୍ଷ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ଏକ ପୋଷ୍ଟର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ପୋଷ୍ଟରର ଗୁରୁତ୍ୱକୁ ସର୍ବ ସମ୍ମୁଖରେ ବୁଝାଇଥିଲେ। ଅନୁଷ୍ଠାନର ଆଇସିଟି ଶିକ୍ଷକ ରାଜେଶ କୁମାର ବେହେରା କାର୍ଯ୍ୟକ୍ରମରେ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ୪୪ଜଣ ଅଂଶ ଗ୍ରହଣକାରୀ ଭାଗ ନେଇଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଅନ୍ୟଙ୍କୁ ଦୋଷ ଦେଇ କର୍ତ୍ତୃପକ୍ଷ ନୀରବ

ସମ୍ବଲପୁର, ୧୩।୨ (ପ୍ରମୋଦ ବହିଦାର)



ବୁର୍ଲାସ୍ଥିତ ଭିମ୍ସାର କର୍କଟ ରୋଗ ୱାର୍ଡ।

ବୁର୍ଲା ଭିମ୍ସାର୍ କର୍କଟ ୱାର୍ଡରେ ରୋଗୀଙ୍କୁ କେମୋଥେରାପି ଚିକିତ୍ସା ଚାଲିଥିବା ସମୟରେ ଗତ ମଙ୍ଗଳବାର ମଧ୍ୟାହ୍ନରେ ହଠାତ୍ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଯାଇଥିଲା। ଫଳରେ ଉକ୍ତ ୱାର୍ଡରେ ଅନ୍ଧକାର ଛାଇଯାଇଥିଲା। ଦୀର୍ଘ ସମୟ ଧରି ଆଲୋକ ନ ଆସିବାରୁ ଉପସ୍ଥିତ ସ୍ୱାସ୍ଥ୍ୟକର୍ମୀ ସମ୍ପୃକ୍ତ ରୋଗୀଙ୍କୁ ମୋବାଇଲ୍ ଆଲୋକରେ ଚିକିତ୍ସା କରିଥିଲେ। ଖାଲି ସେତିକି ନୁହେଁ, ୩ ଘଣ୍ଟା ଧରି ସରବରାହ ବନ୍ଦ ରହିଥିଲା। କର୍କଟ ରୋଗ ବିଭାଗୀୟ ମୁଖ୍ୟ ପ୍ରଫେସର କବିତା ମାଝୀଙ୍କ ସୂଚନା ଅନୁସାରେ ବିଦ୍ୟୁତ୍ ଯୋଗାଣ ବନ୍ଦ ସମୟରେ ୧୨ଜଣ ରୋଗୀଙ୍କୁ କେମୋ ଚିକିତ୍ସା ପ୍ରାଇଁ ପ୍ରାଥମିକ ଔଷଧ(ପ୍ରିମେଡିକେଶନ) ପ୍ରଦାନ କରାଯାଇଥିଲା। ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବା ପରେ ସମସ୍ତ ରୋଗୀଙ୍କ କେମୋ ଚିକିତ୍ସା କରାଯାଇଥିଲା। ହେଲେ ପରିତାପର ବିଷୟ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେବା ବଦଳରେ ଦୋଷ କାହାର ବା ଏଥିପାଇଁ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ସେ ନେଇ ଭିମ୍ସାର କର୍ତ୍ତୃପକ୍ଷ କୌଣସି ସଠିକ୍ ଉତ୍ତର ଦେଇ ନାହାନ୍ତି।

ଘଟଣାକୁ ନେଇ ଭିମ୍ସାର ଅଧୀକ୍ଷକ ଡା. ଲାଲମୋହନର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ କହିଛନ୍ତି, ଆବଶ୍ୟକ ରକ୍ଷଣାବେକ୍ଷଣ ବା ଅନ୍ୟ କୌଣସି କାର୍ଯ୍ୟ ପାଇଁ ସାଧାରଣତଃ ବିଦ୍ୟୁତ ଯୋଗାଣ ବିଛିନ୍ନ ପୂର୍ବରୁ ଉଭୟ ଟିପିଡବ୍ଲ୍ୟୁଓଡିଏଲ୍ ଓ ଜିଇଡି ପକ୍ଷରୁ ଭିମସାର କର୍ତ୍ତୃପକ୍ଷଙ୍କୁ ଆଗତୁରା ସୂଚନା ଦିଆଯାଏ। କର୍ତ୍ତୃପକ୍ଷଙ୍କ ସହମତି ଓ ଅନୁମତି ପରେ ଯୋଗାଣ ବିଛିନ୍ନ କରାଯିବା ନିୟମ ରହିଛି। ମାତ୍ର ଉଭୟ ସଂସ୍ଥା ପକ୍ଷରୁ ଭିମ୍ସାର କର୍ତ୍ତୃପକ୍ଷଙ୍କୁ ବିଦ୍ୟୁତ୍ ଯୋଗାଣ ବନ୍ଦ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିଲା ବୋଲି କହିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେ ପୁଣି କହିଥିଲେ ଯେ, କର୍କଟ ରୋଗ ୱାର୍ଡରେ କୌଣସି ବୈଦ୍ୟୁତିକ ମରାମତି କାର୍ଯ୍ୟ ପାଇଁ ମଙ୍ଗଳବାର ୱାର୍ଡରେ ଉପସ୍ଥିତ ପ୍ରଫେସର ବିଶ୍ୱ ରଞ୍ଜନ ରାଉରାୟଙ୍କୁ ପୂର୍ବାହ୍ନ ୧୦ଟାରେ ବିଦ୍ୟୁତ କାଟ ପାଇଁ ଜିଇଡି ଏସ୍‌ଡିଓ ମିଳନ କୁମାର ସ୍ୱାଇଁ କହିଥିଲେ। ବିଦ୍ୟୁତକାଟ୍ ପାଇଁ ସେ ମନା କରିବା ସତ୍ତ୍ୱେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଯୋଗାଣ ବନ୍ଦ କରି ଦିଆଯାଇଥିଲା। ବିଦ୍ୟୁତ ଯୋଗାଣ ବନ୍ଦ କରିବା ଯଦି ଜରୁରୀ ତାହଲେ ସେଠାରେ ଥିବା ଜେନରେଟ୍‌ର ଚାଲୁ କରିବାକୁ କାଳେ ସମ୍ପୃକ୍ତ ଡାକ୍ତର କହିଥିଲେ। ମାତ୍ର ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ବିଦ୍ୟୁତ୍ ସରବରାହ ବନ୍ଦର ଆବଶ୍ୟକତା ଥିବାରୁ ଜେନ୍‌ସେଟ୍‌କୁ ମଧ୍ୟ ଚାଲୁ କରାଯାଇ ନ ଥିଲା ବୋଲି ଅଧୀକ୍ଷକ ଡା. ନାୟକ କହିଛନ୍ତି। ତେବେ ଏଭଳି ବିଭ୍ରାଟ୍ ପାଇଁ ପ୍ରକୃତରେ ଦାୟି କିଏ ବା ଏଥିପାଇଁ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଚାରିବାରେ ସଠିକ୍ ଭାବେ କିଛି କହି ନ ଥିଲେ। ଅପରପକ୍ଷରେ ଘଟଣା ସମ୍ପର୍କରେ ଜାଣିବା ପାଇଁ ଜିଇଡି ଏସ୍‌ଡିଓ ଇଂ. ମିଳନ କୁମାର ସ୍ୱାଇଁଙ୍କୁ ତାଙ୍କ ମୋବାଇଲ ନଂ ୭୦୦୮୨୦୯୧୯୨ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ରିଂ ହେଉଥିଲେ ସୁଦ୍ଧା ସେ କଲ୍ ଗ୍ରହଣ କରି ନ ଥିଲେ।

### ଭିମ୍ସାର୍‌ରେ ବିନା ଆଲୋକରେ କେମୋ ଚିକିତ୍ସା

# ରେଳ ମଣ୍ଡଳ ଆନ୍ତଃବିଭାଗୀୟ ଖେଳ ପ୍ରତିଯୋଗିତା



କ୍ରିକେଟ ଚାମ୍ପିୟନ ଦଳ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ସମ୍ବଲପୁର, ୧୩।୨ (ବି.ଶଙ୍କର)

ପୂର୍ବତଟ ରେଳପଥ କ୍ରୀଡା ସଙ୍ଗଠନ ଆୟୋଜିତ ଆନ୍ତଃବିଭାଗୀୟ ଖେଳ ପ୍ରତିଯୋଗିତା-୨୦୨୫ ଗୁରୁବାର ସମ୍ବଲପୁର ରେଳବାଇ ମିନି ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଫଳତା ହାସଲ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ, ଇକୋରୋ ଅଧ୍ୟକ୍ଷା ଲିନା ପାଣ୍ଡେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରିକେଟ ଫାଇନାଲ ମ୍ୟାଚ ଇଞ୍ଜିନିୟରିଂ ବନାମ ଇଲେକ୍ଟ୍ରିକାଲ ଦଳ ମଧ୍ୟରେ ହୋଇଥିଲା। ଇଲେକ୍ଟ୍ରିକାଲ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୧୫ ଓଭରରେ ୮ଟି ଉଇକେଟ ହରାଇ ୧୦୭ ରନ କରିଥିଲା। ଜବାବରେ ଇଞ୍ଜିନିୟରିଂ ଦଳ ୧୪.୪ ଓଭରରେ ମାତ୍ର ୨ଟି ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଇଞ୍ଜିନିୟରିଂ ଦଳର ବିଭୁଦତ୍ତ ବରାଳ ମ୍ୟାନ ଅଫ ଦ ମ୍ୟାଚ ଓ ମ୍ୟାନ ଅଫ ଦ ସିରିଜ ଟ୍ରଫି ହାସଲ କରିଥିଲେ। ସେହିପରି କାହ୍ନୁଚରଣ ପ୍ରଧାନ ଶ୍ରେଷ୍ଠ ବୋଲର ଏବଂ ବାଣିଜ୍ୟ ଦଳର ସତ୍ୟବ୍ରତ ସେଠଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ଭଲିବଲ ଟୁର୍ନାମେଣ୍ଟ ଆରପିଏଫ ଏବଂ ଇଞ୍ଜିନିୟରିଂ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ଏଥିରେ ଇଞ୍ଜିନିୟରିଂ ଦଳ ଚାମ୍ପିୟନ ହୋଇଥିଲା। ଦଳର ପ୍ରମୋଦ ପାଣିଗ୍ରାହୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ରନ ଟେନିସ ଡବଲ୍ସରେ ତତ୍ତ୍ୱଦର୍ଶୀ ସାହୁ ଓ ଆଲୋକ ରଞ୍ଜନ ପଣ୍ଡା ବିଜୟୀ ହୋଇଥିଲେ । ବ୍ୟାଡମିଣ୍ଟନରେ ମଧ୍ୟ ତତ୍ତ୍ୱଦର୍ଶୀ ସାହୁ ଓ କେ.ନବୀନ ରାଜୁ ବିଜୟୀ ହୋଇଥିଲେ। କ୍ରୀଡା ଅଧିକାରୀ ରିଶେଷ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସିକିଲ୍ ସେଲ୍ ରୋଗ ଚିହ୍ନଟ ଶିବିର


ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ ପରିସରରେ ସିକିଲ୍ ସେଲ୍ ରୋଗ ଦୂର ପାଇଁ ଛାତ୍ରୀଛାତ୍ରମାନେ ସଙ୍କଳ୍ପ କରିଛନ୍ତି ।

ସମ୍ବଲପୁର, ୧୩।୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଧନକଉଡା ବ୍ଲକ ଦେବେଇପାଲିସ୍ଥିତ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ ପରିସରରେ ଗୁରୁବାର ସ୍ୱାସ୍ଥ୍ୟ ପରୀକ୍ଷା ତଥା ସିକିଲ୍ ସେଲ୍ ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଶହେଜଣ ଛାତ୍ର ଏବଂ କର୍ମଚାରୀ ଯୋଗଦେଇଥିଲେ। ଶିବିରରେ ପ୍ରତିଷ୍ଠାନର ବିଭିନ୍ନ ବିଭାଗର ଡାକ୍ତର ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଭାରତରେ ପ୍ରାୟ ୩ ନିୟୁତ ଲୋକ ସିକିଲ୍ ସେଲ୍ ରୋଗରେ ପୀଡିତ। ତେଣୁ ସିକିଲ୍ ସେଲ୍‌କୁ ପ୍ରାରମ୍ଭିକସ୍ତରରୁ ଚିହ୍ନଟ କରିବାରେ ଏଭଳି ସ୍ୱାସ୍ଥ୍ୟ ଶିବିର ଉପଯୋଗୀ ହୋଇପାରିବ ବୋଲି ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ ଅଧ୍ୟକ୍ଷା ପ୍ରଭାବତୀ ନାୟକ କହିଥିଲେ। ସିକଲ୍ ସେଲ୍ ରୋଗ ଚିହ୍ନଟ ହୋଇଥିବା ରୋଗୀମାନଙ୍କୁ ଏହାର ଚିକିତ୍ସା ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ଶିବିରରେ ଦେବେଇପାଲିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଶାନ୍ତନୁ ମହାପାତ୍ର, ପିଏଚ୍‌ଇଓ ରୁନୁବାଳା ପଟ୍ଟନାୟକ, ଦେବେଇପାଲିର ସ୍ୱାସ୍ଥ୍ୟକର୍ମୀ ସରୋଜ ପାତ୍ର ଏବଂ ଏଏନ୍‌ଏମ ଦେବକୀ କିଷାନ ଉପସ୍ଥିତ ଥିଲେ। ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସର ସଚିବ ସଞ୍ଜିବ ଅଗ୍ରୱାଲ କହିଥିଲେ ଯେ, ସିକିଲ ସେଲ୍ ରୋଗର ନିରାକରଣ ପାଇଁ ପ୍ରାରମ୍ଭିକ ସ୍ତରରୁ ଏହାର ଚିକିତ୍ସା ଜରୁରୀ। ଶିବିରରେ ଛାତ୍ରୀଛାତ୍ରମାନଙ୍କୁ ସିକିଲ ସେଲ୍ ରୋଗରେ ଜେନେଟିକ୍ ପ୍ରଭାବ ବିଷୟରେ ସଚେତନ କରାଯାଇଥିଲା। ଏହି ଅବସରରେ ଇନଷ୍ଟିଚ୍ୟୁଟ୍‌ର ଛାତ୍ରୀଛାତ୍ରମାନେ ସିକିଲ୍ ସେଲ୍ ରୋଗକୁ ଦୁର କରିବା ପାଇଁ ସଙ୍କଳ୍ପ ନେଇଥିଲେ।

# ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

ସମ୍ବଲପୁର, ୧୩।୨ (ପ୍ରମୋଦ ବହିଦାର)

### ୯୦ ମହିଳା ଆରୋଗ୍ୟ ସମିତି ପୁରସ୍କୃତ

ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟରକ୍ଷା ତଥା ଗର୍ଭବତୀଙ୍କ ଯତ୍ନ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମହିଳା ଆରୋଗ୍ୟ ସମିତ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏଦିଗରେ ଅଧିକ ଦକ୍ଷତାର ସହିତ କାର୍ଯ୍ୟ କରିବାକୁ ଉତ୍ସାହିତ କରିବା ପାଇଁ ମହିଳା ଆରୋଗ୍ୟ ସମିତି ସମ୍ମଳନୀରେ ମୂଳ ଲକ୍ଷ୍ୟ। ସ୍ଥାନୀୟ ତପସ୍ୱିନୀ ପ୍ରକ୍ଷାଳୟରେ ଗୁରବାର ମଧ୍ୟାହ୍ନରେ ଆଶା ଓ ସ୍ୱାସ୍ଥକର୍ମୀଙ୍କୁ ନେଇ ଆୟୋଜିତ ନଗରସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ-୨୦୨୫କୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି ସମ୍ବଲପୁର ଜିଲା ମୁଖ୍ୟ ଚକିତ୍ସାଧିକାରୀ ଡା. ସୁଜାତା ରାଣୀ ମିଶ୍ର। ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର ନନ୍ଦ, କାର୍ଯ୍ୟକ୍ରମ ପ୍ରବନ୍ଧକ ସୁକାନ୍ତ ମିଶ୍ର, ଡିପିଏମ ମୌସୁମୀ ଦାସଙ୍କ ସମେତ ଅନ୍ୟ ଅଧିକାରୀ, ଏଏନ୍‌ଏମ୍, ଆଶା କର୍ମୀ, ସ୍ୱାସ୍ଥ୍ୟସେବୀ ଓ ବିଭିନ୍ନ ମହିଳା ସମିତିର ସଦସ୍ୟାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରବନ୍ଧକ ମିଶ୍ର ମହିଳା ଆରୋଗ୍ୟ ସମ୍ମଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଡିପିଏମ୍ ମୌସୁମୀ ଦାସ ଉପସ୍ଥିତ ମହିଳା ଆରୋଗ୍ୟ ସମିତି ସଦସ୍ୟାମାନଙ୍କର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୧୯୮ଟି ଆଶା, ୨୩୩ ମହିଳା ଆରୋଗ୍ୟ ସମିତି ବସ୍ତି ସ୍ତରରେ କାମ କରୁଛି। ସେମାନେ ବସ୍ତିକୁ ପରିଷ୍କାର ପରିଛନ୍ନ ରଖିବା, ଗର୍ଭବତୀଙ୍କୁ ଗର୍ଭବତୀ ହେବାଠାରୁ ପ୍ରସବ ଓ ପ୍ରସବ ପରବର୍ତ୍ତି ଯତ୍ନ ନେବା, ଜନ୍ମ ପରବର୍ତ୍ତି ଶିଶୁ ଓ ମାଁଙ୍କ ଟୀକାକରଣ ପର୍ଯ୍ୟନ୍ତ ସମସ୍ତ ଯତ୍ନ ନେବା ଆଦି କାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରି ଆସିଛନ୍ତି। ସେମାନଙ୍କର କାର୍ଯ୍ୟଦକ୍ଷତାର ସମୀକ୍ଷା କରି ଏହି ଅବସରରେ ୯୦ ମହିଳା ଆରୋଗ୍ୟ ସମିତିକୁ ୩ ହଜାର ଟଙ୍କା ଲେଖାଏ ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ପୁରୁଷ ଓ ମହିଳା ବନ୍ଧ୍ୟାକରଣ ଓ ଅଣ ସଂକ୍ରାମକ ରୋଗ ଚିହ୍ନଟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ୩ ମହିଳା ସ୍ୱାସ୍ଥ୍ୟକର୍ମୀ, ୮ଜଣ ଆଶା ଦିଦିଙ୍କୁ ପୁରସ୍କୃତ କରାଯାଇଥିଲା। ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଧନୁପାଲି ଏନକ୍ୱାସ ମାନ୍ୟତା ପାଇଥିବାରୁ ଡାକ୍ତରଖାନାର ପ୍ରତେକ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଲ୍ଲବୀ ରାଏ ପରିଚାଳନା କରିଥିଲେ।



ଧନୁପାଲି ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀଙ୍କୁ ପୁରସ୍କୃତ କରାଯାଉଛି।

# ବଜାରରେ ମହିନ୍ଦ୍ରାର ଅଲ୍ ନ୍ୟୁ ବିଇ୬


ଜିଏନ୍ ଅଟୋନେଶନରେ 'ବିଇ୬'ର ଅନାବରଣ ହୋଇଯାଇଛି। ଏହି ଅବସରରେ ମହିନ୍ଦ୍ରା ଏବଂ ଜିଏନ୍ ଅଟୋନେଶନର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ସମ୍ବଲପୁର, ୧୩।୨ (ବି.ଶଙ୍କର)

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଅଟୋର ଇଲେକଟ୍ରିକ ଭେଇକଲ (ଇଭି) ମଡେଲ ତଥା ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭି 'ଅଲ୍ ନ୍ୟୁ ବିଇ ୬'ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଅଟୋ ଡିଲର ଜି. ଏନ. ଅଟୋନେଶନ ଏଲ୍‌ଏଲ୍‌ପି (ଜିଏନ ମହିନ୍ଦ୍ରା ଶୋ'ରୁମ ଗୋଶାଳା, ସମ୍ବଲପୁର ) ଶୋ'ରୁମ୍‌ରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜି.ଏନ. ଅଟୋନେଶନର ଏମଡି ହର୍ଷଦୀପ ସିଂହ କାର୍ଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ଏହି ମଡେଲକୁ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜି.ଏନ. ଅଟୋନେଶନର ଅଭିଳାଷ ପଣ୍ଡା, ମହିନ୍ଦ୍ରାର ଏଏସଏମ ଶ୍ୟାମ ଦେଓ ଏବଂ ମହିନ୍ଦ୍ରା ଫାଇନାନ୍ସର ଡିଏମ ଆର ବି ଦ୍ୱିବେଦୀ ଓ ଏସବିଏମ ଅନ୍ୟନ୍ୟା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଅଲ ନ୍ୟୁ ବିଇ୬ରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ଓ ବର୍ତ୍ତମାନ ପ୍ରଚଳିତ ଫିଚର ଆଦି ସାମିଲ ରହିଛି। ଏହି ମଡେଲ ଭିନ୍ନ ଭିନ୍ନ ଭାରିଆଣ୍ଟରେ ଉପଲବ୍ଧ ହେଉଥିଲାବେଳେ ଆକର୍ଷଣୀୟ ଏଭରେଷ୍ଟ ହ୍ୱାଇଟ୍, ଏଭରେଷ୍ଟ ହ୍ୱାଇଟ୍ ସାଟିନ୍, ଡିପ୍ ଫରେଷ୍ଟ, ଟାଙ୍ଗୋ ରେଡ୍, ଡେଜର୍ଟ ମିଷ୍ଟ, ଡେଜର୍ଟ ମିଷ୍ଟ ସାଟିନ୍, ଫାୟାରଷ୍ଟର୍ମ ଅରେଞ୍ଜି, ଷ୍ଟିଲ୍‌ଥ ବ୍ଲାକ୍ କଲରରେ ଉପଲବ୍ଧ ହେବ। ଏପରିକି ଏହି ମଡେଲର ପ୍ରାରମ୍ଭିକ ମୂଲ୍ୟ ୧୮.୯୦ ଲକ୍ଷରୁ ଆରମ୍ଭ ହେଉଛି।

# କଂଗ୍ରେସ ନେତାଙ୍କ ପରଲୋକ

ରେଢାଖୋଲ, ୧୩।୨ (ଅଚ୍ୟୁତାନନ୍ଦ ପୁରୋହିତ)


ଗୌରୀଶଙ୍କର ପାତ୍ର।

ସମ୍ବଲପୁର ଜିଲା ରେଢାଖୋଲର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭ୍ୟ ଗୌରୀଶଙ୍କର ପାତ୍ର(୫୮)ଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ ଗତ ୩ମାସ ହେବ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏମସ୍‌ରେ ଚିକିତ୍ସିତ ହେଉଥିଲେ। କିଛିଦିନ ତଳେ ଭୁବନେଶ୍ୱରରୁ ଚିକିତ୍ସିତ ହୋଇ ତାଙ୍କ ରେଢାଖୋଲ ଖନ୍ଦାଢିପ ବାସଭବନରେ ରହୁଥିଲେ। ଗୁରୁବାର ସକାଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁଣି ଭୁବନେଶ୍ୱର ନିଆଯାଇଥିଲା। ଭୁବନେଶ୍ୱର ପହଞ୍ଚିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ପରଲୋକ ଖବର ପାଇବା ପରେ ରେଢାଖୋଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ପାତ୍ର ଛାତ୍ର ଜୀବନରୁ କଂଗେସ ଦଳ ସହ ଜଡିତ ହେଇ ବିଭିନ୍ନ ସମୟରେ ବ୍ଲକ ସଭାପତିଠାରୁ ପିସିସି ସଭ୍ୟ ଆଦି ପଦପଦବୀରେ ରହିଥିଲେ। ତାଙ୍କର ପତ୍ନୀ ଓ ଏକମାତ୍ର ପୁଅ ଅଛନ୍ତି। ତାଙ୍କ ବିୟୋଗରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଓକିଲ ସଂଘ ସଭାପତି ଅଭୟ କୁମାର ବୀର, ସମ୍ପାଦକ ଅଚ୍ୟୁତାନନ୍ଦ ପୁରୋହିତ, କଂଗ୍ରେସ ନେତା ଆସଫ ଅଲ୍ଲୀ ଖାନ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ବାରବାଙ୍କ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରେଢାଖୋଲ, ୧୩।୨ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ବାରବାଙ୍କ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଯୁବ ଓ ସବୁଜ ବାହିନୀ କ୍ଲବ ତତ୍ତ୍ୱାବଧାନରେ ଆୟୋଜିତ ବାର୍ଷିକୋତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବଂଶାଜାଲ ସରପଞ୍ଚ ଲୋକନାଥ ପ୍ରଧାନ, ମୁଖ୍ୟବକ୍ତା ବିଦ୍ୟାଳୟ ପୂର୍ବତନ ବିଜ୍ଞାନ ଶିକ୍ଷକ ଶତ୍ରୁଘ୍ନ ସ୍ୱାଇଁ, ସମ୍ମାନିତ ଅତିଥି ଭରତାପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ବେହେରା, ଶିକ୍ଷାବିତ୍ ବିଷ୍ଣୁ ଚରଣ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ ଓ ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷ ରଞ୍ଜିତ ନାଏକ ଯୋଗଦେଇଥିଲେ। ଶିକ୍ଷକ ସତ୍ୟନାରାୟଣ ପୋଢ଼ ମଞ୍ଚ ପରିଚାଳନା କରିଥିଲେ। ଯୁବ ସବୁଜ ବାହିନୀ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାର୍ଷିକ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ମହିଳା ସଂଘ ସଦସ୍ୟା, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



ଜଣେ ଛାତ୍ରୀ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ପ୍ରତିଭା ବିକାଶ ପାଇଁ ପ୍ରୋତ୍ସାହିତ କର



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କୁଚିଣ୍ଡା, ୧୩।୨ (ବିରଞ୍ଚି ଦର୍ଶୀ)

### କୁଚିଣ୍ଡା କଲେଜ ପୁରାତନ ଛାତ୍ର ସଂସଦ ବାର୍ଷିକ ଉତ୍ସବ

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ସଂସଦ ସଭାପତି ପ୍ରଫୁଲ୍ଲ ସାହୁ ଅଧ୍ୟକ୍ଷତା କରିଥିଲେ। ପୂର୍ବାଞ୍ଚଳ ଆଇଜି ଡ.ସତ୍ୟଜିତ ନାୟକ ମୁଖ୍ୟଅତିଥି, ସମ୍ବଲପୁର ଜିଲା ଶିକ୍ଷା ପ୍ରଶିକ୍ଷଣ ଓ ଗବେଷଣା କେନ୍ଦ୍ର(ଡାଏଟ) ଅଧ୍ୟକ୍ଷା ଗୀତାଞ୍ଜଳି ଭୋଇ ମୁଖ୍ୟବକ୍ତା, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ଡ.ମଳୟ ରଞ୍ଜନ ମହାନନ୍ଦ, କୁଚିଣ୍ଡା କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ।

ମୁଖ୍ୟଅତିଥି ଆଇଜି ଡ. ନାୟକ ଆଭାସୀ ମାଧ୍ୟମରେ ବକ୍ତବ୍ୟ ରଖି କହିଥିଲେ ଯେ, କଳା ଓ ସଂସ୍କୃତି ପାଇଁ କୁଚିଣ୍ଡା ବିଶ୍ୱଦରବାରରେ ପରିଚିତ। ଶିକ୍ଷାକ୍ଷେତ୍ରରେ କୁଚିଣ୍ଡା କଲେଜର ସୁନାମ ରହିଥିବା ବେଳେ ପୁରାତନ ଛାତ୍ର ସଂସଦକୁ ଅଧିକ କ୍ରିୟାଶୀଳ କଲେ ଆଗାମୀ ପୀଢି ପାଇଁ ଏହା ପ୍ରେରଣା ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭୋଇ ତାଙ୍କ ଅଭିଭାଷଣରେ ଆତ୍ମୀୟତାର ଅନ୍ୟନାମ ପୁରାତନ ଛାତ୍ରସଂସଦ ବୋଲି କହି ସେ ଅଧ୍ୟୟନ କରିଥିବା ସମୟର କୁଚିଣ୍ଡା କଲେଜ ଓ ବର୍ତ୍ତମାନର କଲେଜ ମଧ୍ୟରେ ଆକାଶ ପାତାଳ ଫରକ ରହିଛି। ତେଣୁ ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ପାଇଁ ତାଙ୍କୁ ଅଧିକ ପ୍ରୋତ୍ସାହନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଲେ ଜାତୀୟ ଶିକ୍ଷାନୀତିର ଅସଲ ଉଦ୍ଦେଶ୍ୟ ସାଧିତ ହେବ ବୋଲି ପ୍ରକାଶ କହିଥିଲେ। ପ୍ରଫେସର ମହାନନ୍ଦ, ଉପଜିଲାପାଳ ଗୌରବମୟ ପ୍ରଧାନ ଓ କଲେଜ ଅଧ୍ୟକ୍ଷା ମିଶ୍ର ପ୍ରତିଭାର ଉଚିତ ମୂଲ୍ୟାୟନ କଲେ ଆଗାମୀ ଭବିଷ୍ୟତ ସୃଷ୍ଟିରେ ସହାୟକ ହେବ ବୋଲି କହିଥିଲେ। ପୂରାତନ ଛାତ୍ର ସଂସଦ ସମ୍ପାଦକ ପୂର୍ଣ୍ଣେନ୍ଦୁ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମଳୟ ବେହେରା ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ ପୂର୍ବତନ କଲେଜ ପ୍ରାଧ୍ୟାପକ ଅରବିନ୍ଦ ମିଶ୍ରଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ଜାତୀୟ ଗଣତନ୍ତ୍ର ଦିବସରେ କୁଚିଣ୍ଡାକୁ ପ୍ରତିନିଧି କରିଥିବା ଏନଏସଏସ ସ୍ୱେଚ୍ଛାସେବୀ ରୂପାଲି ପଣ୍ଡା, ଓଡ଼ିଶୀ ନୃତ୍ୟରେ ପ୍ରତିନିଧିତ୍ୱ କରିଥିବା ଇପସିତା ବେହେରା ଓ ସର୍ବାଧିକ ରକ୍ତଦାତା ବିବେକାନନ୍ଦ ପାଣିଗ୍ରାହୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ସଂସଦ ଉପସଭାପତି ପ୍ରଭାତ ବେହେରା କଲେଜର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବୁଧବାର କଲେଜ ବାର୍ଷିକ ଉତ୍ସବ ଉଦ୍‌ଯାପନୀରେ କଳା ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସିନେ ଓ ସମ୍ବଲପୁରୀ ହାସ୍ୟ କଳାକାର ଯୋଗେଶ ଯୋଯୋ ଯୋଗଦେଇ ମନୋରଞ୍ଜନ କରିଥିଲେ। ଏହି ଅବସରରେ ଡ.ପ୍ରମୋଦ ରଞ୍ଜନ ଦାସଙ୍କ ରଚୟିତ ଡ୍ରାମା ପ୍ରୟାସ ପରିବେଶିତ ହୋଇଥିଲା। ସଞ୍ଜୁଶ୍ରୀ ସାହୁ ଓ ସୁଧାଂଶୁ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ମମତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବେଲମତୀ କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲିସର ଅପରେଶନ 'କାଗାର'କୁ ମାଓବାଦୀଙ୍କ ବିରୋଧ

## ପୋଷ୍ଟର, ବ୍ୟାନର ମାରି ବନ୍ଦ ପାଳନ ସଫଳ ପାଇଁ ଆହ୍ୱାନ

ରାୟଗଡ଼ା/ମୁନିଗୁଡ଼ା,୧୩।୨ (ଆଶିଷ ରଞ୍ଜନ ପଣ୍ଡା/ ନନ୍ଦ କିଶୋର ପଟ୍ଟନାୟକ)

ପୋଲିସ କାର୍ଯ୍ୟକାରୀ କରିଥିବା 'ଅପରେଶନ କାଗାର'କୁ ମାଓବାଦୀମାନେ ବିରୋଧ କରି ଗୁରୁବାର ପୂର୍ବ ଛତିଶଗଡ଼ ଏବଂ ଓଡ଼ିଶା ବନ୍ଦ ଡାକରା ଦେଇଛନ୍ତି। ୨୪ ଘଣ୍ଟିଆ ବନ୍ଦ ପାଳନ ସଫଳ କରିବାକୁ ସିପିଆଇ ମାଓବାଦୀଙ୍କ ତରଫରୁ ରାୟଗଡ଼ା ଜିଲାର ମୁନିଗୁଡା ଥାନା ଅନ୍ତର୍ଗତ ସକଟା ଗ୍ରାମ ଛକ ଓ କଲ୍ୟାଣସିଂପୁର ବ୍ଲକ୍ ନାରୀଙ୍ଗତୋଳା ଗ୍ରାମରେ ପୋଷ୍ଟର ଓ ବ୍ୟାନର ଲଗାଯାଇଥିବା ଦେଖିବାକୁ ମିଳିଛି। ଅପରେଶନ କାଗାର ନାମରେ ଦଣ୍ଡକାରଣ୍ୟ, ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶାର କ୍ରାନ୍ତିକାରୀ ଆନ୍ଦୋଳନ ଉପରେ କରାଯାଉଥିବା ଆକ୍ରମଣକୁ ବିରୋଧକରି ଏହି ବନ୍ଦ ପାଳନ ନିଷ୍ପତ୍ତି ନିଆଯାଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି । ପୋଲିସ ଦ୍ୱାରା ନିରୀହ ଆଦିବାସୀଙ୍କୁ ମାଓବାଦୀ ନାମରେ ହତ୍ୟା କରାଯାଉଥିବାରୁ ଆନ୍ଦୋଳନକୁ ତୀବ୍ର କରିବାକୁ ଏହି ପୋଷ୍ଟର ଓ ବ୍ୟାନର ମାଧ୍ୟମରେ ଆହ୍ୱାନ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପାର ବିଷ୍ଣୁଦେବ ସାଏ ଓ ମୋହନ ଚରଣ ମାଝୀ ପ୍ରମୁଖ ସରକାରଙ୍କ ଦ୍ୱାରା ଚଳାଯାଉଥିବା ଆକ୍ରମଣ ଓ କୁଲାଡିଘାଟି ନରସଂହାର ବିରୋଧରେ ସିପିଆଇ(ମାଓବାଦୀ) ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦକୁ ସଫଳ କରିବା ନେଇ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । ଖବରପାଇ ପୋଲିସ ଉକ୍ତ ସ୍ଥାନରେ ପହଞ୍ଚି ମାଓବାଦୀ ପୋଷ୍ଟର ଓ ବ୍ୟାନର ଜବତ କରିବା ସହିତ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି । ସୂଚନାଯୋଗ୍ୟ, ଗୁରୁବାର ୨୪ ଘଣ୍ଟିଆ ବନ୍ଦ ପାଳନକୁ ସଫଳ କରିବାକୁ ବୁଧବାର ସିପିଆଇ(ମାଓବାଦୀ) ସଙ୍ଗଠନ ପ୍ରେସ୍ ବିଜ୍ଞପ୍ତି ଜାରି କରିଥିଲା ।



ମୁନିଗୁଡା ବ୍ଲକ୍ ସକଟା ଗ୍ରାମ ଛକରେ ମରାଯାଇଥିବା ମାଓବାଦୀ ବ୍ୟାନର।

# ୩୫ ଡିଗ୍ରୀ ଉପରେ ୭ ସହର

ଭୁବନେଶ୍ୱର,୧୩।୨(ଅନୁରାଧା ମହାରଣା)

ରାଜ୍ୟରେ ବୁଧବାର ତାପମାତ୍ରା ୩୭ ଡିଗ୍ରୀ ଛୁଇଁଥିବାବେଳେ ଗୁରୁବାର ଏଥିରେ ସାମାନ୍ୟ ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଗୁରୁବାର ସର୍ବୋଚ୍ଚ ତାପମାତ୍ରା ଅନୁଗୋଳରେ ୩୫.୯ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ ୫ ସହରରେ ପାରଦ ୩୫ ଡିଗ୍ରୀ ବା ତା'ଠାରୁ ଅଧିକ ରହିଥିଲା। ସେହିଭଳି ରାଉରକେଲାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ରହିଥିଲା। ତେବେ ଆସନ୍ତା ୨ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ନେଇ ପୂର୍ବାନୁମାନ କରାଯାଇଛି। ପରବର୍ତ୍ତୀ ୩ଦିନ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହାସହ ୨ଦିନ ପର୍ଯ୍ୟନ୍ତ ସକାଳ ସମୟରେ ଉତ୍ତର ଉପକୂଳ ଓଡ଼ିଶାର କିଛି ଜିଲାରେ ହାଲୁକା କୁହୁଡ଼ି ଦେଖାଯାଇପାରେ ବୋଲି ସୂଚନା ଦିଆଯାଇଛି।

# ତାଳଚେର, ଫୁଲବାଣୀ ମେଡ଼ିକାଲ କଲେଜ ଶୀଘ୍ର କାର୍ଯ୍ୟକ୍ଷମ ହେବ

ଭୁବନେଶ୍ୱର, ୧୩।୨(ବନ୍ଦନା ସେଠୀ)

ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡ଼ିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଏବଂ ଫୁଲବାଣୀ ସରକାରୀ ମେଡ଼ିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ଏନେଇ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଏହି ଦୁଇ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ସ୍ୱାସ୍ଥ୍ୟ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ ଆଶାତୀତ ଉନ୍ନତି ହେବା ସହ ସ୍ଥାନୀୟ ଅଞ୍ଚଳବାସୀ ବିଶେଷ ଭାବେ ଉପକୃତ ହେବେ। ଏନେଇ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍.ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପୃକ୍ତ ଦୁଇ ପ୍ରତିଷ୍ଠାନର ବିବିଧ ଆବଶ୍ୟକତାକୁ ତୁରନ୍ତ ପୂର୍ଣ୍ଣ କରିବା ନେଇ ସରକାରଙ୍କ ଲୋକାଭିମୁଖୀ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। କୋଠାବାଡ଼ିଠାରୁ ଆରମ୍ଭ କରି ଯନ୍ତ୍ରପାତି ଯାଏ ସମସ୍ତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ୨୦୨୫-୨୬ ଶିକ୍ଷାବର୍ଷରେ ୧୦୦ଜଣ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆଡ୍‌ମିଶନ ପାଇଁ ଜାତୀୟ ମେଡିକାଲ କମିଶନଙ୍କଠାରୁ ଅନୁମତି ମିଳିଥିବାରୁ ଯେତେଶୀଘ୍ର ସମ୍ଭବ ଏହି ଦୁଇ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ତେଣୁ ପ୍ରତି ସପ୍ତାହରେ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ପାଇଁ ଅନୁଗୋଳ ଓ କନ୍ଧମାଳ ଜିଲାପାଳଙ୍କ ସହ ସଂପୃକ୍ତ ପ୍ରତିଷ୍ଠାନର ବରିଷ୍ଠ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଓଡିଶା)ର ନିର୍ଦ୍ଦେଶକ ଡା. ବୃନ୍ଦା ଡି., ଓଏସ୍‌ଏମ୍‌ସିଏଲ୍ ପରିଚାଳନା ନିର୍ଦ୍ଦେଶକ ଡା. ପୋମା ଟୁଡୁ, ଅନୁଗୋଳ ଜିଲାପାଳ ଅବଦୁଲ ଏମ୍. ଅଖତର, କନ୍ଧମାଳ ଜିଲାପାଳ ଅମୃତ ଋତୁରାଜ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡା. ସନ୍ତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


**OFFICE OF THE ADDITIONAL CHIEF ENGINEER, CANAL CIRCLE, BURLA, DIST - SAMBALPUR, PIN - 768017**

No.A-1054

Email : aceccburla12@gmail.com

No.CCB-W-205/Dated. 11.02.2025

**Cancellation of Bid**

1. Bid Identification No. : ACECCB-01/2024-25
2. Tender ID : 2025_CEBBU_110431_1
3. Name of the Work : Improvement to Canal Service Road of Left Bank of Larasara Minor in between RD.4600m to 8070m for the Year 2024-25

The tender for the above work is hereby cancelled due to the technical error.

Sd./- Additional Chief Engineer
Canal Circle, Burla

OIPR-32460/11/0003/2425

**Government of Odisha** No.B-986

GOVT. OF ODISHA

**"e" Procurement Notice**

**Bid Identification No.PWDK-30/2024-25**

**No.G2/1470, Dt.08.02.2025**

**e-mail: eepwdkeonjhar@yahoo.com**

1. No. of the Work :- 02 Nos. Electrical Work
2. Estimated Cost :- From Rs.5.07 Lakh to Rs.21.01 Lakh
3. Period of Completion :- 01 (One) Calendar Month.
4. Date and Time of availability of Bid document in the Portal:- From 10.00 Hr 17.02.2025 to 17.00 Hr of 27.02.2025
5. Last date/Time for receipt of bids in the Portal:- 17.00 Hr of 27.02.2025
6. Date of Opening of Bid from Portal 10.30 Hr of 28.02.2025
7. Name and address of the Officer Inviting Bid:- Superintending Engineer Keonjhar (R&B) Division, Keonjhar

Further details can be seen from the e-Procurement portal "http://tendersodisha.gov.in"

Sd./- Superintending Engineer
Keonjhar (R&B) Division

OIPR-34004/11/0019/2425

**INTEGRATED TRIBAL DEVELOPMENT AGENCY, RAYAGADA**

E-mail:itdarayagada@gmail.com, Contact No.06856-235165,PIN Code-765001

No.197/2025 Dated 05 February' 2025

**e-Procurement Notice**

**Bid Identification No. ITDARGDA-01/2024-25**

No.CAD-2505:The **Project Administrator, ITDA, Rayagada** on behalf of Government of Odisha invites Percentage Rate bids through **online mode in Double Cover System** for the type of works given in the table, from the eligible contractors of Class (B & A Class) or of equivalent range registered with the State Governments and Central Government / MES / Railways for execution of Building work. The proof of registration from the appropriate authority shall be enclosed along with the Bid. The successful bidder who has not registered under State Government has to register under the State PWD in appropriate class of eligibility before signing of the agreement. The bid should be submitted only online on the website **www.tendersodisha.gov.in.**

| | | |
|---|---|---|
| Type of Works | : | Construction of Buildings |
| No. of Works | : | 28 Nos. (Twenty Eight) |
| Amount put to Tender | : | As laid down in the DTCN |
| Tender Paper Cost | : | As laid down in the DTCN |
| E.M.D. Amount Required | : | As laid down in the DTCN |
| Period of Completion | : | As laid down in the DTCN for each work |
| Date & Time of availability of bid document in the portal | : | From 10.00 A.M. of 10.02.2025 to 25.02.2025 upto 5.00 P.M. |
| Last Date/ Time for receipt of bid in the portal | : | From 10.00 A.M. of 10.02.2025 to 25.02.2025 upto 5.00 P.M. |
| Last Date/Time for submission of paper cost & other documents | : | From 10.00 A.M. of 11.02.2025 to 27.02.2025 upto 5.00 P.M. (During office hours in working days) through Registered Post |
| Date of Opening of Tender | : | 28.02.2025 (at 11.00 A.M.) |
| Further details can be seen from the e-Procurement portal **www.tendersodisha.gov.in** | | |

Sd./- PROJECT ADMINISTRATOR
ITDA, RAYAGADA

OIPR-26020/11/0002/2425

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: OPTCL TECH TOWER, Janpath, Saheed Nagar, Bhubaneswar-751007
CIN:U40102OR2004SGC007553
OPTCL Lifeline of Odisha

No. CAD-2556

**TENDER ALERT**

**1)Tender Call Notice No. 03/2024-25:** Procurement and supply of 90 nos. of 120 watt LED outdoor based flood light for Grid S/S Kalunga, Grid S/S Sundargarh, Grid S/S Rajgangpur and Grid S/S Bamra under EHT (O&M) Division, Rajgangpur.

**2)Tender Call Notice No. MRM-05/2024-25:** Supply, Installation and commissioning of CCTV surveillance system at backup control center, Meramundali under Telecom Circle, Meramundali.

**3)Tender Call Notice No. LPNGA/05/2024-25:** Switchyard equipment stickering and bay marking at 400/220/132/33kV Grid Sub-station, Lapanga under EHT (O&M) Division, Lapanga.

**4)Tender Call Notice No. 17/PDP/2024-25:** Additional 70 No's of tower earthing of 220kV New Duburi-Paradeep DC Line(Chandikhole-Paradeep portion) for improving of Tower footing resistance under EHT (O&M) Division, Paradeep.

**5)Tender Call Notice No. 18/PDP/2024-25:** Repairing & Painting of mechanism box of 220kV & 132kV Circuit Breaker of 220/132/33kV Grid S/S Paradeep under EHT (O&M) Division, Paradeep.

**6)Tender Call Notice No.02/2024-25:** Painting of switchyard structure leg member along with weather coat painting of foundation base, earth pit chamber, garden wall and toe wall at 132/33 kV Grid S/S, Jajpur Road under EHT (O&M) Division, Jajpur Road.

**7)Tender Call Notice No.08/2024-25:** Hiring of 01 No. Commercial Registered Light vehicle 05-seater Bolero Camper(Non-AC) or equivalent for engagement on 24 hrs duty basis at 400/220/132kV Grid S/S, Meramundali under EHT(O&M) Division, Meramundali.

**8)Tender Call Notice No.07/2024-25:** Supply of different Types of meters for installation in control panels at 400/220/132kV Grid S/S, Meramundali under EHT (O&M) Division, Meramundali.

For more details please visit OPTCL's website: **www.optcl.co.in.** OIPR-04011/11/0100/2425 FIPR-47/2024-25

/optcl.odisha /optcl_odisha

**NOTICE INVITING TENDER** No. CAD-2549

**OFFICE OF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT: JAJPUR**

**Tender No. 551** **Dt.11.02.2025**

**Cost of Tender Document is: Rs.1000/- inclusive of GST for each BLOCK/ULB (through Online Mode).**

Online tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centres (PPCs)/Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill Points to Rice Receiving Centers (RRCs)/Depots (within or outside district) of Cluster-5 i.e. Dasarathpur Block.

| | | |
|---|---|---|
| 1 | Availability of tender documents | From Date 11.02.2025 downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | 22.02.2025 at 11.00 A.M., Place: Office of the CSO-cum-DM, OSCSC Ltd., Jajpur |
| 3 | Last date and time for online submission of complete tender documents with Enclosures | Through e-Procurement Portal: **www.tendersodisha.gov.in** upto 04.03.2025 at 05.00 P.M. |
| 4 | Date, Time and Venue for opening of Technical Bid by the Tender Committee | On Dt.06.03.2025 at 11.00 A.M., Place: Collectorate, Jajpur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On Dt.06.03.2025 at 11.30 A.M. onwards, At: Collectorate, Jajpur |
| 6 | Date, Time and Venue of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid Evaluation |
| 7 | Validity Period | Tender are to remain open for acceptance for 45 days from the date of issue of tender |

**Sd./- CSO-cum-District Manager, OSCSC Ltd., Jajpur**

**NOTICE INVITING TENDER**

**OFFICE OF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT: JAJPUR**

**Tender No. 546** **Dt.11.02.2025**

**Cost of Tender Document is: Rs.1000/- inclusive of GST for each BLOCK/ULB (through Online Mode).**

Online tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centres (PPCs)/Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill Points to Rice Receiving Centers (RRCs)/Depots (within or outside district) of Cluster-10 i.e. Sukinda Block.

| | | |
|---|---|---|
| 1 | Availability of tender documents | From Date 11.02.2025 downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | 22.02.2025 at 11.00 A.M., Place: Office of the CSO-cum-DM, OSCSC Ltd., Jajpur |
| 3 | Last date and time for online submission of complete tender documents with Enclosures | Through e-Procurement Portal: **www.tendersodisha.gov.in** upto 04.03.2025 at 05.00 P.M. |
| 4 | Date, Time and Venue for opening of Technical Bid by the Tender Committee | On Dt.06.03.2025 at 11.00 A.M., Place: Collectorate, Jajpur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On Dt.06.03.2025 at 11.30 A.M. onwards, At: Collectorate, Jajpur |
| 6 | Date, Time and Venue of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid Evaluation |
| 7 | Validity Period | Tender are to remain open for acceptance for 45 days from the date of issue of tender |

**Sd./- CSO-cum-District Manager, OSCSC Ltd., Jajpur**

**NOTICE INVITING TENDER**

**OFFICE OF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT: JAJPUR**

**Tender No. 550** **Dt.11.02.2025**

**Cost of Tender Document is: Rs.1000/- inclusive of GST for each BLOCK/ULB (through Online Mode).**

Online tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centres (PPCs)/Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill Points to Rice Receiving Centers (RRCs)/Depots (within or outside district) of Cluster-4 i.e. Danagadi Block.

| | | |
|---|---|---|
| 1 | Availability of tender documents | From Date 11.02.2025 downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | 22.02.2025 at 11.00 A.M., Place: Office of the CSO-cum-DM, OSCSC Ltd., Jajpur |
| 3 | Last date and time for online submission of complete tender documents with Enclosures | Through e-Procurement Portal: **www.tendersodisha.gov.in** upto 04.03.2025 at 05.00 P.M. |
| 4 | Date, Time and Venue for opening of Technical Bid by the Tender Committee | On Dt.06.03.2025 at 11.00 A.M., Place: Collectorate, Jajpur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On Dt.06.03.2025 at 11.30 A.M. onwards, At: Collectorate, Jajpur |
| 6 | Date, Time and Venue of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid Evaluation |
| 7 | Validity Period | Tender are to remain open for acceptance for 45 days from the date of issue of tender |

**Sd./- CSO-cum-District Manager, OSCSC Ltd., Jajpur**

**NOTICE INVITING TENDER**

**OFFICE OF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT: JAJPUR**

**Tender No. 545** **Dt.11.02.2025**

**Cost of Tender Document is: Rs.1000/- inclusive of GST for each BLOCK/ULB (through Online Mode).**

Online tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centres (PPCs)/Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill Points to Rice Receiving Centers (RRCs)/Depots (within or outside district) of Cluster-9 i.e. Rasulpur Block.

| | | |
|---|---|---|
| 1 | Availability of tender documents | From Date 11.02.2025 downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | 22.02.2025 at 11.00 A.M., Place: Office of the CSO-cum-DM, OSCSC Ltd., Jajpur |
| 3 | Last date and time for online submission of complete tender documents with Enclosures | Through e-Procurement Portal: **www.tendersodisha.gov.in** upto 04.03.2025 at 05.00 P.M. |
| 4 | Date, Time and Venue for opening of Technical Bid by the Tender Committee | On Dt.06.03.2025 at 11.00 A.M., Place: Collectorate, Jajpur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On Dt.06.03.2025 at 11.30 A.M. onwards, At: Collectorate, Jajpur |
| 6 | Date, Time and Venue of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid Evaluation |
| 7 | Validity Period | Tender are to remain open for acceptance for 45 days from the date of issue of tender |

**Sd./- CSO-cum-District Manager, OSCSC Ltd., Jajpur**

**NOTICE INVITING TENDER**

**OFFICE OF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT: JAJPUR**

**Tender No. 549** **Dt.11.02.2025**

**Cost of Tender Document is: Rs.1000/- inclusive of GST for each BLOCK/ULB (through Online Mode).**

Online tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centres (PPCs)/Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill Points to Rice Receiving Centers (RRCs)/Depots (within or outside district) of Cluster-3 i.e. Binjharpur Block.

| | | |
|---|---|---|
| 1 | Availability of tender documents | From Date 11.02.2025 downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | 22.02.2025 at 11.00 A.M., Place: Office of the CSO-cum-DM, OSCSC Ltd., Jajpur |
| 3 | Last date and time for online submission of complete tender documents with Enclosures | Through e-Procurement Portal: **www.tendersodisha.gov.in** upto 04.03.2025 at 05.00 P.M. |
| 4 | Date, Time and Venue for opening of Technical Bid by the Tender Committee | On Dt.06.03.2025 at 11.00 A.M., Place: Collectorate, Jajpur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On Dt.06.03.2025 at 11.30 A.M. onwards, At: Collectorate, Jajpur |
| 6 | Date, Time and Venue of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid Evaluation |
| 7 | Validity Period | Tender are to remain open for acceptance for 45 days from the date of issue of tender |

**Sd./- CSO-cum-District Manager, OSCSC Ltd., Jajpur**

**NOTICE INVITING TENDER**

**OFFICE OF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT: JAJPUR**

**Tender No. 544** **Dt.11.02.2025**

**Cost of Tender Document is: Rs.1000/- inclusive of GST for each BLOCK/ULB (through Online Mode).**

Online tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centres (PPCs)/Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill Points to Rice Receiving Centers (RRCs)/Depots (within or outside district) of Cluster-8 i.e. Korei Block and V.N. Municipality.

| | | |
|---|---|---|
| 1 | Availability of tender documents | From Date 11.02.2025 downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | 22.02.2025 at 11.00 A.M., Place: Office of the CSO-cum-DM, OSCSC Ltd., Jajpur |
| 3 | Last date and time for online submission of complete tender documents with Enclosures | Through e-Procurement Portal: **www.tendersodisha.gov.in** upto 04.03.2025 at 05.00 P.M. |
| 4 | Date, Time and Venue for opening of Technical Bid by the Tender Committee | On Dt.06.03.2025 at 11.00 A.M., Place: Collectorate, Jajpur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On Dt.06.03.2025 at 11.30 A.M. onwards, At: Collectorate, Jajpur |
| 6 | Date, Time and Venue of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid Evaluation |
| 7 | Validity Period | Tender are to remain open for acceptance for 45 days from the date of issue of tender |

**Sd./- CSO-cum-District Manager, OSCSC Ltd., Jajpur**

**NOTICE INVITING TENDER**

**OFFICE OF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT: JAJPUR**

**Tender No. 548** **Dt.11.02.2025**

**Cost of Tender Document is: Rs.1000/- inclusive of GST for each BLOCK/ULB (through Online Mode).**

Online tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centres (PPCs)/Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill Points to Rice Receiving Centers (RRCs)/Depots (within or outside district) of Cluster-2 i.e. Bari Block.

| | | |
|---|---|---|
| 1 | Availability of tender documents | From Date 11.02.2025 downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | 22.02.2025 at 11.00 A.M., Place: Office of the CSO-cum-DM, OSCSC Ltd., Jajpur |
| 3 | Last date and time for online submission of complete tender documents with Enclosures | Through e-Procurement Portal: **www.tendersodisha.gov.in** upto 04.03.2025 at 05.00 P.M. |
| 4 | Date, Time and Venue for opening of Technical Bid by the Tender Committee | On Dt.06.03.2025 at 11.00 A.M., Place: Collectorate, Jajpur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On Dt.06.03.2025 at 11.30 A.M. onwards, At: Collectorate, Jajpur |
| 6 | Date, Time and Venue of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid Evaluation |
| 7 | Validity Period | Tender are to remain open for acceptance for 45 days from the date of issue of tender |

**Sd./- CSO-cum-District Manager, OSCSC Ltd., Jajpur**

**NOTICE INVITING TENDER**

**OFFICE OF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT: JAJPUR**

**Tender No. 543** **Dt.11.02.2025**

**Cost of Tender Document is: Rs.1000/- inclusive of GST for each BLOCK/ULB (through Online Mode).**

Online tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centres (PPCs)/Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill Points to Rice Receiving Centers (RRCs)/Depots (within or outside district) of Cluster-7 i.e. Jajpur Block and Jajpur Municipality.

| | | |
|---|---|---|
| 1 | Availability of tender documents | From Date 11.02.2025 downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | 22.02.2025 at 11.00 A.M., Place: Office of the CSO-cum-DM, OSCSC Ltd., Jajpur |
| 3 | Last date and time for online submission of complete tender documents with Enclosures | Through e-Procurement Portal: **www.tendersodisha.gov.in** upto 04.03.2025 at 05.00 P.M. |
| 4 | Date, Time and Venue for opening of Technical Bid by the Tender Committee | On Dt.06.03.2025 at 11.00 A.M., Place: Collectorate, Jajpur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On Dt.06.03.2025 at 11.30 A.M. onwards, At: Collectorate, Jajpur |
| 6 | Date, Time and Venue of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid Evaluation |
| 7 | Validity Period | Tender are to remain open for acceptance for 45 days from the date of issue of tender |

**Sd./- CSO-cum-District Manager, OSCSC Ltd., Jajpur**

**NOTICE INVITING TENDER**

**OFFICE OF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT: JAJPUR**

**Tender No. 547** **Dt.11.02.2025**

**Cost of Tender Document is: Rs.1000/- inclusive of GST for each BLOCK/ULB (through Online Mode).**

Online tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centres (PPCs)/Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill Points to Rice Receiving Centers (RRCs)/Depots (within or outside district) of Cluster-1 i.e. Barchana Block.

| | | |
|---|---|---|
| 1 | Availability of tender documents | From Date 11.02.2025 downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | 22.02.2025 at 11.00 A.M., Place: Office of the CSO-cum-DM, OSCSC Ltd., Jajpur |
| 3 | Last date and time for online submission of complete tender documents with Enclosures | Through e-Procurement Portal: **www.tendersodisha.gov.in** upto 04.03.2025 at 05.00 P.M. |
| 4 | Date, Time and Venue for opening of Technical Bid by the Tender Committee | On Dt.06.03.2025 at 11.00 A.M., Place: Collectorate, Jajpur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On Dt.06.03.2025 at 11.30 A.M. onwards, At: Collectorate, Jajpur |
| 6 | Date, Time and Venue of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid Evaluation |
| 7 | Validity Period | Tender are to remain open for acceptance for 45 days from the date of issue of tender |

**Sd./- CSO-cum-District Manager, OSCSC Ltd., Jajpur**

**NOTICE INVITING TENDER**

**OFFICE OF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT: JAJPUR**

**Tender No. 542** **Dt.11.02.2025**

**Cost of Tender Document is: Rs.1000/- inclusive of GST for each BLOCK/ULB (through Online Mode).**

Online tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centres (PPCs)/Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill Points to Rice Receiving Centers (RRCs)/Depots (within or outside district) of Cluster-6 i.e. Dharmasala Block.

| | | |
|---|---|---|
| 1 | Availability of tender documents | From Date 11.02.2025 downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | 22.02.2025 at 11.00 A.M., Place: Office of the CSO-cum-DM, OSCSC Ltd., Jajpur |
| 3 | Last date and time for online submission of complete tender documents with Enclosures | Through e-Procurement Portal: **www.tendersodisha.gov.in** upto 04.03.2025 at 05.00 P.M. |
| 4 | Date, Time and Venue for opening of Technical Bid by the Tender Committee | On Dt.06.03.2025 at 11.00 A.M., Place: Collectorate, Jajpur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On Dt.06.03.2025 at 11.30 A.M. onwards, At: Collectorate, Jajpur |
| 6 | Date, Time and Venue of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid Evaluation |
| 7 | Validity Period | Tender are to remain open for acceptance for 45 days from the date of issue of tender |

OIPR-07016/11/0008/2425 **Sd./- CSO-cum-District Manager, OSCSC Ltd., Jajpur**



ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ବିଧାନସଭାକୁ ପ୍ରବେଶ କରିବାବେଳେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କୁ ଦଳୀୟ ବୈଠକରେ ଯୋଗ ନ ଦେବା ନେଇ ପ୍ରଶ୍ନ କରୁଛନ୍ତି।

# ବୈଠକରେ ଯୋଗ ନ ଦେବା ନେଇ ସନାତନଙ୍କୁ ନବୀନଙ୍କ ପ୍ରଶ୍ନ

## ଭାଜପାରେ ମିଶିବା ନେଇ ଧରିଲା ଚର୍ଚ୍ଚା, ଚମ୍ପୁଆ ବିଧାୟକଙ୍କ ଖଣ୍ଡନ

ଭୁବନେଶ୍ୱର, ୧୩।୨ (ବନ୍ଦନା ସେଠୀ)

ବିଧାନସଭା ଅଧିବେଶନର ପ୍ରଥମ ଦିନରେ ନିଜ ଦଳର ନେତାଙ୍କୁ ତାଗିଦ୍ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଗୁରୁବାର ନବୀନ ଗାଡ଼ିରୁ ଓହ୍ଲାଇ ବିଧାନସଭା ଗୃହକୁ ପ୍ରବେଶ କରିବା ସମୟରେ ବିଜେଡି ବିଧାୟକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ସମୟରେ ନବୀନ କେନ୍ଦୁଝର ଜିଲାର ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କୁ ଦେଖି ଅଟକି, ଗତକାଲି (ବୁଧବାର) ବିଜେଡି ବିଧାୟକ ଦଳ ବୈଠକକୁ କାହିଁକି ଆସି ନ ଥିଲ ବୋଲି ପ୍ରଶ୍ନ କରିଥିଲେ। ଅସୁସ୍ଥ ଥିବାରୁ ବୈଠକରେ ଯୋଗଦେଇ ପାରି ନ ଥିବା ସନାତନ ଉତ୍ତର ରଖିଥିଲେ। ସନାତନଙ୍କ ଉତ୍ତରକୁ ବିଜେଡି ବିଧାୟକ ସାରଦା ଜେନା ହିନ୍ଦୀରେ ନବୀନଙ୍କୁ କହିଥିଲେ। ତେବେ ଦଳୀୟ ବୈଠକରେ ଯୋଗ ନ ଦେବା ବାସ୍ତବରେ ଅସୁସ୍ଥତା ନୁହେଁ, ବରଂ ସନାତନ ଭାଜପା ଆଡ଼କୁ ମୁହାଁଉଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏନେଇ ସନାତନ କହିଛନ୍ତି ଯେ, ସେ ବିଜେଡି ସହିତ ଅଛନ୍ତି ଓ ଆଗକୁ ମଧ୍ୟ ରହିବେ। ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଉଛୁ ଓ ଆଲୋଚନା କରୁଛୁ। ମୁଖ୍ୟମନ୍ତ୍ରୀ ହେବା ପରେ ମୋହନ ମାଝୀ ସମସ୍ତଙ୍କର। ସେ କେବଳ ଭାଜପାର ମୁଖ୍ୟମନ୍ତ୍ରୀ ନୁହଁନ୍ତି, ବରଂ ପୂରା ରାଜ୍ୟର ମୁଖ୍ୟମନ୍ତ୍ରୀ ବୋଲି ସନାତନ କହିଛନ୍ତି। ସେହିପରି ବିଜେଡି ବିଧାୟକ ବଦ୍ରି ପାତ୍ର ଏବଂ ଅଭିମନ୍ୟୁ ସେଠୀଙ୍କର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ସୁସମ୍ପର୍କ ରହିଛି। ଜିଲାର ବିକାଶ ପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି। ତେଣୁ ତାଙ୍କ ଭେଟିବାରେ କ'ଣ ଅସୁବିଧା ରହିଛି ବୋଲି ସନାତନ ପ୍ରଶ୍ନ କରିଛନ୍ତି। କାହିଁକି ଦଳୀୟ ବୈଠକକୁ ଆସିଲେନି ବୋଲି ନବୀନ ପଚାରିଥିଲେ ଏବଂ ଅସୁସ୍ଥତା ହେତୁ ଯୋଗ ଦେଇପାରିଲିନି ବୋଲି ସନାତନ କହିଛନ୍ତି। 'ଭାଜପାକୁ ଯାଉଛନ୍ତି କି' ବୋଲି ନବୀନ ମୋତେ ପଚାରିନାହାନ୍ତି। ସେ ଦଳର ମୁରବୀ। ତେଣୁ ପଚାରିବାର ଅଧିକାର ତାଙ୍କର ଅଛି। ଚମ୍ପୁଆର ଏକ ସ୍କୁଲର ହୀରକ ଜୟନ୍ତୀ ପାଳନ ହୋଇଥିଲା। ସ୍କୁଲର ହୀରକ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ଅଞ୍ଚଳର ବିଧାୟକ ଭାବେ ସେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ ବୋଲି ସନାତନ କହିଛନ୍ତି। ୨୦୨୯ ପରେ ଭାଜପା ଯିବା କଥା ଆସିବ, ୨୦୨୯ ପୂର୍ବରୁ ସେ ଯାଇପାରିବେ ନାହିଁ ବୋଲି ସନାତନ କହିଛନ୍ତି।

ଘଟଣାକୁ ନେଇ ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ସମସ୍ତେ କାଳେ ଭାଜପାକୁ ପଳାଇବେ ସେହି କଥା ଭାବି ନବୀନ ଏବେ ଭୟଭୀତ ହୋଇଗଲେଣି। ଯେଉଁଦିନ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ଚାହିଁବେ, ସେହିଦିନ ବିଜେଡି ଖଣ୍ଡଖଣ୍ଡ ହୋଇଯିବ। ସେ ଆଗରୁ ମଧ୍ୟ କହିଥିଲେ, ହୁଇସିଲ ଫୁଙ୍କିଲେ ବିଜେଡି ଭାଙ୍ଗିଯିବ। ଏତେବର୍ଷ ଧରି ନବୀନ କିଛି ବୁଝୁ ନଥିଲେ, କିନ୍ତୁ ରାଜୁତି କରୁଥିଲେ। ତା'ର ଫଳ ଇଏ ବୋଲି ଜୟନାରାୟଣ କହିଛନ୍ତି।

ସେହିପରି କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି କହିଛନ୍ତି, ନବୀନ ପଟ୍ଟନାୟକ ବିଜେଡି ଦଳର ବସ୍। ସନାତନ ଦୁଇଥର ବିଧାୟକ। ତେଣୁ ଆଜିର ଘଟଣା ବିଜେଡିର ନିଜ କଥା। ବିଜେଡି ଏବେ ବହୁତ ସସ୍‌ପେନ୍ସରେ ଅଛି, କାଳେ କିଏ ଭାଜପା, କିଏ କଂଗ୍ରେସକୁ ପଳେଇବେ। ତେଣୁ ଏବେ ଦଳ ମାନସିକସ୍ତରରେ ଦୁର୍ବଳ ହୋଇପଡିଥିବାରୁ ଦଳର ନେତା ତାଗିଦ୍ କରିଛନ୍ତି। ନିଜ ନିର୍ବାଚନମଣ୍ଡଳୀର ବିକାଶ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାପ ନୁହେଁ ବୋଲି ତାରା କହିଛନ୍ତି।

ବିଜେଡି ବିଧାୟକ ସାରଦା ଜେନା କହିଛନ୍ତି, ବୈଠକରେ କାହିଁକି ଯୋଗଦେଇ ନ ଥିଲେ ବୋଲି ନବୀନ ପଚାରିଥିଲେ। ଏହା ବ୍ୟତୀତ ସେ ଆଉ କିଛି କହି ନାହାନ୍ତି। ବିଜେଡିର କୌଣସି ବିଧାୟକ ଭାଜପା ଲିଙ୍କ୍‌ରେ ନାହାନ୍ତି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ତଳେ ସମସ୍ତ ବିଧାୟକ ଅଛନ୍ତି। ବିଜୁ ଜନତା ଦଳ ସଶକ୍ତ ଅଛି ଏବଂ ନବୀନଙ୍କ ନେତୃତ୍ୱ ପ୍ରତି ସମସ୍ତ ବିଧାୟକଙ୍କର ଆସ୍ଥା ଅଛି। ଦଳର ଦଳପତି ଭାବେ ପ୍ରଶ୍ନ ପଚାରିବା ତାଙ୍କର ଅଧିକାର। ଏହା ହିଁ ନେତାଙ୍କର ବିଧାୟକଙ୍କ ପ୍ରତି ଆନ୍ତରିକତା ବୋଲି ସାରଦା କହିଛନ୍ତି।

# 'ବିକଶିତ ଓଡିଶା'ର ନକ୍ସା ପ୍ରତିଫଳିତ ହୋଇଛି : ମନମୋହନ

ଭୁବନେଶ୍ୱର, ୧୩।୨ (ଅନୁରାଧା ମହାରଣା)



ମନମୋହନ ସାମଲ

ବିଧାନସଭାରେ ରାଜ୍ୟପାଳ ହରିବାବୁ କମ୍ଭମ୍ପାଟିଙ୍କ ଅଭିଭାଷଣରେ ଗରିବ, ଯୁବକ, କୃଷକ ଏବଂ ମହିଳାଙ୍କୁ ବିକାଶ ଧାରାରେ ସାମିଲ କରିବାରେ ଆମ ସରକାରଙ୍କ ଅଭିମୁଖ୍ୟ ସ୍ପଷ୍ଟ ହୋଇଛି। ଜନସାଧାରଣଙ୍କ ନିକଟରେ ଅତ୍ୟାବଶ୍ୟକ ସରକାରୀ ସେବା ପହଞ୍ଚାଇବା, ନିଯୁକ୍ତି ଓ ଜୀବିକାର ସୁଯୋଗ ସୃଷ୍ଟି କରିବା ଏବଂ ଏଥି ସକାଶେ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ପାଇଁ ଡବଲ ଇଞ୍ଜିନ ସରକାରର ପ୍ରଚେଷ୍ଟାକୁ ଏଥିରେ ପ୍ରାଥମିକତା ଦିଆଯାଇଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଆହୁରି ମଧ୍ୟ ସେ କହିଛନ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ, ପାନୀୟ ଜଳ, ବିଜୁଳି, ଜଳସେଚନ ଭଳି ଦୀର୍ଘ ୨୪ ବର୍ଷର ଅବହେଳିତ କ୍ଷେତ୍ରଗୁଡିକର ପୁନଃସର୍ଜନା ନିମନ୍ତେ ବିଶେଷ ଧ୍ୟାନ ଦିଆଯାଇଛି। ୨୦୩୬ ସୁଦ୍ଧା ଓଡିଶାକୁ ୫୦୦ ବିଲିୟନ ଡଲାରର ଅର୍ଥନୀତିରେ ପରିଣତ କରି ବିକଶିତ ଭାରତକୁ ୧.୫ ଟ୍ରିଲିୟନ ଡଲାରର ଯୋଗଦାନ ପାଇଁ ଓଡିଆ ଜାତିର ସଂକଳ୍ପକୁ ପ୍ରାଧାନ୍ୟ ଦିଆଯାଇଛି। ଓଡିଶାରେ ଶିଳ୍ପାୟନ ଏବଂ ନିଯୁକ୍ତିର ବ୍ୟାପକ ସୁଯୋଗ ସୃଷ୍ଟି ପାଇଁ ନିକଟରେ ଆୟୋଜିତ ଉତ୍କର୍ଷ ଓଡିଶା ସମ୍ମିଳନୀରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ପ୍ରତିଶ୍ରୁତି ହାସଲ କରିବା ରାଜ୍ୟ ସରକାରଙ୍କ ଯୁବସମାଜ ଓ ଭିତ୍ତିଭୂମି ନିର୍ମାଣ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ବିକଶିତ ଓଡିଶାର ନକ୍ସାରେ ଜନସାଧାରଣଙ୍କ ସହଭାଗିତା ସକାଶେ ରାଜ୍ୟ ସରକାରଙ୍କ ଆହ୍ୱାନକ୍ରମେ ଜନସାଧାରଣଙ୍କଠାରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରସ୍ତାବ ଆସିବା ଲୋକତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଭାଜପା ସରକାରଙ୍କ ଆଭିମୁଖ୍ୟ ରାଜ୍ୟପାଳଙ୍କ ଅଭିଭାଷଣରେ ଗୁରୁତ୍ୱ ବହନ କରୁଛି ବୋଲି ସାମଲ କହିଛନ୍ତି।

# କ୍ରୀଡ଼ାମନ୍ତ୍ରୀ କଥାରେ ନୁହେଁ, କାର୍ଯ୍ୟରେ ଦେଖାନ୍ତୁ: ଦେବାଶିଷ

## କହିଲେ, ବାରବାଟୀକୁ ନିର୍ଦ୍ଦିଷ୍ଟ ଏକ ପରିବାର ରୋଜଗାରର ମାଧ୍ୟମ କରିଛନ୍ତି

କଟକ, ୧୩।୨ (ଶିଳ୍ପା ପ୍ରିୟଦର୍ଶିନୀ)



ଦେବାଶିଷ ସାମନ୍ତରାୟ

କଟକ ବାରବାଟୀ ଷ୍ଟାଡିୟମରେ ରବିବାର ଭାରତ-ଇଂଲଣ୍ଡ ଦିନିକିଆ ମ୍ୟାଚ୍ ସମୟରେ ଫ୍ଲଡ୍‌ଲାଇଟ୍ ଲିଭିବା ଘଟଣାରେ ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ନେତା ଦେବାଶିଷ ସାମନ୍ତରାୟ ରାଜ୍ୟ ସରକାର ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କର୍ତ୍ତୃପକ୍ଷଙ୍କୁ ଟାର୍ଗେଟ କରିଛନ୍ତି। ଗୁରୁବାର କଟକ ରାଜାବଗିଚାସ୍ଥିତ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଅନ୍ତର୍ଜାତୀୟ ମ୍ୟାଚ୍ ଚାଲିଥିବା ସମୟରେ ଏଭଳି ଅବ୍ୟବସ୍ଥା ଯୋଗୁ ବିଶ୍ୱରେ ଓଡ଼ିଶାର ନାଁ ବଦ୍‌ନାମ ହୋଇଛି। ପୂର୍ବରୁ ବାରବାଟୀ ଷ୍ଟାଡିୟମରେ ଦର୍ଶକ ବୋତଲ ଫିଙ୍ଗିବା ଯୋଗୁ କିଛି ବର୍ଷ ଧରି ମ୍ୟାଚ୍ ଆୟୋଜନ ପାଇଁ ସୁଯୋଗ ମିଳିଲା ନାହିଁ। ହେଲେ ଏବକାର ଘଟଣା ପରେ ପରିଣାମ କ'ଣ ହେବ ତାହା ସ୍ପଷ୍ଟ ଜଣାପଡୁଛି। ସେହିପରି ମ୍ୟାଚ୍ ପାଇଁ ଟିକେଟ ବିକ୍ରି ସମୟରେ ମଧ୍ୟ ବହୁ ଅବ୍ୟବସ୍ଥା ନଜରକୁ ଆସିଛି। ବାରବାଟୀରେ ଦେଖାଦେଇଥିବା ଅବ୍ୟବସ୍ଥା ନେଇ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଡ଼ା ଜବାବ ରଖିଛନ୍ତି ସତ, ହେଲେ ତାହାକୁ କାର୍ଯ୍ୟରେ କରି ଦେଖାଇବା ଆବଶ୍ୟକ। ସରକାର ସମସ୍ତ ଦିଗରେ ତଦନ୍ତ କରି ଦୋଷୀକୁ ତୁରନ୍ତ ଦଣ୍ଡ ଦେବା ଦରକାର ବୋଲି ଦେବାଶିଷ କହିଛନ୍ତି। ଏହାସହ ବିସିସିଆଇ ମଧ୍ୟ ଏ ଦିଗରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ସେ କହିଛନ୍ତି।

ସେହିପରି ବାରବାଟୀକୁ ଏବେ ମଣ୍ଡପ ଭାବେ ବ୍ୟବହାର କରାଯାଉଥିବା ସମ୍ପର୍କରେ ଦେବାଶିଷ କହିଛନ୍ତି, କ୍ଲବ୍ ହାଉସ୍, ଗେଷ୍ଟ ହାଉସ୍ ଭଳି ୮ରୁ ୧୦ଟି ମଣ୍ଡପ ଏବେ ସେଠାରେ ଚାଲୁଛି। ନିର୍ଦ୍ଦିଷ୍ଟ ଏକ ପରିବାର ବାରବାଟୀକୁ ରୋଜଗାରର ମାଧ୍ୟମ କରିଛନ୍ତି। ଉକ୍ତ ପରିବାର ଏହି ସମସ୍ତ ଅବ୍ୟବସ୍ଥା ପାଇଁ ଦାୟୀ। ଆଗାମୀ ଦିନରେ ଓଡ଼ିଶା କ୍ରିକେଟ ଆସୋସିଏଶନର ହେବାକୁ ଥିବା ନିର୍ବାଚନରେ ଯେପରି ଉପଯୁକ୍ତ ବ୍ୟକ୍ତି ଚୟନ କରାଯିବ, ସେଦିଗରେ ସମସ୍ତେ ଦୃଷ୍ଟି ଦେବା ଆବଶ୍ୟକ। ଖେଳରେ ପରିବାରବାଦ୍ ନ ଥାଏ। ଖେଳ ବିଷୟରେ ଯାହାର ଜ୍ଞାନ ଥାଏ ସେଭଳି ବ୍ୟକ୍ତି ଦାୟିତ୍ୱରେ ରହି ଏହାକୁ ପରିଚାଳନା କରିବା ଆବଶ୍ୟକ। ଦେଖିବାକୁ ଗଲେ ବାରବାଟୀ ଷ୍ଟାଡିୟମର ନବୀକରଣ କାର୍ଯ୍ୟ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ ଏବଂ ତାହାକୁ ଗୃହରେ ମଞ୍ଜୁରୀ ମିଳିଥିଲା। ଏବେ ନବୀକରଣ କାର୍ଯ୍ୟର ଦାୟିତ୍ୱ ସମ୍ପୂର୍ଣ୍ଣ ରାଜ୍ୟ ସରକାରଙ୍କ ଉପରେ ରହିଛି। ସେହିପରି ଷ୍ଟାଡିୟମରୁ କୋଟି କୋଟି ଟଙ୍କା ଆଦାୟ ହେଉଥିବାବେଳେ ଅଲିମ୍ପିକ ଆସୋସିଏଶନ ଉପରେ ସାଢ଼େ ୫କୋଟି ଟଙ୍କାର ହୋଲ୍ଡିଂ ଟ୍ୟାକ୍ସ ବକେୟା ରହିଛି। ତାହାକୁ ଦେଇ ନ ପାରିବା ଲଜ୍ଜାର ବିଷୟ। କେଉଁ କାରଣରୁ ଏଭଳି ଅବ୍ୟବସ୍ଥା କରାଯାଉଛି ତାହାର ଉତ୍ତର କର୍ତ୍ତୃପକ୍ଷ ରଖିବା ଉଚିତ ବୋଲି ଦେବାଶିଷ କହିଛନ୍ତି। ଏସମ୍ପର୍କରେ ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# Business

# ଇପିଏଫ୍ ଉପରେ ୮.୨୫% ସୁଧ ପ୍ରଦାନକୁ ମିଳିପାରେ ଅନୁମୋଦନ

ଭୁବନେଶ୍ୱର, ୧୩।୨ (ଅନୁରାଧା ମହାରଣା)

ହୋଲି ପୂର୍ବରୁ ପ୍ରାୟ ୭ କୋଟି ଇପିଏଫ୍ ଆକାଉଣ୍ଟଧାରୀଙ୍କ ପାଇଁ ବଡ଼ ଘୋଷଣା ହୋଇପାରେ। କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)ର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ବୈଠକ ଫେବୃଆରୀ ୨୮ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି, ଯେଉଁଥିରେ ୨୦୨୪-୨୫ ଆର୍ଥିକ ବର୍ଷରେ ଇପିଏଫ୍ ଉପରେ ୮.୨୫ ପ୍ରତିଶତ ସୁଧ ପ୍ରଦାନ ନିଷ୍ପତ୍ତି ଅନୁମୋଦନ ହୋଇପାରିବ। ଏହାପୂର୍ବରୁ ୨୦୨୩-୨୪ ଆର୍ଥିକ ବର୍ଷରେ ମଧ୍ୟ କର୍ମଚାରୀଙ୍କ ପ୍ରୋଭିଡେଣ୍ଟ ପାଣ୍ଠି ଉପରେ ୮.୨୫ ପ୍ରତିଶତ ସୁଧ ଦିଆଯାଇଥିଲା। ଇପିଏଫଓର ଇନ୍‌ଭେଷ୍ଟମେଣ୍ଟ ଏବଂ ଅଡିଟ କମିଟି ଆସନ୍ତା ସପ୍ତାହରେ ବୈଠକ କରିବାକୁ ଯାଉଛି, ଯେଉଁଥିରେ ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଇପିଏଫ୍‌ଓର ଆୟ ଏବଂ ବ୍ୟୟକୁ ବିଚାର କରାଯିବ। ଏହି ବୈଠକରେ ଇପିଏଫ୍‌ଓରେ କେତେ ସୁଧ ପ୍ରଦାନ କରାଯିବ ସେନେଇ ଆଲୋଚନା ହେବ। ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ବୈଠକରେ ସୁଧ ହାର ଉପରେ ଚୂଡ଼ାନ୍ତ ମୁଦ୍ରା ଦିଆଯିବ। କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ବୈଠକରେ ସୁଧ ହାର ସ୍ଥିର ହେବା ପରେ ଏହାକୁ ଅନୁମୋଦନ ପାଇଁ ଅର୍ଥ ମନ୍ତ୍ରଣାଳୟକୁ ପଠାଯିବ। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଇପିଏଫ୍ ଆକାଉଣ୍ଟଧାରୀମାନେ ୮.୨୫ ପ୍ରତିଶତ, ୨୦୨୨-୨୩ରେ ୮.୧୫ ପ୍ରତିଶତ ଏବଂ ୨୦୨୧-୨୨ ରେ ୮.୧୦ ପ୍ରତିଶତ ହାରରେ ସୁଧ ପାଉଥିଲେ। ଚଳିତ ଆର୍ଥିକ ବର୍ଷରେ ଇପିଏଫ୍ ଏହାର ପୁଞ୍ଜି ବିନିଯୋଗରେ ଉତ୍କୃଷ୍ଟ ଲାଭ ପାଇଛି। ପ୍ରୋଭିଡେଣ୍ଟ ପାଣ୍ଠି ବୀମାଦାବି ସମାଧାନ ପ୍ରସଙ୍ଗରେ ଇପିଏଫ୍ ଇତିହାସ ସୃଷ୍ଟି କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କର୍ମଚାରୀ ପ୍ରୋଭିଡେଣ୍ଟ ପାଣ୍ଠି ସଂଗଠନ ୫ କୋଟିରୁ ଅଧିକ ଦାବି ସମାଧାନ କରିଛି, ଯାହା ଏକ ରେକର୍ଡ। ୨୦୨୪-୨୫ ଆର୍ଥିକ ବର୍ଷରେ ଇପିଏଫଓ ୨,୦୫,୯୩୨.୪୯ କୋଟି ମୂଲ୍ୟର ୫.୦୮ କୋଟି ଦାବି ସମାଧାନ କରିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷରେ ୧,୮୨,୮୩୮.୨୮ କୋଟିର ୪.୪୫ କୋଟି ସମାଧାନଠାରୁ ଅଧିକ ଅଟେ। ବର୍ତ୍ତମାନ ଇପିଏଫ୍‌ଓର ୭ କୋଟିରୁ ଅଧିକ ଗ୍ରାହକ ଅଛନ୍ତି। ଇପିଏଫ୍‌ଓରେ ଜମା ହୋଇଥିବା ଅର୍ଥ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ପାଇଁ ବିଶେଷ ଭାବରେ ବେସରକାରୀ କ୍ଷେତ୍ରରେ ସବୁଠାରୁ ବଡ଼ ସାମାଜିକ ସୁରକ୍ଷା ଯୋଜନା ଭାବରେ ବିବେଚନା କରାଯାଏ।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ, ୧୩।୨

କ୍ରମାଗତ ସପ୍ତମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୩୨ (୩୨.୧୧) ପଏଣ୍ଟ କମି ୭୬,୧୩୯(୭୬,୧୩୮.୯୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୪ (୧୩.୮୫) ପଏଣ୍ଟ ହ୍ରାସ ଘଟି ୨୩,୦୩୧ (୨୩,୦୩୧.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ପିଏନ୍‌ବିର ଏମ୍‌ଏସ୍‌ଏମ୍‌ଇ ଋଣ ମେଳା



ଏମଏସଏମଇ ଆଉଟରିଚ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର, ୧୩।୨ (ଭବାନୀ ଶଙ୍କର ଭୋଇ)

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ବହୁ ପ୍ରତୀକ୍ଷିତ ଏମ୍‌ଏସ୍‌ଏମ୍‌ଇ ଏକ୍ସପୋ ବୁଧବାର ସମ୍ବଲପୁରର ବୁଢ଼ାରାଜା ରୋଡ୍‌ସ୍ଥିତ ହୋଟେଲ ଗ୍ରାଣ୍ଡ ଶିବାର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏହି ଏମ୍‌ଏସ୍‌ଏମଇ ଆଉଟରିଚ କାର୍ଯ୍ୟକ୍ରମକୁ ଜିଲା ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ସୁଷମା କରାଳୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବଲପୁରର କ୍ଷେତ୍ରୀୟ ଅଧିକାରୀ ସତ୍ୟ ନାରାୟଣ ନନ୍ଦ ଓ ବ୍ୟବସାୟୀ ଅଶୋକ ଜଲାନ ଅତିଥିଭାବେ ଯୋଗ ଦେଇଥିଲେ। ପିଏନ୍‌ବି ଉପମହାପ୍ରବନ୍ଧକ ନନ୍ଦ କୁମାର ଓ ଅଞ୍ଚଳ କାର୍ଯ୍ୟାଳୟ ମୁଖ୍ୟ ପ୍ରବନ୍ଧକ ସୁବ୍ରତ ଦେବତା ଯୋଗଦାନ କରକାର୍ଯ୍ୟକ୍ରମ ତଦାରଖ କରିଥିଲେ। ସମ୍ବଲପୁର ମଣ୍ଡଳ ପ୍ରମୁଖ ଅଜିତ କୁମାର ମେହେର ଏହି କାର୍ଯ୍ୟକ୍ରମର ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ସେ ପିଏନ୍‌ବିର ବିଭିନ୍ନ ଯୋଜନାଗୁଡିକ ବିଷୟରେ ବୁଝାଇବା ସହ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଜିତ କୁମାର ବିଶ୍ୱାଳ ଓ ଶ୍ରୀକାନ୍ତ ପଧାନଙ୍କୁ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲ। ପିଏଲ୍‌ପି ମୁଖ୍ୟ ରାକେଶ କନ୍ହର ଧନ୍ୟବାଦ ଜ୍ଞାପନ କରିଥିଲେ।

# ବୀମା କ୍ଷେତ୍ରରେ ସକ୍ରିୟ ନିବେଶ ହ୍ରାସ

ନୂଆଦିଲ୍ଲୀ, ୧୩।୨

ବର୍ତ୍ତମାନ ସମୟରେ ବୀମା ଶିଳ୍ପ ପ୍ରତି ନିବେଶ ଓ ସଚେତନତାର ଆବଶ୍ୟକତା ରହିଛି। କାରଣ ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, ମ୍ୟୁଚୁଆଲ ଫଣ୍ଡ, ଇକ୍ୱିଟି ଏବଂ ବ୍ୟାଙ୍କ ଏଫ୍‌ଡି ଭଳି ପ୍ରମୁଖ କ୍ଷେତ୍ରରେ ନିବେଶ ହ୍ରାସ ସହିତ ପସନ୍ଦଯୋଗ୍ୟ ଉତ୍ପାଦ ବର୍ଗରେ ମଧ୍ୟ ୬୦%ରୁ କମ୍ ସକ୍ରିୟ ନିବେଶ ରହିଛି। ଏପରିକି ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ ଏହି ଧାରା ଜାରି ରହିବ ବୋଲି ଆଶା କରାଯାଉଛି। ଏପରିକି ଉପରୋକ୍ତ କ୍ଷେତ୍ରରେ ଅଧିକ ଅନୁସନ୍ଧାନ କରିବା ପରେ ମଧ୍ୟ ବିଭିନ୍ନ ସମସ୍ୟା ରହିଥିବା ଏହି ଅଧ୍ୟୟନରୁ ଜଣାପଡିଛି। ଏହି ସମସ୍ତ ଉତ୍ପାଦ ବର୍ଗ ସମୟ ପୂର୍ବରୁ ସମାପ୍ତ ହୋଇଛି, ଅର୍ଥାତ୍ ସେମାନଙ୍କର ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ହେବା ପୂର୍ବରୁ ଆକସେସ୍ କରାଯାଇଛି। ସେହିଭଳି ମାତାପିତା ଓ ପିଲାଙ୍କୁ ସର୍ବୋତ୍ତମ ଉପହାର ଦେବା ଉପରେ ଗୁରୁତ୍ୱାରୋପ କରି ଭାରତର ସାଣ୍ଡୱିଚ୍ ଜେନେରେଶନ୍ ନିଜ ଭବିଷ୍ୟତ ପାଇଁ ପ୍ରସ୍ତୁତ ନଥିବା ଏହି ଅଧ୍ୟୟନରୁ ଜଣାପଡିଛି। ଏ ନେଇ ୬୦% ଉତ୍ତରଦାତା ଯେତେ ସଞ୍ଚୟ କିମ୍ବା ନିବେଶ କରୁଛନ୍ତି, ତାହା ତାଙ୍କ ଭବିଷ୍ୟତ ପାଇଁ କେବେ ବି ଯଥେଷ୍ଟ ନୁହେଁ ବୋଲି କୁହାଯାଇଛି। ଅପରପକ୍ଷରେ ୩୫ରୁ ୫୪ ବର୍ଷ ବୟସର ବ୍ୟକ୍ତିଙ୍କୁ ସାଣ୍ଡୱିଚ୍ ଜେନେରେଶନ ଭାବେ ବ୍ୟାଖ୍ୟା କରାଯାଏ। ଯେଉଁମାନେ ଦୁଇ ପିଢ଼ିର ନିର୍ଭରଶୀଳ ଏବଂ ସେମାନଙ୍କର ବୟସ୍କ ମାତାପିତା ଓ ବଢୁଥିବା ପିଲାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି।

ସେହିପରି ଜୀବନ ବୀମା କମ୍ପାନୀ ଯୁଗଭ ସହଯୋଗରେ ଏହି ଅଧ୍ୟୟନ ଦେଶର ପ୍ରମୁଖ ୧୨ ସହରରେ କରାଯାଇଥିଲାବେଳେ ଏହି ପିଢ଼ିର ୪୦୦୫ ଉତ୍ତରଦାତା ଓ ସେମାନଙ୍କ ମନୋଭାବ, ବିଶ୍ୱାସ ଏବଂ ଆର୍ଥିକ ପ୍ରସ୍ତୁତିର ସ୍ତର ବୁଝିବା ପାଇଁ ଏହି ସର୍ଭେ ହୋଇଥିଲା। ଏ ସମ୍ପର୍କରେ ଏଡେଲୱେସ୍ ଲାଇଫ୍ ଇନସ୍ୟୁରାନ୍ସର ଏମଡି ତଥା ସିଇଓ ସୁମିତ ରାୟ କହିଛନ୍ତି, ବର୍ଷ ବର୍ଷ ଧରି ଆମର ଗ୍ରାହକଙ୍କ ସହ ସମ୍ପର୍କ ରହିଛି, ଏପରିକି କଥାବାର୍ତ୍ତା ମାଧ୍ୟମରେ ଆମେ ସେମାନଙ୍କୁ ନିକଟରୁ ଦେଖିଛୁ।

# ଖଣି ସୁରକ୍ଷା କାର୍ଯ୍ୟରେ ଏଆଇ-ଚାଳିତ ଡ୍ରୋନ ବ୍ୟବହୃତ

ଭୁବନେଶ୍ୱର, ୧୩।୨ (ଅଭୟ ଦାଶ)



ଏଆଇ-ଚାଳିତ ଡ୍ରୋନର ଶୁଭାରମ୍ଭ ଅବସରରେ ବେଦାନ୍ତର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଡ୍ରୋନ-ଆଧାରିତ ପ୍ରଥମ ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସ (ଏଆଇ) ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏପରିକି ଓଡିଶାର ସୁନ୍ଦରଗଡସ୍ଥିତ ଜାମଖାନି କୋଇଲା ଖଣିରେ ଏହି ଏଆଇ-ଚାଳିତ ଡ୍ରୋନ ବ୍ୟବହୃତ ହେବ। ଫଳରେ ବ୍ଲାଷ୍ଟିଂ କ୍ଲିୟରାନ୍ସ ଏବଂ ସମ୍ପୃକ୍ତ ଅଞ୍ଚଳର ବିପଦ ପୂର୍ଣ୍ଣ କ୍ଷେତ୍ରକୁ ମଧ୍ୟ ଏହା ଠିକ ଭାବେ ମନିଟରିଂ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଅପରପକ୍ଷରେ ଅତ୍ୟାଧୁନିକ ସଫ୍ଟୱେର୍ ସହିତ ସଜ୍ଜିତ ଏହି ଏଆଇ-ଚାଳିତ ଡ୍ରୋନ ୫୦୦ ମିଟର ବ୍ଲାଷ୍ଟିଂ ଜୋନ୍ ଅଞ୍ଚଳରେ ପ୍ରକୃତ ସମୟର ଆକାଶ ଦୃଶ୍ୟ ଏବଂ ମଣିଷ, ପ୍ରାଣୀ ଏବଂ ଯାନବାହନର ଗତିବିଧିକୁ ସ୍ୱୟଂଚାଳିତ କ୍ୟାପଚରିଂ ପ୍ରଦାନ କରିବ।

ଯାହା ଅଧିକାରୀମାନଙ୍କୁ ଦୂରରୁ କାର୍ଯ୍ୟଗୁଡ଼ିକ ତଦାରଖ କରିବାକୁ ଏବଂ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଯେକୌଣସି ଭୂମି ଗତିବିଧିର ସ୍ୱୟଂଚାଳିତ ସତର୍କତା ପାଇବାକୁ ସକ୍ଷମ କରିଥାଏ। ବିଶେଷ କରି ଏହା ଅଧିକାରୀ, ଡ୍ରୋନ୍ ପାଇଲଟ୍ ଏବଂ ବ୍ଲାଷ୍ଟିଂ ଅଧିକାରୀଙ୍କ ମଧ୍ୟରେ ନିର୍ବିଘ୍ନ ଅଡିଓ ଯୋଗାଯୋଗକୁ ମଧ୍ୟ ସୁବିଧା ପ୍ରଦାନ ସହ ଠିକ୍ ସମନ୍ୱୟ ଏବଂ କାର୍ଯ୍ୟକ୍ଷମ ଦକ୍ଷତା ସୁନିଶ୍ଚିତ କରିଥାଏ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ଆମର କାର୍ଯ୍ୟ ପରିସର ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ପ୍ରମୁଖ ପ୍ରାଥମିକତା ଦେଇଥାଉ। ଏପରିକି ଆମର ଖଣି ସୁରକ୍ଷା ପ୍ରୋଟୋକଲରେ ଏଆଇ-ଚାଳିତ ଡ୍ରୋନର ସମନ୍ୱୟ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ସହିତ ମନିଟରିଂ ଏବଂ ଅନୁପାଳନରେ ମଧ୍ୟ ଉନ୍ନତି ଆଣିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

ସେହିଭଳି ବେଦାନ୍ତ କୋଲ୍ ମାଇନ୍ସର ସିଇଓ ଡେଭିଡ୍ ଷ୍ଟୋନ୍ କହିଛନ୍ତି, ଏହି ଡ୍ରୋନ୍-ଆଧାରିତ ମନିଟରିଂ ସିଷ୍ଟମର ପ୍ରଚଳନ କମ୍ପାନୀର ଖଣି ସୁରକ୍ଷା କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି।

# ୩ୟ ତ୍ରୈମାସିକରେ ୪୯% ବାର୍ଷିକ ଅଭିବୃଦ୍ଧି

ନୂଆଦିଲ୍ଲୀ, ୧୩।୨

ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ(ଏପିବି)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏପିବିର କାରବାର ଓ ଆଗାମୀ କାର୍ଯ୍ୟକଳାପ ଆଦି ବିଷୟରେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ଏହି ଅବଧି ମଧ୍ୟରେ ବ୍ୟାଙ୍କର ତ୍ରୈମାସିକ ରାଜସ୍ୱ ବାର୍ଷିକଭିତ୍ତିରେ ୪୯% ବୃଦ୍ଧି ଘଟି ୭୦୦ କୋଟି ଟଙ୍କା ଅତିକ୍ରମ କରିଛି, ଯାହା ଏକ ରେକର୍ଡ ଅଭିବୃଦ୍ଧିକୁ ଚିହ୍ନିତ କରୁଛି। ଏହି ତ୍ରୈମାସରେ ବ୍ୟାଙ୍କର ଶୁଦ୍ଧ ଲାଭ ବାର୍ଷିକ ଆଧାରରେ ୭୦% ବୃଦ୍ଧି ପାଇ ୧୮.୫ କୋଟି ଟଙ୍କା ଏବଂ ଇବିଆଇଟିଡିଏ ବାର୍ଷିକ ଆଧାରରେ ୬୬% ବୃଦ୍ଧି ହୋଇ ୮୭ କୋଟି ଟଙ୍କାରେ ପହଞ୍ଚିଛି।

ଏ ସମ୍ପର୍କରେ ଏୟାରଟେଲ ପେମେଣ୍ଟସ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅନୁବ୍ରତ ବିଶ୍ୱାସ କହିଛନ୍ତି, ଆମେ ଆଉ ଏକ ମଜଭୁତ ତ୍ରୈମାସିକ ଅଭିବୃଦ୍ଧି ସମ୍ପର୍କରେ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ। ଯାହା ଆମ ବ୍ୟାଙ୍କିଙ୍ଗ ମଡେଲର ଶକ୍ତିକୁ ଦୃଢ଼ୀଭୂତ କରିଛି। ଏକ ସମ୍ପୂର୍ଣ୍ଣ ସମନ୍ୱିତ, ପ୍ରଯୁକ୍ତିଭିତ୍ତିକ ବ୍ୟାଙ୍କିଙ୍ଗ ପ୍ଲାଟଫର୍ମ ଭାବେ ଆମେ ଉଭୟ ସହରାଞ୍ଚଳ ଏବଂ ଗ୍ରାମୀଣ ଗ୍ରାହକଙ୍କ ବିବିଧ ଆର୍ଥିକ ଆବଶ୍ୟକତା ପୂରଣ କରିବା ଜାରି ରଖିଛୁ। ସେହିଭଳି ୩ୟ ତ୍ରୈମାସିକରେ ବ୍ୟାଙ୍କର ମନ୍ଥଲି ଟ୍ରାଞ୍ଜାକ୍ଟିଙ୍ଗ ୟୁଜର୍ସ ସଂଖ୍ୟା ବାର୍ଷିକ ୬୨% ବୃଦ୍ଧି ହୋଇ ୧୦୦ ମିଲିୟନ ଅତିକ୍ରମ କରିଛି। ରେ ଗ୍ରହଣ କରୁଛନ୍ତି।

# ବୁଲେଟ ଚଳାଇବାରୁ ଦଳିତ ଛାତ୍ରଙ୍କ ହାତ କାଟିଦେଲେ

ଶିବଗଙ୍ଗା,୧୩।୨

ଏକବିଂଶ ଶତାବ୍ଦୀର ୨୫ବର୍ଷ ପରେ ମଧ୍ୟ ଏବେବି ସମାଜରେ ସବର୍ଣ୍ଣ ଅସବର୍ଣ୍ଣ ଚିନ୍ତାଧାରା ମଣିଷ ମନରୁ ଯାଇନାହିଁ। କେଉଁଠି ନା କେଉଁଠି ଅସବର୍ଣ୍ଣ ବା ଦଳିତ ଜାତିର ଲୋକମାନେ ସବର୍ଣ୍ଣ ବା ଉଚ୍ଚଜାତିର ଲୋକମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଏଭଳି ଏକ ଘଟଣା ଘଟିଛି ତାମିଲନାଡୁ ଶିବଗଙ୍ଗାର ଜିଲାର ମେଲାପିଦାଭୁର ଗ୍ରାମରେ। ଜଣେ ଦଳିତ ଛାତ୍ର ବୁଲେଟ ଗାଡ଼ି ଚଳାଇବାରୁ ସବର୍ଣ୍ଣ ଜାତିର ୩ଜଣ ଯୁବକ ତାଙ୍କ ହାତ କାଟି ଦେଇଛନ୍ତି। ଦଳିତ ଛାତ୍ର ଆର୍‌. ଲ୍ୟାସାମୀଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଆର୍‌. ବିନୋଥ କୁମାର(୨୧), ଏ. ଆଥିସ୍ୱରନ୍(୨୨) ଏବଂ ଏମ୍‌. ଭାଲାରାସୁ(୨୧)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।



ଆକ୍ରମଣର ଶିକାର ଦଳିତ ଛାତ୍ର

ପୋଲିସ ସୂଚନାନୁସାରେ, ଲ୍ୟାସାମୀ ଶିବଗଙ୍ଗାର ଏକ କଲେଜରେ ସ୍ନାତକ ତୃତୀୟ ବର୍ଷରେ ପଢ଼ନ୍ତି। ସେ ବୁଧବାର ସନ୍ଧ୍ୟାରେ ଏକ ବୁଲେଟରେ ଘରକୁ ଫେରୁଥିବାବେଳେ ବାଟରେ ସବର୍ଣ୍ଣ ଜାତିର ସ୍ଥାନୀୟ ୩ଜଣ ଯୁବକଙ୍କ ସହ ତାଙ୍କର ବଚସା ହୋଇଥିଲା। ଦଳିତମାନେ ଦାମୀ ବୁଲେଟ ଗାଡ଼ି ଚଳାଇପାରିବେ ନାହିଁ ବୋଲି ଅଭିଯୁକ୍ତମାନେ ଲ୍ୟାସାମୀଙ୍କୁ କହିଥିଲେ। ହେଲେ ଏହାକୁ ପ୍ରତିବାଦ କରିବାରୁ ସେମାନେ ଲ୍ୟାସାମୀଙ୍କ ୨ହାତକୁ ଏକ ମାରଣାସ୍ତ୍ରରେ ହାଣି ପକାଇଥିଲେ। ଏନେଇ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। ଲ୍ୟାସାମୀଙ୍କ ଜଣେ ସମ୍ପର୍କୀୟ ମୁନିୟାସାମୀଙ୍କ କହିବା ହେଲା ଅଭିଯୁକ୍ତମାନେ ଲ୍ୟାସାମୀଙ୍କ ହାତ ହାଣିବା ସହ ଦଳିତମାନେ ବୁଲେଟ ଚଳାଇପାରିବେ ନାହିଁ ବୋଲି କହିବା ସହିତ ତାଙ୍କ ଜାତିକୁ ଆକ୍ଷେପ କରି ବିଭିନ୍ନ ଭାଷା ପ୍ରୟୋଗ କରିଥିଲେ। ଯଦି ଲ୍ୟାସାମୀ ଆହତ ଅବସ୍ଥାରେ ଅଭିଯୁକ୍ତଙ୍କ କବଳରୁ ଖସିଆସି ନ ଥାନ୍ତେ, ତେବେ ସେମାନେ ତାଙ୍କୁ ଜୀବନରେ ମାରିଦେଇଥାନ୍ତେ ବୋଲି ମୁନିୟାସାମୀ କହିଛନ୍ତି। ଲ୍ୟାସାମୀଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ହସ୍ପିଟାଲକୁ ନେଇଯିବା ପରେ ତାଙ୍କ ଘରକୁ ଅଭିଯୁକ୍ତମାନେ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଲ୍ୟାସାମୀଙ୍କ ବାପା ଭୂମିନାଥନଙ୍କ କହିବା ହେଲା ପୁଅ ବୁଲେଟ ଚଳାଉଥିବାରୁ ଅଭିଯୁକ୍ତମାନେ ପୂର୍ବରୁ ମଧ୍ୟ ତାଙ୍କ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ।

## ରେମୁଣା ତହସିଲଦାରଙ୍କୁ ଗିରଫ କଲା ଭିଜିଲାନ୍ସ

# ୩ ବର୍ଷରେ ୧.୫ କୋଟି ଡିପୋଜିଟ୍

ଭୁବନେଶ୍ୱର/ବାଲେଶ୍ୱର,୧୩।୨
(ସତ୍ୟଜିତ୍ ରାଉତ/ ବାଞ୍ଛାନିଧି ଦେ)

■ ୨ ଦିନର ଯାଞ୍ଚ, ପ୍ରକୃତ ଆୟଠାରୁ ୨୦୪% ଅଧିକ ସମ୍ପତ୍ତି ଠାବ

■ ପ୍ରୋତ୍ସାହିତ କରି ମାମଲାରେ ଫସିଲେ ସ୍ତ୍ରୀ

ବାଲେଶ୍ୱର ଜିଲା ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ଦୁଇଦିନର ଯାଞ୍ଚରେ ଭିଜିଲାନ୍ସ ଟିମ୍ ବିଦ୍ୟାଧରଙ୍କ ନିକଟରୁ ବିପୁଳ ସମ୍ପତ୍ତି ଠାବ କରିଛି। ବଡ଼କଥା ହେଲା, ବିଦ୍ୟାଧର ଗତ ୩ ବର୍ଷରେ ସ୍ତ୍ରୀ ଓ ନିଜ ନାଁରେ ବ୍ୟାଙ୍କ ଏବଂ ପୋଷ୍ଟାଲ୍‌ରେ ୧.୫ କୋଟି ଟଙ୍କା ଜମା କରିଛନ୍ତି। ତେବେ ଠାବ ହୋଇଥିବା ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୨୦୪ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ପତ୍ତି ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ବିଦ୍ୟାଧରଙ୍କ ବିରୋଧରେ ଭିଜିଲାନ୍ସ ସେଲ୍ ଥାନାରେ ଏକ ମାମଲା (ନଂ.୧/୨୦୨୫) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମ୍ପତ୍ତି ଠୁଳ କରିବାରେ ବିଦ୍ୟାଧରଙ୍କ ସ୍ତ୍ରୀ ପ୍ରୋତ୍ସାହନ ଦେଇଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ତେଣୁ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଏହି ମାମଲାରେ ଭିଜିଲାନ୍ସ ଅଭିଯୁକ୍ତ ଦର୍ଶାଇଛି। ଅଭିଯୁକ୍ତ ବିଦ୍ୟାଧରଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର



ତହସିଲଦାର ବିଦ୍ୟାଧର ପତି

ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ବିଦ୍ୟାଧରଙ୍କ ଘର ସମେତ ୭ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ଗୋଟିଏ ଫ୍ଲାଟ୍, ରୁଦ୍ରପୁରରେ ଆଉ ଏକ ଫ୍ଲାଟ୍ ଓ ବାଲେଶ୍ୱର କୁରୁଡାରେ ଏକ ଫ୍ଲାଟ୍ ଠାବ ହୋଇଥିଲା। ଏଥିସହ ଭୁବନେଶ୍ୱରର ବାଲିଅନ୍ତା ଓ ବାଲେଶ୍ୱରରେ ବିଦ୍ୟାଧରଙ୍କ ଗୋଟିଏ ଲେଖାଏ ଦୁଇଟି ପ୍ଲଟ୍ ମଧ୍ୟ ଥିବା ଜଣାପଡ଼ିଛି। ଘରୁ ଯାଞ୍ଚ ବେଳେ ୯୧୭ ଗ୍ରାମ୍‌ର ସୁନା ଅଳଙ୍କାର, ଗୋଟିଏ ଚାରିଚକିଆ ଯାନ ଓ ୨ଟି ଦୁଇଚକିଆ ଯାନ ଠାବ ହୋଇଛି। ତେବେ ବିଦ୍ୟାଧର ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୧ କୋଟି ୧୨ ଲକ୍ଷ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ୨୦୨୨ରୁ ୨୦୨୪ ମଧ୍ୟରେ ସ୍ତ୍ରୀ ଓ ବିଦ୍ୟାଧରଙ୍କ ନାଁରେ ୧.୫ କୋଟି ଟଙ୍କା ଜମା ହୋଇଥିବା ବେଳେ ଭିଜିଲାନ୍ସ ଏହାକୁ ନେଇ ଅଧିକ ଖୋଳତାଡ଼ ଚଳାଇଛି। ନିଆଳି, ନିମାପଡ଼ା, କରଞ୍ଜିଆ ଆଦି ସ୍ଥାନରେ ବିଦ୍ୟାଧର ତହସିଲଦାର ଥିବାବେଳେ ବେଆଇନ ଭାବରେ ଏହି ଟଙ୍କା ଅର୍ଜନ କରିଥିବା ଭିଜିଲାନ୍ସ ସନ୍ଦେହ କରି ଅଧିକ ତଦନ୍ତ ଚଳାଇଥିବା ସୂଚନା ଦିଆଯାଇଛି।

# ପୂର୍ବ ଶତ୍ରୁତାରୁ ହୋଇଥିଲା ହତ୍ୟା



ଗିରଫ ୧୧ ଅଭିଯୁକ୍ତ।

## ଜଙ୍ଗଲରୁ ଯୁବକଙ୍କ ମୃତଦେହ ଜବତ ଘଟଣା

## ୧୧ ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼,୧୩।୨ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା କୁଲଟା ପଞ୍ଚାୟତ ବିଜାଡିହି ଜଙ୍ଗଲରୁ ୧୯ତାରିଖି ଅପରାହ୍ନରେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣାରେ ପୋଲିସ ୧୧ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବିବେକ କୁଅଁର(୧୯), ଅରୁଣ ନାଏକ(୨୪), ପ୍ରକାଶ ବେହେରା ଓରଫ ଅନ୍ଧାଡୁ(୨୪), ସରୋଜ ନାଏକ(୨୫), ଚନ୍ଦନ କୁଅଁର(୨୧), ହରେକୃଷ୍ଣ ପାତ୍ର ଓରଫ କାହ୍ନା, ଅନ୍ୟଜଣେ ନାବାଳକ, ରାଜା ଧୁରୁଆ(୨୫), ଜଣେ ନାବାଳକ, ଜୀବନ ପ୍ରଧାନ(୨୩) ଓ କୁନା ପାତ୍ର ଓରଫ ମୁନ୍ନା(୨୧)। ଗୁରୁବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଜବତ କରିଛି। ହତ୍ୟାକାଣ୍ଡର ଶିକାର ହୋଇଥିବା ଯୁବକ ଜଣକ ହେଉଛନ୍ତି ପଡ଼ୋଶୀ ଝାରସୁଗୁଡ଼ା ଜିଲା ଲଇକେରାର ଚନ୍ଦନ ଧୁରୁଆ। ସମସ୍ତ ଅଭିଯୁକ୍ତ ଓ ମୃତ ଚନ୍ଦନ ସମସ୍ତେ ସାଙ୍ଗ ବୋଲି ଗୁରୁବାର ଅପରାହ୍ନରେ ସୁନ୍ଦରଗଡ ଏସ୍‌ପି ପ୍ରତ୍ୟୁଷ ଦିବାକର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଧରୁଆଡିହି ଥାନା କେସ୍ ନଂ. ୪/୨୦/୧/୨୦୨୫ ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୩(୧)/୬୧(୨)/୨୩୮(ଏ)/୩(୫)ରେ ମାମଲା ରୁଜୁ ହୋଇଛି। ଏହି ହତ୍ୟାକାଣ୍ଡରେ ୭ ଜଣ ମୁଖ୍ୟ ଅଭିଯୁକ୍ତ ଥିବା ବେଳେ ହତ୍ୟାକାଣ୍ଡ ଷଡ଼ଯନ୍ତ୍ରରେ ୪ ଅଭିଯୁକ୍ତ ଅଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଝାରସୁଗୁଡ଼ା ଜିଲା ଲାଇକେରା ଥାନା ଅଞ୍ଚଳରୁ ଗିରଫ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଚନ୍ଦନ ଅଭିଯୁକ୍ତଙ୍କ ମା, ଭଉଣୀ ସମସ୍ତଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା କାରଣରୁ ତାଙ୍କୁ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ଚନ୍ଦନଙ୍କୁ ହତ୍ୟା କରିବା ପାଇଁ ୭ଟି ଛୁରି ବାମରା ମକର ଯାତ୍ରାରୁ ଅଭିଯୁକ୍ତମାନେ କିଣିଥିଲେ। ଘଟଣା ଦିନ ସମସ୍ତେ ଚନ୍ଦନଙ୍କ ସହ ମଦ୍ୟପାନ କରିଥିଲେ। ପରେ ତାଙ୍କୁ ହତ୍ୟାକରି ଧରୁଆଡିହି ଥାନା ବିଜାଡିହି – ଲମଟି ରାସ୍ତାର ଘୁମୁଡ଼ା ରିଜର୍ଭ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଅମୃତା ନନ୍ଦିନୀ ମହାନ୍ତି, ଧରୁଆଡିହି ଥାନା ଆଇଆଇସି ସଂଯୁକ୍ତା ସାହୁ ଉପସ୍ଥିତ ଥିଲେ।

## କମ୍ପାନୀରେ ନିବେଶ ଆଳରେ ୨୫ ଲକ୍ଷ ଠକେଇ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୩।୨(ସତ୍ୟଜିତ୍ ରାଉତ)

ଏକ କମ୍ପାନୀରେ ନିବେଶ କରି ବଡ଼ଧରଣର ଲାଭ ମିଳିବାର ପ୍ରତିଶ୍ରୁତି ଦେଇ ୨୫ ଲକ୍ଷ ଠକେଇ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର ଫେଜ୍-୨ରେ ରହୁଥିବା ଗଞ୍ଜାମ ଜିଲା ଆସ୍କା ଅଞ୍ଚଳର ଚନ୍ଦନ କୁମାର ଭୂୟାଁ (୩୭)। କୋର୍ଟ ଚାଲାଣ ପରେ ଅଭିଯୁକ୍ତ ଚନ୍ଦନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ୨୦୨୩ ଅଗଷ୍ଟ ୨୯ରେ ଭିମଟାଙ୍ଗୀ ଅଞ୍ଚଳରେ ରହୁଥିବା ଏସ୍‌. ଚନ୍ଦ୍ରଙ୍କୁ ଚନ୍ଦନ କୁମାର ଭୂୟାଁ ଫସାଇଥିଲେ। ଏକ କମ୍ପାନୀରେ ଟଙ୍କା ନିବେଶ କରିବାକୁ ପ୍ରୋତ୍ସାହିତ କରିବା ସହ ସେଠାରୁ ମୋଟା ଅଙ୍କର ଲାଭ ମିଳିବାର ପ୍ରତିଶ୍ରୁତି ଦେଇଥିଲେ। ଚନ୍ଦ୍ର ଏଥିରେ ବିଶ୍ୱାସ କରି ବିଭିନ୍ନ ପର୍ଯ୍ୟାୟରେ ଚନ୍ଦନଙ୍କ ବ୍ୟାଙ୍କ ଆକାଉଣ୍ଟରେ ୩୫ ଲକ୍ଷ ଟଙ୍କା ଜମା କରିଥିଲେ। ପରେ ୨୦୨୩ ଅକ୍ଟୋବରରେ ଚନ୍ଦ୍ରଙ୍କୁ ଚନ୍ଦନ ମାତ୍ର ୧୦ ଲକ୍ଷ ଟଙ୍କା ଫେରାଇଥିଲେ। ଏହାପରେ ବାରମ୍ବାର କହିବା ପରେ ମଧ୍ୟ ଚନ୍ଦନ ଲାଭ ଦେବା ତ ଦୂରର କଥା ବାକି ଟଙ୍କା ମଧ୍ୟ ଦେଉ ନ ଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

# ଭିଜିଲାନ୍ସ ଜାଲରେ କୋଟପାଡ଼ ଏଡିଇଓ

## ୧୫ ପ୍ଲଟ୍, କାଜୁ ପ୍ରୋସେସିଂ ୟୁନିଟ୍ ସହ ରହିଛି ଅନେକ ସମ୍ପତ୍ତି

କୋରାପୁଟ/କୋଟପାଡ଼, ୧୩।୨
(ଅମିତାଭ ବେହେରା/କେ.ରାଜଶେଖର ରାଓ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଜୟପୁର ଭିଜିଲାନ୍ସ ପକ୍ଷରୁ କୋଟପାଡ଼ ବ୍ଲକ୍ ବଟାସନା ପଞ୍ଚାୟତ ଆକାଉଣ୍ଟାଣ୍ଟ ତଥା ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର(ଏଡିଇଓ) ପାର୍ଥସାରଥି ବିଷୋୟୀଙ୍କ ଚମ୍ପିଆସ୍ଥିତ ବାସଭବନ ସହ ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ବର୍ତ୍ତମାନ ସୁଦ୍ଧା ପାର୍ଥଙ୍କ ୩ଟି ବିଲ୍ଡିଂ, କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ୧୫ଟି ପ୍ଲଟ୍, ନଗଦ ୨ ଲକ୍ଷ ୪୫ ହଜାର ଟଙ୍କା, ୨୮୫ ଗ୍ରାମ ସୁନା, ୭୦୩ ଗ୍ରାମ ରୁପା, ୨ଟି କଂକ୍ରିଟ୍ ମିକ୍ସଚର ମେଶିନ



ପାର୍ଥସାରଥି ବିଷୋୟୀ।

ଓ ୮୫୦୦ବର୍ଗଫୁଟର କାଜୁ ପ୍ରୋସେସିଂ ୟୁନିଟ୍‌ଥିବା ଭିଜିଲାନ୍ସପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗୁରୁବାର ସକାଳେ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍‌ର ବଟାସନା ପଞ୍ଚାୟତର ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର ପାର୍ଥସାରଥିଙ୍କ ପୈତୃକ ଘରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ପାର୍ଥଙ୍କ କୋରାପୁଟ ଚମ୍ପିଆ ବାସଭବନ, ଭାଇଙ୍କ ଘର, ସମ୍ପର୍କୀୟ ଘର, ଚମ୍ପିଆସ୍ଥିତ ସାଇକ୍ରିଷ୍ଣା ଏଣ୍ଟରପ୍ରାଇଜେସ୍, ବୋରିଗୁମ୍ମାସ୍ଥିତ ୩ ମହଲା କୋଠା ଓ ବଟାସନାସ୍ଥିତ ଅଫିସ ଆଦି ସ୍ଥାନରେ ଚଢ଼ାଉ ହୋଇଥିଲା। ଭିଜିଲାନ୍ସ ଟିମ୍‌ରେ ୨ଜଣ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୬ଇନ୍ସପେକ୍ଟର ଓ ୬ ଏଏସ୍‌ଆଇ ସାମିଲ ରହିଥିଲେ। ଅଧିକ ଖୋଳତାଡ଼ ପାଇଁ ପାର୍ଥଙ୍କୁ ଜୟପୁର ଭିଜିଲାନ୍ସ ଅଫିସକୁ ନିଆଯାଇଛି।

# ବାରାକ୍‌ରେ କନ୍‌ଷ୍ଟେବଲଙ୍କ ଅସ୍ୱାଭାବିକ ମୃତ୍ୟୁ

ବିନିକା,୧୩।୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ପୋଲିସ ବାରାକ୍‌ରେ ଜଣେ କନ୍‌ଷ୍ଟେବଲଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ସୋନପୁର ରିଜର୍ଭ ପୋଲିସ କନ୍‌ଷ୍ଟେବଲ ଦିଲୀପ କୁମାର ମିଶ୍ର(୫୦)। ବିନିକା ଲୋକ ମହୋତ୍ସବ ପାଇଁ ସେ ଗତ ୧୧ତାରିଖରୁ ବିନିକା ପୋଲିସ ବାରାକ୍‌ରେ କର୍ମଚାରୀଙ୍କ ସହ ରହୁଥିଲେ। କୌଣସି କାରଣବଶତଃ ବୁଧବାର ରାତିରେ ସେ ମହୋତ୍ସବକୁ ଡ୍ୟୁଟି କରିବାକୁ ଯାଇ ନ ଥିଲେ। ଗୁରୁବାର ସକାଳେ ସେ ଶଯ୍ୟାରୁ ଉଠି ନ ଥିଲେ। ସହ କର୍ମଚାରୀମାନେ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ ହେଁ ସେ ଶୁଣି ନ ଥିଲେ। ତାଙ୍କୁ ତୁରନ୍ତ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଦିଲୀପଙ୍କୁ ମୃତ ଘୋଷଣା କରିଥିବା ବିନିକା ଥାନା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ କହିଛନ୍ତି। ଖବର ପାଇ ସୋନପୁରରେ ରହୁଥିବା ଦିଲୀପଙ୍କ ସ୍ତ୍ରୀ ବିନିକା ଥାନାରେ ପହଞ୍ଚିଥିଲେ। ଘଟଣା ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କିଛି କହି ନ ଥିଲେ। ଅପରପକ୍ଷରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୫)ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଆଇଆଇସି ପାଣିଗ୍ରାହୀ କହିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠିକିଲା ନାରୀ ଘର କରେ।**

ଯେଉଁ ଗୃହିଣୀ ପାରିବାରିକ ବନ୍ଧନୀ ମଧ୍ୟରେ ବାନ୍ଧିହୋଇ ରହିଥାଏ, ସେ ପରିବାରର ଅଭାବ ଅସୁବିଧା ସହ ଜଡ଼ିତ ହୋଇ ତାହାର ସମାଧାନ ବା ସୁଧାର ଆଣିବାରେ ଅଭିଜ୍ଞତା ଅର୍ଜନ କରିଥାଏ। ସ୍ୱାମୀ, ସନ୍ତାନ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ମନ ଜାଣି ସେମାନଙ୍କୁ ମନ ମୁତାବକ ସନ୍ତୁଷ୍ଟ କରି ନିଜ ହାତମୁଠାରେ ରଖି ଘର ଚଳାଇଥାଏ। ଯିଏ ନିଜ ଭୁଲ୍‌ରୁ ଶିକ୍ଷାଲାଭ କରେ ବା ନିଜ ଭୁଲ୍‌କୁ ସଂଶୋଧନ କରି ନିଜକୁ ସଜାଡ଼ିନିଏ ସିଏ ହିଁ ସବୁଥିରେ ସଫଳ ହୋଇଥାଏ। ବାସ୍ତବପକ୍ଷେ ଏପରି ନାରୀ ହିଁ ଘର ପରିବାର ଚଳେଇବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଠିଠେଇ ଘଇତା ଘନଶ୍ୟାମ**
**ପେଟ ପୂରିଲେ ରାମ ରାମ।**

ପେଟୁଆ ବ୍ୟକ୍ତି ସାଧାରଣତଃ ଖାଦ୍ୟଲୋଭୀ ହୋଇଥାନ୍ତି। ଏପରି ସ୍ଥିତିରେ ସଦାସର୍ବଦା ନିଜର ପେଟ ଚିନ୍ତା କରୁଥିବା ସ୍ୱାର୍ଥପର ଗୃହସ୍ୱାମୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କଲେଜରେ ଛୁରାମାଡ଼ ଘଟଣା, ଅଭିଯୁକ୍ତ ଛାତ୍ର ଗିରଫ

## ଆହତ ୩ ଅଣଛାତ୍ରଙ୍କ ଅବସ୍ଥା ସ୍ଥିର

ଖଲ୍ଲିକୋଟ,୧୩।୨(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟସ୍ଥିତ ରାମଚନ୍ଦ୍ର ମର୍ଦ୍ଦରାଜ (ଆର୍‌ସିଏମ୍) କଲେଜରେ ଛୁରାମାଡ଼ କରିଥିବା ଛାତ୍ର ମେଘନାଦ ପାହାନ(୨୨)ଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମର ମେଘନାଦ ଆର୍‌ସିଏମ୍ କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷ ବାଣିଜ୍ୟ ଛାତ୍ର। ପ୍ରେମ ବ୍ୟାପାରକୁ ନେଇ ବୁଧବାର କଲେଜକୁ ଲାଗି ରହିଥିବା ଖେଳପଡ଼ିଆରେ ୩ ଅଣଛାତ୍ର ବିଜୟ ନାୟକ, ରାଜା ଗୌଡ଼ ଏବଂ ରାଜା ସେଠୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଝଗଡ଼ା ଭିତରେ ହଠାତ୍ ମେଘନାଦ ବ୍ୟାଗରୁ ଏକ ଛୁରି ବାହାର କରି ସେମାନଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଆହତମାନଙ୍କୁ ତୁରନ୍ତ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ରାଜାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ନଂ.୧୨୮/୨୦୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ମେଘନାଦଙ୍କୁ ଗିରଫ କରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ନିଆଁ ଲଗାଇ ସ୍ତ୍ରୀଙ୍କୁ ହତ୍ୟା ମାମଲା: ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ବାଲେଶ୍ୱର, ୧୩।୨(ବାଞ୍ଛାନିଧି ଦେ)

କିରୋସିନ ଢାଳି ନିଆଁ ଲଗାଇ ସ୍ତ୍ରୀଙ୍କୁ ହତ୍ୟା ମାମଲାର ବିଚାର କରି ଗୁରୁବାର ବାଲେଶ୍ୱର ତୃତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ ଅଭିଯୁକ୍ତ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସ୍ୱାମୀଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ବରହମପୁର ଥାନା ଯାମୁନା ଗ୍ରାମର ଅନ୍ତର୍ଯ୍ୟାମୀ କବାଟ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ପୁରୁଣା ବାରିପଦା ଅଞ୍ଚଳର ଅଜିତ ମଲିକଙ୍କ ଝିଅ ପାର୍ବତୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଆସବାବପତ୍ର, ସୁନା ଅଳଙ୍କାର ସହ ନଗଦ ୧୦ହଜାର ଟଙ୍କା ଯାନିଯୌତୁକ ଦିଆଯାଇଥିଲା। ଏହାପରେ ଆଉ ୨୦ହଜାର ଟଙ୍କା ଅଧିକ ଯୌତୁକ ପାଇଁ ସ୍ୱାମୀଙ୍କ ପରିବାର ପକ୍ଷରୁ ଦାବି କରାଯାଇ ଆସୁଥିଲା। ଉକ୍ତ ଟଙ୍କା ଦେଇ ନ ପାରିବାରୁ ସ୍ୱାମୀ ଅନ୍ତର୍ଯ୍ୟାମୀ ଓ ପରିବାର ଲୋକେ ବିଭିନ୍ନ ସମୟରେ ମାନସିକ, ଶାରୀରିକ ନିର୍ଯାତନା ଦେବା ସହ ହତ୍ୟା ଧମକ ଦେଉଥିଲେ। ଗତ ୨୦୨୦ ଅକ୍ଟୋବର ୯ ତାରିଖ ରାତିରେ ପାର୍ବତୀଙ୍କୁ ଶାଶୁଘର ଲୋକେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏହି ସମୟରେ ପାର୍ବତୀଙ୍କ ଶିଶୁକନ୍ୟା ସେଠାକୁ ଦୌଡ଼ିଯିବାରୁ ଉଭୟ ମା' ଓ ଝିଅ ନିଆଁରେ ପୋଡ଼ି ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ମା' ଓ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ୨୦୨୦ ଅକ୍ଟୋବର ୧୬ ତାରିଖରେ ପାର୍ବତୀଙ୍କ ବାପା ବରହମ୍ପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରିଥିଲା। ଏହି ମାମଲାରେ ତୃତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ ମୋଟ୍ ୧୩ଜଣ ସାକ୍ଷ୍ୟ ଓ ୧୬ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରହ୍ଲାଦ ପତି ମାମଲାର ପରିଚାଳନା କରୁଥିଲେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉପଲବ୍ଧ ପାଣିପାଗ ଚିତ୍ର।

## କଂଗ୍ରେସ ନେତା ନିରଞ୍ଜନଙ୍କ ଘରୁ ଚୋରି ଘଟଣା

# ବିଜୟନଗରମ୍‌ରୁ ଧରାପଡ଼ିଲେ ଆନ୍ତଃରାଜ୍ୟ ଲୁଟେରା

ଭୁବନେଶ୍ୱର,୧୩।୨(ସୂର୍ଯ୍ୟକାନ୍ତ ବେହେରା)

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଘଟଣାରେ କମିଶନରେଟ ପୋଲିସ ଜଣେ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଆନ୍ଧ୍ରପ୍ରଦେଶ ବିଜୟନଗରମ୍‌ରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିଶାଖାପାଟଣା ଗାଜୁୱାକାର କାରୀ ସତୀ ବାବୁ ଓରଫ ସତୀଶ ରେଡ୍ଡି ଓରଫ ସ୍ପାଇଡର ସତୀଶ ଓରଫ ବୁଜ୍ଜି ଷ୍ଟିଫେନ(୩୮)। ତାଙ୍କଠାରୁ ଗୋଟିଏ କାର୍, ବହୁ ସୁନା ଅଳଙ୍କାର, ମୋବାଇଲ ଫୋନ, ନଗଦ ୭ ଲକ୍ଷ ଟଙ୍କା, ଅପରାଧ ବେଳେ ବ୍ୟବହୃତ ପୋଷାକ, ଟର୍ଚ୍ଚ ଲାଇଟ ଭଳି ସାମଗ୍ରୀ ଜବତ ହୋଇଛି। ସେ ବଡ଼ବଡ଼ିଆଙ୍କ ଘରକୁ ଗୁଗୁଲ୍‌ରେ ସର୍ଚ୍ଚ କରି ଚୋରି କରିଥାନ୍ତି ବୋଲି ଗୁରୁବାର ପୋଲିସ ସେବା ଭବନରେ ପୋଲିସ କମିଶନର ଏସ୍‌. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ୪୦୦ ସିସିଟିଭି ଫୁଟେଜ, ୧୦ ହଜାର ଫୋନ୍ ଯାଞ୍ଚ କରାଯାଇଥିଲା। ବରମୁଣ୍ଡା ବସ୍ ଷ୍ଟାଣ୍ଡ ସିସିଟିଭିରେ ଏକ କାର୍‌ରେ ଯାଉଥିବାରୁ ଗାଡ଼ି ନମ୍ବରରୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଠାବ




ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୂଚନା ଦେଉଛନ୍ତି।

କରାଯାଇଥିବା ପୋଲିସ କମିଶନର ସିଂ କହିଛନ୍ତି। ସେହିପରି ଅଭିଯୁକ୍ତ ଅପରାଧ ପାଇଁ ଗୋଟିଏ ସହରରୁ ଅନ୍ୟ ଏକ ସହରକୁ ଯାତ୍ରା କରିବା ପାଇଁ ବସ୍ ଓ ଟ୍ୟାକ୍ସି ବ୍ୟବହାର କରନ୍ତି। ଏପରିକି ଅପରାଧ ସମୟରେ ମୋବାଇଲ ବ୍ୟବହାର କରି ନ ଥାନ୍ତି। ବିଭିନ୍ନ ରାଜ୍ୟରେ ସେ ଚୋରି କରନ୍ତି। କେରଳର ଜଣଙ୍କ ଘରୁ ୭ କିଲୋ ସୁନା ଚୋରି କରିଥିବା ସୂଚନା ମିଳିଛି। ସେହିପରି ୨୦୨୩ ଅକ୍ଟୋବର ୧୫ରେ ନୟାପଲ୍ଲୀସ୍ଥିତ ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟ ଲିମିଟେଡ କମ୍ପାନୀର ମାଲିକଙ୍କ ଘରୁ ମଧ୍ୟ ପ୍ରାୟ ୨ କୋଟିର ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରିଥିବା ଜଣାପଡ଼ିଛି ବୋଲି କମିଶନରସିଂ କହିଛନ୍ତି।

ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୫ ବିଳମ୍ବିତ ରାତିରେ ନୟାପଲ୍ଲୀ ଆଇଆରସି ଭିଲେଜ ଏନ-୨ ସ୍ଥିତ ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଲୁଟେରା ଜଣଙ୍କ ପଶି ୨.୫୦ ଲକ୍ଷ ନଗଦ ଟଙ୍କା ଓ ୫୦ ଲକ୍ଷ ଟଙ୍କାର ସୁନା ଗହଣା ନେଇ ପଳାଇ ଯାଇଥିବା ସମ୍ପର୍କରେ ନିରଞ୍ଜନଙ୍କ ପୁଅ ଦେବଜ୍ୟୋତି ପଟ୍ଟନାୟକ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଏପରିକି ନିରଞ୍ଜନ ମଧ୍ୟ ଟୁଇଟ କରି ରାଜଧାନୀ ଅସୁରକ୍ଷିତ ପାଲଟିଥିବା ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଚିନ୍ତିତ ଥିବା ନେଇ ଗଣମାଧ୍ୟମ ଆଗରେ କହିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ନିଜ ଶରୀରକୁ ସମ୍ପୂର୍ଣ୍ଣ କପଡ଼ା ଦ୍ୱାରା ପରିଧାନ କରିଥିବାରୁ କୌଣସି ଚିହ୍ନ ପ୍ରମାଣ ପାଇଁ ଛାଡ଼ି ନ ଥିଲେ। ଯାହାକୁ ନେଇ ପୋଲିସ ଚିନ୍ତାରେ ପଡ଼ିଥିଲା। ଧରିବା ପାଇଁ କମିଶନରେଟ ପୋଲିସର ୩ଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ସିସିଟିଭିକୁ ଆଧାର କରି ପୋଲିସ ଯାଞ୍ଚ ଆରମ୍ଭ କରିଥିଲା। ଲୁଟେରା ବାହାର ରାଜ୍ୟରେ ଥିବା ଜଣାପଡିବା ପରେ ଗଠନ ହୋଇଥିଲା ଟିମ କେରଳ, ତେଲେଙ୍ଗାନା ଓ ଆନ୍ଧ୍ର ପ୍ରଦେଶରେ ୧୪ ଦିନ ଧରି ବିଭିନ୍ନ ଜେଲକୁ ଯାଇ ୪୦ ବଡ଼ ଅପରାଧୀଙ୍କ ରେକର୍ଡ ମଧ୍ୟ ଯାଞ୍ଚ କରିଥିଲା। ପରେ ଆନ୍ଧ୍ରପ୍ରଦେଶ ବିଜୟନଗରମ୍‌ରୁ ସ୍ଥାନୀୟ ପୋଲିସ ସହାୟତରେ କମିଶନରେଟ ପୋଲିସ ଧରିବା ପରେ ଓଡ଼ିଶା ଆଣିଥିଲା। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଅଭିଯୁକ୍ତଙ୍କ ନାମରେ ୧୦୦ ମାମଲା, ଗୁଗୁଲରେ ଭିଆଇପିଙ୍କ ଘର ସର୍ଚ୍ଚ କରନ୍ତି

ଅଭିଯୁକ୍ତ ସତୀଶ ଜଣେ ପେସାଦାର ଅପରାଧୀ ସହ ଆନ୍ତଃରାଜ୍ୟ ଲୁଟେରା ଭାବେ ଜଣାଶୁଣା। ତାଙ୍କ ନାମରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ,ତାମିଲନାଡୁ, କେରଳ, ତେଲଙ୍ଗାନାରେ ବିରୋଧରେ ନିଶା କାରବାର, ଯୁବତୀ ଚାଲାଣ, ଡକାୟତି, ଚୋରି ଭଳି ୧୦୦ ମାମଲା ରହିଛି। ସେଥିମଧ୍ୟରୁ ୧୧ଟି ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିବା ତଦନ୍ତବେଳେ ଜଣାପଡ଼ିଛି। ଗତ ସେପ୍ଟେମ୍ବର ୪ ତାରିଖରେ କେରଳର ତ୍ରିଭେନ୍ଦ୍ରମ୍ ସେଣ୍ଟ୍ରାଲ ଜେଲରୁ ସେ ଜାମିନରେ ଆସିଥିଲେ। ଏହାପୂର୍ବରୁ ସେ ଦକ୍ଷିଣ ଭାରତୀୟ ରାଜ୍ୟର ବିଭିନ୍ନ ଜେଲରେ ରହିଥିଲେ। ଅଭିଯୁକ୍ତ ଗୁଗୁଲ ସହାୟତାରେ ଧନୀ ଓ ଭିଆଇପିଙ୍କ ଘରକୁ ଟାର୍ଗେଟ କରି ପରବର୍ତ୍ତୀ ସମୟରେ ଚୋରି କରିଥାନ୍ତି ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

ଆଇସିସି ଚାମ୍ପିୟନ୍ସ ଟ୍ରଫିର ୯ମ ସଂସ୍କରଣ ଆସନ୍ତା ୧୯ରୁ ପାକିସ୍ତାନ ଓ ଦୁବାଇରେ ଆରମ୍ଭ ହେବ । ମାର୍ଚ୍ଚ ୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ୮ଟି ଦଳ ଅଂଶଗ୍ରହଣ କରିବେ...







# ଆଇସିସି ଚାମ୍ପିୟନ୍ସ ଟ୍ରଫି

**ଅ**ନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ ଦ୍ୱାରା ଆଇସିସି ଚାମ୍ପିୟନ୍ସ ଟ୍ରଫି ଏକଦିବସୀୟ ଫର୍ମାଟ୍‌ରେ ଅନୁଷ୍ଠିତ ହେଉଛି । ୧୯୯୮ରେ ଏହି ସମ୍ମାନଜନକ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଅଣ ଟେଷ୍ଟ ପ୍ଲେଇଂ ଦେଶଗୁଡ଼ିକ ପାଇଁ ପାଣ୍ଠି ଯୋଗାଡ଼ ଲକ୍ଷ୍ୟରେ ଏହି ଟୁର୍ନାମେଣ୍ଟର ପରିକଳ୍ପନା କରାଯାଇଥିଲା । ଫୁଟ୍‌ବଲରେ ଏହାକୁ ଫିଫା କନ୍‌ଫେଡେରେଶନ କପ୍ ସହ ତୁଳନା କରାଯାଇଥାଏ । ଦିନିକିଆ କ୍ରିକେଟ ବିଶ୍ୱକପ୍ ପରି ଚାମ୍ପିୟନ୍ସ ଟ୍ରଫି ୫୦ ଓଭର ବିଶିଷ୍ଟ ଫର୍ମାଟରେ ଅନୁଷ୍ଠିତ ହୋଇଆସୁଛି । ଆଇସିସି ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ସଂସ୍କରଣ ବାଂଲାଦେଶରେ ୧୯୯୮ ଜୁନ୍‌ରେ ଆୟୋଜିତ ହୋଇଥିଲା । ଇତିମଧ୍ୟରେ ୮ଟି ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାର ପ୍ରଥମ ୨ଟି ସଂସ୍କରଣ ଆଇସିସିର ସହଯୋଗୀ ସଦସ୍ୟ ରାଷ୍ଟ୍ର ବାଂଲାଦେଶ ଓ କେନିଆରେ ଆୟୋଜନ କରାଯାଇଥିଲା । ସେହି ଦେଶଗୁଡ଼ିକରେ କ୍ରିକେଟର ଲୋକପ୍ରିୟତା ବଢ଼ାଇବା ଏବଂ ପାଣ୍ଠି ଯୋଗାଡ଼କରି ଏହି ଖେଳର ବିକାଶ କରିବା ମୁଖ୍ୟ ଲକ୍ଷ୍ୟ ଥିଲା । ୨୦୦୨ରୁ ଏପର୍ଯ୍ୟନ୍ତ ପ୍ରତିଯୋଗିତାଗୁଡ଼ିକ ରୋଟେଶନ ପଦ୍ଧତିରେ ଆୟୋଜନ ହୋଇଆସୁଛି । ଫଳରେ ଆଇସିସିର ୬ ସଦସ୍ୟ ରାଷ୍ଟ୍ର ଏହାକୁ ଅତି କମ୍‌ରେ ଥରେ ଲେଖାଏ ଆୟୋଜନ କରିବାର ସୁଯୋଗ ପାଇଛନ୍ତି ।

ବିଶ୍ୱର ଶ୍ରେଷ୍ଠ ୮ ର୍‍ୟାଙ୍କ୍ ପ୍ରାପ୍ତ (ଆୟୋଜକ ଦେଶକୁ ମିଶାଇ) ଦଳ ଚାମ୍ପିୟନ୍ସ ଟ୍ରଫି ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତି । ଗତ ୮ ସଂସ୍କରଣରେ ମୋଟ ୧୩ ଦଳ ଟୁର୍ନାମେଣ୍ଟ ଖେଳି ସାରିଛନ୍ତି । ଶେଷଥର ପାଇଁ ଅନୁଷ୍ଠିତ ୨୦୧୭ ସଂସ୍କରଣରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଅଷ୍ଟ୍ରେଲିଆ ଓ ଭାରତ ସବୁଠାରୁ ସଫଳ ଦଳଭାବେ ୨ ଥର ଲେଖାଏ ଚାମ୍ପିୟନ୍ସ ଟ୍ରଫି ଜିତିସାରିଛନ୍ତି । ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଓ ପାକିସ୍ତାନ ଥରେ ଲେଖାଏ ଟ୍ରଫି ସ୍ୱାଦ ପାଇଛନ୍ତି । ପାକିସ୍ତାନ ଡିଫେଣ୍ଡିଂ ଚାମ୍ପିୟନ ଭାବେ ଆଗାମୀ ସଂସ୍କରଣରେ ଖେଳିବ । ଇଂଲଣ୍ଡ ଓ ୱେଲ୍ସରେ ୨୦୧୭ରେ ଅନୁଷ୍ଠିତ ପ୍ରତିଯୋଗିତାରେ ପାକିସ୍ତାନ ଚାମ୍ପିୟନ ହୋଇଥିଲା ।

ଏଥର ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ୮ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଗ୍ରୁପ୍ 'ଏ'ରେ ଭାରତ, ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ଆୟୋଜକ ପାକିସ୍ତାନ ରହିଥିବାବେଳେ ଗ୍ରୁପ୍ 'ବି'ରେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛି । କାର୍ଯ୍ୟସୂଚୀ ଅନୁସାରେ ପ୍ରତି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ଅନ୍ୟ ୩ ଦଳ ବିପକ୍ଷରେ ମ୍ୟାଚ ଖେଳିବେ । ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସେମିଫାଇନାଲ ପାଇଁ ଯୋଗ୍ୟ ହେବେ । ପୂର୍ବତନ ଚାମ୍ପିୟନ ଶ୍ରୀଲଙ୍କା ପ୍ରଥମ ଥର ପାଇଁ ଯୋଗ୍ୟତା ଅର୍ଜନ କରିପାରିନାହିଁ ।

## କାର୍ଯ୍ୟସୂଚୀ

| ତାରିଖ | ଦଳ | ସ୍ଥାନ | ସମୟ |
|---|---|---|---|
| ଫେବୃଆରୀ ୧୯ | ପାକିସ୍ତାନ ବନାମ ନ୍ୟୁଜିଲାଣ୍ଡ | କରାଚୀ | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୦ | ଭାରତ ବନାମ ବାଂଲାଦେଶ | ଦୁବାଇ | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୧ | ଆଫଗାନିସ୍ତାନ ବନାମ ଦ.ଆଫ୍ରିକା | କରାଚୀ | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୨ | ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ | ଲାହୋର | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୩ | ଭାରତ ବନାମ ପାକିସ୍ତାନ | ଦୁବାଇ | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୪ | ନ୍ୟୁଜିଲାଣ୍ଡ ବନାମ ବାଂଲାଦେଶ | ରାୱଲପିଣ୍ଡି | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୫ | ଅଷ୍ଟ୍ରେଲିଆ ବନାମ ଦ.ଆଫ୍ରିକା | ରାୱଲପିଣ୍ଡି | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୬ | ଆଫଗାନିସ୍ତାନ ବନାମ ଇଂଲଣ୍ଡ | ଲାହୋର | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୭ | ପାକିସ୍ତାନ ବନାମ ବାଂଲାଦେଶ | ରାୱଲପିଣ୍ଡି | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୮ | ଆଫଗାନିସ୍ତାନ ବନାମ ଅଷ୍ଟ୍ରେଲିଆ | ଲାହୋର | ଅପରାହ୍ନ ୨ଟା ୩୦ |
| ମାର୍ଚ୍ଚ ୧ | ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା | କରାଚୀ | ଅପରାହ୍ନ ୨ଟା ୩୦ |
| ମାର୍ଚ୍ଚ ୨ | ଭାରତ ବନାମ ନ୍ୟୁଜିଲାଣ୍ଡ | ଦୁବାଇ | ଅପରାହ୍ନ ୨ଟା ୩୦ |
| ମାର୍ଚ୍ଚ ୪ | ପ୍ରଥମ ସେମିଫାଇନାଲ | ଦୁବାଇ | ଅପରାହ୍ନ ୨ଟା ୩୦ |
| ମାର୍ଚ୍ଚ ୫ | ଦ୍ୱିତୀୟ ସେମିଫାଇନାଲ | ଲାହୋର | ଅପରାହ୍ନ ୨ଟା ୩୦ |
| ମାର୍ଚ୍ଚ ୯ | ଫାଇନାଲ | ଲାହୋର କିମ୍ବା ଦୁବାଇ | ଅପରାହ୍ନ ୨ଟା ୩୦ |

(ବି.ଦ୍ର.– ଯଦି ଅନ୍ୟ ଯେକୌଣସି ଦଳ ସହ ଭାରତ ଫାଇନାଲରେ ପ୍ରବେଶ କରିବ ତେବେ ମ୍ୟାଚ ଦୁବାଇରେ ଖେଳାଯିବ । ଭାରତ ଯୋଗ୍ୟତା ଅର୍ଜନ ନ କଲେ ଫାଇନାଲ ଲାହୋରରେ ଅନୁଷ୍ଠିତ ହେବ) ।

## ଫଳାଫଳ

| ସିଜନ | ଆୟୋଜକ | ଚାମ୍ପିୟନ | ରନରଅପ୍ | ଫଳାଫଳ |
|---|---|---|---|---|
| ୧୯୯୮ | ବାଂଲାଦେଶ | ଦକ୍ଷିଣ ଆଫ୍ରିକା | ୱେଷ୍ଟଇଣ୍ଡିଜ | ଦ.ଆଫ୍ରିକା ୪ ଉଇକେଟରେ ବିଜୟୀ |
| ୨୦୦୦ | କେନିଆ | ନ୍ୟୁଜିଲାଣ୍ଡ | ଭାରତ | ନ୍ୟୁଜିଲାଣ୍ଡ ୪ ଉଇକେଟରେ ବିଜୟୀ |
| ୨୦୦୨ | ଶ୍ରୀଲଙ୍କା | ଭାରତ ଓ ଶ୍ରୀଲଙ୍କା ଯୁଗ୍ମ ଚାମ୍ପିୟନ | | ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ |
| ୨୦୦୪ | ଇଂଲଣ୍ଡ | ୱେଷ୍ଟଇଣ୍ଡିଜ | ଇଂଲଣ୍ଡ | ୱେଷ୍ଟଇଣ୍ଡିଜ ୨ ଉଇକେଟରେ ବିଜୟୀ |
| ୨୦୦୬ | ଭାରତ | ଅଷ୍ଟ୍ରେଲିଆ | ୱେଷ୍ଟଇଣ୍ଡିଜ | ଅଷ୍ଟ୍ରେଲିଆ ୮ ଉଇକେଟରେ ବିଜୟୀ |
| ୨୦୦୯ | ଦ.ଆଫ୍ରିକା | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ | ଅଷ୍ଟ୍ରେଲିଆ ୬ ଉଇକେଟରେ ବିଜୟୀ |
| ୨୦୧୩ | ଇଂଲଣ୍ଡ | ଭାରତ | ଇଂଲଣ୍ଡ | ଭାରତ ୫ ରନରେ ବିଜୟୀ |
| ୨୦୧୭ | ଇଂଲଣ୍ଡ | ପାକିସ୍ତାନ | ଭାରତ | ପାକିସ୍ତାନ ୧୮୦ ରନରେ ବିଜୟୀ |

## ଆଫଗାନିସ୍ତାନର ପଦାର୍ପଣ

**ଆ**ଇସିସି ଚାମ୍ପିୟନ୍ସ ଟ୍ରଫିରେ ଏଥର ପ୍ରଥମ ଥରପାଇଁ ପଦାର୍ପଣ କରିବ ଆଫଗାନିସ୍ତାନ । ରେକର୍ଡ ଅନୁସାରେ ବିଶ୍ୱର ୧୪ତମ ଦଳଭାବେ ଆଫଗାନିସ୍ତାନ ଏହି ପ୍ରତିଯୋଗିତା ଖେଳିବ । ୧୯୯୮ ପ୍ରଥମ ସଂସ୍କରଣରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଓ ଜିମ୍ବାୱେ ପଦାର୍ପଣ କରିଥିଲେ । ୨୦୦୦ରେ ୨ଟି ଦଳ ବାଂଲାଦେଶ ଓ କେନିଆ ପ୍ରଥମ ଥରପାଇଁ ଖେଳିବା ସୁଯୋଗ ପାଇଥିଲେ । ସେହିପରି ୨୦୦୨ରେ ନେଦରଲାଣ୍ଡ୍ସ ଓ ୨୦୦୪ରେ ଆମେରିକା ଯୋଗ୍ୟତା ଅର୍ଜନ କରିଥିଲା । ୨୦୦୬, ୨୦୦୯, ୨୦୧୩ ଓ ୨୦୧୭ରେ କୌଣସି ନୂଆ ଦଳ ଡେବ୍ୟୁ କରି ନ ଥିଲା ।

## ଏଥର କେଉଁ ଗ୍ରୁପ୍‌ରେ କିଏ

| ଗ୍ରୁପ୍ 'ଏ' | ଗ୍ରୁପ୍ 'ବି' |
|---|---|
| ବାଂଲାଦେଶ | ଆଫଗାନିସ୍ତାନ |
| ଭାରତ | ଅଷ୍ଟ୍ରେଲିଆ |
| ନ୍ୟୁଜିଲାଣ୍ଡ | ଇଂଲଣ୍ଡ |
| ପାକିସ୍ତାନ | ଦକ୍ଷିଣ ଆଫ୍ରିକା |

# ଭାରତୀୟ ଦଳକୁ ନେଇ ଚର୍ଚ୍ଚା



ନିର୍ମଳ କୁମାର ମିଶ୍ର

**ଚା**ମ୍ପିୟନ୍ସ ଟ୍ରଫି ପାଇଁ ଖେଳାଳି ତାଲିକା ପ୍ରକାଶ କରିସାରିଛି ବିସିସିଆଇ । ଅନେକ ବିବାଦ ଯୋଗୁ ଏହି ଟୁର୍ନାମେଣ୍ଟ ବେଶ୍ ଚର୍ଚ୍ଚାରେ ରହିଛି । ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ତାରିଖ ମଧ୍ୟରେ ଖେଳାଯିବ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା । ୮ଟି ଦଳ ଟ୍ରଫି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ । ହାଇବ୍ରିଡ୍ ମଡେଲରେ ପାକିସ୍ତାନ ଏବଂ ୟୁଏଇରେ ଖେଳାଯିବ ଏହି ଟୁର୍ନାମେଣ୍ଟ । ଭାରତ ତା'ର ସମସ୍ତ ମ୍ୟାଚ ଦୁବାଇଠାରେ ଖେଳିବ । ଭାରତ ଯଦି ସେମିଫାଇନାଲ କିମ୍ବା ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନକରେ ତେବେ ଦୁବାଇରେ ଖେଳିବ । ଭାରତ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଏବଂ ବାଂଲାଦେଶ ଗ୍ରୁପ୍ 'ଏ' ରେ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ 'ବି'ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ଆଫଗାନିସ୍ତାନ ରହିଛି । ଖରାପ ପ୍ରଦର୍ଶନ ଯୋଗୁ ଏକଦିବସୀୟ ଟିମ୍ ର୍‍ୟାଙ୍କିଙ୍ଗ୍‌ରେ ନିମ୍ନରେ ଥିବାରୁ ୱେଷ୍ଟଇଣ୍ଡିଜ ଏବଂ ଶ୍ରୀଲଙ୍କା ଏଥର ବାଦ୍ ପଡ଼ିଛନ୍ତି ।

ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୮ଟି ସଂସ୍କରଣ ଖେଳାଯାଇଥିବା ବେଳେ ଭାରତ ୨୦୦୨ ଓ ୨୦୧୩ ଚାମ୍ପିୟନ ହୋଇଛି ଏବଂ ୨୦୦୦ ଏବଂ ୨୦୧୭ରେ ରନର ଅପ୍ ହୋଇଛି । ଖେଳାଯାଇଥିବା ସମସ୍ତ ୮ଟି ସଂସ୍କରଣରେ ଭାରତ ଭାଗନେଇଛି । ୧୯୯୮ରୁ ଏହି ଏକଦିବସୀୟ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା । ପ୍ରଥମ ସଂସ୍କରଣରେ ଦକ୍ଷିଣ ଆଫ୍ରିକା ଚାମ୍ପିୟନ ହୋଇଥିବା ବେଳେ ଶେଷ ୨୦୧୭ ସଂସ୍କରଣରେ ପାକିସ୍ତାନ ଟ୍ରଫି ଜିତିଥିଲା । ପାକିସ୍ତାନ ପ୍ରଥମଥର ଟାଇଟଲ ହାସଲ କରିଥିବା ଯୋଗୁ ୯ମ ସଂସ୍କରଣର ଆୟୋଜକ ରହିଛି । ଅଷ୍ଟ୍ରେଲିଆ ଓ ଭାରତ ପ୍ରତ୍ୟେକ ୨ଥର ଲେଖାଏ ଚାମ୍ପିୟନ ହୋଇଛନ୍ତି । ପ୍ରତି ୪ବର୍ଷରେ ଏହି ଟୁର୍ନାମେଣ୍ଟ ଆଇସିସି ପକ୍ଷରୁ ଆୟୋଜନ ହୋଇଥାଏ । ପ୍ରଥମ ସଂସ୍କରଣ ବାଂଲାଦେଶରେ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ୪ ଉଇକେଟରେ ୱେଷ୍ଟଇଣ୍ଡିଜକୁ ହରାଇ ଚାମ୍ପିୟନ ହୋଇଥିଲା । ୨୦୦୨ରେ ଏହି ଟୁର୍ନାମେଣ୍ଟ ଶ୍ରୀଲଙ୍କାରେ ଅନୁଷ୍ଠିତ ହୋଇଥିଲା । ଫାଇନାଲରେ ବର୍ଷା ଯୋଗୁ ଭାରତ ଓ ଶ୍ରୀଲଙ୍କାକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା । ୨୦୦୪ରେ ଇଂଲଣ୍ଡରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୱେଷ୍ଟଇଣ୍ଡିଜ ୨ ଉଇକେଟରେ ଇଂଲଣ୍ଡକୁ ହରାଇଥିଲା । ୨୦୦୬ରେ ଭାରତ ଆୟୋଜକ ହୋଇଥିବା ବେଳେ ଅଷ୍ଟ୍ରେଲିଆ ଡିଏଲ୍ ପଦ୍ଧତିରେ ଫାଇନାଲରେ ୱେଷ୍ଟଇଣ୍ଡିଜକୁ ୮ ଉଇକେଟରେ ପରାସ୍ତ କରିଥିଲା । ସେହିପରି ୨୦୦୯ର ଆୟୋଜକ ରହିଥିଲା ଦକ୍ଷିଣ ଆଫ୍ରିକା । ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଫାଇନାଲରେ ବାଜି ମାରିଥିଲା ଅଷ୍ଟ୍ରେଲିଆ । ୨୦୧୩ରେ ମହେନ୍ଦ୍ର ସିଂଙ୍କ ନେତୃତ୍ୱରେ ଭାରତ ଆୟୋଜକ ଇଂଲଣ୍ଡକୁ ଏକ ରୋମାଞ୍ଚକର ମ୍ୟାଚରେ ମାତ୍ର ୫ରନ୍‌ରେ ହରାଇ ଚାମ୍ପିୟନ୍ସ ଟ୍ରଫି ହାସଲ କରିଥିଲା । ଶେଷ ଥର ପାଇଁ ଏହି ପ୍ରତିଯୋଗିତା ପୁନର୍ବାର ଇଂଲଣ୍ଡ ଓ ୱେଲ୍ସଠାରେ ଆୟୋଜ ହୋଇଥିବା ବେଳେ ପାକିସ୍ତାନ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାରତକୁ ୧୮୦ ରନ୍‌ର ବିଶାଳ ବ୍ୟବଧାନରେ ପରାସ୍ତ କରିଥିଲା ।

ଏହି ସମ୍ମାନଜନକ ଆଇସିସି ଏକଦିବସୀୟ ପ୍ରତିଯୋଗିତାକୁ ମିନି ବିଶ୍ୱକପ କୁହାଯାଉଥିଲା । ୧୯୯୮ ପ୍ରଥମ ସଂସ୍କରଣରେ ମହମ୍ମଦ ଆଝାରୁଦ୍ଦିନ ଭାରତର ଅଧିନାୟକ ରହିଥିବା ବେଳେ ଦଳ ସେମିଫାଇନାଲରେ ୱେଷ୍ଟଇଣ୍ଡିଜଠାରୁ ୬ ଉଇକେଟରେ ପରାସ୍ତ ହୋଇଥିଲା । ୨୦୦୦ରେ ସୌରଭ ଗାଙ୍ଗୁଲି ଭାରତର ଅଧିନାୟକ ରହିଥିଲେ । ତେବେ ଏକ ରୋମାଞ୍ଚକର ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ହାରିଥିଲା ଭାରତ । ୨୦୦୨ରେ ମଧ୍ୟ ସୌରଭ ଗାଙ୍ଗୁଲି ଅଧିନାୟକ ରହିଥିଲେ । ହେଲେ ଫାଇନାଲରେ ବର୍ଷା ପାଇଁ ଶ୍ରୀଲଙ୍କା ଓ ଭାରତ ଯୁଗ୍ମ ବିଜେତା ରହିଥିଲେ । ୨୦୦୪ରେ ଗାଙ୍ଗୁଲି ଅଧିନାୟକ ରହିଥିଲେ ମଧ୍ୟ ଭାରତ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଥିଲା । ୨୦୦୬ରେ ମଧ୍ୟ ରାହୁଲ ଦ୍ରାବିଡ୍‌ଙ୍କ ନେତୃତ୍ୱରେ ଓ ୨୦୦୯ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ଗ୍ରୁପ୍ ପର୍ଯ୍ୟାୟରୁ ବିଦାହୋଇଥିଲା । ୨୦୧୩ରେ ଏମ୍.ଏସ୍. ଧୋନୀଙ୍କ ନେତୃତ୍ୱରେ ଭାରତ ଇଂଲଣ୍ଡକୁ ୫ରନରେ ହରାଇ ୨ୟ ଥର ପାଇଁ ଚାମ୍ପିୟନ ହୋଇଥିଲା । ମାତ୍ର ଶେଷ ସଂସ୍କରଣରେ ବିରାଟ କୋହଲିଙ୍କ ନେତୃତ୍ୱରେ ପାକିସ୍ତାନଠାରୁ ଫାଇନାଲରେ ଏକ ବିଶାଳ ବ୍ୟବଧାନ ୧୮୦ ରନ୍‌ରେ ପରାସ୍ତ ହୋଇଥିଲା ।



ରୋହିତ ଶର୍ମା

୯ମ ସଂସ୍କରଣ ପାଇଁ ଭାରତୀୟ ଦଳ ଘୋଷଣାରେ ଚକ୍‌ମା ଦେଇଛି ବିସିସିଆଇ, ଯାହାକି ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ସୋସିଆଲ ମିଡିଆରେ । ରୋହିତ ଶର୍ମା ଖରାପ ଫର୍ମ ସତ୍ତ୍ୱେ ଅଧିନାୟକ ପଦ ପାଇବା, ଅଭିଜ୍ଞ ବିରାଟ କୋହଲିଙ୍କ ପାଇଁ ଦଳରେ ସ୍ଥାନ ସୁରକ୍ଷିତ ରହିବା, ଶୁବମନ ଗିଲ୍‌ଙ୍କୁ ଉପ ଅଧିନାୟକ ପଦ ଦେବା, ଅଭିଜ୍ଞ ମହମ୍ମଦ ସିରାଜଙ୍କୁ ଦଳରେ ସୁଯୋଗ ନ ଦେବା, ଭେଟେରାନ ପେସ୍ ବୋଲର ମହମ୍ମଦ ଶାମି ୧୪ମାସ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବା, ସ୍ପିନର କୁଳଦୀପ ଯାଦବଙ୍କର ଆଘାତ ସମସ୍ୟା ପରେ ଟିମ୍‌କୁ ପ୍ରତ୍ୟାବର୍ତ୍ତନ, ଶ୍ରେୟସ ଆୟର ଓ ଅର୍ଶଦୀପ ସିଂ ଘରୋଇ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବା ପରେ ଦଳକୁ ଆସିବା, ନୀତୀଶ କୁମାର ରେଡ଼ି, ଯେଜୁବେନ୍ଦ୍ର ଚହଲ ଏବଂ ସବୁଠାରୁ ଚର୍ଚ୍ଚାରେ ରହିଛି କରୁଣ ନାୟାରଙ୍କୁ ଦଳରେ ସାମିଲ ନ କରିବା ।

ଏଥର ବିଜୟ ହଜାରେ ଟ୍ରଫିରେ କରୁଣ ଚମତ୍କାର ପ୍ରଦର୍ଶନ କରିଥିଲେ । ୭ଟି ଇନିଂସ ଖେଳି ୭୫.୨ ଆଭରେଜରେ ୭୫୨ ରନ୍ ସଂଗ୍ରହ କରିବା ଏବଂ ଏଥିରେ ୫ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ସତ୍ତ୍ୱେ ତାଙ୍କୁ ଉପେକ୍ଷା କରିବା କେତେ ଯୁକ୍ତିଯୁକ୍ତ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି । ପୂର୍ବରୁ କରୁଣ ନାୟାର ଭାରତ ପାଇଁ ୨ଟି ଟେଷ୍ଟ ଏବଂ ୨ଟି ଏକଦିବସୀୟ ମ୍ୟାଚ ଖେଳି ସାରିଛନ୍ତି । ଟେଷ୍ଟ ମ୍ୟାଚ ସେ ଭାରତ ପାଇଁ ୨୦୧୭ରେ ଖେଳିଥିଲେ । ତାଙ୍କ ପ୍ରତି ଅନ୍ୟାୟ କରାଯାଇଛି ବୋଲି ପ୍ରଶଂସକମାନେ ଅନୁଭବ କରୁଛନ୍ତି । ହ୍ୱାଇଟ୍ ବଲରେ ଚମତ୍କାର ପ୍ରଦର୍ଶନ କରୁଥିବା ରୋହିତ ଶର୍ମା ଓ ବିରାଟ କୋହଲି ଏହି ଟୁର୍ନାମେଣ୍ଟରେ କିପରି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବାର କଥା । ତେବେ ଇଂଲଣ୍ଡ ବିପକ୍ଷ ସିରିଜର କଟକ ମ୍ୟାଚରେ ରୋହିତ ଶର୍ମାଙ୍କ ଶତକ ଏବଂ ଅହମଦାବାଦରେ ବିରାଟ କୋହଲିଙ୍କ ଅର୍ଦ୍ଧଶତକ ସମାଲୋଚକଙ୍କୁ କିଛି ପରିମାଣରେ ଚୁପ୍ କରିଛି । ଏମାନଙ୍କ ଅଭିଜ୍ଞତା ଓ ପ୍ରଦର୍ଶନ ଉପରେ ଭାରତର ସଫଳତା ନିର୍ଭର କରୁଛି ।

ୱାଙ୍ଖେଡେ ଷ୍ଟାଡିୟମର ୫୦ତମ ବାର୍ଷିକ ଉତ୍ସବ ମୁମ୍ବାଇ କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜନ ହେବା ସମୟରେ ଅଧିନାୟକ ରୋହିତ ଶର୍ମା ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି ଏଥର ଆମେ ନିଶ୍ଚିତ ଚାମ୍ପିୟନ୍ସ ଟ୍ରଫି ଜିତିବୁ । ଅନ୍ୟପକ୍ଷରେ ମହମ୍ମଦ ସିରାଜ ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ୮ନଂ. ସ୍ଥାନରେ ଥାଇ ମଧ୍ୟ ଉଭୟ ଇଂଲଣ୍ଡ ବିପକ୍ଷ ଏକଦିବସୀୟ ମ୍ୟାଚ ଓ ଚାମ୍ପିୟନ୍ସ ଟ୍ରଫିରେ ସୁଯୋଗ ନ ପାଇବାର କାରଣ ଦର୍ଶାଇ ରୋହିତ କହିଛନ୍ତି, ସିରାଜ ନୂଆ ବଲରେ ଲୟରେ ବୋଲିଂ କରୁଥିବା ବେଳେ ପୁରୁଣା ବଲରେ ସେପରି ଚମତ୍କାର ପ୍ରଦର୍ଶନ କରିପାରୁ ନାହାନ୍ତି । ଏଥିପାଇଁ ତାଙ୍କୁ ଅଧିକ ଧ୍ୟାନଦେବାକୁ ହେବ । ସେଥିପାଇଁ ତାଙ୍କୁ ବାଦ୍ ଦିଆଯାଇଛି । ସଦ୍ୟ ସମାପ୍ତ ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ କ୍ଲିନ୍ ସୁଇପ୍ କରିବା ପରେ ଟିମ୍ ଇଣ୍ଡିଆ ପ୍ରଶଂସକଙ୍କ ଉତ୍କଣ୍ଠା ବଢ଼ିଛି । ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିପାରିବ ବୋଲି ଆଶା ସୃଷ୍ଟି ହୋଇଛି ।

## ହାଇଲାଇଟ୍ସ

**ଇଂ**ଲଣ୍ଡିଆଙ୍କୁ ଲଣ୍ଡା କରି ଟିମ୍
ଇଣ୍ଡିଆ ମାରିଲା ବାଜି
ସିରିଜକୁ ତିନି ଶୂନରେ ପୋଛି
ମୁରୁକେ ରୋହିତ ପାଜି
ଗଲା ଜୋସ ହୋସ ହଜି
ଶୁବମନ ଗିଲ ମାଡ଼ରେ ବୋଲର
ପାଇଲେନି ବଲ୍ ଖୋଜି ।



ଇଂଲଣ୍ଡ–ଇଣ୍ଡିଆ ସେକେଣ୍ଡ ମ୍ୟାଚରେ
କମ୍ପୁଥିଲା ବାରବାଟୀ
ଲିଜେଣ୍ଡ୍ସ ଲାଉଞ୍ଜ ଉପର ଖୁଣ୍ଟିରୁ
ଫ୍ଲଡ ଲାଇଟ ଗଲା କଟି
ଚାଷ କରି ବାଟି ବାଟି
ପଦାରେ ପଡ଼ିଲା ଓସିଏ ବିଭାଗ
ପାରିବାପଣିଆ ଏଠି ।

ଦୁବାଇରେ ହେବ ଚାମ୍ପିୟନ୍ସ ଟ୍ରଫି
ରାଇଭାଲ ପାକିସ୍ତାନ
ଇଂଲଣ୍ଡ ବିପକ୍ଷ ପରଫର୍ମାନ୍ସ ପରି
ଖେଳ ଟିମ୍ ଦେଇ ଧ୍ୟାନ
ଶତ୍ରୁକୁ ହେୟ ନ ମାନ
ପାକ୍‌କୁ ହରାଇ ଆସ ଟ୍ରଫି ଧରି
ବେଷ୍ଟ ଅଫ୍ ଲକ୍ ଘେନ ।

–ସୁବାସ ଚନ୍ଦ୍ର ପ୍ରଧାନ




ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା କାୟାକିଂ ଦଳ। କେ୧ଡବ୍ଲ୍ୟୁ-୫୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ ପାଇଥିବା ଓଡ଼ିଶାର ଖ୍ୱାଇରାକପାମ ଧନମଞ୍ଜୁରୀ ଦେବୀ।

# ମ୍ୟାଚ୍ ରେଫରି ହେବେ ଗୁଣ୍ଡାପ୍ପା ବିଶ୍ୱନାଥ

**ମୁମ୍ବାଇ, ୧୩।୨ (ପି.ଟି.)**

ଇଣ୍ଟରନ୍ୟାଶନାଲ ମାଷ୍ଟର୍ସ ଟି୨୦ ଲିଗ୍ର ଉଦ୍‌ଘାଟନୀ ସଂସ୍କରଣ ଫେବୃଆରୀ ୨୨ରୁ ଆରମ୍ଭ ହେବ। ଏଥିରେ କିମ୍ବଦନ୍ତୀ ପୂର୍ବତନ ଭାରତ କ୍ରିକେଟର ଗୁଣ୍ଡାପ୍ପା ମ୍ୟାଚ ରେଫରି ଦାୟିତ୍ୱ ତୁଲାଇବେ। ଅବସରପ୍ରାପ୍ତ ଆଇସିସି ଏଲିଟ୍ ପ୍ୟାନେଲ ଅମ୍ପାୟର୍ସ ସିମସ ଟଫେଲ ଓ ବିଲି ବାଓଡେନ ପ୍ରମୁଖ ମ୍ୟାଚ ପରିଚାଳନା କରିବେ। ଟଫେଲ ଅମ୍ପାୟର ପ୍ୟାନେଲର ମୁଖ୍ୟ ଭାବେ କାର୍ଯ୍ୟକରିବେ। ଅଭିଜ୍ଞ ଉମେଶ ଦୁବେ ଏବଂ ଲିଣ୍ଡନ ଏଡୱାର୍ଡ ହାନିବାଲ, ବିଶ୍ୱନାଥ ମ୍ୟାଚ ରେଫରି ଭାବେ କାର୍ଯ୍ୟ କରିବେ। ଅବସରପ୍ରାପ୍ତ କ୍ରିକେଟରଙ୍କୁ ନେଇ ଏହି ଟୁର୍ନାମେଣ୍ଟ ନଭି ମୁମ୍ବାଇ, ଭଦୋଦରା ଏବଂ ରାୟପୁରରେ ଖେଳାଯିବ। ଏହାର ମାର୍ଚ୍ଚ ୧୬ରେ ଶେଷ ହେବ।

# ଟିମ୍ ଇଣ୍ଡିଆ ସହ ପରିବାର ଯିବେ ନାହିଁ

**ନୂଆଦିଲ୍ଲୀ, ୧୩।୨ (ପି.ଟି.)**

ଆଇସିସି ଚାମ୍ପିୟନ୍ସ ଟ୍ରଫି ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ଫେବୃଆରୀ ୧୫ରେ ଦୁବାଇ ଗସ୍ତ କରିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂଆ ଗସ୍ତ ନିୟମ ଏହି ଟୁର୍ନାମେଣ୍ଟ ସହ ପ୍ରଥମ ଥର କାର୍ଯ୍ୟକାରୀ ହେଉଥିବାରୁ ଖେଳାଳିମାନେ ସାଥିରେ ସେମାନଙ୍କ ପରିବାରକୁ ନେଇପାରିବେ ନାହିଁ। ଦୁବାଇରେ ଭାରତ ଫେବୃଆରୀ ୨୦ରେ ବାଂଲାଦେଶକୁ ଭେଟି ଏହାର ଅଭିଯାନ ଆରମ୍ଭ କରିବ। ପରେ ଫେବୃଆରୀ ୨୩ରେ ଦଳ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ମୁକାବିଲା କରିବ। ମାର୍ଚ୍ଚ ୨ରେ ଦଳ ଏହାର ଅନ୍ତିମ ପ୍ରିଲିମ୍‌ନାରୀ ମ୍ୟାଚ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ଏହାର ସମସ୍ତ ଗେମ୍ ଦୁବାଇରେ ଖେଳିବାକୁ

**ନୂଆ ଗସ୍ତ ନିୟମ ଲାଗୁ**

ଥିବାବେଳେ ପାକିସ୍ତାନରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ୧୯ ତାରିଖରେ ଖେଳାଯିବ। ଆୟୋଜକ ଦେଶର ତିନୋଟି ଭେନ୍ୟୁରେ ମ୍ୟାଚ ଖେଳାଯିବ। ବିସିସିଆଇର ନୂଆ ଗସ୍ତ ନିୟମ ଅନୁସାରେ ଟିମ୍ ଇଣ୍ଡିଆ ଯଦି ୪୫ ଦିନ କିମ୍ବା ଏହାଠାରୁ ଅଧିକ ଦିନ ଟୁର୍‌ରେ ଯାଏ ତେବେ ସେମାନେ ସେମାନଙ୍କ ପରିବାରକୁ ଅତି ବେଶିରେ ଦୁଇ ସପ୍ତାହ ପାଇଁ ସାଥିରେ ନେଇପାରିବେ। ନିୟମରେ ଯଦି କୌଣସି ପରିବର୍ତ୍ତନ ଘଟେ ତେବେ ଭିନ୍ନ କଥା, ତା' ନ ହେଲେ ବର୍ତ୍ତମାନ ପରିସ୍ଥିତିରେ ଜଣେ ଖେଳାଳି ଚାମ୍ପିୟନ୍ସ ଟ୍ରଫି ପାଇଁ ତାଙ୍କ ସ୍ତ୍ରୀ କିମ୍ବା ବାନ୍ଧବୀଙ୍କୁ ସାଥିରେ ନେଇପାରିବେ ନାହିଁ। କାରଣ ଏହି ଟୁର୍ ୧ ମାସରୁ କମ୍ ସମୟ ରହିଛି।

# ଓଡ଼ିଶାର ରାକେଶ, କାୟାକିଂ ଦଳକୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୩।୨ (ତପନ ସ୍ୱାଇଁ)**

**ଜାତୀୟ କ୍ରୀଡ଼ା**

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି। ଗୁରୁବାର ଅନୁଷ୍ଠିତ ଜିମ୍ନାଷ୍ଟିକ୍ସ ଇଭେଣ୍ଟର ପାରାଲେଲ ବାର୍ସରେ ରାକେଶ ପାତ୍ର ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସେହିପରି ଭଲ୍ଟ ଇଭେଣ୍ଟରେ ତପେଶ୍ୱରନାଥ ଦାସ ରୌପ୍ୟ ପଦକ ହାସଲ କରିଛନ୍ତି। ପୂର୍ବରୁ ଗତ ମଙ୍ଗଳବାର ଓଡ଼ିଶା ଜିମ୍ନାଷ୍ଟିକ୍ସ ଏଚ୍‌ପିସିର ପ୍ରଣତି ନାୟକ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଅଲ୍‌ରାଉଣ୍ଡରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଜିମ୍ନାଷ୍ଟିକ୍ସରେ ରାକେଶଙ୍କ ବ୍ୟତୀତ ଦିବସର ଅନ୍ୟ ସ୍ୱର୍ଣ୍ଣ ପଦକଟି ଆସିଛି କାୟାକିଂ ଇଭେଣ୍ଟରୁ। ଓଇନମ ବିଦ୍ୟା ଦେବୀ, ଓଇନମ ବିନିତା ଚାନୁ, ଶ୍ରୁତି ଚୌଗୁଲେ ଓ ଧନମଞ୍ଜୁରୀ ଦେବୀଙ୍କୁ ନେଇ ଗଠିତ ଓଡ଼ିଶା କାୟାକିଂ ଦଳ ପ୍ରତିଯୋଗିତାର କେ୪ଡବ୍ଲ୍ୟୁ-୫୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛି। ସେହିପରି କେ୧ଡବ୍ଲ୍ୟୁ-୫୦୦ ମିଟର ଇଭେଣ୍ଟରେ ଖ୍ୱାଇରାକପାମ ଧନମଞ୍ଜୁରୀ ଦେବୀ ବ୍ରୋଞ୍ଜ ହାସଲ କରି ଓଡ଼ିଶାର ପଦକ ସଂଖ୍ୟାକୁ ଆଗେଇ ନେଇଛନ୍ତି।



ସ୍ୱର୍ଣ୍ଣ ପଦକ ସହ ରାକେଶ ପାତ୍ର (ଉପରୁ ମଝି)।

## ହରିୟାଣା ମହିଳା, କର୍ଣ୍ଣାଟକ ପୁରୁଷ ଚାମ୍ପିୟନ

**ହରିଦ୍ୱାର, ୧୩।୨ (ପି.ଟି.):** ହରିୟାଣା ଜାତୀୟ କ୍ରୀଡ଼ା ମହିଳା ହକି ଚାମ୍ପିୟନ ହୋଇଥିବା ବେଳେ କର୍ଣ୍ଣାଟକ ପୁରୁଷ ବିଭାଗରେ ଚାମ୍ପିୟନ ହେବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମହିଳା ଫାଇନାଲରେ ହରିୟାଣା ୪-୧ ଗୋଲ୍‌ରେ ମଧ୍ୟ ପ୍ରଦେଶକୁ ପରାସ୍ତ କରି ଗତବର୍ଷ ପରାଜୟର ପ୍ରତିଶୋଧ ନେଇଛି। ବନ୍ଦନା କାଟାରିୟା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ମଧ୍ୟ ପ୍ରଦେଶର ଚଭନ ଐଶ୍ୱର୍ଯ୍ୟା ଖେଳର ୫ମ ମିନିଟ୍‌ରେ ଦଳ ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିବା ବେଳେ ମହିମା ଚୌଧାରୀ (୩୭ତମ ମିନିଟ), ଇଶିକା (୪୫ତମ, ୫୦ତମ) ଓ ମୋନିକା ପ୍ରମୁଖ ଦଳର ଗୋଲ ସ୍କୋରର ହୋଇଥିବା ବେଳେ ଝାଡ଼ଖଣ୍ଡ ୨-୧ ଗୋଲରେ ମହାରାଷ୍ଟ୍ରକୁ ହରାଇ ବ୍ରୋଞ୍ଜ ପାଇଥିଲା। ପୁରୁଷ ବିଭାଗର ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ କର୍ଣ୍ଣାଟକ ୩-୨ ଗୋଲରେ ଉତ୍ତର ପ୍ରଦେଶକୁ ପରାସ୍ତ କରି ସ୍ୱର୍ଣ୍ଣ ଜିତିଥିଲା। ମହାରାଷ୍ଟ୍ର ୧-୦ ଗୋଲରେ ପଞ୍ଜାବକୁ ପରାଜିତ କରି ବ୍ରୋଞ୍ଜ ପାଇଥିଲା।

# ସମ୍ବଲପୁର ଜିଲା ସାହେବୀ ଭଲିବଲ ଟିମ୍ ଚାମ୍ପିୟନ

**ଦେବଗଡ଼, ୧୩।୨**
**(ଶଶାଙ୍କ ଶେଖର ଝାଙ୍କର)**

**ରାଜ୍ୟସ୍ତରୀୟ ଦିବାରାତ୍ରୀ ଭଲିବଲ**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଛେପିଲିପାଲିସ୍ଥିତ ଗ୍ରାମପଞ୍ଚାୟତ ସଦର ମହକୁମାରେ ଗ୍ରାମଶ୍ରୀ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଦିବାରାତ୍ରି ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୋଟ ୬ଟି ଦଳକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଦେବଗଡ଼ ଜିଲା ଚଢେଇମରା ଭଲିବଲ ଦଳକୁ ପରାସ୍ତ କରି ସମ୍ବଲପୁର ଜିଲାର ସାହେବୀ ଭଲିବଲ ଦଳ ଚାମ୍ପିୟନ ହୋଇଛି । ମ୍ୟାଚ୍‌ଗୁଡିକୁ ରେଫରୀ ଭାବେ ଜାତୀୟ ଭଲିବଲ ଆସୋସିଏଶନ ସ୍ୱିକୃତୀ ପ୍ରାପ୍ତ ରେଫରୀ ନିରଞ୍ଜନ ନାୟକ, ଆନ୍ନା କେର୍କେଟ୍ଟା, ତୁଷାରକାନ୍ତ ପ୍ରଧାନ, ଆଶିଷ କୁମାର ପ୍ରଧାନ ଓ ସଞ୍ଜୀବ କୁମାର ଚାନ୍ଦ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ପ୍ରଫୁଲ୍ଲ କୁମାର ସାହୁ ଓ ରାଜୁ ନାୟକ ମ୍ୟାଚ ଧାରା ବିବରଣୀ ପ୍ରଦାନ କରିଥିଲେ । ବିଳମ୍ବିତ ରାତ୍ରିରେ ଆୟୋଜକ ଗ୍ରାମଶ୍ରୀ କ୍ଲବ ସଭାପତି ଚିତ୍ରସେନ ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ସିଦ୍ଧେଶ୍ୱର ଗୁରୁ ଓ ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସାହୁ ଯୋଗଦେଇ ଚାମ୍ପିୟନ ସାହେବୀ ଭଲିବଲ ଦଳ ଓ ରନର୍ ଅପ୍ ଚଢେଇମରା ଭଲିବଲ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ଲିପୁନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବୁଧବାର ଅପରାହ୍ନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନନ୍ଦ କିଶୋର ସ୍ୱାଇଁ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ସେହିପରି ବିଭିନ୍ନ ପର୍ଯ୍ୟାୟରେ ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଉପାଧକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ଲୋକ ସଭା ସଦସ୍ୟଙ୍କ ତିଲେଇବଣି ବ୍ଲକ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ ଓ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଯୋଗଦେଇ ଆୟୋଜକ ଏବଂ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ଢେଙ୍କାନାଳର ଟାଟା ଷ୍ଟିଲ ଭଲିବଲ ଦଳ ସମେତ ଅନୁଗୋଳ, ତାଳଚେର ଓ ଝାରସୁଗୁଡା ଆଦି ଭଲିବଲ ଦଳ ଅଂଶଗ୍ରହଣ କରିଥିଲେ।



ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

# ସୁମାକରଙ୍କ ପରିବାରକୁ ବ୍ଲାକମେଲ କରି ୩ ବର୍ଷ ଜେଲଦଣ୍ଡ

**ଉପର୍ଟାଲ (ଜର୍ମାନୀ), ୧୩।୨ (ଏପି)**

ମହାନ୍ ଫର୍ମୁଲା ୱାନ ଡ୍ରାଇଭର ମାଇକେଲ ସୁମାକରଙ୍କୁ ବ୍ଲାକମେଲ୍ କରିଥିବାକୁ ଉଦ୍ୟମ କରିଥିବା ୩ଜଣ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅପରାଧୀମାନେ ସୁମାକରଙ୍କ ପରିବାରଠାରୁ ୧୫ ନିୟୁତ ୟୁରୋ (୧୫.୬ ନିୟୁତ ଆମେରିକୀୟ ଡଲାର) ଦାବି କରିଥିଲେ। ଦାବି କାର୍ଯ୍ୟକାରୀ ନ ହେଲେ ସେମାନେ ପରିବାରର ଶତାଧିକ ଘରୋଇ ଫଟୋ ଓ ଭିଡିଓ ସହିତ ସୁମାକରଙ୍କ ମେଡିକାଲ ରେକର୍ଡର ଡିଜିଟାଲ କପ ସାଧାରଣରେ ରିଲିଜ କରିଦେବେ ବୋଲି ଧମକ ଦେଇଥିଲେ। ରିପୋର୍ଟ ଅନୁସାରେ ପଶ୍ଚିମ ଜର୍ମାନୀ ଅନ୍ତର୍ଗତ ଉପର୍ଟାଲର ଏକ ଜିଲା କୋର୍ଟ ମୁଖ୍ୟ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡ ପ୍ରଦାନ କରିଥିବାବେଳେ ତାଙ୍କ ପୁଅକୁ ୧,୨୦୦ ୟୁରୋ ଜରିମାନା ସହ ୬ ମାସ ଜେଲଦଣ୍ଡ ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଅନେକ ମାମଲା ରହିଛି। ଅନ୍ୟ ଜଣେ ଅଭିଯୁକ୍ତ ହେଲେ ସୁମାକରଙ୍କ ପରିବାରର ଜଣେ ପୂର୍ବତନ ସୁରକ୍ଷା କର୍ମଚାରୀ। ତାଙ୍କୁ ୨ବର୍ଷ ଜେଲଦଣ୍ଡ ସହ ୨,୪୦୦ ୟୁରୋ ଜରିମାନା ହୋଇଛି। ସୂଚନାଯୋଗ୍ୟ, ସୁମାକର ୨୦୧୨ରେ ଫର୍ମୁଲା ୱାନରୁ ତାଙ୍କର ଅବସର ଘୋଷଣା କରିଥିଲେ। ସେ ତାଙ୍କ କ୍ୟାରିୟରରେ ୯୧ ରେସ ଜିତିଛନ୍ତି। ଫେରାରି ସହିତ ସେ ୨୦୦୦ରୁ ୨୦୦୪ ମଧ୍ୟରେ କ୍ରମାଗତ ୫ଥର ଟାଇଟଲ ବିଜୟୀ ହୋଇଥିଲେ।



ମାଇକେଲ ସୁମାକର

# କଳିଙ୍ଗରେ ଆଜି ଓଡ଼ିଶା ଏଫ୍‌ସି-ହାଇଦ୍ରାବାଦ ମୁକାବିଲା

**ଭୁବନେଶ୍ୱର, ୧୩।୨ (ତପନ ସ୍ୱାଇଁ)**

**ଇଣ୍ଡିଆନ ସୁପର ଲିଗ୍**

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସି ମଧ୍ୟରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ ଅନୁଷ୍ଠିତ ହେବ। ଚଳିତ ସିଜନରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ହାଇଦ୍ରାବାଦ ଦଳକୁ ପରାସ୍ତ କରି ପ୍ଲେ-ଅଫ୍ ଯୋଗ୍ୟତା ପାଇଁ ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ରହିଛି ଓଡ଼ିଶା ଏଫ୍‌ସି। ପୂର୍ବ ମ୍ୟାଚରେ ଅଧିକାଂଶ ସମୟ ୧୦ ଜଣିଆରେ ଖେଳିଥିଲେ ମଧ୍ୟ ଓଡ଼ିଶା ଦଳ ପଞ୍ଜାବ ବିପକ୍ଷ ମ୍ୟାଚକୁ ୧-୧ ଗୋଲରେ ଡ୍ର ରଖିବାକୁ ସକ୍ଷମ ହୋଇଥିଲା। ଲିଗ୍‌ରେ ଖେଳିବାକୁ ଥିବା ଅବଶିଷ୍ଟ ୪ଟି ଯାକ ମ୍ୟାଚ ଜିତିଲେ ଯାଇ ସର୍ଗିଓ ଲୋବେରାଙ୍କ ଦଳ ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିପାରିବ। ଓଡ଼ିଶା ଏଫ୍‌ସି ଏବେ ୨୦ ମ୍ୟାଚରୁ ୬ ବିଜୟ, ୮ ଡ୍ର ଓ ୬ ପରାଜୟ ସହିତ ୨୬ ପଏଣ୍ଟ ପାଇ ଟେବୁଲର ୭ମ ସ୍ଥାନରେ ରହିଛି। ଚଳିତ ସିଜନ ପ୍ରାରମ୍ଭରେ ହୋଇଥିବା ମୁକାବିଲାରେ ଓଡ଼ିଶା ଏଫ୍‌ସି ୬-୦ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଥିଲା। ହାଇଦ୍ରାବାଦ ଦଳ ନିଜର ପୂର୍ବ ମ୍ୟାଚରେ ମହମ୍ମଡାନ ସ୍ପୋର୍ଟିଂକୁ ୩-୧ ଗୋଲରେ ହରାଇ ମନୋବଳ ବଢ଼ାଇଛି। ଏହି ଦଳ ଏବେ ୧୬ ପଏଣ୍ଟ ସହିତ ୧୨ଶ ସ୍ଥାନରେ ରହିଛି। ତେଣୁ ଆଗାମୀ ମ୍ୟାଚ ନିଶ୍ଚିତ ସଂଘର୍ଷପୂର୍ଣ୍ଣ ହେବ ବୋଲି ଗୁରୁବାର ଅନୁଷ୍ଠିତ ପ୍ରି-ମ୍ୟାଚ ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଗୋଲକିପର ତଥା ଅଧିନାୟକ ଅମରିନ୍ଦର ସିଂ ପ୍ରକାଶ କରିଛନ୍ତି। ମ୍ୟାଚଟି ଅପରାହ୍ନ ୭ଟା ୩୦ରେ ଆରମ୍ଭ ହେବ।



ଓଡ଼ିଶା ଏଫ୍‌ସି ଦଳର ଅଭ୍ୟାସ।

## ପଟିଦାର ଆର୍‌ସିବି ଅଧିନାୟକ

**ବେଙ୍ଗାଲୁରୁ, ୧୩।୨ (ପି.ଟି.):** ଆଇପିଏଲ୍ ସିଜନ ୨୦୨୫ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଗୁରୁବାର ରଜତ ପଟିଦାରଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଗତବର୍ଷ ଦକ୍ଷିଣ ଆଫ୍ରିକାର ଫାଫ୍ ଡୁ'ପ୍ଲେସିଙ୍କୁ ରିଲିଜ କରିବା ପରେ ତାଙ୍କ ସ୍ଥାନରେ ପଟିଦାରଙ୍କୁ ଅବସ୍ଥାପିତ କରାଯାଇଛି। ଆଇପିଏଲ୍‌ର ଆଗାମୀ ସିଜନ ମାର୍ଚ୍ଚ ୨୧ରୁ ଆରମ୍ଭ ହେବ।

# ଟିଲୋ କପ୍: ରାଜସ୍ଥାନ, ମୁମ୍ବାଇ ବିଜୟୀ

**ବନ୍ତ, ୧୩।୨ (ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ହନୁମାନଜୀଉ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ଅନ୍ତର୍ଜାତୀୟ ଟିଲୋ କପ୍‌ର ୭ମ ଦିନ ତଥା ପୁଲ୍ ବି-'ବି'ର ୨ଟି ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ୱଣ୍ଡର ସିମେଣ୍ଟ ରାଜସ୍ଥାନ ଓ ୨ୟ ମ୍ୟାଚ୍‌ରେ ଇଣ୍ଡିଆନ ଅଏଲ୍ ମୁମ୍ବାଇ ବିଜୟୀ ହୋଇଛି। ସାପିଏନ୍ସ ଦିଲ୍ଲୀ ଏବଂ ୱଣ୍ଡର ସିମେଣ୍ଟ ରାଜସ୍ଥାନ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ସାପିଏନ୍ସ ଦିଲ୍ଲୀ ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନ୍ କରିଥିଲା। ଦଳ ପକ୍ଷରୁ ଅଭିଷେକ ପାଠକ ୪୯ ଓ ଶୁଭମ ଗରୱାଲ ୨୩ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର କରନ ଦାବେ ୩ ଓ ପ୍ରଦ୍ୟୁମ୍ନ ପାରିଖ ୩ ଉଇକେଟ୍ ନେଇଥିଲେ। ୧୩୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ରାଜସ୍ଥାନ ୧୩.୫ ଓଭରରେ ୪ ଉଇକେଟ୍ ହରାଇ ୧୩୨ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ନିଖିଲ ସଚଦେବ ୪୧ ଓ ଅନିରୁଦ୍ଧ ସିଂହ ୨୬ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ପ୍ରଦୀପ ପରାଶର ୨ ଓ ମୟାଙ୍କ ରାୱତ୍ ୨ ଉଇକେଟ ନେଇଥିଲେ। ରାଜସ୍ଥାନର ପ୍ରଦ୍ୟୁମ୍ନ ପାରିଖ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ଇଣ୍ଡିଆନ ଅଏଲ୍ ମୁମ୍ବାଇ ଓ ଏସ୍‌ପିଜେ କାର୍ଗୋ ଦିଲ୍ଲୀ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ୍ ହରାଇ ୧୭୫ ରନ୍ କରିଥିଲା। ଦଳ ପକ୍ଷରୁ ଅର୍ଜୁନ ଦାନା ୬୪ ଓ ଆଦିତ୍ୟ ତାରା ୩୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ହର୍ଷିତ ସାଇନି ୨ ଉଇକେଟ୍ ନେଇଥିଲେ। ଏସ୍‌ପିଜେ କାର୍ଗୋ ବ୍ୟାଟିଂ କରି ୧୮.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୫ ରନ୍ କରିଥିଲା। ଦଳ ପକ୍ଷରୁ ଯୋଗେଶ କୁମାର ୫୪ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରୋହନ ରାଜେ ୪ ଓ କ୍ରିତଜ୍ଞା ସିଂହ ୨ ଉଇକେଟ୍ ନେଇଥିଲେ। ଏଥିରେ ମୁମ୍ବାଇ ବିଜୟୀ ହୋଇଥିଲା। ଟିମ୍‌ର ରୋହନ ରାଜେଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା। ଆସୋସିଏଶନର ସଭାପତି ଇଂ.ଲକି ମାଷ୍ଟର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୧ମ ମ୍ୟାଚ୍‌ର ପୁରସ୍କାର ବିତରଣ ସଭାରେ ଅତିଥି ଡା.ମୁରଲୀଧର ସୂତାର, ସେକ୍ ଜଲାଲଉଦ୍ଦିନ, ପ୍ରଣବ କିଶୋର ଲେଙ୍କା ଓ ରମାକାନ୍ତ ନାଥ ସମ୍ରାଟ ମାର୍ବଲ ପ୍ରଦତ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ୨ୟ ମ୍ୟାଚ୍‌ର ଏମ୍ସ ଯୁକ୍ତ ୨ ବିଜ୍ଞାନ କଲେଜ ପ୍ରଦତ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାରକୁ ଅତିଥି ଡ.ଗୌରାଙ୍ଗ ରାଉଳ, ଇଂ.ସୌରଭ ଲେଙ୍କା ଓ ଏଲ୍ ଅରଜିତ ସ୍ୱାଇଁ ପ୍ରଦାନ କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ